R.N.I. REGN. No. 65000/96 POSTAL REGN. No. OR/BN-32/12-14

ଉନତ୍ରିଂଶ ବର୍ଷ
ସଂଖ୍ୟା : ୨୬୩
ତିଥି : ପଞ୍ଚମୀ
୩୦ ଜୁନ୍ ୨୦୨୫, ସୋମବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 263
30 June 2025, Monday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ଆଡ଼ପ ମଣ୍ଡପରେ ତିନି ଠାକୁର



ପୁରୀ, ୨୯।୬ (ସବ୍ୟୁ) : ରଥ ଉପରେ ବିଭିନ୍ନ ନୀତି କାନ୍ତି ମଙ୍ଗଳାର୍ପଣ, ପୁଷ୍ପାଞ୍ଜଳି ପରେ ରଥାରୂଢ଼ ବିଗ୍ରହମାନେ ରବିବାର ରାତିରେ ଗୁଣ୍ଡିଚା ମନ୍ଦିର ଆଡ଼ପ ମଣ୍ଡପକୁ ପହଣ୍ଡି ବିଜେ କରିଛନ୍ତି। ରାତ୍ର ୭ ଟା ରୁ ପହଣ୍ଡି ବିଜେ ନୀତି ଅନୁଷ୍ଠିତ ହୋଇ ରାତ୍ର ୯ ଟା ୩୦ ମିନିଟ ସୁଦ୍ଧା ଶେଷ ହୋଇ ଥିଲା।

ଗୋଟି ପହଣ୍ଡିରେ ବିଗ୍ରହମାନେ ଆଡ଼ପ ମଣ୍ଡପ ବିଜେ କରି ଥିଲେ। ଘଣ୍ଟିଆମାନଙ୍କର ଘଣ୍ଟ ଘଣ୍ଟା ମର୍ଦ୍ଦଳ କାହାଳୀରେ ପ୍ରକମ୍ପିତ ହୋଇ ଉଠି ଥିଲା ଗୁଣ୍ଡିଚା ମନ୍ଦିର ଓ ଏହାର ଚତୁରପାର୍ଶ୍ୱ। ବିଜେ କାହାଳୀ ବାଜି ଥିଲା। ଘଣ୍ଟଆମାନଙ୍କର ଘଣ୍ଟ ଘଣ୍ଟା ତାଳେ ତାଳେ ଦଇତା ପତି ସେବକମାନେ ବିଗ୍ରହମାନଙ୍କ ପହଣ୍ଡି ବିଜେ କରି ଥିଲେ। ମୁଣ୍ଡରେ ଟାହିଆ ଲଗାଇ ବିଗ୍ରହମାନେ ଝୁଲି ଝୁଲି ରଥ ଉପରୁ ତଳକୁ ଓହ୍ଲାଇ ଥିଲେ। ପ୍ରଥମେ ମଦନ ମୋହନ ଓ ସୁଦର୍ଶନ ପହଣ୍ଡି ହୋଇ ଆଡ଼ପ ମଣ୍ଡପକୁ ବିଜେ କରି ଥିଲେ । ପରେ ବଡ ଠାକୁର ବଳଭଦ୍ର ପହଣ୍ଡି ହୋଇ ଆଡ଼ପ ମଣ୍ଡପ ବିଜେ କରି ଥିଲେ। ପରେ ମା ଦେବୀ ସୁଭଦ୍ରା ପହଣ୍ଡି ହୋଇ ଆଡ଼ପ ମଣ୍ଡପକୁ ବିଜେ କରି ଥିଲେ। ଶେଷରେ ମହାପ୍ରଭୁ ଜଗନ୍ନାଥ ପହଣ୍ଡି ହୋଇ ଆଡ଼ପ ମଣ୍ଡପକୁ ବିଜେ କରି ଥିଲେ। ଆଡ଼ପ ମଣ୍ଡପକୁ ବିଜେ ପରେ ସେଠାରେ ବିଗ୍ରହ ମାନଙ୍କର ଅନ୍ୟାନ୍ୟ ନୀତି କାନ୍ତି ଅନୁଷ୍ଠିତ ହୋଇ ଥିଲା। ଆସନ୍ତା କାଲି ଗୁଣ୍ଡିଚା ମନ୍ଦିର ଆଡ଼ପ ଅଭଡ଼ା ଭକ୍ତଙ୍କୁ ମିଳିବ। ଆଜିର ଏହି ପହଣ୍ଡି ବିଜେ ସମୟରେ ଉପମୁଖ୍ୟ ମନ୍ତ୍ରୀ ପ୍ରଭାତୀ ପରିଡ଼ା, ରାଜ୍ୟ ଆଇନ ମନ୍ତ୍ରୀ ପୃଥିବୀ ରାଜ ହରିଚନ୍ଦନ, ସ୍ୱାସ୍ଥ୍ୟ ବିଭାଗ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ପରିବହନ ଓ ବାଣିଜ୍ୟ ମନ୍ତ୍ରୀ, ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ କୁମାର ଆହୁଜା, ଗୃହ ବିଭାଗ ଅତିରିକ୍ତ ଶାସନ ସଚିବ ସତ୍ୟବ୍ରତ ସାହୁ, ପୋଲିସ ଡିଜି ୱାଇ. ବି. ଖୁରାନିଆ, ଶ୍ରୀମନ୍ଦିର ମୂଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ, ଜିଲ୍ଲାପାଳ ଚଞ୍ଚଳ କୁମାର ରାଣା, ଅତିରିକ୍ତ ପୋଲିସ ଡ଼ିଜି ସୋମେନ୍ଦ୍ର କୁମାର ପ୍ରିୟଦର୍ଶୀ, ଆର.ପି. କୋଚେ, କେନ୍ଦ୍ରାଞ୍ଚଳ ଆଇଜି ପ୍ରବୀଣ କୁମାର, ଆଇଇଜି ଅନୁପ କୁମାର ସାହୁ, ସାର୍ଥକ ଷଡ଼ଙ୍ଗୀଙ୍କ ଏସପି ଦାୟିତ୍ୱରେ ଥିବା ଡିଆଜି ପିନାକ ମିଶ୍ରଙ୍କ ସମେତ ବହୁ ବରିଷ୍ଠ ପ୍ରଶାସନିକ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ଦଳାଚକଟାରେ ଚାଲିଗଲା ୩ ଜୀବନ



ପୁରୀ, ୨୯।୬ (ସବ୍ୟୁ) : ଜିଲ୍ଲା ପ୍ରଶାସନର ସୁରକ୍ଷା ବ୍ୟବସ୍ଥା ଢିଲାରୁ ରବିବାର ଭୋରରୁ ପୁରୀ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ରଥ ନିକଟରେ ବିଗ୍ରହ ମାନଙ୍କର ଦର୍ଶନ ବେଳେ ଅଘଟଣ ଘଟିଛି। ଦର୍ଶନ ବେଳେ ରଥ ନିକଟରେ ସୁରକ୍ଷା ଦାୟିତ୍ୱରେ ଥିବା ବରିଷ୍ଠ ଅଧିକାରୀ ଓ ପୋଲିସ ଅଧିକାରୀ ମାନେ ଅନୁପସ୍ଥିତ ଥିବାରୁ ଦର୍ଶନ ବେଳେ ପ୍ରବଳ ଭିଡ଼ ହୋଇ ଥିଲା । ଭିଡ ନିୟନ୍ତ୍ରଣ କରିବା ପାଇଁ ସେଠାରେ ପୋଲିସ ନ ଥିଲେ। ଯାହା ଫଳରେ ଦଳା ଚକଟା ଘଟି ଥିଲା। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଦୁର୍ଘଟଣାରେ ମୃତକଙ୍କ ପରିବାରକୁ ୨୫ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଦେବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

ଦଳା ଚକଟାରେ ୩ ଜଣଙ୍କର ମୃତ୍ତୁ ଘଟିଛି। ମୃତକଙ୍କ ମଧ୍ୟରେ ୨ ଜଣ ମହିଳା ଜଣେ ପୁରୁଷ ଅଛନ୍ତି। ମୃତକଙ୍କ ପରିଚୟ ହେଲା ଖୋର୍ଦ୍ଧା ଜିଲ୍ଲା ବାସନ୍ତୀ ସାହୁ(୩୬), ବାଲିପାଟଣା ଆଠାନ୍ତର ଗ୍ରାମର ପ୍ରଭାତୀ ଦାସ(୫୫) ଓ ଭୁବନେଶ୍ୱର ନୟାପଲ୍ଲୀ ଅଞ୍ଚଳ ପ୍ରେମ କାନ୍ତ ମହାନ୍ତି(୭୮) ଅଟନ୍ତି। ପ୍ରକାଶ ଯେ, ରବିବାର ରାତ୍ର ୧୨ ଟା ୧୫ ମିନିଟରେ ରଥାରୁଢ଼ ବିଗ୍ରହ ମାନଙ୍କର ରାତ୍ର ପହୁଡ ନୀତି ଅନୁଷ୍ଠିତ ହୋଇ ଥିଲା। ଫଳରେ ବାହାରୁ ଦର୍ଶନ ପାଇଁ ଆସିଥିବା ହଜାର ହଜାର ଭକ୍ତ ଦର୍ଶନ କରି ନ ପାରି ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଅପେକ୍ଷା କରି ରହି ଥିଲେ। ଭୋର ପ୍ରାୟ ୪ ଟା ସମୟରେ ବିଗ୍ରହ ମାନଙ୍କର ନୀତି କାନ୍ତି ପରେ ଦର୍ଶନ ଆରମ୍ଭ ହୋଇ ଥିଲା। ଦର୍ଶନ ପାଇଁ ଅପେକ୍ଷା କରି ଥିବା ଭକ୍ତ ମାନେ ତିନି ରଥ ସମ୍ମୁଖରେ ଭିଡ଼ ଜମିଥିଲେ। ହଠାତ୍ (୯ ପୃଷ୍ଠାରେ)

- ଦଳଚକଟା ଘଟଣାରେ ମୁଖ୍ୟମନ୍ତ୍ରୀଙ୍କ ଦୁଃଖ ପ୍ରକାଶ
- ମୃତକଙ୍କ ପରିବାରକୁ ୨୫ ଲକ୍ଷ ଟଙ୍କା ଲେଖାଏଁ ସହାୟତା

# ଟ୍ରାଫିକ୍ ଅବ୍ୟବସ୍ଥା ନେଇ ଅସନ୍ତୋଷ ଝାଡ଼ିଲେ ଶ୍ରଦ୍ଧାଳୁ





ଭୁବନେଶ୍ୱର,୨୯।୬:ପୁରୀ ଶରଧାବାଲି ଦଳାଚକଟା ଘଟଣା ପରେ ଏବେ ପ୍ରଶ୍ନ ଉଠୁଛି କଣ ପାଇଁ ପ୍ରଶାସନର ଏତେ ଢିଲା ବ୍ୟବସ୍ଥା ? କଣ ପାଇଁ ସୁରକ୍ଷା ବ୍ୟବସ୍ଥାରେ ଏତେ ତ୍ରୁଟି ? କଣ କରୁଥିଲା ପୁଲିସ୍ ପ୍ରଶାସନ । ଶରଧାବାଲିରେ ଯେତେବେଳେ ଠେଲାପେଲା ଆରମ୍ଭ ହେଲା ସେହି ସମୟରେ ସୁରକ୍ଷା କର୍ମୀ କୁଆଡେ ଥିଲେ ? ଏଭଳି ଅନେ ପ୍ରଶ୍ନ କରୁଛନ୍ତି ଆହତ ହୋଇଥିବା ଶ୍ରଦ୍ଧାଳୁ ।ଠେଲାପେଲାରୁ ବଞ୍ଚିଯାଇଥିବା ଶ୍ରଦ୍ଧାଳୁ କହୁଛନ୍ତି ପ୍ରଚଣ୍ଡ ଅବ୍ୟବସ୍ଥା ମାରିଦେଲା । ଟ୍ରାଫିକ୍ ବ୍ୟବସ୍ଥା ନଥିଲା । ପ୍ରତ୍ୟେକ୍ଷଦର୍ଶୀଙ୍କ କହିବାନୁଯାୟୀ ଏମିତି ଅବ୍ୟବସ୍ଥା ଆମେ ଆମ ଜୀବନରେ ଦେଖିନଥିଲୁ । । ଜଗା ଦର୍ଶନ ପାଇଁ ଖୁସିରେ ଆସିଥିଲେ ଭକ୍ତ । କାହିଁ କେତେ ଦୂରରୁ ଛୁଟି ଆସି ଅନିଦ୍ରା ହୋଇ ପଡି ରହିଥିଲେ ବଡ଼ଦାଣ୍ଡରେ । ପ୍ରଶାସନ ତରଫରୁ ଏତେ ଅବ୍ୟବସ୍ଥା ଥିବ ବୋଲି କିଏ ଜାଣିଥିଲା ।ମାଳତୀପାଟପୁରରୁ ଶରଧାବାଲି ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କର ଧାଡି ଲାଗିଥିଲା । କିନ୍ତୁ ଏହି ଶ୍ରଦ୍ଧାଳୁମାନେ ଦର୍ଶନ ସାରି ଫେରିବାକୁ ରାସ୍ତା ନଥିଲା ।

ଦଳା ଚକଟାରେ ଅଣନିଶ୍ୱାସୀ ହୋଇଯାଇଥିଲେ (୯ ପୃଷ୍ଠାରେ)

# ଶରଧାବାଲି ଅଘଟଣ

ଭୁବନେଶ୍ୱର,୨୯।୬(ସବ୍ୟୁ): ପୁରୀରେ ମହାପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ବିଶ୍ୱପ୍ରସିଦ୍ଧ ।ଶରଧାବାଲିରେ ମହାପ୍ରଭୁଙ୍କ ଦିବ୍ୟ ଦର୍ଶନ ପାଇଁ ଲକ୍ଷ ଲକ୍ଷ ଭକ୍ତ ଅତ୍ୟନ୍ତ ଆଗ୍ରହ ଓ ଉତ୍କଣ୍ଠା ସହ ଆସିଥାନ୍ତି । ସେହି ଉତ୍କଣ୍ଠ ଜନିତ ବ୍ୟଗ୍ରତା ଓ ଭିଡ କାରଣରୁ ତିନି ଜଣ ଶ୍ରଦ୍ଧାଳୁଙ୍କ ପରଲୋକ ଘଟିଛି । ଏ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅତ୍ୟନ୍ତ ବ୍ୟଥିତ ହୋଇ ଦୁଃଖ ପ୍ରକାଶ କରିଛନ୍ତି । ମୁଖ୍ୟମନ୍ତ୍ରୀ ଏ ଘଟଣାରେ ବ୍ୟକ୍ତିଗତ ଭାବେ ତଥା ରାଜ୍ୟ ସରକାରଙ୍କ ପକ୍ଷରୁ କ୍ଷମା ପ୍ରାର୍ଥନା କରିଛନ୍ତି । ପରଲୋକଗତ ଭକ୍ତ ମାନଙ୍କ ପରିବାର ବର୍ଗଙ୍କୁ ମୁଖ୍ୟମନ୍ତ୍ରୀ ସମବେଦନା ଜଣାଇବା ସହିତ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ୨୫ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ରାଶି ଘୋଷଣା କରିଛନ୍ତି ।

# ହଟିଲେ ଜିଲ୍ଲାପାଳ, ଏସପି

- ଉନ୍ନୟନ କମିଶନରଙ୍କ ଅଧୀନରେ ପ୍ରଶାସନିକ ତଦନ୍ତ ନିର୍ଦ୍ଦେଶ
- ଚଞ୍ଚଲ୍ ରାଣା ନୂଆ ଜିଲ୍ଲାପାଳ, ପିନାକ ମିଶ୍ର ନୂଆ ଏସ୍‌ପି
- ଡିସିପି ବିଷ୍ଣୁ ପତି ଏବଂ କମାଣ୍ଡାନଫ ଅଜୟ ପାଢ଼ୀ ନିଲମ୍ବିତ

ଏହି ଘଟଣାର ସଂପୂର୍ଣ୍ଣ ପ୍ରଶାସନିକ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ଏହି ତଦନ୍ତ କରାଯିବ। ଏହା ସହିତ ପୁରୀ ଜିଲ୍ଲାପାଳ ଓ ଏସ.ପିଙ୍କୁ ମଧ୍ୟ ବଦଳି କରାଯାଇଛି । ନୂତନ ଜିଲ୍ଲାପାଳ ଭାବେ ଚଞ୍ଚଲ୍ ରାଣାଙ୍କୁ ନିଯୁକ୍ତ କରାଯାଇଥିବା ବେଳେ ନୂତନ ଏସ. ପି ଭାବେ ପିନାକ ମିଶ୍ରଙ୍କୁ ଦାୟିତ୍ୱ ଦିଆ ଯାଇଛି । ଏହା ସହିତ ଡିସପି ବିଷ୍ଣୁ ପତି ଓ କମାଣ୍ଡାନଫ ଅଜୟ ପାଢୀଙ୍କୁ ଦାୟିବରେ ଅବହେଳା ଅଭିଯୋଗ ଯୋଗୁଁ ନିଲମ୍ବିତ କରାଯାଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମହାପ୍ରଭୁଙ୍କ ରଥଯାତ୍ରା ଆମ ଓଡିଆ ଜାତିର ଗର୍ବ ଓ ଗୌରବ। ଏଥିରେ ସାମାନ୍ୟ ଅବହେଳା ବରଦାସ୍ତ କରାଯିବ ନାହିଁ । ସମସ୍ତ ଦାୟୀ ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କ ରାଯିବ । ଏବେ ରଥ ପରିଚାଳନାର ଦାୟିତ୍ୱ ଦକ୍ଷ ପ୍ରଶାସକ ଅରବିନ୍ଦ ଅଗ୍ରୱାଲଙ୍କୁ ଦିଆଯାଇଥିବା ଜଣାପଡିଛି। ରଥଯାତ୍ରା ଶେଷ ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱ ନିର୍ବାହ କରିବେ।





ଜିଲ୍ଲାପାଳ ଚଞ୍ଚଲ୍ ରାଣା ଓ ଏସ୍‌ପି ପିନାକ ମିଶ୍ରଙ୍କ ଦାୟିତ୍ୱ ଗ୍ରହଣ

# ଶାଶ୍ୱତ ମିଶ୍ର ହେଲେ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ

ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଆଜି ଜାରି କରାଯାଇଥିବା ବିଜ୍ଞପ୍ତି ଅନୁସାରେ ଶାଶ୍ୱତ ମିଶ୍ର ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଭାବେ ଦାୟିତ୍ୱ ନିର୍ବାହ କରିବା ସହିତ ଅର୍ଥ ବିଭାଗର ପ୍ରମୁଖ ସଚିବ ଓ ଇଡେPIର ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ମଧ୍ୟ ତୁଲାଇବେ । ବରିଷ୍ଠ ଆଇଏଏସ୍ ଶାଶ୍ୱତ ମିଶ୍ରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଭାବେ ନିଯୁକ୍ତି ଦିଆଯାଇଛି । ଏ ସଂପର୍କରେ ଆଜି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛ ।ଏହା ପୂର୍ବରୁ ବରିଷ୍ଠ ଆଇଏଏସ୍ ନିକୁଞ୍ଜ ବିହାରୀ ଧଳ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଭାବେ କାର୍ଯ୍ୟ କରୁଥିଲେ । ସେ କେନ୍ଦ୍ରକୁ ଯିବା ପରେ ଶାଶ୍ୱତ ମିଶ୍ରଙ୍କୁ ଏହି ପଦରେ ନିଯୁକ୍ତ କରାଯାଇଛି ।୧୯୯୬ ବ୍ୟାଚ୍ର ଆଇଏଏସ ଅଫିସର ଶାଶ୍ୱତ ମିଶ୍ର ଏବେ ଅର୍ଥ ବିଭାଗର ପ୍ରମୁଖ ସଚିବ ସହିତ ଇଡେPIର ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତ ।ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଆଜି ଜାରି କରାଯାଇଥିବା ବିଜ୍ଞପ୍ତି ଅନୁସାରେ ଶାଶ୍ୱତ ମିଶ୍ର (୯ ପୃଷ୍ଠାରେ)

# ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ରଥ ପରିଚାଳନା ଦାୟିତ୍ୱ

ଭୁବନେଶ୍ୱର,୨୯।୬(ସବ୍ୟୁ): ରାଜ୍ୟ ସରକାର ଏଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ରଥଯାତ୍ରା ପରିଚାଳନା ଦାୟିତ୍ୱ ଦେଇଛନ୍ତି ।ଏନେଇ ରାଜ୍ୟ ପୁଲିସ ମୁଖ୍ୟାଳୟ ଦ୍ୱାରା ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି । ସେ ଚଳିତ ବର୍ଷର ପୁରୀ ରଥଯାତ୍ରାର ପରିଚାଳନା ଦାୟିତ୍ୱରେ ରହିବେ । ଏହି ନିଷ୍ପତ୍ତି ଶରଧାବାଲିରେ ଘଟିଥିବା ଏକ ଦଳାଚକଟା ପରେ ନିଆଯାଇଛି ।

ଶରଧାବାଲିରେ ଆଜି ଭୋର ୪ଟାରେ ଘଟିଥିବା ଅଘଟଣ ପରେ ରାଜ୍ୟ ସରକାର ଓ ପୁଲିସ ପ୍ରଶାସନ ଦ୍ୱାରା ଏକ ସକ୍ରିୟ ପଦକ୍ଷେପ ନିଆଯାଇଛି। ଏଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ଏହି ଦାୟିତ୍ୱ ଦେବା ଦ୍ୱାରା ରଥଯାତ୍ରା ସମୟରେ ସୁରକ୍ଷା ଓ ପରିଚାଳନାକୁ ବଳବତ୍ତର କରିବା ଉଦ୍ଦେଶ୍ୟ ରହିଛି ।

# ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ସ୍ଥଗିତ

ଭୁବନେଶ୍ୱର, ୨୯।୬ (ସବ୍ୟୁ): ଆସନ୍ତାକାଲି ସୋମବାର ଭୁବନେଶ୍ୱରୟୁନିଟ-୨, ଅଶୋକନଗରସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ ଠାରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ହେବାକୁ ଥିବା ଜନ ଅଭିଯୋଗ ଶୁଣାଣି କାର୍ଯ୍ୟ ଅନିର୍ବାଯ୍ୟ କାରଣବଶତଃ ବନ୍ଦ ରହିବ। ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଗଣମାଧ୍ୟମକୁ ଏହି ସୂଚନା ଦିଆଯାଇଛି । ବିଭାଗ ପକ୍ଷରୁ କୁହାଯାଇଛି ଯେ, ଆସନ୍ତା ୩୦ ତାରିଖ ଦିନ ଭୁବନେଶ୍ୱରରୟୁନିଟ-୨, ଅଶୋକନଗରସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ ନିକଟ) ଠାରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ହେବାକୁ ଥିବା ଜନଶୁଣାଣି ଶିବିର ଅନିବାର୍ଯ୍ୟ କାରଣ ହେତୁ ସ୍ଥଗିତ ରହିଛି । ଏହି ଜନଶୁଣାଣି ପାଇଁ ଅନଲାଇନରେ ପଞ୍ଜୀକରଣ କରିଥିବା ଜନସାଧାରଣଙ୍କ ଅଭିଯୋଗଗୁଡିକ ପରବର୍ତ୍ତୀ ଜନଶୁଣାଣି ଶିବିରରେ ଗ୍ରହଣ କରାଯିବ । ପରବର୍ତ୍ତୀ ଶୁଣାଣିର ତାରିଖ ଓ ସମୟ ସମ୍ପର୍କିତ ସୂଚନା ପରେ ଜଣାଇ ଦିଆଯିବ ।

# ମୁଖ୍ୟମନ୍ତ୍ରୀଙ୍କ ନୀତିଗତ ନିଷ୍ପତ୍ତି : ଶିଶୁବାଟିକାରେ ନିଯୁକ୍ତ ହେବେ 'ଶିଶୁ ସେବିକା'



ଭୁବନେଶ୍ୱର,୨୯।୬(ସବ୍ୟୁ): ରାଜ୍ୟର ଶିଶୁବାଟିକା ଗୁଡ଼ିକରେ "ଶିଶୁ ସେବିକା' ନିୟୋଜିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୀତିଗତ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଏହି ଶିଶୁ ସେବିକାମାନେ ଶିଶୁବାଟିକାର ଛୋଟ ପିଲାମାନଙ୍କୁ ସହାୟତା ଯୋଗାଇଦେବା ସହିତ ଶିକ୍ଷକମାନଙ୍କ ଉପରେ ରହୁଥିବା ଅଣଶିକ୍ଷା କାର୍ଯ୍ୟର ବୋଝ ହାଲ୍କା କରିବାରେ ସହାୟକ ହେବେ । ତେଣୁ ଶିକ୍ଷକମାନେ କେବଳ ଶିକ୍ଷା ଉପରେ ଦୃଷ୍ଟି କେନ୍ଦ୍ରୀତ କରିପାରିବେ । ଏହାଦ୍ୱାରା ପ୍ରାକ୍-ପ୍ରାଥମିକ ଶ୍ରେଣୀରେ ପିଲାଙ୍କ ଗୁଣାତ୍ମକ ଶିକ୍ଷାର ବିକାଶ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି ।

ସୂଚନାଯୋଗ୍ୟ ଯେ, ନୂତନ ଜାତୀୟ ଶିକ୍ଷାନୀତି ଅନୁଯାୟୀ ରାଜ୍ୟର ୪୫ ହଜାର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଚଳିତ ଶିକ୍ଷାବର୍ଷ ଠାରୁ ଶିଶୁବାଟିକା ଖୋଲାଯାଇଛି । ଏଥିରେ ୫ରୁ ୬ ବର୍ଷ ବୟସର ପିଲାମାନଙ୍କୁ ପ୍ରାକ୍-ପ୍ରାଥମିକ ଶିକ୍ଷା ପ୍ରଦାନ କରାଯାଉଛି । ଶିଶୁବାଟିକାରେ ପିଲାଙ୍କ ସଂଖ୍ୟାକୁ ଦୃଷ୍ଟିରେ ରଖି ଆବଶ୍ୟକତା ଅନୁଯାୟୀ ଶିଶୁ ସେବିକା ନିଯୁକ୍ତି (୯ ପୃଷ୍ଠାରେ)

- ଶିକ୍ଷକଙ୍କ ଉପରୁ ବୋଝ ହାଲ୍‌କା ହେବ
- ପାଚିକାଙ୍କ ଦରମାର ସମାନୁପାତିକ ହାରରେ ଦରମା ପାଇବେ

# ଆହତଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିବାକୁ ପୁରୀରେ ବିଜେଡି ଟିମ୍

ଭୁବନେଶ୍ୱର, ୨୯।୬ (ସବ୍ୟୁ): ଶରଧାବାଲିରେ ଠେଲାପେଲା ଓ ଦଳାଚକଟାରେ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ନେଇ ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ପ୍ରଶାସନର ଅବ୍ୟବସ୍ଥାକୁ ନେଇ ଗଭୀର କ୍ଷୋଭ ପ୍ରକାଶ କରିଛନ୍ତି । ଏହି ଘଟଣାକୁ ନିନ୍ଦା କରିବା ସହ ସରକାର ଏବେଠୁ ସଚେତନ ହୋଇ ବାହୁଡା, ସୁନାବେଶ ଓ ନିଳାଦ୍ରୀବିଜେ ଲାଗି ଏବେଠୁ ପ୍ରସ୍ତୁତ ହେବାକୁ ପରାମର୍ଶ ଦେଇଛନ୍ତି । ସୋସିଆଲ୍ ମିଡିଆରେ ପୋଷ୍ଟ କରି ଦଳଚକଟାରେ ପ୍ରାଣ ହରାଇଥିବା ଭକ୍ତଙ୍କ ପ୍ରତି ଗଭୀର ସମବେଦନା ଜଣାଇବା ସହ ଭକ୍ତଙ୍କ ଶୀଘ୍ର ଆରୋଗ୍ୟ ପାଇଁ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। ଭିଡ ନିୟନ୍ତ୍ରଣାରେ ସରକାରଙ୍କ ବିଫଳତା ଯୋଗୁଁ ଦାୟୀ କରିବା ସହ ଟେଲାପେଲା, ଦଳଚକଟାରେ ଭକ୍ତ ଆହତ ହେବା ମୃତ୍ୟୁ ଘଟିବା ପରି ଘଟଣା ଅକ୍ଷମତାକୁ ପଦାରେ ପକାଇଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ ଭିଡକୁ ନିୟନ୍ତ୍ରଣ କରିବା ପାଇଁ ପ୍ରତି ସୁରକ୍ଷାକର୍ମୀ ଉପସ୍ଥିତ ନଥିଲେ। କର୍ତ୍ତବ୍ୟରେ ତ୍ରୁଟି ବୋଲି ଦର୍ଶାଉଛି। ନନ୍ଦିଘୋଷ ରଥ ଟଣାଯିବାରେ ଅତ୍ୟଧିକ ବିଳମ୍ବକୁ ଅତି ସହଜରେ ମହାପ୍ରଭୁଙ୍କ ଇଚ୍ଛା ବୋଲି ସରକାର କହିପାରେ ହୋଇଯାଇଥିଲେ। ଗୋଟିଏ ଗୋଟିଏ ବାହାନା ନିଜ ଅକ୍ଷମତାକୁ ଲୁଚାଇବା ପାଇଁ ବୋଲି ନବୀନ କହିଛନ୍ତି। ସେହିପରି ଜୟଦେବ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଅଟାନ୍ତର ଗ୍ରାମର ପ୍ରଭାତୀ ଦାଶଙ୍କର (୯ ପୃଷ୍ଠାରେ)

## ମୃତକଙ୍କ ପରିବାରକୁ ନବୀନଙ୍କ ସମବେଦନା

# ଦାଦାଭାଇ ନାରୋଜି



୧୮୨୫ ମସିହା ସେପ୍ଟେମ୍ବର ୪ରେ ଜନ୍ମିତ ଦାଦାଭାଇ ନାରୋଜି ଭାରତର 'ଗ୍ରାଣ୍ଡ ଓଲ୍ଡ ମ୍ୟାନ' ଭାବେ ବେଶ୍ ପରିଚିତ । ସେ ହେଉଛନ୍ତି ଭାରତୀୟ ଜାତୀୟ କଂଗ୍ରେସର ପ୍ରତିଷ୍ଠାତା ସଦସ୍ୟ । ସେ କଂଗ୍ରେସର ତିନିତିନିଥର ସଭାପତି ଭାବେ ଦାୟିତ୍ୱ ସମ୍ଭାଳିଛନ୍ତି । ଏହାସହିତ ସେ ଜଣେ ସ୍ୱାଧୀନତା ସଂଗ୍ରାମୀ, ରାଜନେତା ଓ ଲେଖକଭାବେ ମଧ୍ୟ ସୁଖ୍ୟାତି ଅର୍ଜନ କରିଛନ୍ତି । ପିଲାଦିନୁ ଖୁବ ମେଧାବୀ ଥିଲେ ଦାଦା ଭାଇ । ନିଜ ଜୀବନରେ ସେ ଭାରତୀୟଙ୍କ ପାଇଁ ଖୁବ କାର୍ଯ୍ୟ କରିଛନ୍ତି, ଯାହାକୁ ଆଜି ବି ଲୋକ ମନେ ରଖିଛନ୍ତି । ଏହି ମହାନ ସଂଗ୍ରାମୀଙ୍କର ୧୯୧୭ ଜୁନ୍ ୩୦ରେ ଦେହାନ୍ତ ହୋଇଥିଲା । ସେ ଅନେକଙ୍କ ପାଇଁ ଆଜି ବି ପ୍ରେରଣାଦାୟୀ ବ୍ୟକ୍ତିତ୍ୱ ।

# ସୁଭାଷ ବୋଷଙ୍କ ମନ୍ଦିର




ଭାରତୀୟ ସଂଗ୍ରାମୀଙ୍କର ସ୍ମାରକୀ ସ୍ଥଳ ସେମାନଙ୍କର ରାଜ୍ୟ ହେଉ କିମ୍ବା ଦେଶରେ ଦେଖିବାକୁ ମିଳିଥାଏ । ହେଲେ ବିଦେଶରେ ଏପରି ଖୁବ କମ ଦେଖିବାକୁ ମିଳେ । ବର୍ତ୍ତମାନ ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି । ଏହି ଭିଡିଓରେ ଭାରତର ସ୍ୱାଧୀନତା ସଂଗ୍ରାମୀ ସୁଭାଷ ବୋଷଙ୍କର ମନ୍ଦିର ଦେଖିବାକୁ ମିଳିଛି । ଜାପାନରେ ଏହି ମନ୍ଦିରଟି ରହିଥିବା ଭିଡିଓରୁ ଜଣା ପଡିଛି । ଏଥିରେ ସୁଭାଷ ବୋଷଙ୍କର ଏକ ବଡ ପ୍ରତିମୂର୍ତ୍ତି ରହିଥିବା ଦେଖିବାକୁ ମଧ୍ୟ ମିଳିଛି । ଜଣେ ଜାପାନୀ ମହିଳା ଏହି ଭିଡିଓଟିକୁ ସୋସିଆଲ ମିଡିଆରେ ପକାଇବା ପରେ ଏହା ଖୁବ ଭାଇରାଲ ହେବାରେ ଲାଗିଛି । ଏହା ଜାପାନ ସହିତ ଭାରତର ଥିବା ସମ୍ପର୍କକୁ ଦର୍ଶାଉଛି ବୋଲି ୟୁଜର୍ସ ମତ ଦେଉଛନ୍ତି ।

## ସଂକ୍ଷେପରେ ଶ୍ରୀକ୍ଷେତ୍ର-୨

୧ . ଶିଳ୍ପ ଶାସ୍ତ୍ର ଅନୁଯାୟୀ ରଥର ଅଂଶ ବିଶିଷ୍ଟ – ୧୩ ।
୨. ରଥଯାତ୍ରାବେଳେ ରଥରେ ବ୍ୟବହୃତ ହେଉଥିବା ଦଉଡିର ଲମ୍ବ – ୨୦୦ ଫୁଟ ।
୩. ରଥ ଟାଣିବା ପାଇଁ ପ୍ରଥମେ ନିଯୁକ୍ତ ହୋଇଥିବା ବେଠିଆଙ୍କ ସଂଖ୍ୟା – ୪୨୦୦ ।
୪ . ଶ୍ରୀଜଗନ୍ନାଥଙ୍କର ରଥର ଚକ ସଂଖ୍ୟା – ୧୬ ।
୫ . ଶ୍ରୀବଳଭଦ୍ରଙ୍କର ରଥର ଚକ ସଂଖ୍ୟା – ୧୪ ।
୬ . ଦେବୀ ସୁଭଦ୍ରାଙ୍କ ରଥର ଚକ ସଂଖ୍ୟା – ୯ ।
୭. ରାଜା ଯଯାତି କେଶରୀଙ୍କ ସମୟରେ ହେଉଥିବା ଛଅଟି ରଥର ଉଚ୍ଚତା – ୧୮ ହାତ ପ୍ରତ୍ୟେକ ।
୮. ରାଜା ଚୋଡଗଙ୍ଗ ଦେବଙ୍କ ସମୟରେ ହେଉଥିବା ଛଅଟି ରଥର ଉଚ୍ଚତା – ୩୨ ହାତ ।
୯. ଜଗନ୍ନାଥ ନାମ ଥାଇ ଓଡ଼ିଶାରେ ଥିବା ଗ୍ରାମ ବା ସ୍ଥାନର ସଂଖ୍ୟା – ୧୫୬ ।
୧୦ .ପ୍ରଭୁ ଜଗନ୍ନାଥ ବିଗ୍ରହଙ୍କର ଉଚ୍ଚତା – ୮୪ ଇଞ୍ଚ (ପବ) ।
୧୧. ପ୍ରଭୁ ବଳଭଦ୍ରଙ୍କ ବିଗ୍ରହର ଉଚ୍ଚତା – ୫୨ ଇଞ୍ଚ (ପବ) ।
୧୨ . ଦେବୀ ସୁଭଦ୍ରାଙ୍କ ବିଗ୍ରହର ଉଚ୍ଚତା – ୮୪ ଇଞ୍ଚ (ପବ) ।
୧୩ . ଶ୍ରୀଜଗନ୍ନାଥଙ୍କ ଦୈନନ୍ଦିନ ନୀତିପାଇଁ ଥିବା ସେବାର ସଂଖ୍ୟା – ୮୦ ।
୧୪. ଶ୍ରୀଜୀଉମାନଙ୍କୁ ଶ୍ରୀମନ୍ଦିରରେ ଭୋଗ କରାଯାଉଥିବା ଅନ୍ନ ନୈବେଦ୍ୟ ପ୍ରକାର – ୮ ।
୧୫ . ଶ୍ରୀମନ୍ଦିରରେ ଛତ୍ରଭୋଗରେ ହେଉଥିବା ଉପଚାର – ୫ ।
୧୬ . ଶ୍ରୀଜଗନ୍ନାଥଙ୍କର ନବକଳେବରର ସଂଖ୍ୟା – ୮ ।
୧୭ . ଶ୍ରୀଜଗନ୍ନାଥଙ୍କ ପ୍ରଥମ ନବକଳେବରର ସମୟ – ଜୁଲାଇ ୧୬, ୧୫୦୯ ।
୧୮ . ଶ୍ରୀଜଗନ୍ନାଥଙ୍କ ନବକଳେବର କେତେ ବର୍ଷ ବ୍ୟବଧାନରେ ପଡିଥାଏ ୮ରୁ୯ ବର୍ଷ ।
୧୯ . ଶ୍ରୀଜଗନ୍ନାଥଙ୍କ ନବକଳେବର ସମୟରେ ପୁରାତନ ବିଗ୍ରହଙ୍କୁ ବିସର୍ଜନର କରାଯାଉଥିବା ସ୍ଥାନର ମାପ – ୯ହାତ ଗଭିର ୬ ହାତ ବ୍ୟାସ ।
୨୦ . ପ୍ରଭୁଙ୍କ ନବକଳେବର ପରେ ତେରୋଇ ଭୋଗରେ ମହାପ୍ରସାଦ ପାଇଥାଆନ୍ତି – ପ୍ରାୟ ପଚିଶ ହଜାର ।





# ପିଲାଙ୍କୁ ଶିଖାନ୍ତୁ ପଇସାର ବ୍ୟବହାର

ଆଜିକାଲି ଦେଖିବାକୁ ମିଳୁଛି ପିଲାଙ୍କ ନିକଟରେ ଅର୍ଥକୁ କିଭଳି ଖର୍ଚ୍ଚ କରାଯିବାର ଆବଶ୍ୟକତା ଅଛି ସେ ସମ୍ପର୍କରେ ଜ୍ଞାନ କମ ଦେଖିବାକୁ ମିଳୁଛି । ତେବେ ସେମାନଙ୍କୁ ପିଲା ଦିନରୁ ହିଁ ଏନେଇ ପ୍ରଶିକ୍ଷଣ ଦେବା ଜରୁରୀ । ଯାହା ଫଳରେ ସେମାନେ ବଡ ହେଲେ ନିଜର ଖର୍ଚ୍ଚକୁ ସୁବ୍ୟବସ୍ଥିତ ଢଙ୍ଗରେ କରିପାରିବେ । ଏଥିପାଇଁ ଅଭିଭାବକଙ୍କୁ ପିଲାଦିନୁ ସେମାନଙ୍କୁ କିଛି କିଛି ଶିକ୍ଷା ଦେବାର ଆବଶ୍ୟକତା ରହିଛି । ସେମାନଙ୍କୁ ଛୋଟଛୋଟ ନିଷ୍ପତ୍ତି ନେବା ଶିଖାଇବାକୁ ହେବ, ଯାହା ଫଳରେ ସେମାନେ ଅନେକ କିଛି ଶିଖିବେ । ପିଲାଙ୍କୁ ସହିତ ଖର୍ଚ୍ଚକୁ ନେଇ ଖୋଲାଖୋଲି କଥା ହୁଅନ୍ତୁ । ଜୀବନରେ ଅର୍ଥର ମହତ୍ୱକୁ ସେମାନଙ୍କୁ ପିଲାଦିନୁ ଶିଖିବାକୁ ହେବ ନଚେତ୍ ବଡ ହେଲେ ସେମାନ ଜୀବନରେ ବିଭିନ୍ନ ସମସ୍ୟାରେ ପଡିବେ । ଯେତେବେଳେ ପିଲାମାନେ ଦେଖିବେ ଆପଣ ପରିଶ୍ରମ କରି ଅର୍ଥ ରୋଜଗାର କରୁଛନ୍ତି ତେବେ ସେମାନେ ପଇସାର ମୂଲ୍ୟ ବୁଝିବେ ।

**ହାହାଃ..**

ସ୍ୱାମୀ – ତୁମେ ବର୍ତ୍ତମାନ ସୁନ୍ଦର ହେଇ ହେଇ ଯାଉଛ ।
ସ୍ତ୍ରୀ – ତୁମେ କେମିତି ଜାଣିଲ ?
ସ୍ୱାମୀ – କାହିଁକି ନା ତୁମକୁ ଦେଖି ବର୍ତ୍ତମାନ ରୁଟି ମଧ୍ୟ ଜଳିବାକୁ ଲାଗିଲାଣି ।

## ଇତିହାସ

୧୮୯୪– ଲଣ୍ଡନରେ ଟାୱାର୍ ବ୍ରିଜ୍‌କୁ ଖୋଲାଗଲା ।
୧୯୧୪– ଜାତୀୟ ପିତା ମହାତ୍ମା ଗାନ୍ଧୀଙ୍କୁ ପ୍ରଥମକରି ଗିରଫ କରାଗଲା ।
୧୯୧୭– ଭାରତର ପ୍ରସିଦ୍ଧ ରାଜନେତା, ଉଦ୍ୟୋଗପତି, ଶିକ୍ଷାବିତ୍ ଏବଂ ବିଚାରକ ଦାଦା ଭାଇ ନାରୋଜୀଙ୍କର ପରଲୋକ ।
୧୯୩୭– ବିଶ୍ୱର ପ୍ରଥମ ଏମରଜେନ୍ସି ନମ୍ବର ୯୯୯କୁ ଲଣ୍ଡନରେ ଜାରି କରାଗଲା ।
୧୯୪୭– ପଶ୍ଚିମବଙ୍ଗ ଓ ପଞ୍ଜାବର ବିଭାଜନ ପାଇଁ ବାଉଣ୍ଡାରୀ କମିଶନ୍‌ର ସଦସ୍ୟମାନଙ୍କର ଘୋଷଣା କରାଗଲା ।
୧୯୬୬– ଆମେରିକାର ପ୍ରଥମ ମହିଳା ସଂଗଠନ (ନ୍ୟାସନାଲ୍ ଅର୍ଗାନାଇଜେସନ୍ ଫର୍ ୱିମେନ୍) ଗଠିତ ହେଲା ।
୧୯୯୭– ହଂକଂରୁ ବ୍ରିଟିଶ ଶାସନ ସମାପ୍ତ ।
୨୦୦୮– ରବିକାନ୍ତ, ଉମାଶଙ୍କର ଚୌଧୁରୀ ଏବଂ ବିମଳ ଚନ୍ଦ୍ର ପାଣ୍ଡେଙ୍କୁ ଜ୍ଞାନପୀଠ ପୁରସ୍କାର ଦିଆଗଲା ।



# ମାୟୋଷ୍ଟାଟିନ୍ ଡିଜ୍‌ଅର୍ଡର

ଏହା ଏକ ପ୍ରକାର ବିରଳ ସମସ୍ୟା ଯେଉଁଥିରେ ରୋଗୀର ଶରୀରରେ ଫ୍ୟାଟ୍ କମ ହୋଇ ମାଂଶପେଶୀର ଆକାର ବଢିବାରେ ଲାଗିଥାଏ । ଏହି ସମସ୍ୟା କାରଣରୁ ମାଂଶପେଶୀ ଏପରି ବଢିଥାଏ କି ବେଳେବେଳେ ଏହା ସାଧାରଣ ମାଂସପେଶୀର ଆକାରଠାରୁ ଦ୍ୱିଗୁଣ ଅଧିକ ହୋଇଯାଏ । ଏହା ଏକ ପ୍ରକାର ଜେନେଟିକାଲ୍ ସମସ୍ୟା, ଯାହା ଆମ ଜିନ୍‌ରେ ପରିବର୍ତ୍ତନ କାରଣରୁ ହୋଇଥାଏ । ଏହି ସମସ୍ୟା ଶିଶୁ ପାଖରେ ଜନ୍ମରୁ ଦେଖିବାକୁ ମିଳିଥାଏ, ଯାହା ବୟସ ହେବାସହ ବଢିବାକୁ ଲାଗିଥାଏ । ଶରୀରରେ ଯେତେବେଳେ କିଛି ଜିନ୍ ସଠିକ ଢଙ୍ଗରେ କାର୍ଯ୍ୟ କରିନଥାଏ, ସେତେବେଳେ ଏହି ସମସ୍ୟା ଦେଖିବାକୁ ମିଳିଥାଏ । ତେବେ ଯଦି ଏହି ସମସ୍ୟା ଦେଖିବାକୁ ମିଳୁଛି ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।



# କଳାଦାଗରୁ ମୁକ୍ତି

ନିଜ ଶରୀର ଯତ୍ନ ନେବାକୁ କିଏ ଅବା ନ ଚାହେଁ ,ଖାସ୍ କରି ଝିଅ ମାନେ । ତେବେ ବେଳେବେଳେ ଆଣ୍ଠୁ ଓ କାନ୍ଧରେ ଘନ କଳାଦାଗ ଦେଖିବାକୁ ମିଳିଥାଏ । ବୟସ ବଢିବା ସହ ଏହି କଳାଦାଗର ଘନତ୍ୱ ମଧ୍ୟ ବଢିଥାଏ । ଯଥାସମ୍ଭବ ଚେଷ୍ଟା କରିବାପରେ ମଧ୍ୟ ଏହା ଭଲ ହୋଇନଥାଏ । ଏହି ସମସ୍ୟା ଆମ ଶରୀରେ ଅନେକ କାରଣରୁ ଦେଖିବାକୁ ମିଳିଥାଏ, ଯେପରି ପ୍ରଖର ସୂର୍ଯ୍ୟକିରଣ, ଶରୀରରେ ହର୍ମୋନାଲ ପରିବର୍ତ୍ତନ, କୌଣସି ଔଷଧର ପାର୍ଶ୍ୱପ୍ରତିକ୍ରିୟା ଆଦି । ଏହାକୁ ଡାକ୍ତର ପରାମର୍ଶର ଆବଶ୍ୟକତା ରହିଛି, ମାତ୍ର ଏଥି ନିମନ୍ତେ କିଛି ଘରୋଇ ଉପଚାର ମଧ୍ୟ ରହିଛି ଯାହାକୁ ଅନୁକରଣ କରିବା ଦ୍ୱାରା ଉପଶମ ମିଳିଥାଏ । ନଡିଆ ତେଲ ଆମ ଶରୀର ପକ୍ଷେ ଖୁବ ଲାଭଦାୟକ ହୋଇଥାଏ । କାରଣ ଏଥିରେ ଭିଟାମିନ ଇ ଥାଏ । ଯାହା ତ୍ୱଚାରୁ କଳାଦାଗ ଦୂର କରିବାରେ ସାହାଯ୍ୟ କରିବାସହ ତ୍ୱଚାରେ ଚମକ ଆଣିଥାଏ । ତେବେ ଖାଲି ନଡିଆ ତେଲ ନଲଗାଇ ଏଥିରେ କିଛି ମିଶ୍ରମ କରି ଲଗାଇବା ସହ ଉପଶମ ମିଳିଥାଏ ।

**ନଡିଆ ତେଲ , କମଳା ଚୋପା–** ନଡିଆ ତେଲରେ କମଳା ଚୋପା ମିଶାଇ କଳାଦାଗ ଥିବା ସ୍ଥାନରେ ଲଗାନ୍ତୁ । କିଛି ସମୟ ଭଲ ଭାବରେ ମସାଜ କରନ୍ତୁ । ଏହା ପରେ ଏହାକୁ ୨ ମିନିଟ୍ ପାଇଁ ଛାଡିଦିଅନ୍ତୁ । ପରେ ଏହାକୁ ଭଲ ଭାବେ ଧୋଇ ନିଅନ୍ତୁ । ଏପରି ଗୋଟିଏ ସପ୍ତାହ କରନ୍ତୁ ଫରକ ନିଜେ ଜାଣିପାରିବେ ।

**ନଡିଆ ତେଲ, ବାଦାମ ଚୋପା–** ନଡିଆ ତେଲରେ ବାଦାମ ଚୋପାକୁ ଗଣ୍ଡକରି ମିଶାଇ ଲଗାଇବା ମଧ୍ୟ ଲାଭଦାୟକ ହୋଇଥାଏ । ଏହାକୁ ଆପଣ ବେକ, ଆଣ୍ଠୁ, ଗୋଇଠିରେ ଥିବା କଳାଦାଗ ସ୍ଥାନରେ ମାଲିସ୍ କରନ୍ତୁ । ଗୋଟିଏ ଦିନରେ ଏପରି ୩ ଥର କରନ୍ତୁ । ଗୋଟିଏ ସପ୍ତାହ ପରେ କଳାଦାଗ ଦୂରହେବାର ଦେଖିବାକୁ ମିଳିବ । ତେବେ ଏସବୁ ଘରୋଇ ଉପଚାର ସହିତ ଡାକ୍ତର ପରାମର୍ଶ ମଧ୍ୟ କରନ୍ତୁ ।

## ସୋସିଆଲ କୋଟ୍ସ



"କୋଭିଡ୍ ସମୟରେ ମୋର ପୂରା ପରିବାର ଏକାଠି ଥିଲେ । ପୂରା ପରିବାକୁ ଐଶ୍ୱର୍ଯ୍ୟା ଏହି ସମୟରେ ସମ୍ଭାଳିଥିଲେ । ମୁଁ ହସ୍‌ପିଟାଲରେ ଥିବାବେଳେ ମଧ୍ୟ ମୋତେ ସେ ସମ୍ଭାଳିଥିଲେ ।

**ଅଭିଷେକ ବଚ୍ଚନ, ଅଭିନେତା**



"ବିପାଶା ଓ କରନ ତୁମେ ଦୁଇଜଣ ହେଲ ଦୁନିଆର ସବୁଠାର ଭଲ ବାପା ମା' । ତୁମେ ଦେବୀର ଖୁବ ଯତ୍ନ ନେଉଛ, ଯାହା ମୋ ସହ ଅନେକଙ୍କୁ ପ୍ରେରଣା ଯୋଗାଉଛି ।

**ରାଜୀବ ଅଦାତିଆ, ମଡେଲ**



"ମୋତେ ଲକ୍ ଓ କିଡନାପ ଭଳି ଫିଲ୍ମର ଫାଇନାଲ ପେମେଣ୍ଟ ମିଳିନି । ମେକର୍ସ ଆଜିଯାଏଁ ମୋର ଏହି ଅର୍ଥ ଏବେ ଯାଏଁ ବାକି ରଖିଛନ୍ତି । ତେଣୁ ଏ ସମ୍ବନ୍ଧରେ ଆପଣମାନେ ମେକର୍ସଙ୍କ ସହ କଥା ହୋଇପାରିବେ ।

**ଇମ୍ରାନ ଖାନ, ଅଭିନେତା**



# ନୂଆ ରୂପରେ ରଶ୍ମିକା

ନିକଟରେ ରଶ୍ମିକାଙ୍କ ଅପକମିଂ ଫିଲ୍ମ ମାୟସାର ପୋଷ୍ଟର ରିଲିଜ ହୋଇଛି, ଯାହାକୁ ନେଇ ଅନେକ ଚର୍ଚ୍ଚା ଜାରି ରହିଛି । ଏଥିରେ ରଶ୍ମିକାଙ୍କୁ ଏକ ନୂଆ ଲୁକ୍‌ରେ ଦେଖିବାକୁ ମିଳୁଛି । ସେହିଭଳି ଏହି ଫିଲ୍ମରେ ରଶ୍ମିକା ଏଭଳି ଏକ ଚରିତ୍ରରେ ଅଭିନୟ କରିଛନ୍ତି, ଯାହା ସେ ଆଗରୁ କେବେ କରିନାହାନ୍ତି । ସେହିଭଳି ରଶ୍ମିକାଙ୍କ ଫ୍ୟାନଙ୍କ ସହିତ ର୍ୟୁମର ବୟଫ୍ରେଣ୍ଡ୍ ବିଜୟ ଦେବରକୋଣ୍ଡା ମଧ୍ୟ ଏହି ଲୁକ୍‌ର ପ୍ରଶଂସା କରିଛନ୍ତି । ସମସ୍ତେ ରଶ୍ମିକାଙ୍କୁ ଏହି ନୂଆ ଚରିତ୍ରରେ ଦେଖିବାକୁ ଖୁବ ଆଗ୍ରହ ପ୍ରକାଶ କରିଛନ୍ତି । ସମସ୍ତଙ୍କୁ ତାଙ୍କର ଏହି ଫିଲ୍ମ ଖୁବ ଭଲ ଲାଗିବ ବୋଲି ରଶ୍ମିକା ପ୍ରକାଶ କରିଛନ୍ତି । ସେହିଭଳି ବିଜୟଙ୍କୁ ଫିଲ୍ମ ଦେଖିବା ପରେ ତାଙ୍କ ଉପରେ ଗର୍ବ ହେବ ବୋଲି ରଶ୍ମିକା କମେଣ୍ଟରେ ମତ ଦେଇଛନ୍ତି । ସେହିଭଳି ଫିଲ୍ମ ପୋଷ୍ଟରଟି ବେଶ୍ ହଟକେ ହେଉଥିବା ଦେଖିବାକୁ ମିଳୁଛି ।

## ଫୋନ୍ ପେ'ରେ ମାତିଛନ୍ତି ସାଇବର ଲୁଟେରା

# ଟଙ୍କା ଫେରସ୍ତ ଆଳରେ ଜମା ଟଙ୍କା ଲୁଟିନେଲେ

କଟକ,(ସବ୍ୟୁ): ସମ୍ପ୍ରତି ଆର୍ଥିକ ନେଣଦେଣ ବ୍ୟବସ୍ଥାକୁ ଡିଜିଟାଲାଇଜ୍ କରାଯିବା ପରେ ସାଧାରଣ ଲୋକଙ୍କ ମଧ୍ୟରେ ଫୋନ୍ ପେ'ଏକ ଭରସାଯୋଗ୍ୟ ମାଧ୍ୟମ ପାଲଟିଛି । ଏବେ ସାଧାରଣ ପାନଦୋକାନୀ ଠାରୁ ବଡ଼ ବ୍ୟବସାୟୀ ଯାଏଁ ସମସ୍ତେ ଫୋନ୍ ପେ' ବ୍ୟବହାର କରୁଛନ୍ତି । ଅନେକ ସମୟରେ ଟଙ୍କା ପଠାଇବା ବେଳେ ଫୋନ୍ ପେ'ରେ ବିଭିନ୍ନ ବୈଷୟିକ ତ୍ରୁଟି ଯୋଗୁଁ ସ୍ୱଳ୍ପ ସମୟ ପାଇଁ ଟଙ୍କା ଟ୍ରାନ୍ସଫର୍ ହୋଇ ପାରିନଥାଏ । ଟଙ୍କା ପଠାଉଥିବା ଲୋକର ଆକାଉଣ୍ଟରୁ ଟଙ୍କା କଟିଯାଏ । ସମ୍ପୃକ୍ତ ବ୍ୟାଙ୍କ୍ କିମ୍ବା ଫୋନ୍ ପେ'ର କଷ୍ଟମର୍ କେୟାର ଅଧିକାରୀଙ୍କ ସହିତ ଯୋଗାଯୋଗ କରିବା ପରେ ୨୪ଘଣ୍ଟା ଭିତରେ ଟଙ୍କା ଆକାଉଣ୍ଟ୍‌କୁ ଫେରିଆସେ । ନହେଲେ ପଠାଯାଇଥିବା ଲୋକର ଆକାଉଣ୍ଟ୍‌କୁ ଟଙ୍କା ଟ୍ରାନ୍ସଫର୍ ହୋଇଯାଇଥାଏ । ତେବେ ଆଜି କଟକ ସାଇବର ଥାନାରେ ଜଣେ ଫୋନ୍ ପେ' ବ୍ୟବହାରକାରୀ ଠକାମୀର ଶିକାର ହୋଇଥିବା ଏତଲା ଦେଇଛନ୍ତି । ଟଙ୍କା ଫେରସ୍ତ ଦେବାକୁ କହି ସାଇବର ଠକମାନେ ଫୋନ୍ ପେ'ରେ ଫେରାଇବା ପରିବର୍ତ୍ତେ ଟଙ୍କା ଠକି ନେଇଛନ୍ତି । ଏଭଳି ଏକ ଅଭିନବ ସାଇବର ଠକାମୀର ଶିକାର ହୋଇଛନ୍ତି କଟକ ବିଡ଼ାନାସୀ ଥାନା ଅନ୍ତର୍ଗତ ଚହଟାନଗର ଅଞ୍ଚଳର ଜଣେ ବ୍ୟବସାୟୀ । ଫୋନ ପେ'ରେ ଫସିରହିଥିବା ଟଙ୍କାର ଦୁଇ ଗୁଣା ଫେରସ୍ତ ପାଇବାର ପ୍ରତିଶ୍ରୁତିରେ ବିଶ୍ୱାସ କରି ବ୍ୟବସାୟୀ ୫୦ହଜାର ଟଙ୍କା ହରାଇଛନ୍ତି । ଏନେଇ ବ୍ୟବସାୟୀ ଜଣକ ସାଇବର ଥାନାର ଦ୍ୱାରସ୍ଥ ହୋଇଛନ୍ତି ।

ଚହଟାନଗର ଅଞ୍ଚଳର ରାଧାମୋହନ ସାହୁ ବ୍ୟବସାୟ କରନ୍ତି । ଗତକାଲି ଦିନ ୧୨ଟା ସମୟରେ ତାଙ୍କ ଫୋନକୁ ଏକ ଅଜଣା ନମ୍ବରରୁ କଲ ଆସିଥିଲା । ଫୋନ କରି ହିନ୍ଦୀ ଭାଷାରେ କଥା ହେଉଥିବା ବ୍ୟକ୍ତି ନିଜକୁ ଫୋନ ପେ' ସଂସ୍ଥାର କର୍ମଚାରୀ ପରିଚୟ ଦେଇଥିଲା । ଫୋନ ପେ'ରେ ଅଧିକ ଦେଣନେଣ କରୁଛନ୍ତି ବୋଲି ସେ କହିବା ସହିତ ବିଗତ କିଛି ଟ୍ରାନଜାକସନ ଭିତରେ ଆପଣଙ୍କର ୫୦୦୦ ଟଙ୍କା ବ୍ଲକ୍ ବା ଫସି ରହିଥିବା ରାଧାମୋହନଙ୍କୁ ଫୋନ୍‌ରେ କହିଥିଲା । କମ୍ପାନୀର ଏକ ଲିଙ୍କ୍ ଖୋଲି ସେଥିରେ କିଛି ତଥ୍ୟ ପ୍ରଦାନ କଲେ ଫସି ରହିଥିବା ଟଙ୍କା ଫେରିପାଇବ ବୋଲି ଅଜଣା ବ୍ୟକ୍ତି ଜଣକ ତାଙ୍କୁ ସୂଚନା ଦେଇଥିଲା । ଏହାକୁ ବିଶ୍ୱାସ କରି ଶ୍ରୀ ସାହୁ ମଧ୍ୟ ତାଙ୍କ ଫୋନର ହ୍ୱାର୍ଟସଆପ୍‌ରେ ଆସିଥିବା ଲିଙ୍କ୍ ଖୋଲିଥିଲେ । ଫୋନ୍ ଲାଇନରେ ଥିବା ଅଜଣା ବ୍ୟକ୍ତିର କହିବାନୁସାରେ ସେ ଲିଙ୍କର ବିଭିନ୍ନ ପେଜରେ କ୍ଲିକ କରି ଚାଲିଥିଲେ । ଏହାରି ଭିତରେ ତାଙ୍କ ଫୋନ ପେ'କୁ ୨୯୯୯ ଟଙ୍କା ଟ୍ରାନ୍ସଫର ପାଇଁ ଲେଖା ଆସିଥିଲା । ଏନେଇ ପଚାରିବାରୁ ଉକ୍ତ ରାଶି ପ୍ରଦାନ ପରେ ପୂର୍ବ ଅର୍ଥକୁ ମିଶାଇ ମୋଟ ୮ ହଜାର ଟଙ୍କା ତାଙ୍କୁ ଫେରସ୍ତ ମିଳିବ ବୋଲି କୁହାଯାଇଥିଲା । ଏହାପରେ ଶ୍ରୀ ସାହୁ ଫୋନ ପେ'ରେ ଅଜଣା ବ୍ୟକ୍ତିଙ୍କୁ ୨୯୯୯ ଟଙ୍କା ଟ୍ରାନ୍ସଫର କରି ଦେଇଥିଲେ । ମାତ୍ର ଟଙ୍କା ପ୍ରଦାନ ପରେ ତାଙ୍କୁ କିଛିବି ଫେରସ୍ତ ମିଳି ନଥିଲା । ଏହା ପରେ ତାଙ୍କ ଆକାଉଣ୍ଟ୍‌ରେ ଗଚ୍ଛିତ ଥିବା ୫୦ହଜାର ଟଙ୍କା ହଠାତ୍ କଟି ଯାଇଥିଲା । ଏ ସଂକ୍ରାନ୍ତରେ ପଚାରିବାରୁ ଅଜଣା ବ୍ୟକ୍ତି ଜଣକ କୌଣସି ସଠିକ ଉତ୍ତର ଦେଇ ନଥିଲା । ପରେ ବୈଷୟିକ ତ୍ରୁଟି କଥା କହି ଫୋନ କାଟି ଦେଇଥିଲା । ପରେ ଉକ୍ତ ଫୋନ ନମ୍ବରଟି ସୁଇଚ୍ ଅଫ୍ ହୋଇ ଯାଇଥିଲା । ଏଭଳି ସ୍ଥିତିରେ ଶ୍ରୀ ସାହୁ ଏକ ସାଇବର ଠକ ହାବୁଡରେ ପଡିଥିବା ଜାଣି ପାରିଥିଲେ । ତେଣୁ ସଂଗେ ସଂଗେ ସେ ଘଟଣା ସଂକ୍ରାନ୍ତରେ କଟକ ସାଇବର ଥାନାକୁ ଆସି ଲିଖିତ ଏତଲା ଦେଇଥିଲେ । ଏହାସହ ପ୍ରମାଣ ଭାବେ ଅଭିଯୁକ୍ତ ସହିତ ହୋଇଥିବା ଟଙ୍କା ଦେଣନେଣର ସ୍କ୍ରିନସଟ୍ ଓ ଲିଙ୍କର ତଥ୍ୟ ପୁଲିସକୁ ପ୍ରଦାନ କରାଯାଇଛି । ପୁଲିସର ପ୍ରାଥମିକ ତଦନ୍ତରୁ ଉକ୍ତ ନମ୍ବରଟି ରାଜ୍ୟ ବାହାରୁ ଅପରେଟ ହେଉଥିବା ଜଣାପଡିଛି । ଏନେଇ ତଦନ୍ତ ଜାରି ରହିଥିବା ସାଇବର ଥାନା ପକ୍ଷରୁ କୁହାଯାଇଛି ।

ପ୍ରକାଶ ଥାଉ କି, ସାଇବର ଥାନା ପକ୍ଷରୁ ଏକ ଜରୁରୀ ସୂଚନା ଜାରି କରାଯାଉଛି । ଗୁଗୁଲ୍ ପେ', ଫୋନ୍ ପେ' କିମ୍ବା କୌଣସି ଅନଲାଇନ୍ ନେଣଦେଣ କରୁଥିଲେ, ଯଦି ଟଙ୍କା ପଠାଉଥିବା ସମୟରେ ଉକ୍ତ ଟଙ୍କା ପଠାଉଥିବା ଲୋକଙ୍କ ନିକଟକୁ ଯାଉ ନାହିଁ ଏବଂ ଉକ୍ତ ଟଙ୍କା ବ୍ଲକ୍ ବା ଫସି ରହୁଛି, ତେବେ ୧୨ଘଣ୍ଟା ଅପେକ୍ଷା କରନ୍ତୁ । କୌଣସି ବିଚଳିତ ହେବାର ଆବଶ୍ୟକତା ନାହିଁ । ୧୨ଘଣ୍ଟା ପରେ ଯଦି ବ୍ଲକ୍ ହୋଇଥିବା ଟଙ୍କା ଫେରସ୍ତ ନଆସେ, ତେବେ ଫୋନ୍ ପେ' କିମ୍ବା ଗୁଗୁଲ୍ ପେ'ର ବୈଧ କଷ୍ଟମର୍ କେୟାର୍ ଅଧିକାରୀଙ୍କ ସହିତ ଯୋଗଯୋଗ କରନ୍ତୁ । କୌଣସି ଅଜଣା ଲିଙ୍କ୍‌ରେ କ୍ଲିକ୍ ନକରିବାକୁ ସାଇବର ଥାନା ପକ୍ଷରୁ ସୂଚନା ଦିଆଯାଇଛି ।

# ନନ୍ଦନକାନନରେ ଆନାକୋଣ୍ଡା ଶାବକ ଜନ୍ମ



ବାରଙ୍ଗ ,(ସବ୍ୟୁ): ଦ୍ୱିତୀୟ ଥର ପାଇଁ ନନ୍ଦନକାନନରେ ହଳଦିଆ ଆନାକୋଣ୍ଡା ରବିବାର ଦିନ ଛୁଆଜନ୍ମ ଦେଇଛି । ଯାହାକୁ ନେଇ କର୍ମଚାରୀମାନଙ୍କଠାରୁ ଆରମ୍ଭ କରି ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ପର୍ଯ୍ୟନ୍ତ ସମସ୍ତେ ବେଶ ଖୁସି ରହିଛନ୍ତି । ଆନାକୋଣ୍ଡା ଏକାଥରକେ ୧୦ ଟି ଛୁଆ ଦିଅନ୍ତି ବୋଲି ସମସ୍ତେ ଆଶାବାନ୍ଦି ରହିଥିବା ବେଳେ ୭ଟିହଳଦିଆ ଆନାକୋଣ୍ଡାଙ୍କ ଜନ୍ମ ହୋଇଛି । କିଛି ଦିନ ପୂର୍ବରୁ ମା ଆନାକୋଣ୍ଡାକୁ ଉଦ୍ୟାନର ପଶୁଚିକିତ୍ସାଳୟକୁ ଅଣାଯାଇ ଏକ୍ସରେ କରାଯାଇଥିଲା ଏବଂ ଜଣାପଡିଥିଲା ମା ଆନାକୋଣ୍ଡା ପେଟରେ ଛୁଆ ରହିଛି । ଏନେଇ ମାଇ ଆନାକୋଣ୍ଡା କୁ ନଜରବନ୍ଦିରେ ରଖାଯାଇଥିଲା । ଏହି ଛୁଆ ଜନ୍ମ ପରେ ନନ୍ଦନକାନନରେ ଆନାକୁଣ୍ଡା ସଂଖ୍ୟା ବୃଦ୍ଧି ପାଇଁ ୧୪ ରେ ପହଁଚିଛି । ଆନାକୋଣ୍ଡା ଛୁଆଙ୍କର ସ୍ୱାସ୍ଥ୍ୟରେ ଅବନତି ନହେବାପାଇଁ ବିଶେଷଜ୍ଞଙ୍କ ପରାମର୍ଶ ନିଆଯାଇଛି । ନବଜାତ ଛୁଆକୁ ଅନ୍ୟମାନଙ୍କଠାରୁ ଅଲଗା କରାଯାଇ ତାପମାତ୍ରା ଏବଂ ଆର୍ଦ୍ରତା ମନିଟରିଂ କରାଯାଉଛି ।


ସୂଚନା ଯୋଗ୍ୟ ଯେ , ୨୨ ଅକ୍ଟୋବର ୨୦୧୯ରେ ଚେନ୍ନାଇର ମାଡ୍ରାସ କୁମ୍ଭୀର ବ୍ୟାଙ୍କ ଟ୍ରଷ୍ଟରୁ ହଳଦିଆ ଆନାକୋଣ୍ଡାଙ୍କୁ ଅଣାଯାଇଥିଲା ।ଜୁଲାଇ ୨୦୨୨ ମସିହାରେ ଏମାନଙ୍କର ଶେଷ ପ୍ରଜନନ ରହିଥିଲା । ୬ ଜୁଲାଇ୨୦୨୨ରେ ଗୋଟିଏ ଏବଂ ୮ ଜୁଲାଇ ୨୦୨୨ରେ ଆଉ ଆଠଟିଛୁଆ ଜନ୍ମ ହୋଇଥିଲା । ଏହି ନୂଆଛୁଆଙ୍କୁ ମିଶାଇ ଚିଡ଼ିଆଖାନାରେ ହଳଦିଆ ଆନାକୋଣ୍ଡା ସଂଖ୍ୟା ୧୪କୁ ବୃଦ୍ଧି ପାଇଛି । ସେଥିମଧ୍ୟରୁ ଦୁଇଟି ବୟସ୍କ ପୁରୁଷ, ଦୁଇଟି ବୟସ୍କ ମାଈ ଏବଂ ଦଶଟି ଛୋଟ ହଳଦିଆ ଆନାକୋଣ୍ଡା ଅଛନ୍ତି । ଶୀଘ୍ର ଆଉ ଗୋଟିଏ ମାଈ ଆନାକୋଣ୍ଡା ପ୍ରସବ କରିବାର ଆଶା କରାଯାଉଛି । ସରୀସୃପଙ୍କ ସୁରକ୍ଷା ଏବଂ ଯତ୍ନ ପାଇଁ ଚିଡ଼ିଆଖାନା ପକ୍ଷରୁ କରାଯାଉଥିବା ପ୍ରୟାସର ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ନନ୍ଦନକାନନ ଉପ - ନିର୍ଦ୍ଦେଶକ ସନତ କୁମାର ନାରାୟଣ ସୂଚନା ଦେଇଛନ୍ତି ।

# ଟ୍ରାକ୍ଟର ଓଲଟି ଚାଳକ ମୃତ

ବାରଙ୍ଗ ,(ସବ୍ୟୁ):ବାରଙ୍ଗ ଥାନା ଅନ୍ତର୍ଗତ ବେଲଗଛିଆ ଗ୍ରାମ ନିକଟରେ ଟ୍ରାକଫର ଓଲଟି ଚାଳକ ମୃତ୍ୟୁ ଘଟିଛି । ରବିବାର ଅପରାହ୍ନରେ ବେଲଗଛିଆ ଗ୍ରାମର ସୁମନ୍ତ ରାଉତ ନାମକ ଯୁବକ ଟ୍ରାକଫର ନେଇ ଘରକୁ ଫେରିବା ସମୟରେ ଗ୍ରାମ ନିକଟରେ କୁଆଖାଇ ନଦୀବନ୍ଧ ରାସ୍ତାରେ ଦ୍ରୁତଗତିରେ ଯାଉଥିଲା । ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଏକ ଗାଡ଼ିକୁ ଅତିକ୍ରମ କରୁଥିବା ବେଳେ ଟ୍ରାକଫରଟି ଭାରସାମ୍ୟ ହରାଇ ନଦୀବନ୍ଧ କଡକୁ ଓଲଟି ପଡ଼ିଥିଲା । ଯାହାଫଳରେ ସୁମନ୍ତକୁ ଘଟଣାସ୍ଥଳରୁ ଗୁରୁତର ଆହତ ଅବସ୍ଥାରେ ସ୍ଥାନୀୟ ଲୋକମାନେ ଉଦ୍ଧାର କରି ଚିକିତ୍ସାପାଇଁ କଟକ ବଡ଼ ଡ଼ାକ୍ତରଖାନାକୁ ନେଇଥିଲେ । ସେଠାରେ ଡ଼ାକ୍ତର ସୁମନ୍ତଙ୍କୁ ମୃତ ଘୋଷଣା କରିଥିଲେ । ଏସଂପର୍କରେ ବାରଙ୍ଗ ଥାନା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

# କଲଭର୍ଟରେ ପିଟିହେଲା ପର୍ଯ୍ୟଟକଙ୍କ ଗାଡ଼ି, ବାଳକଙ୍କ ସମେତ ଦୁଇ ଗୁରୁତର

ଗୋପ,(ସବ୍ୟୁ):ଶନିବାର ବିଳମ୍ବିତ ରାତ୍ରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ତିନି ଠାକୁରଙ୍କୁ ରଥ ଉପରେ ଦର୍ଶନ ସାରି ପର୍ଯ୍ୟଟକ ମାନେ ଫେରୁଥିବା ବେଳେ ରବିବାର ଭୋର୍ ସମୟରେ ବଲାଙ୍ଗୀର ଜିଲ୍ଲା ସୋନପୁର ତରଭା ଅଞ୍ଚଳର ଏକ କାର୍ ରାସ୍ତାରେ ଥିବା କଲଭର୍ଟ ରେ ପିଟି ହୋଇଥିଲା । ଗାଡ଼ି ରେ ଥିବା ଜଣେ ବାଳକଙ୍କ ସହିତ ଦୁଇ ଜଣ ଗୁରୁତର ହୋଇଥିବା ବେଳେ ଗାଡ଼ି ଚାଳକ ଆଲୋକ କୁମାର ସାହୁ ଆହତ ହୋଇଥିବା ଜଣା ପଡ଼ିଛି । ବାଳକ ଆଦି କୁମାର ସାହୁ (୮) ,ସରିତା ସାହୁ (୫୨), କୁମୁଦିନୀ ସାହୁ (୪୪) ଗୁରୁତର ହୋଇ ଭୁବନେଶ୍ୱରର ସରକାରୀ ଡାକ୍ତରଖାନା କୁ ଯାଇଥିବା ଜଣାପଡିଛି । ପ୍ରକାଶ ଯେ ଏହି ପର୍ଯ୍ୟଟକମାନେ ଏକ କାର୍ ଯୋଗେ ତରଭା ଅଞ୍ଚଳରୁ ପୁରୀ ରଥଯାତ୍ରା ଦେଖିବା ପାଇଁ ଆସିଥିଲେ । ଶନିବାର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥ ସହିତ ଆଉ ଦୁଇ ରଥ ଟାଣିବା ସହିତ ଅନ୍ୟାନ୍ୟ ସ୍ଥାନ ଗୁଡ଼ିକ ବୁଲିଥିଲେ । ତିନି ଠାକୁର ରଥ ଉପରେ ଥିବାରୁ ଗୋଟିଏ ପରିବାରର ସଦସ୍ୟ ମାନେ ବିଳମ୍ବିତ ରାତ୍ରରେ ଦର୍ଶନ ସାରି ଫେରୁଥିବା ବେଳେ ଗୋପ ବ୍ଲକ ଅନ୍ତର୍ଗତ ବେଦପୁର ଗ୍ରାମର ସମ୍ପର୍କୀୟ ଅଜୟ କୁମାର ସାହୁଙ୍କ ଘରକୁ ଯାଉଥିଲେ । ବେଦପୁର ଗ୍ରାମ ମାତ୍ର ଦୁଇ କିଲୋମିଟର ଥିବା ବେଳେ ନାଗପୁର - ନୟାହାଟ ରାସ୍ତା ର ଗୋଲପୁର ନିକଟସ୍ଥ ଏକ କଲଭର୍ଟ ରେ ଚାଳକ ଙ୍କ ଆଖି ପଡି ଯିବାରୁ ପର୍ଯ୍ୟଟକ ଙ୍କ ଗାଡ଼ି ପିଟି ହୋଇଥିଲା । ସଙ୍ଗେ ସଙ୍ଗେ ସ୍ଥାନିୟ ଅଞ୍ଚଳର ଲୋକମାନେ ଗୋପ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଡାକ୍ତର ପ୍ରାଥମିକ ଚିକିତ୍ସା କରିବା ପରେ ଭୁବନେଶ୍ୱର ସରକାରୀ ଡାକ୍ତରଖାନା ପଠାଇଥିଲେ । ଖବର ଲେଖା ପର୍ଯ୍ୟନ୍ତ ଗୋପ ଥାନା ରେ ମୋକଦ୍ଦମା ରୁଜୁ ହୋଇ ନ ଥିବା ଜଣାପଡିଛି ।



# ଜଗନ୍ନାଥଙ୍କ କଥାମୃତ ଶ୍ରୋତାଙ୍କୁ କଲା ବିମୁଗ୍ଧ



କଟକ, (ସବ୍ୟୁ): ଜଗନ୍ନାଥଙ୍କ ଲୀଳାଖେଳାକୁ ନେଇ ମହାନଦୀବିହାରସ୍ଥିତ ମଙ୍ଗଳାମନ୍ଦିର ଛକରେ ଶ୍ରୀଗୁଣ୍ଡିଚା ମହୋତ୍ସବ - ୨୦୨୫ର ଆୟୋଜନ କରାଯାଇଛି । ମହୋତ୍ସବ ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ଡ଼ଃ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ଅଧ୍ୟକ୍ଷତା ଏବଂ ଆବାହକ ସଞ୍ଜୟ ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ତୃତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ସିଏମସିର ସିଟି ଇଂଜିନିୟର ଅତନୁ ସାମନ୍ତ, ସମ୍ମାନିତ ଅତିଥି ୪୭ନଂ ୱାର୍ଡ କର୍ପୋରେଟର ଇଂ ସୁବ୍ରତ ଘଡାଇ ଏବଂ ଇଂ ପ୍ରମୋଦ କୁମାର ନାୟକ ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବଟିକୁ ଉଦଘାଟନ କରିଥିଲେ ।

ଏହି ଅବସରରେ ଉଲ୍ଲେଖନୀୟ କୃତିତ୍ୱ ହାସଲ କରିଥିବା ଶ୍ରେୟସ୍ ଷଡ଼ଙ୍ଗୀ, ଦେବସ୍ୟ ମହାନ୍ତି, ଶୋଭିତ ସୌମ୍ୟକାନ୍ତ ବେହେରା, ପ୍ରିତମ ପଣ୍ଡା, ସୁମିତ ବିଶ୍ୱାଳ, ବିଜୟ ନାୟକ, ମହେଶ୍ୱର ବେହେରା, ଅତିଶା ମହାପାତ୍ର ଏବଂ ନୃତ୍ୟଶିଳ୍ପୀ ଆଦି ପ୍ରତିଭାଧାରୀଙ୍କୁ ମହୋତ୍ସବ କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ତୃତୀୟ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ତଥା କଥାବାଚକ ଶରଣାବିନ୍ଦ ଯୋଗଦେଇ ଉପସ୍ଥିତ ଭକ୍ତବୃନ୍ଦଙ୍କୁ ଜଗନ୍ନାଥଙ୍କ ଲୀଳାର ଅପୂର୍ବ ଗାଥାକୁ ବଖାଣିଥିଲେ ।

ଏହି ସନ୍ଧ୍ୟାରେ ଅନ୍ୟମାନଙ୍କ ମଧ୍ୟରେ ଅଞ୍ଚଳର ମୁରବୀ ରବୀନ୍ଦ୍ର ପ୍ରସାଦ ମହାନ୍ତି, ଇଂ ଗୋପାଳ କୃଷ୍ଣ ବେହେରା, ହିମାଂଶୁ ଷଡ଼ଙ୍ଗୀ, ଚତୁର୍ଭୁଜ ମହାପାତ୍ର, ପ୍ରହ୍ଲାଦ ଚନ୍ଦ୍ର ମହାନ୍ତି, ପ୍ରଭାକର ରଣା, ଯଦୁନାଥ ମହାପାତ୍ର, ଶିବ ପ୍ରସାଦ ନାୟକ, ଜ୍ଞାନରଞ୍ଜନ ଦାସ, ରାଧାକାନ୍ତ ଶତପଥୀ, ଶରତ ଚନ୍ଦ୍ର କୁଣ୍ଡୁ, ତାପସ ସାମନ୍ତ, ପ୍ରଦୀପ୍ତ ମହାନ୍ତି, ବିଷ୍ଣୁ ପ୍ରସାଦ କର, ପ୍ରମୋଦ ଦାସ, ନିରୁପମା ପତି, ଲେନିନପ୍ରଭା, ଉଲ୍ଲାସ ବେଉରାଙ୍କ ସମେତ ବହୁ ସଂଖ୍ୟାରେ ଭକ୍ତବୃନ୍ଦ ଏକତ୍ରିତ ହୋଇ ଜଗନ୍ନାଥଙ୍କ ଭାବରସ କଥାମୃତକୁ ଶ୍ରବଣ କରିଥିଲେ ।

## ରତାମାଟି ଛକ: ଅଣ୍ଡରପାସ ନ ହେବାରୁ ଦୈନନ୍ଦିନ ଦୁର୍ଘଟଣା

ନିରାକାରପୁର ,(ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ଅନ୍ତର୍ଗତ ରତାମାଟି ଛକରେ ଆଜି ଅପରାହ୍ନରେ ଏକ ସଡକ ଦୁର୍ଘଟଣାରେ ଜଣେ ଗୁରୁତର ଆହତ ହୋଇଥିବାବେଳେ ଅଣ୍ଡରପାସ ନ ହେବାରୁ ଦୈନନ୍ଦିନ ଏହି ପରି ଛୋଟ ବଡ ଦୁର୍ଘଟଣା ଘଟୁଥିବା ନଜରକୁ ଆସୁଛି । ସୂଚନାଯୋଗ୍ୟ କି ୧୬ ନଂ ଜାତୀୟ ରାଜପଥ ୬ ଥାକିଆ ହେବା ପରେ ବିଭିନ୍ନ ଛକ ଜାଗା ଗୁଡିକରେ ଅଣ୍ଡରପାସ ନିର୍ମାଣ କରାଯାଇ ଯାତାୟତକୁ ସୁଗମ କରାଯାଇଛି । କିନ୍ତୁ ରତାମାଟି ଛକରେ ଏକ ଅଣ୍ଡରପାସ ଆବଶ୍ୟକ ଥିବାବେଳେ କିନ୍ତୁ ସେଠାରେ କେବଳ ଫୁଟ ଓଭର ବ୍ରିଜ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଛି ଯାହାକି ଜନସାଧାରଣଙ୍କ ପାଇଁ ସେଠାରେ ଅନାବଶ୍ୟକ । ଉକ୍ତ ଛକ ନିକଟରେ ଥିବା ଗାଁ ଗୁଡ଼ିକର ଲୋକମାନେ ରାସ୍ତା ଡିଭାଇଡର ଅତିକ୍ରମ ଯାଉଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି ।

# ବ୍ରିଟାନିଆ ଡିଷ୍ଟ୍ରିବ୍ୟୁଟର ଗାଡିରୁ ୧.୨୫ଲକ୍ଷ ଟଙ୍କା ଲୁଟ୍, ୨ ଗିରଫ



ଭୁବନେଶ୍ୱର, (ସବ୍ୟୁ) : ରାଜଧାନୀ ଉପକଣ୍ଠ କପିଳପ୍ରସାଦ ଗଣପତି ମନ୍ଦିର ନିକଟରେ ବ୍ରିଟାନିଆ ଡିଷ୍ଟ୍ରିବ୍ୟୁଟର ଗାଡିରେ ମାଲ୍ ନେଇ ଦୋକାନୀକୁ ଦେଉଥିବା ବେଳେ ଗାଡି ବାକ୍ସରେ ଥିବା ୧ଲକ୍ଷ ୨୫ ହଜାର ଟଙ୍କା ଦୁଇ ଦୁର୍ବୃତ୍ତ ଲୁଟି ନେଇଥିଲେ ।

ଲୁଟ୍ ସମ୍ପର୍କରେ ରମେଶ କୁମାର ସୁବୁଦ୍ଧି ଲିଖିତ ଅଭିଯୋଗ କରିବା ପରେ ଏୟାରଫିଲ୍ଡ ଥାନା ପୋଲିସ ବିକ୍ରମ ବେହେରା ଓରଫ କାହ୍ନା (୩୩) ଓ ମୁନା ଜେନା ଓରଫ କାଠିଆ (୨୯)କୁ ଗିରଫ କରିବା ସହ ତାଙ୍କ ନିକଟରୁ ୯୧ ହଜାର ଟଙ୍କା ଜବତ କରିଛି । ମୁନା ନିକଟରୁ ୭୮ ହଜାର ୫୦୦ଟଙ୍କା ଜବତ ହୋଇଥିବା ବେଳେ ବିକ୍ରମ ନିକଟରୁ ୮ ହଜାର ଟଙ୍କା ଜବତ ହୋଇଥିବା ପୋଲିସ କହିଛି । ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ପରେ ଅଭିଯୁକ୍ତ ମୁନା ଓ ବିକ୍ରମ ସମ୍ପର୍କରେ ଜଣାପଡିଥିଲା । ଦୁଇଜଣ ଗୋଟିଏ ବାଇକ୍‌ରେ ଆସିଥିଲେ । ଜଣେ ଗାଡି ନିକଟରେ ଜଗି ରହିଥିବା ବେଳେ ଅନ୍ୟ ଜଣେ ଗାଡିରେ ଖୋଲାଥିବା ସାମ୍ନା କାଚବାଟେ ହାତ ପୂରାଇ ବାକ୍ସରୁ ଟଙ୍କା ନେଇଯାଇଥିଲା । ସିସିଟିଭି ଫୁଟେଜ୍‌ରୁ ସ୍ଥାନୀୟ ବେପାରୀ ମୁନାକୁ ଚିହ୍ନଟ କରିବା ପରେ ଦୁଇଜଣଙ୍କ ସମ୍ପର୍କରେ ପୋଲିସ ପ୍ରମାଣ ପାଇଥିଲା । ଦୁଇଜଣଙ୍କୁ ରବିବାର କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ଦୁହିଁଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି । ବିକ୍ରମ ଘର ସୁନ୍ଦରପଦା ଶଙ୍କର ବଜାରରେ ହୋଇଥିବା ବେଳେ ମୁନା ଘର ସୁନ୍ଦରପଦା ବଉଳକୋଳି ସାହିରେ ବୋଲି ପୋଲିସ କହିଛି ।

# ଜାତୀୟ ପରିସଂଖ୍ୟାନ ଦିବସ ପାଳିତ

କଟକ, (ସବ୍ୟୁ):ପ୍ରଫେସର ପ୍ରଶାନ୍ତ ଚନ୍ଦ୍ର ମାହାଲୋ ନୋହିସଙ୍କ ଜନ୍ମଦିବସ ଅବସରରେ ଆଜି ୧୯ ତମ ଜାତୀୟ ପରିସଂଖ୍ୟାନ ଦିବସ-୨୦୨୫ ପାଳନ କରାଯିବା ସହ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟସ୍ଥିତ ପରିସଂଖ୍ୟାନ ଉପବିଭାଗ ଅଧିନସ୍ତ କେନ୍ଦ୍ରୀୟ ପରିସର ସଭାଗୃହଠାରେ ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ସରୋଜ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟର ଉପନିର୍ଦ୍ଦେଶକ ଶ୍ରୀ ବିଶ୍ୱରଂଜନ ଦାଶ ସମସ୍ତ କାର୍ଯ୍ୟ ସଂଚାଳନ କରିବା ସହ ୭୫ ବର୍ଷ ଜାତୀୟ ନମୁନା ସର୍ଭେକ୍ଷଣ ସଂମ୍ପର୍କରେ ଆଲୋକପାତ କରିଥଲେ। ଏହି ପରିପ୍ରେକ୍ଷୀରେ ଜିଲ୍ଲାସ୍ତରୀୟ ଏକ କର୍ମଶାଳା ଅନୁଷ୍ଠିତ ହେଇଥିଲା। ଉକ୍ତ କର୍ମଶାଳା ଓ ସଭା ବୈଠକରେ,ଡଃ. ଅର୍ଚ୍ଚନା ପାଣିଗ୍ରାହୀ, ସହକାରୀ ପ୍ରଫେସର ରେଭେନ୍ସା ବିଶ୍ୱ ବିଦ୍ୟାଳୟ ସଂସାଧନ ବ୍ୟକ୍ତି ହିସାବରେ ଯୋଗ ଦେଇଥିଲେ ଏବଂ ବିଭିନ୍ନ ବିଭାଗରେ ବ୍ୟବହୃତ ହେଉଥିବା ପରିସଂଖ୍ୟାନ ବିଷୟରେ ଆଲୋକପାତ କରିଥିଲେ। ସେହିପରି ଶ୍ରୀ ବିମ୍ବାଧର ସେଠୀ, ଯୁଗ୍ମ ନିର୍ଦ୍ଦେଶକ, ପଞ୍ଚାୟତରାଜ ଓ ପାନୀୟଜଳ ବିଭାଗ, ଓଡିଶା ସରକାର ଯୋଗ ଦେଇ ପରିସଂଖ୍ୟାନ ବିଭାଗରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ । ଡକ୍ଟର ବିଜ୍ଞାନା ନନ୍ଦ ମହାନ୍ତି, ଅବସରପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ, ପରିସଂଖ୍ୟାନ ନିର୍ଦ୍ଦେଶାଳୟ, ଭୁବନେଶ୍ୱର ଯୋଗଦାନ କରି ଜାତୀୟ ନମୁନା ସର୍ବେକ୍ଷଣ ଉପରେ ତାଙ୍କର ମତାମତ ଉପସ୍ଥାପନ କରିଥିଲେ । କୃଷି ବିଭାଗର ଶ୍ରୀ ଚନ୍ଦ୍ର ମୋହନ ଚାନ୍ଦ, ଜିଲ୍ଲା କୃଷି ଅଧିକାରୀ ଉପସ୍ଥିତ ରହି କୃଷି ବିଭାରେ ପରିସଂଖ୍ୟାନର ଉପଯୋଗ କରାଯାଏ ସେହି ବିଷୟରେ ଆଲୋକପାତ କରିଥିଲେ। କୃଷି ବିଭାଗରେ ପରିସଂଖ୍ୟାନ କିପରି ଭାବରେ ବ୍ୟବହୃତ ହୁଏ ସେହି ବିଷୟରେ ମଧ୍ୟ ଆଲୋଚନା କଲେ । ପରିସଂଖ୍ୟାନ ଓ କୃଷି ବିଭାଗ କିପରି ଭାବରେ ପରସ୍ପର ସହ ଓତଃପ୍ରୋତ ଭାବେ ଜଡିତ ତାହା ଉପରେ ତାଙ୍କର ମତାମତ ଉପସ୍ଥାପନ କରିଥିଲେ । ଉପନିର୍ଦ୍ଦେଶକ ଯୋଜନା ଓ ପରିସଂଖ୍ୟାନ ଡି.ପି.ଏମ.ୟୁ କଟକ ଯୋଜନା ଏବଂ ପରିସଂଖ୍ୟାନ କିପରି ଭାବରେ ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ସଦୃଶ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ବୈଠକରେ ଯୋଜନା ଓ ପରିସଂଖ୍ୟାନ କାର୍ଯ୍ୟାଳୟ କଟକର ସମସ୍ତ ଅଧିକାରୀ,କ୍ଷେତ୍ରୀୟ କର୍ମଚାରୀ ଗଣ ଉପସ୍ଥିତ ଥିଲେ । ବୈଠକ ଶେଷରେ ରାମଚନ୍ଦ୍ର ମଲ୍ଲିକ, ସହ ନିର୍ଦ୍ଦେଶକ ଡି.ପି. ଏମ.ୟୁ କଟକ ଉପସ୍ଥିତ ସମସ୍ତ ଅତିଥି ଏବଂ ଅଧିକାରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିହାରୀ ବେପାରୀ ଗିରଫ, ୫ ବନ୍ଧୁକ ଜବତ

ଭୁବନେଶ୍ୱର, (ସବ୍ୟୁ) : କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ରାଜଧାନୀ ଉପକଣ୍ଠରୁ ଜଣେ ବିହାରୀ ବନ୍ଧୁକ ବେପାରୀକୁ ଗିରଫ କରିବା ସହ ତା'ନିକଟରୁ ୫ଟି ବନ୍ଧୁକ ଜବତ କରିଛି ।

ବିହାର ସମସ୍ତିପୁର ଜିଲ୍ଲାର ଦିଲ୍ଲୀପ ଶାହା (୩୭) ରାଜଧାନୀ ଉପକଣ୍ଠ ବାଲିଅନ୍ତା ଥାନା ଅଞ୍ଚଳର ସରଦେଇପୁର ପୂର୍ଣ୍ଣ ବଙ୍ଗଳାରେ ରହୁଥିବା ଏସ୍‌ଟିଏଫ୍ ସୂଚନା ପାଇଥିଲା । ସେଠାରେ ସେ ରହି ବିଭିନ୍ନ ପ୍ରକାର ବନ୍ଧୁକ କାରବାର କରୁଥିବା ଗୁଇନ୍ଦାର ସୂଚନା ମଧ୍ୟ ଥିଲା । ଯୋଜନାବଦ୍ଧ ଭାବେ ସେଠାରେ ଚଢାଉ କରି ଦିଲ୍ଲୀପକୁ ଗିରଫ କରିବା ସହ ତା'ନିକଟରେ ଥିବା ବନ୍ଧୁକ ଗୁଡିକୁ ଏସ୍‌ଟିଏଫ୍ ଜବତ କରିଛି । ଜବତ ବନ୍ଧୁକ ମଧ୍ୟରେ ୭ଏମ୍‌ଏମ୍ ତିନୋଟି ଦେଶୀ ବନ୍ଧୁକ, ମାଜାଜିନ ସହ ୯ଏମ୍‌ଏମ୍ ପିସ୍ତଲ ଗୋଟିଏ, ଗୋଟିଏ ସିଙ୍ଗିଲ୍ ସଟ୍ ଦେଶୀ ପିସ୍ତଲ ଓ ୭ଟି ଗୁଳି, ମୋବାଇଲ ଓ ୬୫୦ଟଙ୍କା ଏସ୍‌ଟିଏଫ୍ ଜବତ କରିଛି ।

ସେ ବିହାରରୁ ବନ୍ଧୁକ ଆଣି ରାଜଧାନୀ ଉପକଣ୍ଠ ପୂର୍ଣ୍ଣ ବଙ୍ଗଳାରେ ରହି ବିଭିନ୍ନ ଗ୍ରାହକଙ୍କୁ ଯୋଗାଯୋଗ କରିବା ସହ ସେମାନଙ୍କୁ ଅଧିକ ଦାମ୍‌ରେ ବନ୍ଧୁକ ବିକ୍ରି କରୁଥିଲା । ବିହାରରୁ ବନ୍ଧୁକ ଭୁବନେଶ୍ୱର, କଟକ ଓ ବ୍ରହ୍ମପୁରକୁ ଚାଲାଣ ହେଉଥିବା ପୂର୍ବରୁ ଏସ୍‌ଟିଏଫ୍ ପାଖରେ ସୂଚନା ଥିଲା । କଟକ ବୟାଳିଶ ମୌଜା ବନ୍ଧୁକ କାରଖାନା ସହ ବିହାରୀ ମାଫିଆଙ୍କ ସମ୍ପୃକ୍ତି ମଧ୍ୟ ଥିବା ଏସ୍‌ଟିଏଫ୍ ଜାଣିବା ପରେ ବିହାରର ମୁଙ୍ଗେରରୁ ଜଣକୁ ଗିରଫ କରିଥିଲା । ଦିଲ୍ଲୀପ ଶାହାକୁ ରବିବାର କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

# ଦଳିତଙ୍କୁ ନିର୍ଯାତନା ପ୍ରତିବାଦରେ ଚଣ୍ଡିଖୋଲରେ ପ୍ରତିବାଦ ସଭା

ଚଣ୍ଡିଖୋଲ, (ସବ୍ୟୁ) ଗଞ୍ଜାମ ଜିଲ୍ଲା ଧରାକୋଟ ଥାନା ଖରିଗୁମା ଗ୍ରାମରେ ବଜରଙ୍ଗ ଦଳର ଗୁଣ୍ଡା ବାହିନୀ ଦ୍ୱାରା ଦୁଇ ଦଳିତଙ୍କ ଉପରେ ହୋଇଥିବା ଅକଥନୀୟ ନିର୍ଯାତନା ପ୍ରତିବାଦରେ ରବିବାର ଦିନ ଯାଜପୁର ଜିଲ୍ଲା ମୂଳନୀବାସୀ ଛାତ୍ର ଓ ଯୁବ ସାମୁଖ୍ୟ ପକ୍ଷରୁ ଚଣ୍ଡିଖୋଲ ବୁଦ୍ଧମୂର୍ତ୍ତି ନିକଟରେ ପ୍ରତିବାଦ ସଭା ଓ ମଶାଲ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଜିଲ୍ଲା ସଂଯୋଜକ ଲିଲୁ ଦାସଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ପ୍ରତିବାଦ ସଭାରେ




ରାଜ୍ୟ ସଭାପତି ଅଭିରାମ ମଳିକ,ବିଭ୍ରାନ୍ତ ବିଶ୍ୱଜିତ ଜେନା ,ଯାଜପୁର ଜିଲ୍ଲା ସଭାପତି ପ୍ରମୁଖ ଅତିଥି ଭାବେ ଯୋଗଦେଇ ଦଳିତ ମାନଙ୍କ ଉପରେ ଅତ୍ୟାଚାରକୁ ନିନ୍ଦା କରିବା ସହ ସମ୍ପୃକ୍ତ ଅପରାଧୀଙ୍କୁ ଗିରଫ, ଦୁଇ ପୀଡ଼ିତାଙ୍କୁ ୫୦ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ, ଗୋସୁରକ୍ଷା ନାମରେ ଅତ୍ୟାଚାର ରୋକିବା,ଗୋରକ୍ଷା ସଂଗଠନକୁ ବ୍ୟାନ କରିବା ଆଦି ୫ଦଫା ଦାବୀ ଉପସ୍ଥାପନ କରିଥିଲେ। ସରକାର ଏହି ଦାବି ଗୁଡ଼ିକୁ ପୁରଣ ନ କଲେ ଆଗକୁ ଆନ୍ଦୋଳନ ଜୋରଦାର ହେବ ବୋଲି ଚେତାବନୀ ଦିଆଯାଇଥିଲା! ସଭାରେ ଅନ୍ୟମାନଙ୍କ ମଧ୍ୟରେ ବିଜୟ ଭୋଇ, ସୁଜିତ ମଳିକ, ବିଜୟ ମଳିକ,ବେଣୁଧର ମଳିକ, ପବନେଶ୍ୱର ଜେନା, ପ୍ରହ୍ଲାଦ ମଳିକ,ଭଗତ ଦାସ, ଶତ୍ରୁଘ୍ନ ମଳିକ ପ୍ରମୁଖ ବକ୍ତବ୍ୟ ଦେଇ ଏପରି କାର୍ଯ୍ୟକୁ ନିନ୍ଦା କରିବା ସହ ସଂପୃକ୍ତ ଆସାମୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବୀ କରିଥିଲେ ।

## ପୁରୀ ଅଭାବନୀୟ ଘଟଣା କାରଣରୁ

# 'ରାଜ୍ୟ ସଭାପତି ଓ ରାଷ୍ଟ୍ରୀୟ ପରିଷଦ ସଦସ୍ୟମାନଙ୍କ' ନିର୍ବାଚନ ପ୍ରକ୍ରିୟା ସ୍ଥଗିତ : ପ୍ରତାପ

ଭୁବନେଶ୍ୱର, (ସବ୍ୟୁ): ଶନିବାର ପୁରୀଠାରେ ଦୁର୍ଭାଗ୍ୟଜନକ ଘଟଣା ଘଟିଯାଇଛି, ଯେଉଁଥିରେ ୩ ଜଣ ଶ୍ରଦ୍ଧାଳୁ ପ୍ରାଣ ହରାଇବା ସହିତ ଅନେକ ଭକ୍ତ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ମୃତାହତଙ୍କ ଶେଷକୃତ୍ୟ ହୋଇନାହିଁ। ଏଭଳି ଅଭାବନୀୟ ଘଟଣା ଆମ ସମସ୍ତଙ୍କୁ ମର୍ମାହତ କରିବା ସହିତ ବିଚଳିତ କରିଛି। ମୃତାହତ ଶ୍ରଦ୍ଧାଳୁଙ୍କ ପରିବାର ପ୍ରତି ଗଭୀର ସମବେଦନା ଜ୍ଞାପନ କରୁଛୁ ବୋଲି ରାଜ୍ୟ ନିର୍ବାଚନ ଅଧିକାରୀ ତଥା ସାଂସଦ ଶ୍ରୀ ପ୍ରତାପ ଷଡଙ୍ଗୀ କହିଛନ୍ତି। ଏହି କାରଣରୁ ଆସନ୍ତା ଜୁଲାଇ ୧ ତାରିଖ ଦିନ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟ ସଭାପତି ଓ ରାଷ୍ଟ୍ରୀୟ ପରିଷଦ ସଦସ୍ୟମାନଙ୍କ ନିର୍ବାଚନ ସ୍ଥଗିତ ରଖାଯାଉଛି। ଆଜିଠାରୁ ସମସ୍ତ ପ୍ରକାରର ନିର୍ବାଚନ ପ୍ରକ୍ରିୟା ସ୍ଥଗିତ ରଖାଗଲା ଏବଂ ପରବର୍ତ୍ତୀ ସମୟରେ ନିର୍ବାଚନ ପ୍ରସଙ୍ଗରେ ସୂଚନା ଦିଆଯିବ ବୋଲି ଶ୍ରୀ ଷଡଙ୍ଗୀ କହିଛନ୍ତି। ଏହି ଅବସରରେ ରାଜ୍ୟ ସାଧାରଣ ସଂପାଦକ ଡ.ଯତୀନ ମହାନ୍ତି ଉପସ୍ଥିତ ଥିଲେ।

# ଲୋକଙ୍କୁ ସୁରକ୍ଷା ଦେବାରେ ରାଜ୍ୟ ସରକାର ବିଫଳ : କଂଗ୍ରେସ

ଭୁବନେଶ୍ୱର,(ସବ୍ୟୁ): ଚଳିତ ବର୍ଷ ଶ୍ରୀ ଗୁଣ୍ଡିଚା ରଥଯାତ୍ରାର ଚରମ ବିଶୃଙ୍ଖଳ ଓ ଶ୍ରଦ୍ଧାଳୁମାନଙ୍କ ମୃତ୍ୟୁ ସମ୍ବାଦ ଭୀଷଣ ଆଘାତ ଦେଇଛି । ଯେଉଁ ଶ୍ରଦ୍ଧାଳୁମାନେ ମୃତ୍ୟୁବରଣ କଲେ, ସେମାନଙ୍କ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇବାକୁ ମୋର ଭାଷା ନାହିଁ । ଭକ୍ତମାନେ କାହିଁ କେତେ ଦୂରରୁ କଷ୍ଟ ସ୍ୱୀକାର କରି ରଥରେ ତିନିଠାକୁରଙ୍କୁ ଦର୍ଶନ କରିବାକୁ ଆସିଥିଲେ । ସେମାନଙ୍କୁ ଶୃଙ୍ଖଳିତ ଭାବେ ଦର୍ଶନ କରାଇବାକୁ ସରକାର ଅକ୍ଷମ ହେବା ଜାଣି ମୁଁ ଆଶ୍ଚର୍ଯ୍ୟ ହେଉଛି । ସରକାର ଅନଭିଜ୍ଞ । କିନ୍ତୁ ବ୍ୟବସ୍ଥା ତ ଅନଭିଜ୍ଞ ନୁହେଁ । ସେହି ବ୍ୟବସ୍ଥାରେ ସମନ୍ୱୟ ରକ୍ଷା କରି ପ୍ରତିବର୍ଷ ଶୃଙ୍ଖଳାର ସହ ମହାପ୍ରଭୁଙ୍କ ରଥଯାତ୍ରା ସମ୍ପନ୍ନ ହୁଏ । ଚଳିତ ଥରର ଏପରି ଅବ୍ୟବସ୍ଥା ଓ ଅଘଟଣ ଦର୍ଶାଉଛି ସରକାରଙ୍କର ବିଭିନ୍ନ ବିଭାଗ ଭିତରେ ସମନ୍ୱୟ ନାହିଁ । ଫଳ ସ୍ୱରୂପ ତିନୋଟି ଅମୂଲ୍ୟ ଜୀବନ ଗଲା ଓ ଅନେକ ଲୋକ ଭୀଷଣ ଭାବେ ଆହତ ହୋଇ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି । ସରକାରଙ୍କ କୁପରିଚାଳନା ଯୋଗୁଁ ବାରବାଟୀରେ କ୍ରିକେଟ ଖେଳବେଳେ ଆମ ରାଜ୍ୟର ଦୁର୍ନାମ ହୋଇଥିଲା । ଏବେ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାରେ ଭକ୍ତ ମୃତାହତ ଯୋଗୁଁ ଆମେ ସାରା ବିଶ୍ୱରେ ନିନ୍ଦିତ ହେଲୁ ବୋଲି ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି ।ଏଥିପାଇଁ ସରକାର ଉତରଦାୟୀ ହୋଇ ଓଡ଼ିଶାର ଜନସାଧାରଣଙ୍କୁ କ୍ଷମା ମାଗିବା ପରିବର୍ତ୍ତେ ରାଜନୈତିକ ବୟାନ ଦେବା ଅତ୍ୟନ୍ତ ଦୁଃଖ ଦାୟକ କଥା । ପ୍ରଥମେ ସରକାରର ମୁଖ୍ୟ ଜଗନ୍ନାଥଙ୍କ ପାଖରେ ନିଜର କୁପରିଚାଳନା ଓ ଅହଂକାର ଯୋଗୁଁ କ୍ଷମା ମାଗିବାରୁ ତାଙ୍କୁ ଧନ୍ୟବାଦ କିନ୍ତୁ ଆଗାମୀ ଦିନରେ ବାହୁଡ଼ାଯାତ୍ରା ଠାରୁ ଆରମ୍ଭ କରି ସୁନାବେଶ ପର୍ଯ୍ୟନ୍ତ ପ୍ରତ୍ୟେକ କାର୍ଯ୍ୟରେ କିପରି ଶୃଙ୍ଖଳା ରକ୍ଷା କରାଯାଇ ପାରିବ, ସେ ସମ୍ପର୍କରେ ଅଭିଜ୍ଞ ଲୋକଙ୍କ ସହ ଆଲୋଚନା ନ'କଲେ ଓଡ଼ିଶାବାସୀ ଆହୁରି ଦୁଃଖ ପାଇବେ । ଏହି ଘଟଣାରେ ତୁରନ୍ତ ବିଚାର ବିଭାଗୀୟ ତଦନ୍ତ କରନ୍ତୁ । ନ ହେଲେ ମହାମାରୀ ହଇଜାରେ କଳଙ୍କ ମୁଣ୍ଡାଇଥିବା ଏ ସରକାର ଆହୁରି ଅନେକ ବିପଦରେ ଓଡ଼ିଶା ଲୋକଙ୍କୁ ହନ୍ତସନ୍ତ କରିବ ।

## ପୁରୀ ରଥଯାତ୍ରା ଅଘଟଣ ଘଟଣା

# ମୃତକଙ୍କ ପରିବାରକୁ ୫୦ଲକ୍ଷ, ଗୁରୁତରଙ୍କୁ ୨୫ ଲକ୍ଷ ଟଙ୍କା ଦାବି ଦୋହରାଇଲା କଂଗ୍ରେସ



ଭୁବନେଶ୍ୱର,(ସବ୍ୟୁ): ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଦ୍ୱାରା ଗଠିତ ପିସିସି ଟିମ୍ ରବିବାର ପୁରୀ ଗସ୍ତ କରିଥିଲେ । ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିରେ ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ, ପିସିସି ଉପସଭାପତି ସନ୍ତୋଷ ସିଂ ସାଲୁଜା,ପୂର୍ବତନ ମନ୍ତ୍ରୀ ନଗେନ୍ଦ୍ର ପ୍ରଧାନ ପ୍ରଥମେ ଘଟଣାସ୍ଥଳରେ ପହଞ୍ଚି ଜୀଉ ମାନଙ୍କ ଦର୍ଶନ କରିବା ସହିତ ଅଭାବନୀୟ ଦଳା ଚକଟା ସଂକ୍ରାନ୍ତରେ ସବିଶେଷ ଅନୁଧ୍ୟାନ କରିଥିଲେ । ସେଠାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ଦଳା ଚକଟାରେ ଆହତ ହୋଇଥିବା ବ୍ୟକ୍ତି ମାନଙ୍କର ଚିକିତ୍ସା କଥା ବୁଝିଥିଲେ । ଗୁରୁତର ଭାବେ ଆହତ ହୋଇଥିବା ଓ ସମ୍ପୂର୍ଣ୍ଣ ରୂପେ ଗୋଡ଼ ହାଡ ଦୁଇଖଣ୍ଡ ହୋଇଥିବା ଦୁଇଜଣ ରୋଗୀଙ୍କୁ ମଧ୍ୟ ବିନା ଚିକିତ୍ସାରେ ଡିସଚାର୍ଜ ହୋଇଥିବା କଥା ଶୁଣି ଟିମ୍ ବ୍ୟଥିତ ଓ ଚକିତ ହୋଇଥିଲେ । ଘଟଣାକୁ ଫାଙ୍କି ଦେବା ପାଇଁ ଯେତିକି ସରକାରୀ ଉଦ୍ୟମ ହେଉଛି ଆହତ ବ୍ୟକ୍ତି ମାନଙ୍କ ଚିକିତ୍ସା ପାଇଁ ସେତିକି ଦୃଷ୍ଟି ଦିଆଯାଉନାହିଁ । କଂଗ୍ରେସ ଟିମ୍ ମଧ୍ୟ ଗୁଣ୍ଡିଚା ଘର ସାମ୍ନାରେ ଥିବା ଜିଲ୍ଲା କଂଗ୍ରେସ ସେବା ଶିବିରରେ ପହଞ୍ଚିଥିଲେ ।

ମୃତକ ମାନଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କାର ସ୍ୱତନ୍ତ୍ର ସହାୟତା ଏବଂ ଗୁରୁତର ଆହାତ ହୋଇଥିବା ବ୍ୟକ୍ତିଙ୍କୁ ୨୫ ଲକ୍ଷ ଟଙ୍କା ସ୍ୱତନ୍ତ୍ର ସହାୟତା ଦାବିକୁ ଟିମ୍ ଦୋହରାଇଥିଲେ । ସରକାର ସମୁଦାୟ ଘଟଣା ପାଇଁ ସଂପୂର୍ଣ୍ଣ ଦାୟୀ ହୋଇଥିବା ବେଳେ ଧର୍ମକୁ ଆଖିଠାର ମାରିବା ନାୟରେ ମାତ୍ର କେତେକ କାର୍ଯ୍ୟାନୁଷ୍ଠାନ ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀ, ଉପ ମୁଖ୍ୟମନ୍ତ୍ରୀ, ଆଇନମନ୍ତ୍ରୀଙ୍କ ମୁଣ୍ଡରେ ପରିଚାଳନା ଦାଇତ୍ୱ ନ୍ୟସ୍ତ ଥିବା ଦୃଷ୍ଟିରୁ ନୈତିକତା ଦୃଷ୍ଟିରୁ ସେମାନେ ଇସ୍ତଫା ଦିଅନ୍ତୁ ବୋଲି ଟିମ୍ ଦାବି କରିଛି । ନୀଳାଦ୍ରି ବିଜେ ପରେ ୧୦ ଦିନ ମଧ୍ୟରେ ଘଟଣାର କାର୍ଯ୍ୟରତ ଜିଲ୍ଲା ଜଜଙ୍କ ଦ୍ୱାରା ତଦନ୍ତ କରାଯାଇ ସୁପାରିଶ ଭିତରେ କାର୍ଯ୍ୟାନୁଷ୍ଠନ ହେଉ ବୋଲି ଦାବି କରିଛନ୍ତ । ପିସିସି ଟିମ୍ ପ୍ରଦେଶ କଂଗେସ ସଭାପତି ଭକ୍ତ ଚରଣ ଦାସଙ୍କୁ ତାଙ୍କ ରିପୋର୍ଟ ପ୍ରଦାନ କରିଛନ୍ତି । ପୁ ର 1 ଜିଲ୍ଲା ସଂଯୋଜକ ରାଜେଶ ମିଶ୍ର, ଗୋପ ବ୍ଲକର ପୂର୍ବତନ ଅଧ୍ୟକ୍ଷ ନୀଳମଣି ପ୍ରଧାନ, ପିସିସି ଗଣମାଧ୍ୟମ ସଂଯୋଜକ ଦୀପକ କୁମାର ମହାପାତ୍ର, ନଗର କଂଗ୍ରେସ ଦୁଇ ସଭାପତି ଅମରେନ୍ଦ୍ର ପାଇକରାୟ,ବିଶ୍ୱନାଥ ଦାସ, ସ୍ୱାଧୀନ ପଣ୍ଡା,ସିତାଂଶୁ ଦାସ ,ବିଶ୍ କେଶନ ହରିଚନ୍ଦନ ମହାପାତ୍ର, ନିରଞ୍ଜନ ବିଶ୍ୱାଳ,ସୁଜିତ ମହାପାତ୍ର, ଚେତନ ମିଶ୍ର, ସୁକାନ୍ତ ପ୍ରଧାନ ପ୍ରମୁଖ କଂଗ୍ରେସ ନେତୃବୃନ୍ଦ ପିସିସି ଟିମ୍ ସହିତ ଉପସ୍ଥିତ ଥିଲେ ।

## ଉତ୍କଳ ସମ୍ମିଳନୀର କାର୍ଯ୍ୟନିର୍ବାହୀ ସମିତି ବୈଠକ

# ରମ୍ଭାରେ ହେବ ସାଧାରଣ ସଭା ଓ ନିର୍ବାଚନ

ଭୁବନେଶ୍ୱର (ସବ୍ୟୁ): ଉତ୍କଳ ସମ୍ମିଳନୀର କାର୍ଯ୍ୟନିର୍ବାହୀ ସମିତି ବୈଠକ ସମ୍ମିଳନୀର କେନ୍ଦ୍ରୀୟ କାର୍ଯ୍ୟାଳୟରେ ସଭାପତି ଅନନ୍ତ ପ୍ରସାଦ ଜେନାଙ୍କ ସଭାପତିତ୍ୱ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ ପରେ ଉତ୍କଳ ସମ୍ମିଳନୀର ବରିଷ୍ଠ ସଦସ୍ୟ ମନ୍ମଥ ପାଢୀ ଓ ବିପିନି ବିହାରୀ ବାରିକଙ୍କ ବିୟୋଗରେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ସମ୍ମିଳନୀର ସାଧାରଣ ସମ୍ପାଦକ ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭା ପରିଚାଳନା କରିବା ସହିତ ପୂର୍ବବୈଠକର ବିବରଣୀ ପାଠ କରିଥିଲେ। କୋଷାଧକ୍ଷା ସୌଦାମିନୀ ସାମନ୍ତରାୟ ଆର୍ଥିକ ବିବରଣୀ ପାଠ କରିଥିଲେ। ଉତ୍କଳ ସମ୍ମିଳନୀର ଉପଦେଷ୍ଟା ପଦ୍ମ ଚରଣ ନାୟକ ବୈଠକରେ ଯୋଗଦେଇ ବାର୍ଷିକ ବିବରଣୀ ପୁସ୍ତକକୁ ଉନ୍ମୋଚନ କରିବା ସହିତ ଉତ୍କଳ ସମ୍ମିଳନୀ ଘର ଭଡା ଛାଡ କରିବା ପାଇଁ ସରକାରଙ୍କୁ ଅନୁରୋଧ କରିଥିଲେ। ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କାର୍ଯ୍ୟାଳୟରେ ନବ ନିର୍ମିତ କକ୍ଷର ନାମ "ମଧୁ ସୂଦନ କକ୍ଷ" ନାମରେ ନାମିତ ହେବ ବୋଲି ନିଷ୍ପତି ହୋଇଥିଲା। ଉତ୍କଳ ସମ୍ମିଳନୀ ସଦସ୍ୟ ରହିବା ଆବଶ୍ୟକ। ଉତ୍କଳ ସମ୍ମିଳନୀ ଘର ଭଡା ବିହିନ ଚୁକ୍ତି କରିବା ପାଇଁ ସେ ଦାବି କରିଥିଲେ। କଟକରୁ ଉତ୍କଳ ସମ୍ମିଳନୀର ଉପ-ସଭାପତି ଡ. ରବି ରଞ୍ଜନ ସାହୁ ଯୋଗ ଦେଇ ଇଦଗା




କୋରାପୁଟରୁ ବରିଷ୍ଠ ସଦସ୍ୟ ବିନୋଦ ମହାପାତ୍ର ଯୋଗଦେଇ କହିଥିଲେ ଯେ, କୋଟିଆ ବାସିନ୍ଦାଙ୍କ ହାତରେ ଦୁଇ ଦୁଇଟି ଆଧାର କାର୍ଡ, ଭୋଟର କାର୍ଡ ଓ ରାସନ କାର୍ଡ ଅଛି, ପ୍ରଥମେ ଆନ୍ଧ୍ରର ସମସ୍ତ କାର୍ଡକୁ ବନ୍ଦ କରିବାକୁ ପଡିବ। ରାଜସ୍ୱ ମନ୍ତ୍ରୀଙ୍କ ଅଧକ୍ଷତାରେ କୋଟିଆ ପାଇଁ ଗଠନ ହୋଇଥିବା କମିଟିରେ ପଡିଆ ପାଇଁ ଉଦବେଗ ପ୍ରକାଶ କରିଥିଲେ। ଉତ୍କଳ ସମ୍ମିଳନୀର ସାଧାରଣ ଅଧିବେଶନ ଓ ନିର୍ବାଚନ ଗଞ୍ଜାମ ଜିଲ୍ଲାର ରମ୍ଭା ଠାରେ ହେବ ବୋଲି କାର୍ଯ୍ୟନିର୍ବାହୀ

ସମିତିରେ ନିଷ୍ପତି ନିଆଯାଇଥିଲା । ହିମାଳ ପ୍ରଦେଶ ଭୂ-ଆଇନ ଭଳି ଅଣ ଓଡିଆ ମାନେ ଯେପରି ଓଡିଶା ଜମି କିଣି ପାରିବେ ନାହିଁ ଓଡିଶାରେ ସେହିଭଳି ଆଇନ ହେବା ଆବଶ୍ୟକ ବୋଲି ରାଉରକେଲାରୁ ଅନୟତମ ଉପ-ସଭାପତି ବିଚିତ୍ରାନନ୍ଦ ସାହୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମିଳନୀର ସମ୍ପାଦକ ପ୍ରଦୀପ କୁମାର ରାଉତରାୟ, ସମ୍ପାଦିକା ବାସନ୍ତୀ ସିଂ, ବାସନ୍ତୀ ତ୍ରିପାଠୀ, ବୀଣାପାଣୀ ଚୌଧୁରୀ, କେନ୍ଦ୍ରାପଡାରୁ ଅଜୟକୁମାର ସାମଲ, ଝାରସୁଗୁଡାରୁ କିରଣ ବାଳା ନାୟକ, ଭଣ୍ଡାରି ପୋଖରୀରୁ ପବନ କୁମାର ନାୟକ, ବାଲେଶ୍ୱରରୁ ରଞ୍ଜନ କୁମାର ଦାସ, ମଞ୍ଚେଶ୍ୱର ଶାଖାରୁ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି, ଶିଧାର୍ଥ ଗଡନାୟକ, ଅକ୍ଷୟ ଜେଠୀ, ଭୁବନେଶ୍ୱରରୁ ସୁବ୍ରତ ମହାପାତ୍ର, ଶିବ ମହାନ୍ତି, ଦିପ୍ତୀମୟୀ ନାୟକ ଓ ଫୁଲବାଣୀରୁ ଜଟେଶ୍ୱର ଦାଶ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଶେଷରେ ପାରାଦ୍ୱୀପରୁ ସମ୍ମିଳନୀର ଉପ-ସଭାପତି ଡ ସୁରେନ୍ଦ୍ର ମୋହନ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

# ଆୟ ଠାରୁ ଅଧିକ ସମ୍ପତ୍ତି, କୋଟିପତି ଯନ୍ତ୍ରୀ ଗିରଫ




ବ୍ରହ୍ମପୁର, (ସବ୍ୟୁ): ଅବସରର ଦିନକ ପୂର୍ବରୁ ଶନିବାର ଭିଜିଲାନ୍ସ ଜାଲରେ ପଡ଼ିଥିଲେ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁଶୀଲ କୁମାର ପଣ୍ଡା। ତାଙ୍କ ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ କରାଯାଇଥିଲା। ସେଥିମଧ୍ୟରୁ ତାଙ୍କ ମୋଟ ଆୟର ୧୬୩ ପ୍ରତିଶତ ଆୟବର୍ହିଭୁତ ସମ୍ପତ୍ତି ରହିଥିଲା। ଏନେଇ ଆଜି ସନ୍ଧ୍ୟାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସପି ପ୍ରଦୀପ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ଭିଜିଲାନ୍ସ ଟିମ୍ ଯନ୍ତ୍ରୀଙ୍କ ଘର ସମେତ ୭ଟି ସ୍ଥାନରେ ଚଢଉ କରିଛି । ସେହି ଅଧିକାରୀ ଜଣଙ୍କ ହେଉଛନ୍ତି ଗଞ୍ଜାମ ଜିଲ୍ଲା ଗଞ୍ଜାମ ବ୍ଲକ୍ ସହକାରୀ ନିର୍ବାହୀ ଯନ୍ତ୍ରୀ (ଏଇଇ) ସୁଶୀଲ କୁମାର ପଣ୍ଡା। ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ବିଭାଗର ୭ଟି ଟିମ୍ ଏକକାଳୀନ ଭାବେ ତାଙ୍କର ଘର ସମେତ ଅଫିସ୍ ଓ ଅନ୍ୟାନ୍ୟ ସ୍ଥାନରେ ଚଢଉ କରିଥିଲା। ବର୍ତ୍ତମାନ ସୁଦ୍ଧା ଏଇଇ ପଣ୍ଡା ଓ ପରିବାରବର୍ଗଙ୍କ ନାମରେ ୧କୋଟି ଟଙ୍କାର ସ୍ଥାବର ଓ ଅବସ୍ଥାବର ସମ୍ପତ୍ତି ରହିଥିବା ଭିଜିଲାନ୍ସ ବିଭାଗ ଆକଳନ କରି ସାରିଛି। ଏଇଇ ପଣ୍ଡାଙ୍କ ନାମରେ ରାମହରିନଗରରେ ଏକ ତିନି ମହଲା କୋଠା ରହିଥିବା ବେଳେ ଆଙ୍କୋଲି ମୁକ୍ତେଶ୍ୱର ଆପାର୍ଟମେଣ୍ଟ୍ରେ ଏକ ଫ୍ଲାଟ୍, ପୁରୀରେ ଏକ ଫ୍ଲାଟ୍, ଭୁବନେଶ୍ୱର, ଖୋର୍ଦ୍ଧା ଓ ବ୍ରହ୍ମପୁରରେ ୬ଟି ପ୍ଲଟ୍ ରହିଛି। ସେହିପରି ତାଙ୍କ ନିକଟରୁ ୨ଲକ୍ଷ ୫ହଜାର ଟଙ୍କା ନଗଦ ଜବତ ହୋଇଥିବା ବେଳେ ୧୨୬ ଗ୍ରାମ ସୁନା ଅଳଙ୍କାର, ୫୦ଲକ୍ଷର ବ୍ୟାଙ୍କ ଜମା, ଗୋଟିଏ ମହିନ୍ଦ୍ରା କାର୍, ୧୦ ଲକ୍ଷର ଘରକରଣା ସାମଗ୍ରୀ ଓ ବ୍ରହ୍ମପୁର ବିସିସି ବ୍ୟାଙ୍କରେ ଏକ ଲକର୍ ରହିଛି। ଘର, ଫ୍ଲାଟ୍ ଓ ପ୍ଲଟ ମୂଲ୍ୟ ଆକଳନ ଚାଲିଛି। ଯାଞ୍ଚ ସରିବା ପରେ ଚୂଡ଼ାନ୍ତ ସମ୍ପତ୍ତି ତାଲିକା ପ୍ରସ୍ତୁତ ହେବ ବୋଲି ଭିଜିଲାନ୍ସ ବିଭାଗ ତରଫରୁ କୁହାଯାଇଛି। ଆଜି ଏଇଇ ପଣ୍ଡାଙ୍କ ଗଞ୍ଜାମ ବ୍ଲକ୍ ସ୍ଥିତ କାର୍ଯ୍ୟାଳୟ ସମେତ ରାମହରିନଗର ଘର, ଆଙ୍କୋଲି ଘର, ତାଙ୍କ ଭାଇଙ୍କ ଫ୍ଲାଟ୍, ପୁରୀ ଚୁଡ଼ଙ୍ଗସାହି ସ୍ଥିତ ଫ୍ଲାଟ୍, କବିସୂର୍ଯ୍ୟନଗର ଗୁଡ଼ିଆଳି ସ୍ଥିତ ପୈତୃକ ଘର ଓ ପୁରୁଷୋତ୍ତମପୁର ବୋ ଗ୍ରାମ ସ୍ଥିତ ଶ୍ୱଶୁର ଘରେ ଚଢଉ କରାଯାଇଥିଲା। ଚଢଉରେ ୬ଜଣ ଡିଏସପି ୭ଜଣ ଇନ୍ସପେକ୍ଟରଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ । ପ୍ରକାଶ ଥାଉ କି ଏଇଇ ପଣ୍ଡା ୧୯୯୭ରେ ସାନଖେମୁଣ୍ଡି ବ୍ଲକରେ ଚୁକ୍ତି ଭିତ୍ତିରେ କନିଷ୍ଠ ଯନ୍ତ୍ରୀ ଭାବେ ଚାକିରି ଆରମ୍ଭ କରିଥିଲେ। ପରେ ଚାକିରି ନିୟମିତ ହେବା ପରେ ବିଭିନ୍ନ ସ୍ଥାନରେ କନିଷ୍ଠ ଯନ୍ତ୍ରୀ ଭାବେ କାମ କରିଥିଲେ। ୨୦୨୩ରେ ଏଇଇ ଭାବେ ପଦୋନ୍ନତି ପାଇ ଗଞ୍ଜାମ ବ୍ଲକରେ କାମ କରୁଥିଲେ ।

## ସେପ୍ଟେମ୍ବର ୧୪ରେ ମୁଣ୍ଡା ଛାତ୍ରଛାତ୍ରୀଙ୍କ ସ୍ୱାଗତ ସମ୍ବର୍ଦ୍ଧନା

ବାରିପଦା, (ସବ୍ୟୁ) : ପ୍ରତିବର୍ଷ ଭଳି ମୁଣ୍ଡା ଯୁବ ସଂଗଠନ ଆନୁକୁଲ୍ୟରେ ମୁଣ୍ଡା ଛାତ୍ରଛାତ୍ରୀ ସ୍ୱାଗତ ସମ୍ବର୍ଦ୍ଧନା ସମାରୋହ ପାଇଁ ମୁଣ୍ଡା ଯୁବ ସଂଗଠନର କର୍ମକର୍ତ୍ତାଙ୍କୁ ନେଇ ଏକ ପୂର୍ବ ପ୍ରସ୍ତୁତି ବୈଠକ ବାରିପଦା ସ୍ଥିତ କଲ୍ୟାଣୀ ସମିତି ମହିଳା ହଲ୍ ଠାରେ ଅନୁଷ୍ଠିତ ହୋଇଯାଇଛି।। ବୈଠକରେ ଆସନ୍ତା ସେପ୍ଟେମ୍ବର ମାସ ୧୪ତାରିଖ ଦିନ ସହିଦ୍ ସ୍ମୃତିଭବନ ଠାରେ ବିଭିନ୍ନ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ମାନଙ୍କରେ ନୂତନ କରି ନାମ ଲେଖାଇଥିବା ମୁଣ୍ଡା ଛାତ୍ରଛାତ୍ରୀ ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ନିମନ୍ତେ ସ୍ଥିର କରାଗଲା । ଏହି ବିଶାଳ ସ୍ୱାଗତ ସମ୍ବର୍ଦ୍ଧନା ଛାତ୍ରଛାତ୍ରୀ ମାନଙ୍କର ଉଜ୍ଜଳ ଭବିଷ୍ୟତ ଏବଂ ସେମାନଙ୍କର ଲକ୍ଷ୍ୟ ପୂରଣ ନିମନ୍ତେ ଲକ୍ଷ୍ୟ ରଖିଚି । ଏହି ବୈଠକରେ ଜିଲ୍ଲାର ବିଭିନ୍ନ ଛାତ୍ରଛାତ୍ରୀ ମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ । ଏଥିରେ ମୁଣ୍ଡା ଯୁବ ସଂଗଠନର ସଭାପତି ଫକୀର ମୋହନ ସିଂ ସଭାକୁ ସଭାପତିତ୍ୱ କରିଥିବାବେଳେ ଉପଦେଷ୍ଟା ତଥା ସମାଜ ସେବୀ, ପୂର୍ବତନ ରୋଟାରୀ କ୍ଲବ ସଭାପତି ରାକେଶ ସିଂ, ରଇଦାସ ସିଂ ଏବଂ ଅର୍ଜୁନ ସିଂ ଏହି କାର୍ଯ୍ୟକ୍ରମର ଐତିହାସିକ ଏବଂ ମହତ୍ତ୍ୱ ବିଷୟରେ ବକ୍ତବ୍ୟ ରଖିଥିଲେ। ଏଥିରେ ସମ୍ପାଦକ ଭାବେ ରାଜେଶ କୁମାର ସିଂଙ୍କୁ ବିଧିଗତ ଭାବେ ସଙ୍ଗଠନର ଦାୟିତ୍ୱ ପ୍ରଦାନ କରାଯାଇଥିଲା ।

### ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ମାଉସୀମାଆ ମନ୍ଦିରରେ ପହଞ୍ଚିଲା ତିନିରଥ

# ଅଢେଇଲକ୍ଷରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମରେ ବଡଦାଣ୍ଡରେ ଗଡିଲା ନନ୍ଦିଘୋଷ



ବାରିପଦା, (ସବ୍ୟୁ) : ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ଖ୍ୟାତ ବାରିପଦାର ଶ୍ରୀଶ୍ରୀ ହରିବଳଦେବ ଜୀଉଙ୍କ ରଥଯାତ୍ରାର ଦ୍ୱିତୀୟଦିନ ରଥଟଣାରେ ଅଢେଇଲକ୍ଷରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମରେ ସମ୍ପୂର୍ଣ୍ଣ ହୋଇଛି । ତିନୋଟିଯାକ ରଥ ମାଉସୀମାମନ୍ଦିରରେ ପହଞ୍ଚିଛି । ରବିବାର ଦିନଥିଲା ଅଧାବାଟରେ ଅଟକିଥିବା ଦେବୀଶୁଭଦ୍ରାଙ୍କ ଦର୍ପଦଳନ ରଥଟଣା ଓ ଜଗତରନାଥ ଜଗନ୍ନାଥଙ୍କ ରଥଟଣା କାର୍ଯ୍ୟକ୍ରମ । ସକାଳୁ ସକାଳୁ ଭକ୍ତଙ୍କ ବଡଦାଣ୍ଡରେ ସୁଅ ଛୁଟିଥିଲା । ଅପରାହ୍ନରେ ବଡଦାଣ୍ଡ ଜନସମୁଦ୍ର ପାଲଟିଯାଇଥିଲା । ଅପରାହ୍ନରେ ପ୍ରଥମେ ଦେବୀଶୁଭଦ୍ରାଙ୍କ ରଥପାହଚରେ ତାରାକଟା ଓ ଘୋଡାଲାଗି ନୀତି ପରେ ସାରଥୀ ଠାକୁରଙ୍କୁ ପ୍ରଣାମ କରି ଆଜ୍ଞାମାଳ ମାଗିଥିଲେ । ଦେବୀଶୁଭଦ୍ରା ରଥଟଣା ପୂର୍ବରୁ ମହିଳାଭକ୍ତଙ୍କ ଉଦ୍ଦେଶ୍ୟରେ ପ୍ରସିଦ୍ଧ ଗୁଡଲଡୁ ବିତରଣ କରାଯାଇଥିଲା । ଏହି ଗୁଡଲଡୁକୁ ଧରିବା ପାଇଁ ମହିଳାଭକ୍ତଙ୍କ ମଧ୍ୟରେ ଆନନ୍ଦ ଉଲ୍ଲାସ ଦେଖାଦେଇଥିଲା । ଶେଷରେ ବର୍ଷାରେ ଭିଜିଭିଜି ମହିଳା ଭକ୍ତମାନେ ଖୋଳକୀର୍ତ୍ତନ, ହରିବୋଲ, ବାଦ୍ୟ, ଶଙ୍ଖ ଓ ହୁଳୁହୁଳି ଧ୍ୱନୀର ତାଳେ ତାଳେ ଦେବୀଶୁଭଦ୍ରା ରଥକୁ ମାଉସୀମାମନ୍ଦିର ନିକଟରେ ପହଞ୍ଚାଇଥିଲେ । ତାପରେ ଆରମ୍ଭ ହୋଇଥିଲା ଜଗତରନାଥ ଜଗନ୍ନାଥଙ୍କ ନନ୍ଦିଘୋଷ ରଥଟଣା କାର୍ଯ୍ୟକ୍ରମ । ରଥପାହଚରେ ତାରାକଟା ଘୋଡାଲାଗି ନୀତି ସହ ଛେରାପହଁରା କାର୍ଯ୍ୟକ୍ରମରେ ଆରମ୍ଭ ହୋଇଥିଲା ରଥଟଣା କାର୍ଯ୍ୟକ୍ରମ । ଏହି ରଥକୁ ଟାଣିବା ପାଇଁ ମୟୂରଭଞ୍ଜ ଜିଲ୍ଲାର ପରପୁଲ୍ଲୀ ଠାରୁ ପଡୋଶୀ ଓ ପଡୋଶୀ ରାଜ୍ୟରୁ ଭକ୍ତଙ୍କ ସମାଗମ ହୋଇଥିଲା । ଶ୍ରୀମନ୍ଦିରରୁ ଜଗନ୍ନାଥ ରଥକୁ ଟାଣିଟାଣି ଶ୍ରଦ୍ଧାଳୁମାନେ ମାଉସୀମାମନ୍ଦିର ନିକଟରେ ପହଞ୍ଚାଇଥିଲେ । ନନ୍ଦିଘୋଷ ରଥ ପହଞ୍ଚିବା ପରେ ରଥଉପରୁ ଭକ୍ତମାନଙ୍କ ଉଦ୍ଦେଶ୍ୟରେ ପ୍ରସିଦ୍ଧ ଗୁଡଲଡୁ ଫିଙ୍ଗା ଯାଇଥିଲା । ଏହି ଗୁଡଲଡୁକୁ ଧରିବା ପାଇଁ ବିଶେଷକରି ଯୁବବର୍ଗ ଭକ୍ତଙ୍କ ମଧ୍ୟରେ ଏକପ୍ରକାର ପ୍ରତିଯୋଗୀତା ଲାଗିଥିଲା । ସମଗ୍ର ବଡଦାଣ୍ଡ ହରିବୋଲ ଜୟ ଜଗନ୍ନାଥ ଧ୍ୱନୀରେ ପ୍ରକମ୍ପିତ ହୋଇଉଠିଥିଲା । ଆଜିର ରଥଟଣାରେ ମୟୂରଭଞ୍ଜ ଲୋକସଭା ସାଂସଦ ନବଚରଣ ମାଝୀ, ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ମହାରାଣୀ ରାଜଲକ୍ଷ୍ମୀ ଭଞ୍ଜଦେଓ, ଡିଆଇଜି ଡଃ ସତ୍ୟଜିତ୍ ନାଏକ, ମୟୂରଭଞ୍ଜ ଏସପି ବରୁଣ ଗୁଣ୍ଟୁପାଲ୍ଲୀ ଓ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ସନ୍ଧ୍ୟାରେ ରଥାରୂଢରେ ତିନିଠାକୁର ରୂପାବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ । ରାତିରେ ତିନି ମହାପ୍ରଭୁ ଗୋଟିପହଣ୍ଡିରେ ମାଉସୀମାମନ୍ଦିରରେ ବିରାଜମାନ ହୋଇଥିଲେ । ସୋମବାର ସନ୍ଧ୍ୟାଠାରୁ ବାହୁଡା ପର୍ଯ୍ୟନ୍ତ ମହାପ୍ରଭୁମାନେ ବିଭିନ୍ନ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେବେ । ଏହି ବେଶ ଦେଖିବାପାଇଁ ଭକ୍ତମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ଆଗ୍ରହ ପରିଲିଖିତ ହୋଇଥାଏ । ସେହିପରି ବାଣ୍ଣିଆ ଜଗନ୍ନାଥ ମନ୍ଦିରରେ ମଧ୍ୟ ରିତିନୀତିରେ ରଥଟଣା କାର୍ଯ୍ୟକ୍ରମ ଶେଷ ହୋଇଛି ।

### କରଞ୍ଜିଆ ଗଣ ଦୁଷ୍କର୍ମ ପୀଡିତାଙ୍କୁ ନ୍ୟାୟ ଦାବି

# ଏସ୍‌ପିଙ୍କୁ ଦାବି ଜଣାଇଲା ରାଜ୍ୟ ନାରୀ ନ୍ୟାୟ ବାହିନୀ ପ୍ରତିନିଧି ମଣ୍ଡଳୀ



ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବ୍ଲକ ଅନ୍ତର୍ଗତ ଦରି ପଞ୍ଚାୟତ କୁଇତା ଢ଼ାବା ନିକଟରେ ଚଳିତ ଜୁନ ମାସ ୨୪ତାରିଖ ରାତିରେ ଜଣେ ଆଦିବାସୀ ସମ୍ପ୍ରଦାୟ ଝିଅକୁ ତିନିଜଣ ଅଭିଯୁକ୍ତ ଅପହରଣ କରି ଗଣଦୁଷ୍କର୍ମ କରିଥିବା ନେଇ ପୀଡ଼ିତାଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଛି । ଏନେଇ ରାଜ୍ୟରେ ଚର୍ଚ୍ଚା ଲାଗିରହିଥିବା ବେଳେ, ଶନିବାର ରାଜ୍ୟ ନାରୀ ନ୍ୟାୟ ବାହିନୀର ପ୍ରତିନିଧି ମଣ୍ଡଳୀ, କରଞ୍ଜିଆ ଗସ୍ତରେ ଆସି ପୀଡ଼ିତାଙ୍କୁ ଭେଟିବା ସହିତ କରଞ୍ଜିଆ ଥାନା ଭାରପ୍ରାପ୍ତ ଅଧିକାରୀ ଶରତ କୁମାର ମହାଲିକ୍‌ଙ୍କୁ ଭେଟି ତଦନ୍ତର ଅଗ୍ରଗତି ବାବଦରେ ଆଲୋଚନା କରିଥିଲେ । ପରେ ପରେ ସନ୍ଧ୍ୟାରେ ରାଜ୍ୟ ନ୍ୟାୟ ବାହିନୀ ସଂଯୋଜିକା ଡଃ ଗାୟତ୍ରୀ ବିଶ୍ୱାଳଙ୍କ ନେତୃତ୍ୱରେ ମନିଷା ଦାସ ପଟ୍ଟନାୟକ, ମଞ୍ଜୁଶ୍ରୀ କଳ୍ପନା ରାଉତରାୟ, ଜ୍ୟୋସ୍ନାମୟୀ ବେହେରା, ଆରତି ଦେଓ ଓ ସୁପ୍ରଭା ପଟ୍ଟନାୟକଙ୍କ ସହ ଅରବିନ୍ଦ ଦାସ, ଯୋଗେଶ ଅଗ୍ରୱାଲ, ସୁସ୍ମିତା ଘୋଷାଲ, ଶିବାନନ୍ଦ ଦାସ ଓ ପିଙ୍କି ମହାପାତ୍ର ପ୍ରମୁଖ ମୟୂରଭଞ୍ଜ ଜିଲ୍ଲା ଏସପିଙ୍କ ଅନୁପସ୍ଥିତିରେ ଅତିରିକ୍ତ ଏସପିଙ୍କୁ ଭେଟି କରଞ୍ଜିଆ ଗଣ ଦୁଷ୍କର୍ମ ଘଟଣା ବିଷୟରେ ଆଲୋଚନା କରି ପୀଡିତାଙ୍କ ପୁରୁଷ ବନ୍ଧୁ ଯିଏକି ଅପହରଣ ବେଳେ ଉପସ୍ଥିତ ଥିଲେ । ସେ ମୟୂରଭଞ୍ଜ ଜିଲ୍ଲା ଶରତ ଥାନାର ଜଣେ କର୍ମଚାରୀ ତାଙ୍କୁ ଏଯାବତ ପୋଲିସ ପଚରା ଉଚରା କରିନଥିବାରୁ ତାଙ୍କୁ ତୁରନ୍ତ ତଦନ୍ତ ପରିସରଭୁକ୍ତ କରିବା, ଏବଂ ଅପହରଣ ବେଳେ ପୀଡ଼ିତାଙ୍କୁ ମୋଟ ୧୦ଜଣ ଲୋକ ଘେରିଥିଲେ । ସେଥିମଧ୍ୟରୁ ୩ଜଣ ତାଙ୍କୁ ଅପହରଣ କରିନେଇ ଦୁଷ୍କର୍ମ କରିଥିଲେ । ଏଣୁ ଅନ୍ୟ ୭ଜଣ ସହଯୋଗୀଙ୍କୁ ମଧ୍ୟ ତଦନ୍ତ ପରିସରକୁ ଆଣିବା ସହ, ପୀଡିତା ଯୁକ୍ତଦୁଇ ପଢିଥିବାବେଳେ ତାଙ୍କୁ କୌଣସି ଏକ କର୍ମନିଯୁକ୍ତି ଯୋଗାଇ ଦେବାକୁ ଦାବୀ କରିଥିଲେ । ଜିଲ୍ଲାରେ କ୍ରମ ବର୍ଦ୍ଧିଷ୍ଣୁ ଅପରାଧ ବିଶେଷକରି ନାରୀ ଦୁଷ୍କର୍ମ ଭଳି ଘଟଣାକୁ ନେଇ ଚିନ୍ତା ପ୍ରକଟ କରି, ରାଜ୍ୟରେ ନୂତନ ସରକାର ଗଠନ ହେବା ପରେ ଡବଲ ଇଞ୍ଜିନ ସରକାରରେ ନାରୀ ନିର୍ଯାତନା, ଗଣ ଦୁଷ୍କର୍ମ ଆଦି ଅହେତୁକ ବୃଦ୍ଧି ପାଉଥିଲେ ମଧ୍ୟ ସରକାର ଚେଇଁ ଶୋଇଥିବା ଭଳି ଅବସ୍ଥାରେ ରହିଛନ୍ତି ବୋଲି ନାରୀ ନ୍ୟାୟ ବାହିନୀର ସଂଯୋଜିକା ଡ. ବିଶ୍ୱାଳ କହିଛନ୍ତି ।

## ପୌରାଞ୍ଚଳ ପାଞ୍ଚମୌଜା ଅଧିବାସୀଙ୍କ ଜମିପଟ୍ଟା ପାଇବା ଆଶା ସଞ୍ଚାର

ଆସିକା, (ସବ୍ୟୁ): ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ଆସିକା ପୌରାଞ୍ଚଳ ଅନ୍ତର୍ଗତ ପାଞ୍ଚଟି ମୌଜାରେ ହାଇଟେକ ବା ଓଡ଼ିଶା ସ୍ପେସିଆଲ ସର୍ଭେ ଓ ସେଟେଲମେଣ୍ଟ ଆକ୍ଟ-୨୦୧୨ ଅନୁଯାୟୀ ଭୁ-ବନ୍ଦୋବସ୍ତ କରିବା ନେଇ ସାନି ନୂଆ ନିର୍ଦ୍ଦେଶନାମା ଗତ ୧୧ ଜୁନରେ ପ୍ରକାଶିତ ହୋଇଛି। ଏହି ଖବର ପ୍ରଚାରିତ ହେବା ପରେ ଆସିକା ଅଞ୍ଚଳ ଅଧିବାସୀଙ୍କ ମଧ୍ୟରେ ଆନନ୍ଦ ଦେଖାଦେବା ସହ ସେମାନଙ୍କ ବାସଗୃହ ବା ଜମିପଟ୍ଟା ପାଇବା ଆଶା ସଂଚାର କରିଛି। ଏହି ନିର୍ଦ୍ଦେଶନାମା ଅନୁଯାୟୀ ଆସିକା ତହସିଲ ଅନ୍ତର୍ଗତ ଆସିକା ପୌରାଞ୍ଚଳର ଖମ୍ବେଶ୍ୱରୀ ପାଟଣା, ପକାଲା ପଲ୍ଲୀ, ନରସିଂହ ପୁର୍, ସୁନାମ୍ବ ଓ ଆସିକା ରାଜସ୍ୱ ଗ୍ରାମରେ ସାନି ଭୁ-ବନ୍ଦୋବସ୍ତ କରିବା ନେଇ ରାଜ୍ୟର ଅତିରିକ୍ତ ଶାସନଙ୍କ ସ୍ୱାକ୍ଷରରେ ପତ୍ରସଂଖ୍ୟା- ୨୦୯୮୩ ପ୍ରକାଶ ପାଇଛି। ସଂପୃକ୍ତ ପାଞ୍ଚ ମୌଜାରେ ହଜାର ହଜାର ସଂଖ୍ୟାରେ ଅଧିବାସୀ ଘର ଦ୍ୱାର କରି ପୁରୁଷ ପୁରୁଷ ଧରି ବସ ବାସ କରିଆସୁଥିଲେ ମଧ୍ୟ ଗ୍ରାମ କଣ୍ଟକ ଓ ପରପଙ୍କ କିସମରେ ବାସଗୃହ ଜମି ରହିଥିବାରୁ ରାଜସ୍ୱ ବିଭାଗ ପକ୍ଷରୁ ପଟ୍ଟା ବା ସ୍ୱାଧିକାର ପାଇବାରୁ ବଞ୍ଚିତ ହୋଇ ରହିଛନ୍ତି । ସ୍ୱାଧୀନତାର ଦୀର୍ଘବର୍ଷ ପରେ ମଧ୍ୟ ଆଜି ପର୍ଯ୍ୟନ୍ତ ଆସିକା ସହରାଞ୍ଚଳ ଓ ଆଖପାଖ ଗ୍ରାମରେ ଭୁବନ୍ଦୋବସ୍ତ ହୋଇନଥିବାରୁ ସ୍ଥାୟୀ ବାସିନ୍ଦାଙ୍କ ସମସ୍ୟା କହିଲେ ନସରେ। ସାଧାରଣ ଜନତାଙ୍କ ବାସଗୃହ ଓ ଚାଷ ଜମିର ପଟ୍ଟା ନଥିବାରୁ ନିଜର ଅସମୟରେ ବିକ୍ରୀ କିମ୍ବା ବ୍ୟାଙ୍କ୍ ଋଣ ପାଇବାରୁ ବଞ୍ଚିତ ହୋଇ ବହୁ ସମସ୍ୟାର ସମ୍ମୁଖୀନ ହେଉଥିବାରୁ ଭୂ ବନ୍ଦୋବସ୍ତ କରି ସ୍ଥାଇ ପଟ୍ଟା ଯୋଗାଇବାକୁ ସରକାରଙ୍କ ନିକଟରେ ବହୁ ସଂଗଠନ ପକ୍ଷରୁ ଲଗାତାର ଦାବୀ କରାଯାଇଆସୁଚି। ସରକାରୀ ସ୍ତରରେ ଭୂ ବନ୍ଦୋବସ୍ତ କରିବା ନେଇ ନିର୍ଦ୍ଦେଶନାମା ପ୍ରକାଶିତ ହୋଇ କାର୍ଯ୍ୟକାରିତା ନେଇ ଆନ୍ତରିକତାର ଅଭାବରୁ ପରବର୍ତ୍ତୀ ସମୟରେ ତାହା ଡି- ନୋଟିଫାଇ କରାଯାଉଥିବାରୁ ସଂପୃକ୍ତ ଅଧିବାସୀଙ୍କ ମଧ୍ୟରେ ହତାଶ ସୃଷ୍ଟି କରୁଛି। ତେବେ ବର୍ତ୍ତମାନ ନିର୍ଦ୍ଦେଶ ନାମା ପ୍ରକାଶ ପରେ ରାଜ୍ୟ ସରକାର ସର୍ଭେକାର୍ଯ୍ୟ ଆରମ୍ଭ ନେଇ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥାକୁ ତୁରନ୍ତ ଲାଗୁ କରି ସମୟଭିତ୍ତିକ ଖସଡ଼ା ପ୍ରସ୍ତୁତ କଲେ ହିଁ ଜନସାଧାରଣ ଏହାର ସୁଫଳ ପାଇବେ ଅନ୍ୟଥା ଏହା ୨୦୧୭ର ନିର୍ଦ୍ଦେଶନାମା ପରି ବ୍ୟର୍ଥ ହେବ ବୋଲି ତଥ୍ୟାଭିଜ୍ଞ ମହଲରେ ମତ ପ୍ରକାଶ ପାଇଛି। ଆସିକା ପୌରାଞ୍ଚଳରେ ଭୁ-ବନ୍ଦୋବସ୍ତ ଓ ପଟ୍ଟା ପ୍ରଦାନ କାର୍ଯ୍ୟକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କରିବା ନେଇ ସହରର ବହୁ ଆଇନଜୀବୀ, ସାମ୍ବାଦିକ ଓ ସଚେତନ ନାଗରିକ ସଂଗଠନ ସମେତ ସଂପୃକ୍ତ ଅଞ୍ଚଳବାସୀ ମୁଖ୍ୟମନ୍ତ୍ରୀ, ରାଜସ୍ୱମନ୍ତ୍ରୀ, ଆସିକା ବିଧାୟକଙ୍କ ସମେତ ରାଜ୍ୟ ମୁଖ୍ୟ ଶାସନ ସଚିବ, ରାଜସ୍ୱ ସଚିବ ଓ ଗଞ୍ଜାମ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି ।

## ଶାଳ କାଠ ଜବତ

ବୁଗୁଡା, (ସବ୍ୟୁ): ବୁଗୁଡ଼ା ବନାଞ୍ଚଳ ଅନ୍ତର୍ଗତ କତକଲା ଓ ଭାମଶ୍ୟାଳି କେନାଲ ରାସ୍ତାରେ ବନ ବିଭାଗ ପକ୍ଷରୁ ଚଢାଉ କରାଯାଇ ସାଇଜ୍ କାଠ ବୋଝେଇ ଏକ ସାଇକେଲକୁ ଜବତ କରାଯାଇଥିବା ଜଣାଯାଇଛି। ଜବତ ଚାରି ଖଣ୍ଡ ସାଇଜ କାଠର ପରିମାଣ ୩.୪୪ ଘନ ଫୁଟ ହୋଇଥିବା ବେଳେ ଏନେଇ ୟୁଡି କେସ୍ ନଂ ୨/୨୫-୨୬ରେ ଏକ ମାମଲା ରୁଜୁ ହୋଇଥିବା ବନାଞ୍ଚଳ ଅଧିକାରୀ ପ୍ରଦୀପ କୁମାର ମିଶ୍ରଙ୍କ ଠାରୁ ପ୍ରକାଶ ପାଇଛି। ପ୍ରକାଶ ଯେ, ଆଜି ସକାଳ ସାଢେ ପାଞ୍ଚଟା ସମୟରେ ଜନୈକ ବ୍ୟକ୍ତି ସାଇକେଲରେ ଚାରି ଖଣ୍ଡ ସାଇଜ୍ ଶାଳ କାଠ ଧରି ଭାମଶ୍ୟାଳି ପଟୁ କେନାଲ ରାସ୍ତାରେ କତକଲା ଛକ ଆଡକୁ ଆସୁଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ବନ ବିଭାଗ ପକ୍ଷରୁ ଚଢାଉ କରାଯାଇଥିଲା। ପଛପଟୁ ଆସୁଥିବା ବନବିଭାଗର ଗାଡିକୁ ଦେଖି ଚୋରା କାଠ ବେପାରୀ ଜଣକ ସାଇକେଲ ସହ କାଠକୁ ଛାଡି ନଦୀ ଆଡକୁ ଦୌଡି ଯାଇ ଗାଏବ୍ ହୋଇଯାଇଥିଲା। ଫଳରେ ବନ ବିଭାଗ ସେହି ସାଇଜ୍ ଶାଳ କାଠ ବୋଝେଇ ସାଇକେଲଟିକୁ ଜବତ କରି ବନାଞ୍ଚଳ କାର୍ଯ୍ୟାଳୟକୁ ଆଣିଥିଲା।

## ପିପୁଲ୍ଲି କଲେଜ ଅଧ୍ୟାପକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ବୁଗୁଡା, (ସବ୍ୟୁ): ସ୍ଥାନୀୟ ପିପୁଲ୍ଲି କଲେଜର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଅଧ୍ୟାପକ ଡ.ବିନୋଦ କୁମାର କରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । କଲେଜ ସମ୍ମିଳନୀ କକ୍ଷରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଅଧ୍ୟକ୍ଷ ହରିକୃଷ୍ଣ ନାୟକ ଅଧକ୍ଷତା କରିଥିବାବେଳେ ବିଭାଗୀୟ ମୁଖ୍ୟ ଅକ୍ଷୟ କୁମାର ସାହୁଙ୍କ ସମେତ ଅଧ୍ୟାପକ ଲୋକନାଥ ବେହେରା ଓ ପବିତ୍ର ଖଣ୍ଡୁଆଳ ପ୍ରମୁଖ ମଞ୍ଚାସୀନ ରହିଥିଲେ। ଗତ ୨୬ ଅକ୍ଟୋବର ୨୦୧୯ ମସିହାରେ ଅଧ୍ୟାପକ ବିନୋଦ କୁମାର କର ପିପୁଲ୍ଲି କଲେଜରେ ଯୋଗଦାନ କରି ଅଧ୍ୟାପନା କ୍ଷେତ୍ରରେ ସୁନାମ ଅର୍ଜନ କରିଛନ୍ତି। ତାଙ୍କର ନିଷ୍ଠାପର ପ୍ରଚେଷ୍ଟା ଫଳରେ ଲଗାତର ଭାବେ ଚାରି ବର୍ଷ ହେଲା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଟପ୍ ଟେନ୍ ତାଲିକାରେ ରାଜନୀତି ବିଜ୍ଞାନ ବିଭାଗର ଛାତ୍ରଛାତ୍ରୀ ସ୍ଥାନ ପାଇ ଗୋଲ୍ଡ ମେଡାଲ ହାସଲ ପୂର୍ବକ ପିପୁଲ୍ଲି କଲେଜର ଗୌରବ ବୃଦ୍ଧିରେ ସହାୟକ ହୋଇପାରିଛନ୍ତି । ଏହି କାର୍ଯ୍ୟକ୍ରମରେ ବିଭାଗୀୟ ଅଧାପକ ଓ ଛାତ୍ରଛାତ୍ରୀ ସ୍ୱ ସ୍ୱ ବକ୍ତବ୍ୟରେ ବିଦାୟୀ ଅଧ୍ୟାପକଙ୍କ କର୍ତ୍ତବ୍ୟନିଷ୍ଠା, ସମୟାନୁବର୍ତ୍ତିତା ଓ ଅଧ୍ୟାପନା ଦକ୍ଷତାର ଭୂୟସୀ ପ୍ରଶଂସା କରିଥିଲେ। ଅନ୍ୟପକ୍ଷରେ ଅଧ୍ୟାପକ କର ମଧ୍ୟ ସ୍ୱବକ୍ତବ୍ୟରେ ସରକାରୀ ଚାକିରି ଜୀବନର ପ୍ରଥମ କର୍ମକ୍ଷେତ୍ର ପିପୁଲ୍ଲି କଲେଜ ତାଙ୍କ ପାଇଁ ଚିରଦିନ ଅବିସ୍ମରଣୀୟ ହୋଇ ରହିବ ବୋଲି ମତବ୍ୟକ୍ତ କରିବା ସହ ଉପସ୍ଥିତ ଅଧ୍ୟୟନରତ ଏବଂ ପ୍ରାକ୍ତନ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳମୟ ଭବିଷ୍ୟତ କାମନା କରିଥିଲେ। ଏ ଅବସରରେ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁରସ୍ଥ ବ୍ରଜବନ୍ଧୁ ଡିଗ୍ରୀ କଲେଜକୁ ବଦଳି ହୋଇଥିବା ଅଧ୍ୟାପକ କରଙ୍କୁ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ପୁଷ୍ପଗୁଚ୍ଛ, ଉପଢୌକନ, ମାନପତ୍ର ଓ ଉପହାର ପ୍ରଦାନ ପୂର୍ବକ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ମନିଷା ଡାକୁଆ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିବା ବେଳେ ପରିଶେଷରେ ଛାତ୍ରୀ ଗିତାଞ୍ଜଳି ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ନିର୍ଲିପ୍ତ ନିରଞ୍ଜନ

. ସଶୀଲ କୁମାର ପ୍ରଧାନ

ଭାରତୀୟ ଧର୍ମ ଶାସ୍ତ୍ରରେ ମଣିଷ ଶରୀରକୁ ଅନିତ୍ୟ ଓ ଏହି ଶରୀର ମଧ୍ୟରେ ଥିବା ଆତ୍ମାକୁ ଅବିନାଶୀ ଭାବରେ ବିବେଚନା କରାଯାଇଛି । ପୁରୁଣା ବସ୍ତ୍ରକୁ ତ୍ୟାଗ କଲାପରି ଏହି ଆତ୍ମା, ଶରୀରକୁ ତ୍ୟାଗ କରି ଆଉ ଏକ ନୂତନ ରୂପରେ ରୂପାନ୍ତରିତ ହୁଏ । ଏହା ହିଁ ଜନ୍ମ-ମୃତ୍ୟୁର ରହସ୍ୟଛ ପୁନରପି ଜନମଂ ପୁନରପି ମରଣଂ...। ଆମ ସାଂସାରିକ ମାପକାଠିରେ ବିଚାର କଲେ ମୃତ୍ୟୁ ଏକ ଅପ୍ରତ୍ୟାଶିତ, ଅବାଞ୍ଛିତ, ଅଗ୍ରହଣୀୟ ଦୁଃଖଦ ପୀଡ଼ାଦାୟକ ଘଟଣା ଭାବରେ ଆମ ସମ୍ମୁଖରେ ଉଭା ହୁଏ । ମନ ବ୍ୟଥିତ ହୁଏ, ହୃଦୟରୁ କୋହ ଉଠେ । ଭାବପ୍ରବଣତା ଆମକୁ କାବୁ କରିପକାଏ । ଯାହା ନିରଞ୍ଜନ ରଥଙ୍କ ଅକାଳ ଦେହାନ୍ତ ପରିପ୍ରେକ୍ଷୀରେ ଆମ ଚାରିପାଖରେ ଘଟି ଚାଲିଛି । ସେ ସଂସାରୀ ନଥିଲେ, ମାତ୍ର ତାଙ୍କ ମୃତ୍ୟୁରେ ଅନେକ ସଂସାର ଆଜି ଗୁମୁରି ଗୁମୁରି କାନ୍ଦୁଛି । ସେ ଲୋକାଚାର ଅର୍ଥରେ ସଂସାର ବନ୍ଧନରେ ବାନ୍ଧି ହୋଇ ନଥିଲେ ମଧ୍ୟ ସାରା ସଂସାରର ମଣିଷମାନଙ୍କ ବୋଝରେ ନିଜର କ୍ଷୀଣ କାନ୍ଧକୁ ଭାରାକ୍ରାନ୍ତ କରିବାରେ ଲାଭ କରୁଥିଲେ ଏକ ସ୍ୱର୍ଗୀୟ ଆନନ୍ଦ । ଆନ୍ତର୍ଜାତୀକ ଖ୍ୟାତି ସମ୍ପନ୍ନ ସ୍ୱର୍ଗତ ବିଷ୍ଣୁ ରଥ, ଭୁବନେଶ୍ୱର ରଥଙ୍କ ସୁଯୋଗ୍ୟ ଦାୟାଦ ଭାବରେ ଜନ୍ମଗ୍ରହଣ କରି ସଂସ୍କୃତ, ଓଡ଼ିଆ ଓ ଇଂରାଜୀ ଭାଷା ସାହିତ୍ୟରେ ଅଗାଧ ପାଣ୍ଡିତ୍ୟ ଲାଭ କରି ଅତ୍ୟନ୍ତ ସରଳ ଜୀବନଯାପନ କରିବା ପାଇଁ ସେ ବାଲ୍ୟାବସ୍ଥାରୁ ଯେମିତି ସଂକଳ୍ପ କରିନେଇଥିଲେ । ଋଷିପ୍ରତିମ ଚେହେରା । ଅସାଧାରଣ ନମ୍ରତା ଭୂଷଣରେ ଭୂଷିତ ନିରଞ୍ଜନ ରଥ ସମାଜର ସବୁ ବର୍ଗର ବ୍ୟକ୍ତିବିଶେଷଙ୍କର ଶ୍ରଦ୍ଧା, ସମ୍ମାନ ଓ ଆଦରର ପାତ୍ର ହୋଇ ପାରିଥିଲେ । ସମାଜ ପରିବର୍ତ୍ତନରେ ଅନୁଷ୍ଠାନ ଗଠନର ଗୁରୁତ୍ୱ ଉପଲବ୍ଧି କରି ଦୂରଦ୍ରଷ୍ଟା ନିରଞ୍ଜନ ବାବୁ ଲୋଭନୀୟ ସରକାରୀ ଚାକିରି ପ୍ରତି ମନ ନଦେଇ ବଳେଇ ଆଠଗଡ଼ରେ ପ୍ରେସ୍ ସ୍ଥାପନ, 'ନ୍ୟାୟବତୀ ସମ୍ବାଦପତ୍ର ପ୍ରକାଶନ, ଗୋପବନ୍ଧୁ ମହିଳା କଲେଜ, ଆଇନ ମହାବିଦ୍ୟାଳୟ ସ୍ଥାପନ କରିଥିଲେ, ତାଦର ପ୍ରଭାବ ଆଜି ଉକ୍ତ ଅଞ୍ଚଳର ଅଧିବାସୀମାନେ ବେଶ୍ ଅନୁଭବ କରିପାରୁଥିବେ । ନବେ ଦଶକରେ ଦେଶର ଏକ ପ୍ରତିଷ୍ଠିତ ସେବା ଅନୁଷ୍ଠାନ 'ଲୋକସେବକ ମଣ୍ଡଳଦରେ ବିଭିନ୍ନ ସମୟରେ ଉପସଭାପତି, ସମ୍ପାଦକ, କୋଷାଧକ୍ଷ ଓ 'ସମାଜଦର ସମ୍ପାଦକ, ମୁଦ୍ରାକର ଓ ପ୍ରକାଶକ, ଗୋପବନ୍ଧୁଙ୍କ ସତ୍ୟବାଦୀର ସମ୍ପାଦକ, 'ସମାଜ ରିଲିଫ କମିଟିର ଅଧକ୍ଷ ଆଦି ପଦବୀରେ ଯୋଗଦେଇ ନିଜର ଦକ୍ଷତା ପ୍ରଦର୍ଶନ ପୂର୍ବକ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସକ୍ଷମ ହୋଇଛନ୍ତି । ଆଠଗଡ଼ ସନ୍ନିକଟ ମାଧବପୁରଠାରେ ୪୨ଏକର ପାହାଡ଼ ଜଙ୍ଗଲ ପରିପୂର୍ଣ୍ଣ ଜାଗାକୁ ଏକ ମେଡିକାଲ କଲେଜ ସ୍ଥାପନ ଉଦ୍ଦେଶ୍ୟରେ ସବୁଜିମାରେ ସଜେଇ ଡାକ୍ତରଖାନା ନିର୍ମାଣ ଓ ଏକ ନର୍ସିଂ କଲେଜ ପ୍ରତିଷ୍ଠା ତାଙ୍କ ଦୂରଦୃଷ୍ଟି ଓ ପାରଦର୍ଶିତାର ନିଦର୍ଶନ ସ୍ୱରୂପ ତାଙ୍କୁ କାଳ କାଳ ଲାଗି ଅମର କରି ରଖିବ । ଲୋକସେବକ ମଣ୍ଡଳ ଓ 'ସମାଜ ଅନୁଷ୍ଠାନର ବିଭିନ୍ନ ଉଚ୍ଚ ପଦପଦବୀରେ ଅଧିଷ୍ଠିତ ହୋଇ ମଧ୍ୟ ତାଙ୍କ ନୀତି ଆଦର୍ଶର ଆଧାରରୁ ବିଚ୍ୟୁତ ହୋଇନାହାନ୍ତି । ଅବଶ୍ୟ ତାଙ୍କ ଜୀବନର ଶେଷ ଭାଗରେ ବହୁ ମିଥ୍ୟାଆରୋପ ତାଙ୍କ ଉପରେ ଲଦି ଦିଆଯାଇଥିଲେ ମଧ୍ୟ ସେ ପୁନଶ୍ଚ ସେଥିରୁ ନିଜର ସ୍ୱଚ୍ଛତାର ପ୍ରମାଣ ଦେଇ ମୁକୁଳି ପାରିଥିଲେ । ପ୍ରାଣୀର ଭଲମନ୍ଦ ବାଣୀ, ମରଣ କାଳେ ତାହା ଜାଣି । ତାଙ୍କର ମୃତ୍ୟୁରେ ରାଜ୍ୟର କୋଣ ଅନୁକୋଣରେ ଯେଉଁ ଶୋକର ବାତାବରଣ ସୃଷ୍ଟି ହୋଇଛି ତାହା ସୂଚେଇ ଦେଇଛି, ଏହି ପ୍ରଚାର ପ୍ରସାର ବିମୁଖ ସରଳ ନିରାଡ଼ମ୍ବର ଲୋକଟିର ବ୍ୟକ୍ତିତ୍ୱର ସରହଦ୍ । 'ସମାଜ 'ରବିବାର ସଂଖ୍ୟାର ନିୟମିତ ସ୍ତମ୍ଭ 'ବେଙ୍ଗ କହେ ବେଙ୍ଗୁଲୀର ପାଠକମାନେ ତାଙ୍କୁ ଦୀର୍ଘ କାଳ ଧରି ସେମାନଙ୍କ ବୌଦ୍ଧିକ ଚେତନାରେ ସତେଜ ରଖିବେ । ସ୍ୱର୍ଗତ ନିରଞ୍ଜନ ରଥଙ୍କ କାଳଜୀୟ କର୍ମ ତାଙ୍କୁ ଓଡ଼ିଶାବାସୀଙ୍କ ହୃଦୟରେ ଚିରକାଳ ଅମର ରଖିବ, ତାଙ୍କ ଅମର ଆତ୍ମାର ପ୍ରଭୁ ପଦାରବିନ୍ଦରେ ଲୀନ ହେଉ ଏତିକି ପ୍ରାର୍ଥନା ।



**ରେଭିନ୍ୟୁ କଲୋନୀ ପଛପାଖ, ତୁଳସୀପୁର, କଟକ-୮**

### ସରସ୍ୱତୀ ବିଦ୍ୟାମନ୍ଦିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

# ନୀଳକଣ୍ଠ ନଗରରେ ଯୁକ୍ତ ୨ ବିଜ୍ଞାନ ଓ ବାଣିଜ୍ୟ ବିଭାଗର ସମ୍ବର୍ଦ୍ଧନା ଉତ୍ସବ




ବ୍ରହ୍ମପୁର, (ସବ୍ୟୁ): ରବିବାର ସ୍ଥାନୀୟ ସରସ୍ୱତୀ ବିଦ୍ୟାମନ୍ଦିର ଉଚ୍ଚମାଧ୍ୟମିକ ବଦ୍ୟାଳୟ, ନୀଳକଣ୍ଠ ନଗର ପରିସରରେ ପରିଚାଳନା ସମିତିର ସଭାପତି ଡଃ. ଜୀବାନନ୍ଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଯୁକ୍ତ ୨ ବିଜ୍ଞାନ ଓ ବାଣିଜ୍ୟ ବିଭାଗର ଛାତ୍ରଛାତ୍ରୀଙ୍କର ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଦ୍ୟାଳୟର ଅଧ୍ୟକ୍ଷ ଏସ୍. ମୋହନ ରାଓ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ପରିଚାଳନା ସମିତିର ସମ୍ପାଦକ ନାରାୟଣ ପଣ୍ଡା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟର ଶୈକ୍ଷିକ ପ୍ରଶାସକ ଉମାଧବ ମହାନ୍ତି କାର୍ଯକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଚିକିଟି ବିଧାୟକ ମନୋରଂଜନ ଦ୍ୟାନ ସାମନ୍ତରା ଯୋଗଦେଇ ଶିଶୁମାନଙ୍କୁ ଭବିଷ୍ୟତରେ ସୁନାଗରିକ ହୋଇ ଦେଶ ମାତୃକାର ସେବାରେ ବ୍ରତୀ ହେବାପାଇଁ ଉପଦେଶ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଶିକ୍ଷା ବିକାଶ ସମିତି ସମ୍ଭାଗ ସମ୍ପାଦକ, ଦକ୍ଷିଣପୂର୍ବ ସମ୍ଭାଗ ଦୀପକ କୁମାର ମହାରଣା, ସ୍ଥାନୀୟ ସମାଜସେବୀ ରାଜେନ୍ଦ୍ର ସୁରେଖା ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିକ୍ଷାବିକାଶ ସମିତି, ଓଡ଼ିଶାର କୋଷାଧକ୍ଷ ସତ୍ୟନାରାୟଣ ପଟ୍ଟନାୟକ ଛାତ୍ରଛାତ୍ରୀମାନଙ୍କୁ ସର୍ବଭାରତୀୟ ଶିକ୍ଷାନୁଷ୍ଠାନ ବିଦ୍ୟାଭାରତୀର ଲକ୍ଷକୁ ପାଥେୟ କରି ଭାରତୀୟ ଶିକ୍ଷା, ସଂସ୍କୃତି, ପରମ୍ପରାକୁ ସର୍ବଦା ବଜାୟ ରଖିବା ସହିତ ଉନ୍ନତିର ଉଚ୍ଚତର ସୋପାନରେ ପହଞ୍ଚିବାକୁ ମାର୍ଗଦର୍ଶନ କରିଥିଲେ । ଚଳିତ ଶିକ୍ଷାବର୍ଷ ଯୁକ୍ତ ୨ ବିଜ୍ଞାନ ବୋର୍ଡ ପରୀକ୍ଷାରେ ରାଜ୍ୟରେ ଷଷ୍ଠ ସ୍ଥାନ ରଖିଥିବା ଛାତ୍ରୀ ସୁଶ୍ରୀ ଶ୍ରୀୟାଲିସା ଦେବୀ, ସପ୍ତମ ସ୍ଥାନ ରଖିଥିବା ଛାତ୍ର ମିଲନ୍ ଦାଶ, ରାଜ୍ୟରେ ଅଷ୍ଟମ ସ୍ଥାନ ରଖିଥିବା ଛାତ୍ରୀ ସୁଶ୍ରୀ ଆଲିଶା ଶତପଥୀ, ରାଜ୍ୟରେ ଦଶମ ସ୍ଥାନ ରଖିଥିବା ଛାତ୍ରୀ ସୁଶ୍ରୀ ପ୍ରତିଭା ନାହାକ ଓ ସୁଶ୍ରୀ ହରପ୍ରିୟା ରାଉତ ଏବଂ ବାଣିଜ୍ୟ ବିଭାଗରେ ରାଜ୍ୟସ୍ତରରେ ତୃତୀୟ ସ୍ଥାନ ରଖିଥିବା ଛାତ୍ରୀ ସୁଶ୍ରୀ ଶ୍ରେୟାସୀ ଗୀତିରଂଜନୀ, ଷଷ୍ଠସ୍ଥାନ ଅଧିକାର କରିଥିବା ସୁଶ୍ରୀ ରେଣୁକା କୁମାରୀ ସାହାଣୀ, ଦଶମ ସ୍ଥାନ ଅଧିକାର କରିଥିବା ସୁଶ୍ରୀ ରୋଶନୀ ଅଗ୍ରୱାଲ୍ ପ୍ରମୁଖଙ୍କୁ ସମ୍ବର୍ଦ୍ଧନା କରିବା ସହିତ ସେମାନଙ୍କ ପିତାମାତାଙ୍କୁ ଉପଢ଼ୌକନ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା । ତତ୍ ସଙ୍ଗେ ସଙ୍ଗେ ଶତକଡ଼ା ୯୦ରୁ ଉର୍ଦ୍ଧ ସଂଖ୍ୟା ହାସଲ କରିଥିବା ଉଭୟ ବିଜ୍ଞାନ ଓ ବାଣିଜ୍ୟ ଛାତ୍ରଛାତ୍ରୀମାନଙ୍କୁ ମଧ୍ୟ ମାନପତ୍ର, ପୁରସ୍କାର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ବିଦ୍ୟାଳୟର ଆଚାର୍ଯ୍ୟ ସଚ୍ଚିଦାନନ୍ଦ ପୁରୋହିତ, ଆଚାର୍ଯ୍ୟା ଶ୍ରୀମତୀ ପ୍ରିୟଦର୍ଶିନୀ ସାହୁ ଏବଂ ଶ୍ରୀମତୀ ମନ୍ଦାକିନୀ ମିଶ୍ର ।

ଶେଷରେ ଯକ୍ତଦୁଇ ବିଭାଗର ପର୍ଯ୍ୟାୟ ପ୍ରମୁଖ ସ୍ୱରାଜ୍ୟ ମାଝି ନିମନ୍ତ୍ରିତ ଅତିଥି ତଥା ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା ସମିତିର ଯୁଗ୍ମସମ୍ପାଦକ ନୀଳକଣ୍ଠ ସାହୁ, କୋଷାଧକ୍ଷ ସୋମନାଥ ନନ୍ଦ, ବିଦ୍ୟାମନ୍ଦିରର ସହ ପ୍ରଧାନାଚାର୍ଯ୍ୟ ଜଟେଶ୍ୱର କର, ଶିଶୁ ମନ୍ଦିର ପ୍ରଧାନାଚାର୍ଯ୍ୟ ସୁରେଶ କୁମାର ଆଚାର୍ଯ୍ୟ, ସୁଦର୍ଶନ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ ।

## କେବେ ଘୁଞ୍ଚିବ ଦାଦନ ଦୁଃଖ

# ଦାଦନ ଖଟିବାକୁ ଯାଇ ଜୀବନ ହାରିଲେ ଯୁବକ

ପାଲଲହଡା, (ସବ୍ୟୁ) : ସରକାର ପରେ ସରକାର ବଦଳିଛି ହେଲେ ଘୁଞ୍ଚୁନି ଦାଦନ ଦୁଃଖ । ପେଟ ଚାଖଣ୍ଡକ ପାଇଁ ଅନ୍ୟଠି ମୂଲ ଲାଗି, ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ନିଜର ଗୁଜୁରାଣ ମେଣ୍ଟେଇବାକୁ ପଡୁଛି । ଆମ ରାଜ୍ୟରେ ପେଟ ପୋଷିବା ପାଇଁ ନାହିଁ ସେମିତି କୌଣସି ବିଶେଷ ସୁବିଧା । ଦାଦନ ଖଟିବାକୁ ଯାଇ ଅର୍ଦ୍ଧାଧିକ ଘରକୁ ଫେରିପାରୁନାହାନ୍ତି । ସେଠାକାର ଦଲାଲ ଓ ମାଲିକଙ୍କ ନିର୍ଯାତନାର ଶିକାର ହୋଇ ଆଉକିଛି ଲୋକଙ୍କର ଅକାଳରେ ମୃତ୍ୟୁ ବରଣ ଘଟୁଛି । ଯାହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ପାଲଲହଡା ଥାନା ଅନ୍ତର୍ଗତ ଚସାଗୁରୁଜାଙ୍ଗ ଗ୍ରାମର ଠଣସୁନ୍ଦର ସାହୁଙ୍କ ଯବାନ ପୁଅ ସନ୍ତୋଷ କୁମାର ସାହୁ(୨୪)ଙ୍କ କ୍ଷେତ୍ରରେ । ଖବର ନେବାରେ ଜଣାପଡିଛି ସନ୍ତୋଷ (୨୪) ଗତକାଲି ସୁଦୂର ଆନ୍ଧ୍ରପ୍ରଦେଶର ନନ୍ଦିଆଳର ଧୋନକୁ କାମ କରିବାକୁ ଯାଇ ଗତକାଲି



ସେଠାରୁ ଘରକୁ ଫେରୁଥିବାବେଳେ ରେଲୱେ ପ୍ଲାଟଫର୍ମ ଆଗରୁ ହଠାତ ତଳେ ଖସିପଡିବାରୁ ସମ୍ପୃକ୍ତ ଜିଆରପି ଦ୍ୱାରା ନିକଟସ୍ଥ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନିଆଯାଇଥିଲା । ହେଲେ ଡାକ୍ତର ସେଠାରେ ସନ୍ତୋଷକୁ ମୃତ ଘୋଷଣା କରିଥିଲେ । ସନ୍ତୋଷର ସହିତ ଯାଇଥିବା ସାଙ୍ଗ ଠାରୁ ଖବର ପାଇ ପରିବାର ଲୋକ ସ୍ଥାନୀୟ ବିଧାୟକଙ୍କୁ ଗୁହାରି କରିଥିଲେ । ଶବଟି ଘରକୁ ଆଣିବାକୁ । ସ୍ଥାନୀୟ ବିଧାୟକ ଅଶୋକ ମହାନ୍ତି ମୁଖ୍ୟମନ୍ତ୍ରୀଙ୍କ ଜରିଆରେ ଆନ୍ଧ୍ରପ୍ରଦେଶ ଶ୍ରମ ମନ୍ତ୍ରୀଙ୍କ ସାହାଯ୍ୟରେ ଏକ ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗେ ନିଜ ଜନ୍ମ ମାଟିକୁ ଆଣିବାର ସୁବନ୍ଦୋବସ୍ତ କରିଛନ୍ତି । ବିଧାୟକଙ୍କ ଏଭଳି ଉଦ୍ୟମକୁ ପ୍ରଶଂସା କରାଯାଇଛି ।

# ଟ୍ରେନ୍ କୋଇଲା ପରିବହନକୁ ଗୁରୁତ୍ୱ, ବେସାହାରା ଅବସ୍ଥାରେ ଟ୍ରକ ମାଲିକ

ତାଳଚେର, (ସବ୍ୟୁ): ତାଳଚେରର ଆର୍ଥିକ ମେରୁଦଣ୍ଡ ହେଉଛି କୋଇଲା । କୋଇଲା ଯୋଗୁଁ ଆଜି ତାଳଚେର ସାରା ଭାରତବର୍ଷରେ ପରିଚିତ । ଏହି କୋଇଲାକୁ ଆଧାରକରି ତାଳଚେର ସମେତ ବାହାର ରାଜ୍ୟ ଗୁଡ଼ିକରେ ବହୁ କଳକାରଖାନା ମାନ ଗଢି ଉଠିଛି । ବିଶେଷତଃ ଏହି କୋଇଲା ଯୋଗୁଁ ଖଣି କ୍ଷତିଗ୍ରସ୍ତ ଓ ପ୍ରଭାବିତ ପ୍ରଜାମାନେ ଲୋନ କରି ଗୋଟିଏ ଗୋଟିଏ ଟ୍ରକ କିଣି ବିଭିନ୍ନ ଜିଲ୍ଲା ଓ ରାଜ୍ୟକୁ କୋଇଲା ପରିବହନ କରି ନିଜର ପେଟପାଟଣା ପୋଷିଥାନ୍ତି । କିନ୍ତୁ ଦିନକୁ ଦିନ ସରକାର ଟ୍ରେନ ଯୋଗେ କୋଇଲା ପରିବହନକୁ ଗୁରୁତ୍ୱ ଦେଉଥିବାରୁ ବିଚରା ଟ୍ରକ ମାଲିକମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତାଳଚେରରେ ଟ୍ରକ ଯୋଗେ ପର୍ଯ୍ୟାପ୍ତ ପରିମାଣରେ କୋଇଲା ପରିବହନ ହେଉନଥିବାରୁ ଟ୍ରକ ମାଲିକଙ୍କର ଲୋନଅର୍ଥ ପୈଠ କରିପାରୁନଥିବାରୁ ସେମାନଙ୍କର ଗାଡ଼ି ଫାଇନାନ୍ସ କମ୍ପାନୀମାନେ ଟାଣି ନେଉଥିବା ଏହା ମାଲିକମାନେ ପ୍ରକାଶ କରୁଛନ୍ତି । ତେବେ ଉତ୍ପାଦନରର ରୋଡ଼ସେଲ୍ ମାଧ୍ୟମରେ ଟ୍ରକ ଯୋଗେ ୪୦% କୋଇଲା ଓ ଟ୍ରେନ ଯୋଗେ ୬୦% ପ୍ରତିଶତ କୋଇଲା ପରିବହନ ପାଇଁ ବାରମ୍ବାର ପ୍ରଶାସନ ଏବଂ ଏମସିଏଲ ପ୍ରତିନିଧିଙ୍କ ସହିତ ଆଲୋଚନା କରାଯାଇଥିଲେ ହେଁ ଏହା ଠିକ୍ ଭାବେ କାର୍ଯ୍ୟକାରୀ ହେଉନଥିବାରୁ ଟ୍ରକ ମାଲିକମାନେ ଅସନ୍ତୋଷ ପ୍ରକାଶ କରିବା ସହିତ ଟ୍ରକ ଉପରେ ନିର୍ଭର କରି ଚଳି ଆସୁଥିବା ତଥା ଚାଳକ, ଖଲାସୀ ଏପରିକି ବିଭିନ୍ନ ଗ୍ୟାରେଜ୍ ମାଲିକ ଓ ଟ୍ରକ ମାଲିକମାନେ ଦୁର୍ଦ୍ଦିନରେ କାଳତିପାତ କରୁଥିବା କ୍ଷୋଭର ସହ ପ୍ରକାଶ କରିଛନ୍ତି । ସେହିପରି ୨୦୧୯ ମସିହାରେ ଲାଗୁ ହୋଇଥିବା ଭଡ଼ା ଆଜି ପର୍ଯ୍ୟନ୍ତ ଚାଲି ଆସୁଥିବା ବେଳେ ଡ଼ିଜେଲ, ପେଟ୍ରୋଲ ଓ ଯନ୍ତ୍ରାଂଶର ଦରଦାମ ବୃଦ୍ଧି ପାଇ ଆସୁଥିଲେ ହେଁ ଟ୍ରକ ଯୋଗେ କୋଇଲା ପରିବହନ ବାବଦରେ ବର୍ତ୍ତମାନ ସୁଦ୍ଧା କୌଣସି ଭଡ଼ାର ଦର ବୃଦ୍ଧି କରାଯାଇ ନାହିଁ ବୋଲି ମାଲିକମାନେ ପ୍ରକାଶ କରିଛନ୍ତି । ମାତ୍ର ଏହାର ଓଲଟା ହେଉଥିବା ଶୁଣିବାକୁ ମିଳୁଛି । ତେଣୁ ଏବେ ତାଳଚେର ଅଂଚଳରେ ରହିଥିବା ଟ୍ରକ ମାଲିକମାନେ ଋଣଭାରରେ ପେଷି ହୋଇ ଆତ୍ମ କରିବା ଭଳି ଚରମ ପଦକ୍ଷେପ ନେବେ ବୋଲି କୁହାଯାଉଛ । ଏଠାରେ ସୂଚନାଯୋଗ୍ୟଯେ, ତାଳଚେର ଅଂଚଳରେ ରହିଥିବା ପ୍ରାୟ ୧୦ଟି ଖଣିରୁ ଟ୍ରକ ଯୋଗେ ମୁଖ୍ୟତଃ କୋଇଲା ପରିବହନକୁ ନେଇ ମାଲିକମାନେ ନିଜର ଗୁଜୁରାଣ ମେଣ୍ଟାଉଥିବା ବେଳେ ବର୍ତ୍ତମାନ ସ୍ଥାନୀୟ ଟ୍ରକ ମାଲିକମାନେ ପର୍ଯ୍ୟାପ୍ତ ପରିମାଣରେ ଲୋଡ଼ିଙ୍ଗ ନପାଇ ଦୁର୍ଦ୍ଦିନରେ ଗତି କରୁଛନ୍ତି । କେଉଁ କେଉଁ ସେକଫର ସପ୍ତାହକୁ ଗୋଟିଏ ଗୋଟିଏ ଟ୍ରିପ୍ କୋଇଲା ଲୋଡ଼ିଙ୍ଗ ପାଉଥିବା ବେଳେ ଆଉ ଗୁଡ଼ିଏ ଟ୍ରକ ରାସ୍ତାରେ ଦୀର୍ଘ ଦିନ ହେବ କୋଇଲା ଲୋଡ଼ିଙ୍ଗ ନପାଇ ଛିଡ଼ା ହେଉଥିବା ଦେଖିବାକୁ ମିଳୁଛି । ତେଣୁ ସରକାର ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ମାଲିକମାନେ ଦାବି କରିଛନ୍ତି ।

## ପ୍ରଧାନମନ୍ତ୍ରୀଙ୍କ ମନକିବାତ କାର୍ଯ୍ୟକ୍ରମ

# କନ୍ଦରସିଂହା ଶିଶୁ ମନ୍ଦିରରେ ଶୁଣିଲେ ନେତା ଓ ଜନତା



ପରଜଙ୍ଗ, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ କନ୍ଦରସିଂହା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୧୨୩ ତମ ଏପିସୋଡ଼ ମନ କୀ ବାତ୍ କାର୍ଯ୍ୟକ୍ରମରେ ନେତା ଓ ଜନତାଏକାଠି ହୋଇ ଶୁଣିଥିବାର ଜଣାପଡିଛି । ପରଜଙ୍ଗ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କନ୍ଦରସିଂହା ଗାଁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୧୨୩ ତମ ଏପିସୋଡ଼ ମନ କୀ ବାତ୍ କାର୍ଯ୍ୟକ୍ରମକ ଅବସରରେ ପ୍ରଧାନମନ୍ତ୍ରୀ ମହାକାଶଯାତ୍ରା, ଯୋଗ, ବନ୍ଦେ ଭାରତ ଟ୍ରେନ, ବିଶ୍ୱ ପ୍ରସିଦ୍ଧ ରଥ ଯାତ୍ରା ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ବାର୍ତ୍ତା ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଜେପିର ବରିଷ୍ଠ ନେତା ସନ୍ତୋଷ କୁମାର ରାଉତ, ସ୍ଥାନୀୟ ସରପଞ୍ଚ ବିଜେନ୍ଦ୍ର କୁମାର ସାହୁ, ପ୍ରଶାନ୍ତ କୁମାର ନାୟକ, ପ୍ରଶାନ୍ତ କୁମାର ବିଶ୍ୱାଳ, ସମାଜସେବୀ କଳ୍ପତରୁ ବିଶ୍ୱାଳ, କ୍ଷୀରୋଦ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ । ଏଥିସହିତ ବହୁ ବୁଦ୍ଧିଜୀବୀ, ସାମ୍ବାଦିକ ଏବଂ ଗାଁର ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦାନ କରିଥିଲେ । ମୋଦିଙ୍କ ମନ କୀ ବାତ କାର୍ଯ୍ୟକ୍ରମ ଦେଶର କୋଣ ଅନୁକୋଣରେ ବେଶ୍ ଆଦୃତ ହୋଇ ପାରିଛି ବୋଲି ଉପସ୍ଥିତ ଅତିଥି ମାନେ ପ୍ରକାଶ କରିଥିଲେ

## ଟ୍ରାନ୍ସଫର୍ମର ପୋଡି ୫ ଦିନ ହେଲା ଗାଁ ଅନ୍ଧାର

ଠାକୁରଗଡ, (ସବ୍ୟୁ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ପାଇକ ସାହି ଗ୍ରାମରେ ଲାଗିଥିବା ୧୦୦ କେଭି ଟ୍ରାନ୍ସ ଫର୍ମରଟି ବୁଧବାର ଦିନ ବଜ୍ରପାତରେ ପୋଡି ଯାଇଛି । ୫ ଦିନ ବିତି ଯାଇଥିଲେ ମଧ୍ୟ ନୂତନ ଟ୍ରାନ୍ସ ଫର୍ମର ଲଗା ଯାଉନାହିଁ । ଫଳରେ ଗାଁ ସମ୍ପୂର୍ଣ୍ଣ ଅନ୍ଧାରରେ ଅଛି । ଅଞ୍ଚଳବାସୀ କହିବା ଅନୁଯାୟୀ ୧୫୦ଟି ପରିବାରକୁ ବଦ୍ୟୁତ ସେବା ଯୋଗାଇ ଦେବା ପାଇଁ ଗ୍ରାମରେ ୧୦୦ କେଭି ଟ୍ରାନ୍ସଫର୍ମରଟି ଲଗା ଯାଇଥିଲା । ଏଥିସହ ହାଇସ୍କୁଲ, ବ୍ୟାଙ୍କ ଗୁଡିକକୁ ମଧ୍ୟ ଏହି ଟ୍ରାନ୍ସ ଫର୍ମରରୁ ବିଦ୍ୟୁତ୍ ସେବା ଯୋଗାଇ ଦିଆଯାଉଛି । ବୁଧବାର ରାତିରେ ବର୍ଷା ସାଙ୍ଗକୁ ବଜ୍ରପାତ ହୋଇଥିବା ବେଳେ ଉକ୍ତ ଟ୍ରାନ୍ସ ଫର୍ମରଟି ପୋଡି ଯାଇଛି । ଏନେଇ ଅଞ୍ଚଳବାସୀ ବଇଣ୍ଡା ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ଠାରେ ଅଭିଯୋଗ କଲେ ମଧ୍ୟ ନୂତନ ଟ୍ରାନ୍ସଫର୍ମର ଲଗା ଯାଉନାହିଁ । ଫଳରେ ଗ୍ରାମବାସୀ ସମ୍ପୂର୍ଣ୍ଣ ଅନ୍ଧାରରେ ଅଛନ୍ତି । ତୁରନ୍ତ ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି ।

# ଓଲଟିଲା କୋଇଲା ଟ୍ରକ୍, ୬ଘଣ୍ଟା ରାସ୍ତା ଅବରୋଧ

ଗୋଡ଼ିବନ୍ଧ, (ସବ୍ୟୁ) : ଅନୁଗୁଳ ଜିଲ୍ଲାର ସମଲ ଥାନା ଅଞ୍ଚଳରେ ଏକ ଦୁର୍ଘଟଣା ଘଟିଯାଇଛି । ବଲାଙ୍ଗୀ ଲେବୁଲ କ୍ରସିଂ ଦେଇ ସମଲ ପୂର୍ତ୍ତ ବିଭାଗ ରାସ୍ତାରେ ଭାରିଯାନ ଚଳାଚଳ ବନ୍ଦ କରିବାକୁ ପ୍ରଶାସନର ତ୍ରିପାକ୍ଷିକ ବୈଠକରେ ନିଷ୍ପତ୍ତି ହେଇଛି । ମାତ୍ର ସ୍ଥାନୀୟ ଦଲାଲ ଓ ମୁନାଫାଖୋର ପୋଲିସ ବାବୁଙ୍କ ସହଯୋଗରେ ଅହରାତ୍ର ବାଲି, ପାଉଁଶ ଓ କୋଇଲା ଗାଡ଼ି ଚାଲିବା ବନ୍ଦ ହେଉନି । କିଛି ସ୍ଥାନୀୟ ଲୋକ ଓ ବଜାର କମିଟି ସ୍ୱର ଉତ୍ତୋଳନ ପରେ ଏବେ ଦିନ ସମୟରେ ବାଲି, ପାଉଁଶ କୋଇଲା ପରିବହନ ହେଉନାହିଁ । ମାତ୍ର ରାତ୍ର ସମୟରେ ଅହରହ ବେଆଇନ ପରିବହନ ଚାଲିଛି । ଆଜି ଗାଡ଼ି ନଂ ଓଡ଼ି୩୫ଡି ୩୮୫୬ ଦୃତ ଗତିରେ ଯାଉଥିବା ସମୟରେ ଭାରସାମ୍ୟ ହରାଇ ପମ୍ପ ହାଉସ ନିକଟରେ ଓଲଟି ପଡି କୋଇଲା ଏଣେତେଣେ ବିଛାଡି ହେଇ ପଡିଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ଏପରିକି ୬ଘଣ୍ଟା ଧରି



ରାସ୍ତାରେ ଅନ୍ୟ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି । ଏହି ବେଆଇନ ପରିବହନକୁ ପୋଲିସ ବନ୍ଦ୍ ନକଲେ ବ୍ୟବସାୟୀ ସଂଘ, ସ୍ଥାନୀୟ ବାସିନ୍ଦା ଓ ବୁଦ୍ଧିଜୀବୀମାନେ ମିଳିତ ଭାବେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ପ୍ରଶାସନକୁ ଚେତାବନୀ ଦେଇଛନ୍ତି ।

# ଘରୁ ନାଗ ସାପ ଉଦ୍ଧାର

ଠାକୁରଗଡ, (ସବ୍ୟୁ): ଠାକୁରଗଡ ଥାନା ଝିଲିମୁଣ୍ଡା ଗ୍ରାମର ସଞ୍ଜୁ ପ୍ରଧାନଙ୍କ ଘରୁ ରବିବାର ଦିନ ଏକ ନାଗ ସାପକୁ ସୁରକ୍ଷିତ ଅବସ୍ଥାରେ ଉଦ୍ଧାର କରାଯାଇଛି । ଏକ ନାଗ ସାପ ବାହାର ଅଞ୍ଚଳରୁ ସଞ୍ଜୁଙ୍କ ଘର ଭିତରୁକୁ ପଳାଇ ଆସିଥିଲା । ଏହି ସାପଟି ସିଧା ତାଙ୍କ ଘର ଭିତରେ ଥିବା ବେଳେ ବାହାରକୁ ବାହାରି ନଥିଲା । ପରେ ସାପକୁ ସଞ୍ଜୁ ଓ ତାଙ୍କ ପରିବାର ଲୋକେ ଦେଖି ବାହାରକୁ ପଳାଇ ଆସି ଘଉଡାଇଥିଲେ ମଧ୍ୟ ସାପଟି ଘରୁ ବାହାରକୁ ଯାଇନଥିଲା । କିପରି ସୁରକ୍ଷିତ ଅବସ୍ଥାରେ ସାପ ଉଦ୍ଧାର ହେବ ସେନେଇ ସାପ ଉଦ୍ଧାରକାରୀ ମାଧପୁର ଅଞ୍ଚଳର ସିଦ୍ଧେଶ୍ୱର ରଥଙ୍କୁ ସଞ୍ଜୁ ସୂଚନା ଦେଇଥିଲେ । ଖବର ପାଇଁ ସିଦ୍ଧେଶ୍ୱର ସଞ୍ଜୁଙ୍କ ଘରେ ପହଞ୍ଚି ସୁରକ୍ଷିତ ଅବସ୍ଥାରେ ସାପକୁ ଉଦ୍ଧାର କରି ନିକଟରେ ଥିବା ଜଙ୍ଗଲରେ ଛାଡିଥିଲେ ।

# ରେଙ୍ଗାଲି ରଥଯାତ୍ରା ପାଳିତ

ରେଙ୍ଗାଲି, (ସବ୍ୟୁ): କଣିହାଁ ବ୍ଲକ ରେଙ୍ଗାଲି ପ୍ରକଳ୍ପ ଅଞ୍ଚଳରେ ପ୍ରତିଷ୍ଠିତ ଶ୍ରୀଜଗନ୍ନାଥ ମନ୍ଦିରରେ ପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ପାଳିତ ହୋଇଯାଇଛି । ପ୍ରକଳ୍ପ ସ୍ଥିତ କପିଳେଶ୍ୱର ମନ୍ଦିର ପରିସରରେ ପ୍ରତିଷ୍ଠିତ ଶ୍ରୀଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କର ଘୋଷଯାତ୍ରା ପରିପ୍ରେକ୍ଷୀରେ ପ୍ରତ୍ୟୁଷରୁ ବଡ ଠାକୁର କାଳିଆ ସାଆନ୍ତଙ୍କ ବିଭିନ୍ନ ନୀତିକାନ୍ତି ମନ୍ଦିରର ପୂଜକଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା । ପ୍ରଭୁଙ୍କର ସିଂହାସନ ଅବରୋହଣ, ରଥ ପ୍ରତିଷ୍ଠା, ଗୁଣ୍ଡିଚା ମନ୍ଦିର ଯଜ୍ଞ ପରେ ପୂଜକ ଓ ସେବକଙ୍କ ଦ୍ୱାରା ପ୍ରଭୁଙ୍କୁ ପହଣ୍ଡି ବିଜେ କରାଯାଇ ମନ୍ଦିରରୁ ରଥକୁ ଅଣାଯାଇଥିଲା । ରେଙ୍ଗାଲି ଡ୍ୟାମର ଅଧିକ୍ଷଣ ଯନ୍ତ୍ରୀ ସୌମେନ୍ଦ୍ର ବେହେରା ରଥ ଉପରେ ଠାକୁର ରାଜା ଭାବେ ଛେରାପହଁରା କରିଥିଲେ । ଅପରାହ୍ନ ୪ଟାରେ ରଥଟଣା ଆରମ୍ଭ ହୋଇଥିଲା ।

# ଭଉଣୀଙ୍କୁ ମାଡ଼ ଅଭିଯୋଗ

ଠାକୁରଗଡ, (ସବ୍ୟୁ): ଠାକୁରଗଡ ଥାନା ପାଇକସାହିର କୁଡାସାହି ଅଞ୍ଚଳର ସୁଶିଳା ପ୍ରଧାନଙ୍କୁ ତାଙ୍କ ଭାଇ ରାଜୁ ପ୍ରଧାନ ଓ ଧର୍ମେନ୍ଦ୍ର ପ୍ରଧାନ ମାଡ଼ ମାରିବା ସହ ଗାଳି ଗୁଜଳ କରିଥିବା ସୁଶିଳା ଠାକୁରଗଡ ଥାନାରେ ଶନିବାର ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗକୁ ଭିତି କରି ପୋଲିସ ନମ୍ବର ୧୮୭/୨୫ରେ ଏକ ମାମଲା ରୁଜୁ କରିଛି । ପୋଲିସ କହିଛିଯେ, ସୁଶିଳା କୁଡାସାହି ଅଞ୍ଚଳରେ ରହିବା ସହ ଅନୁଗୋଳକୁ ଯାଇ ଶ୍ରମିକ ଭାବରେ କାମ କରୁଛନ୍ତି । ଶୁକ୍ରବାର ଦିନ ସୁଶିଳା ଅନୁଗୋଳ ଅଭିମୁଖେ ଏକ ବଲେରୋ ଗାଡିରେ ଯାଉଥିବାବେଳେ ଉଭୟ ଦୁଇ ଜଣ ଭାଇ ତାଙ୍କୁ ଅଟକାଇ ଗାଳି ଗୁଲଜ କରିଥିଲେ । ପରେ ଉଭୟ ମାଡ଼ ମାରିଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି ।

# ଘୋଷଯାତ୍ରା ଉପଲକ୍ଷେ ସତ୍ୟ ସନାତନୀ ସଂଗଠନ ପକ୍ଷରୁ ଅଭଡ଼ା ବଣ୍ଟନ

ତାଳଚେର, (ସବ୍ୟୁ): ତାଳଚେର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସତ୍ୟ ସନାତନୀ ସଂଗଠନ ପକ୍ଷରୁ ପବିତ୍ର ଘୋଷଯାତ୍ରା ଅବସରରେ ତାଳଚେର ବଡ଼ଦାଣ୍ଡ ଠାରେ ଭକ୍ତଙ୍କୁ ଅଭଡ଼ା ବଣ୍ଟନ କରିଥିଲେ । ଏଥିରେ ମୁଖ୍ୟଅତିଥି ଭାବେ ଙ୍କୋନାଳ ସାଂସଦ ରୁଦ୍ରନାରାଣ ପାଣି, ବିଜେପି ଜି▸। ସଭାପତି ଯଯାତି ପଟ୍ଟନାୟକ, ବିଧାୟକ ବ୍ରଜକିଶୋର ପ୍ରଧାନ, ନଗରପାଳ ପବିତ୍ର ଭୂତିଆ, ସମାଜସେବୀ ବିଭୂତି ସାହୁ, ନାରୀନେତ୍ରୀ ଯଶ୍ମିନ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଳୁମାନଙ୍କୁ ଅଭଡ଼ା ବଂଟନ କରିବା ସହିତ ସଂଗଠନର ବ୍ୟକ୍ତି ବିଶେଷମାନଙ୍କୁ ଏଥିନେଇ ଉତ୍ସାହିତ କରିଥିଲେ । ସଂଘର ସଭାପତି ପଦ୍ମନ ଜେନନା, ସମ୍ପାଦକ କୃତିସୁନ୍ଦର ମହାରଣା, ଗୋ ସେବକ ସଞ୍ଜୟ ମହାପାତ୍ର, କ୍ଷେତ୍ରବାସୀ ନାୟକ, କାଉନସିଲର୍ ସନ୍ତୋଷ ବେହେରା, ସନ୍ତୋଷ ସାହୁ, ସୁବାଷିନୀ ବେହେରା, ସରୋଜ ମହାନ୍ତ, ଦେବାଶିଷ ବିଶି, ପ୍ରତିମା ମିଶ୍ର, ସୁଭାସିନୀ ମହାପାତ୍ର, ଉର୍ମିଳା ଦେହୁରୀ, ବରିଷ୍ଟ ଆଇନଜୀବୀ ଉଚ୍ଛନ୍ନ ପଟ୍ଟନାୟକ, ଅମରେଶ ମିଶ୍ର ପ୍ରମୁଖ ସଂଗଠନର ସଦସ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ତେବେ ଅନୁଷ୍ଠାନ ପକ୍ଷରୁ ଆଗାମୀ ଦିନରେ ଆହୁରି ଭଲଭଲ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ସଂଗଠନର ସଭାପତି ମତପ୍ରକାଶ କରିଛନ୍ତି ।

# ଅନ୍ତର୍ଜାତୀୟ ନିଶାଦ୍ରବ୍ୟ ଅପବ୍ୟବହାର ଏବଂ ଅବୈଧ ଚାଲାଣ ବିରୋଧ ଦିବସ

ଅନୁଗୋଳ, (ସବ୍ୟୁ): ଜିଲ୍ଲା ପ୍ରଶାସନ, ଅନୁଗୋଳ ଦ୍ୱାରା ଅନ୍ତର୍ଜାତୀୟ ନିଶାଦ୍ରବ୍ୟ ଅପବ୍ୟବହାର ଏବଂ ଅବୈଧ ଚାଲାଣ ବିରୋଧ ଦିବସ ୨୦୨୫ ଅନୁଗୋଳ ଗାନ୍ଧୀ ମାର୍ଗ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଶାରଦା ଭବନ ସଭା ଗୃହ ଠାରେ ଏକ କର୍ମଶାଳା ଆୟୋଜନ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମକୁ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ମାନସିକ ରୋଗ ବିଶେଷଜ୍ଞ ଡକଫର ରଶ୍ମିତା ଭଞ୍ଜଦେଓ ଦୀପ ପ୍ରଜ୍ୱଳନ ପୂର୍ବକ ଆନୁଷ୍ଠାନିକ ଭାବେ ଉଦଘାଟନ କରି ଡ୍ରଗ୍ସ ଏବଂ ବିଭିନ୍ନ ପ୍ରକାର ନିଶା ଦ୍ରବ୍ୟ ଯଥା ଗଞ୍ଜେଇ, ବ୍ରାଉନ ସୁଗାର, ହିରୋଇନ୍, ହାସିସ, ଭାଙ୍ଗ, ମଦ, କୋକେନ୍, ବିଭିନ୍ନ ପ୍ରକାର ଅବୈଧ ନିଶା ଔଷଧ, ପରମାନେଣ୍ଟ ମାର୍କର, ଡେନ୍ଡ୍ରାଇଟ ଅଠା ଇତ୍ୟାଦିର ଅପବ୍ୟବହାର ଏକ ଚିନ୍ତା ଜଣକ ଆହ୍ୱାନ ଭାବେ ଆଜି ସମଗ୍ର ବିଶ୍ୱ ତଥା ଅର୍ଥନୀତିକୁ ପ୍ରଭାବିତ କରିଛି । ନିଶା ଦ୍ରବ୍ୟ ଅପବ୍ୟବହାର ତଥା ଅବୈଧ ଚାଲାଣ ରୋକିବା ପାଇଁ ଏହି ଦିବସ ସମଗ୍ର ବିଶ୍ୱରେ ୧୯୮୭ ମସିହା ଠାରୁ ଜାତିସଂଘର ସ୍ୱୀକୃତି କ୍ରମେ ପାଳିତ ହେଉଅଛି । ତେଣୁ ସମସ୍ତ ଜନସାଧାରଣଙ୍କ ମଧ୍ୟରେ ସଚେତନତା ଏବଂ ଭାଗିଦାରୀ ଦ୍ୱାରା ଏହି ଦିବସ ପାଳନର ସୁଫଳ ମିଳିପାରିବ ବୋଲି ଦର୍ଶାଇବା ସହିତ ଶାରିରୀକ ତଥା ଦୈନନ୍ଦିନ ଜୀବନରେ କେଉଁ କେଉଁ ପରିବର୍ତ୍ତନ ଆସିବା ଦ୍ୱାରା ଜଣେ କେଉଁ ନିଶା ସେବନ କରୁଛି ଆମେ ଅନୁମାନ କରି ପାରିବା ବୋଲି ଦର୍ଶାଇଥିଲେ । ପ୍ରାଧାପକ ଡକଫର ମନୋଜ କୁମାର ଦେହୁରୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଚଳିତ ବର୍ଷର ବିଷୟବସ୍ତୁ ଶୃଙ୍ଖଳାକୁ ଭାଙ୍ଗିବା: ନିରୋଧ, ଚିକିତ୍ସା ଏବଂ ଆରୋଗ୍ୟଲାଭ ସମସ୍ତଙ୍କ ପାଇଁ ବିଷୟରେ ବିସ୍ତୃତ ଆଲୋଚନା ସହିତ ବିଭିନ୍ନ ପ୍ରକାର ନିଦ ଔଷଦ ବ୍ୟବହାର ଲଗାତର ଭାବେ କରିବା ଦ୍ୱାରା ଶରୀର ଉପରେ କେଉଁକେଉଁ ପାଶ୍ୱର୍ ପ୍ରତିକ୍ରିୟା ସୃଷ୍ଟି କରେ, ଆମ ଦୈନନ୍ଦିନ ଜୀବନକୁ କିପରି ପ୍ରଭାବିତ କରେ ଏବଂ ବ୍ୟକ୍ତିଗତ ତଥା ସାମାଜିକ ଜୀବନକୁ କିପରି ଛାରଖାର କରିଦିଏ ସେହି ବିଷୟରେ ଅବଗତ କରାଇଥିଲେ । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ମହାପାତ୍ର ନିଶା ଅଭ୍ୟାସରୁ ମୁକ୍ତି ପାଇଁ ବିଭିନ୍ନ ନିଶା ମୁକ୍ତି କେନ୍ଦ୍ରର କାର୍ଯ୍ୟକ୍ରମ ସମ୍ବନ୍ଧରେ ଅବଗତ କରିଥିଲେ । ନୀଳାଦ୍ରି ବିହାରୀ ନାୟକ, ଜିଲ୍ଲା ଉପ- ଅଧିକ୍ଷକ ଅବକାରୀ ବିଭାଗ ଇତ୍ୟାଦି ଯୋଗ ଦେଇ ନିଶା ଦ୍ରବ୍ୟ ଚୋରା ଚାଲାଣ କରି ଧରା ପଡ଼ିଲେ ସରକାରଙ୍କର ଦ୍ୱାରା ରହିଥିବା ବିଭିନ୍ନ ଦଣ୍ଡ ବିଧି ଆଇନ ସମ୍ବନ୍ଧରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ବିଭୁ ଶତପଥୀ ଅତିଥି ପରିଚୟ ପ୍ରଦାନ ସହିତ ସଭା କାର୍ଯ୍ୟ ପରିଚାଳନା କରିଥିଲେ । ଏହି କର୍ମଶାଳାଟିକୁ ସମାଜିକ ସଂଗଠନ ସ୍ପନ୍ଦନ ଆୟୋଜନ ରେ ସହଯୋଗ କରିଥିଲେ । ଏହି ଅବସରରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ହୋଇଥିବା ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ନାଲକୋ ସିପିପିର କର୍ମଚାରୀ ପ୍ରମୋଦ କୁମାର ପାଣିଗ୍ରାହୀଙ୍କ ଲିଖିତ ଏବଂ ନିର୍ଦ୍ଦେଶିତ ନାଟକ ଶପଥ ପରିବେଷଣ କରାଯାଇଥିଲା । ସ୍ପନ୍ଦନର ସୁଶାନ୍ତ କୁମାର ବେହେରା ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ପଶ୍ଚିମ ବଜାରପଡା ପକ୍ଷରୁ ସେବା କାର୍ଯ୍ୟ

ଅନୁଗୋଳ, (ସବ୍ୟୁ): ଅନୁଗୋଳର ଶ୍ରୀ ଶ୍ୟାମ ଜ୍ୟୋସ୍ନା ଏବଂ ଭଜନ ସନ୍ଧ୍ୟା ପରିବାର ଓ ପଶ୍ଚିମ ବଜାର ପଡା ତରଫରୁ ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ପବିତ୍ର ରଥଯାତ୍ରା ଅବସରରେ ଅନ୍ନ ପ୍ରସାଦ ଓ ପ୍ରାଥମିକ ଚିକିତ୍ସା କେନ୍ଦ୍ରର ବ୍ୟବସ୍ଥା କରାଯାଇଥିଲା । ଏଥିରେ ପ୍ରାୟ ୪ ରୁ ୫ ହଜାର ଭକ୍ତ ପ୍ରସାଦ ସେବନ କରିଥିଲେ । କାନିକା, ଡାଲମା, ଖଟା ସହିତ ସର୍ବତର ବ୍ୟବସ୍ଥା ମଧ୍ୟ କରାଯାଇଥିଲା । ରଥଯାତ୍ରାରେ ଭିଡ଼ ଭିତରେ ରଥ ଭିଡ଼ିବା ବେଳେ ଖଣ୍ଡିଆ ଖାବରା ହେଉଥିବା ଲୋକମାନେ ଏଠାକୁ ଆସି ତାଙ୍କର ପ୍ରାଥମିକ ଚିକିତ୍ସା କରି ସେମାନଙ୍କୁ ମେଡିକାଲ ପଠାଯାଉଥିଲା । ଏଥିରେ ଅନୁଷ୍ଠାନର କାଉନସିଲର ରଞ୍ଜିତ ମାଣ୍ଡୋଠିଆ, ପ୍ରକାଶ ଅଗ୍ରୱାଲ, ଜଗନ୍ନାଥ ଅଗ୍ରୱାଲ, ସୁମିତ ପାରିକ, ଅଙ୍କିତ ତୁଲସିୟନ, ସଞ୍ଜୟ ଅଗ୍ରୱାଲଙ୍କ ସହିତ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

# ଅନୁଗୁଳ ବିଧାୟକଙ୍କ କାର୍ଯ୍ୟାଳୟରେ ପ୍ରଧାନମନ୍ତ୍ରୀଙ୍କ ମନ କୀ ବାତ

## ଶୁଣିଲେ ସାଂସଦ ରୁଦ୍ର ନାରାୟଣ ପାଣି

ଅନୁଗୁଳ, (ସବ୍ୟୁ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତି ମାସ ଶେଷ ରବିବାର ଦିନ ୧୧ ଟାରୁ ୧୧.୩୦ ପର୍ଯ୍ୟନ୍ତ ମନ କୀ ବାତ କାର୍ଯ୍ୟକ୍ରମ ବିଭିନ୍ନ ଗଣମାଧ୍ୟମରେ ପ୍ରଚାରିତ ହୋଇ ଆସୁଛି । ଏହାକୁ ଉତ୍ସୁକତାର ସହ ସବୁ ବର୍ଗର ଲୋକ ଦେଖୁଛନ୍ତି । ରବିବାର ପ୍ରଧାନମନ୍ତ୍ରୀଙ୍କର ୧୨୩ ତମ ମନ କୀ ବାତ ସମଗ୍ର ଜିଲ୍ଲାରେ ଶତାଧିକ ସ୍ଥାନରେ ବିଭିନ୍ନ ନେତୃବର୍ଗ ଆୟୋଜନ କରି ଶୁଣିଛନ୍ତି । ଅନୁଗୁଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ତାଙ୍କ କାର୍ଯ୍ୟାଳୟରେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ମନ କୀ ବାତ କାର୍ଯ୍ୟକ୍ରମ ଦେଖିଥିଲେ । ପ୍ରଧାନମନ୍ତ୍ରୀ ତତ୍କାଳୀନ କଂଗ୍ରେସ ସରକାର କିଭଳି ଗଣତନ୍ତ୍ରକୁ ବନ୍ଦୀ କରି ଜରୁରୀ ପରିସ୍ଥିତି ଲାଗୁ କରି ଲକ୍ଷ ଲକ୍ଷ ଲୋକଙ୍କୁ ଜେଲ ପଠାଇଥିଲା । ସେ ବିଷୟରେ ମନ କୀ ବାତରେ ଉପସ୍ଥାପନ କରିଥିଲେ ସାଂସଦ ଶ୍ରୀ ପାଣି ସେହି ଜରୁରୀ ପରିସ୍ଥିତିର ଶିକାର ହୋଇ ଗୋଟିଏ ବର୍ଷ କଲେଜ ପାଠ ନଷ୍ଟ ହୋଇ ସେ ସମୟରେ ତାଙ୍କୁ ଜେଲ ଭୋଗୀବାକୁ ପଡିଥିଲା । ଯାହା ପ୍ରଧାନମନ୍ତ୍ରୀଙ୍କ ମନ କୀ ବାତ ଶୁଣିବା ପରେ ସାଂସଦଙ୍କର ପୁରୁଣା ଅଭୁଲା ସ୍ମୃତି ମନେ ପକାଇ ଉପସ୍ଥିତ କାର୍ଯ୍ୟକର୍ତ୍ତାଙ୍କୁ ଅନୁଭୂତି କଥନ କରିଥିଲେ ଏବଂ ପ୍ରଧାନମନ୍ତ୍ରୀଙ୍କ ମନ କୀ ବାତ ବେଶ ଲୋକପ୍ରିୟ ହୋଇପାରିଛି । ଉକ୍ତ ମନ କୀ ବାତ କାର୍ଯ୍ୟକ୍ରମରେ ସାଂସଦ, ବିଧାୟକଙ୍କ ସହ ପ୍ରାକ୍ତନ ଜିଲ୍ଲା ସଭାପତିଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।



# ନକଲି ଜର୍ଦ୍ଦା କାରଖାନାରେ ଚଢ଼ାଉ : ୪ ଗିରଫ

ଭଦ୍ରକ, (ସବ୍ୟୁ) : ଭଦ୍ରକ ପୁରୁଣାବଜାର ପୋଲିସ ରବିବାର ପୁରୁଣାବଜାର ହେଲାସାହିରେ ୨ଟି ନକଲି ଜର୍ଦ୍ଦା କାରଖାନାରେ ଚଢ଼ାଉ କରି ବିପୁଳ ପରିମାଣର ଜର୍ଦ୍ଦା ଜବତ କରିବା ସହ ଏଥିରେ ସମ୍ପୃକ୍ତ ୪ ଜଣଙ୍କୁ ଗିରଫ କରିଛି। ମାମଲା (ନଂ ୧୬୭/୨୫) ରୁଜୁ କରି ହେଲାସାହିର ଶେଖ ଖଲିଦ୍ ଓ ମିର୍ଜା ସାହିଦ୍ ବାଡ୍‌ଗ୍ରାହିଙ୍କୁ ଗିରଫ କରିଥିବା ବେଳେ ମାମଲା (ନଂ ୧୪୮/୨୫)ରେ ଶେଖ ତାରିକ୍ ଓ ଶେଖ ଭୋଲାଙ୍କୁ ଗିରଫ କରିଛି। ପ୍ରେସ ବିଜ୍ଞପ୍ତିରେ ପୁରୁଣାବଜାର ପୋଲିସ ଦେଇଥିବା ସୂଚନା ମୁତାବକ ସବ୍‌ଇନ୍‌ସପେକ୍ଟର ବିଶ୍ୱଜିତ୍‌ଙ୍କ ନେତୃତ୍ୱରେ ଏକ ଟିମ୍ ହେଲାସାହିର ଶେଖ ଖଲିଦ୍‌ଙ୍କ ଘରେ ଚାଲିଥିବା ନକଲି ଜର୍ଦ୍ଦା କାରଖାନାରେ ଚଢ଼ାଉ କରିଥିଲେ। ସେହିପରି ସବ୍‌ଇନ୍‌ସପେକ୍ଟର ଦୀପ୍ତିରେଖା ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ୍ ହେଲାସାହିର ଶେଖ ତାରିକ୍‌ଙ୍କ କାରଖାନାରେ ଚଢ଼ାଉ କରି ବିପୁଳ ପରିମାଣର ନକଲି ଜର୍ଦ୍ଦା, ପ୍ୟାକିଂ ମେସିନ, ନକଲି ସିଲ୍, ଗୋଲାପ, ଶିବଦୀପ, ଗୁରୁଜି ଆଦି ୨୮ କେଜି ଜର୍ଦ୍ଦା ଜବତ ହୋଇଛି।

## ଲଘୁଚାପ ପ୍ରଭାବରେ ଲଗାଣ ବର୍ଷା ପରେ ଜିଲ୍ଲାରେ ବନ୍ୟା

# ଘରେ ପଶିଲା ପାଣି, ଉଦ୍ଧାର କାର୍ଯ୍ୟ ଜାରି

ବାଲେଶ୍ୱର, (ସବ୍ୟୁ) : ପାଞ୍ଚଦିନ ଧରି ଲଘୁଚାପ ପ୍ରଭାବ ରେ ଜିଲ୍ଲା ରେ ବର୍ଷା ଜାରି ରହିଛି। ଜିଲ୍ଲାରେ ହାରାହାରି ୪୦୦୦ ମି. ମି. ବର୍ଷା ରେକର୍ଡ ହୋଇଥିବା ବେଳେ ଭୋଗରାଇ, ଜଳେଶ୍ୱର, ବସ୍ତା ସଦର ବ୍ଲକ, ରେମୁଣା, ଖଇରା, ନୀଳଗିରିରେ ପ୍ରବାହିତ ନଦୀ ସୁବର୍ଣ୍ଣରେଖା, ଜଳକା, ସୋନ, ବୁଢା ବଳଙ୍ଗରେ ଜଳସ୍ତର ବୃଦ୍ଧି ପାଇଛି। ବାଲେଶ୍ୱର ସହର ନିକଟ ରେ ଥିବା ବାଲିଆ ପଞ୍ଚାୟତ ବେଲ ସହରର ମୁଖ୍ୟ ରାସ୍ତା ଉପରେ ଚାରିଫୁଟ ଉଚ୍ଚତା ରେ ବର୍ଷା ଜଳ ପ୍ରବାହିତ ହେବା ଫଳରେ ବାଲେଶ୍ୱର ସହରକୁ ରେମୁଣା ଯିବା ଅସମ୍ଭବ ହୋଇପଡିଥିଲା କିଛିକ୍ଷଣ। ପ୍ରଶାସନ ପକ୍ଷରୁ ଉପକୂଳ ଅଞ୍ଚଳ ରେ ଗତ କାଲିଠାରୁ ସମୁଦ୍ର ଅଶାନ୍ତ ଥିବାରୁ ଲୋକଙ୍କୁ ସମୁଦ୍ରକୁ ନ ଯିବା ଲାଗି ସତର୍କ କରାଇ ଦିଆଯାଇଛି। ଲଗାଣ ବର୍ଷା ଯୋଗୁଁ ସୁବର୍ଣ୍ଣରେଖା ନଦୀରେ ହଠାତ ବନ୍ୟା ଜଳ ଆସିଯିବାରୁ ନଦୀ ମଝିରେ ଥିବା ଏକ ଟାପୁ ରେ ଚରୁ ଥିବା ଚାଳିଶ ଟି ଛେଳି ବନ୍ୟା ଜଳ ରେ ଭାସିଯାଇଥିବା ଭୋଗରାଇ ତହସିଲଦାର ସୂଚନା ଦେଇଛନ୍ତି।ସେହିପରି ଦମ୍କଳ ଅଗ୍ନି ସେବା ଶମ ବିଭାଗର କର୍ମଚାରୀ ମାନେ ବସ୍ତା ଥାନା ଅନ୍ତର୍ଗତ ଗୁଣ୍ଡୁରି ଗ୍ରାମ ରେ ଜଳକା ନଦୀର ବନ୍ୟା ଜଳ ପ୍ରବେଶ କରିବାରୁ ଖାଲୁଆ ଅଞ୍ଚଳ ରହିଥିବା ଜଣେ ଶିଶୁ ଙ୍କ ସମେତ ୯ ଜଣଙ୍କୁ ଉଦ୍ଧାର କରିଛନ୍ତି। ଆଜି ସୁବର୍ଣ୍ଣରେଖା ବେସିନରେ ମଥାନୀ ପୋଲ ନିକଟରେ ବିପଦ ସଂକେତ ୬. ୦୫ଥିବା ବେଳେ ଆଜି ସନ୍ଧ୍ୟା ୭ ଟାରେ ଜଳ ସ୍ତର ୭. ୧୫ ମିଟର ରେ ପ୍ରବାହିତ ହେଉଛି। ଜେଟିପି ରାଜଘାଟରେ ସୁବର୍ଣ୍ଣରେଖାର ଜଳସ୍ତର ସନ୍ଧ୍ୟା ୭.୩୮ ମିଟିରରେ ୭. ୧୯ମିଟର, ଜଳକା ନଦୀର ଜଳ ସ୍ତର ୭.୧୯ମିଟର, ଜାମଶୋଳା ରେ ୫୧.୮୪ମିଟରରେ ପ୍ରବାହିତ ହେଉଛି। ବାଲେଶ୍ୱର ଜିଲ୍ଲାପାଳ ଆଜି ଆଗ୍ରାସ ରେ ଜିଲ୍ଲା ର ସମସ୍ତ ବିଡିଓ ଏବଂ ତହସିଲଦାର ଙ୍କ ସହ ବନ୍ୟା ପରିସ୍ଥିତି ଓ ଉଦ୍ଧାର ପ୍ରକ୍ରିୟା ଉପରେ ସମୀକ୍ଷା କରିଛନ୍ତି।

## ଜଳକା ନଦୀରେ ବନ୍ୟା ଯୋଗୁଁ ବହୁ ଅଞ୍ଚଳ ପ୍ରଭାବିତ



ବାଲେଶ୍ୱର, (ସବ୍ୟୁ) : ଗତ ୨ ଦିନ ଧରି ଲଗାଣ ବର୍ଷା ହେବା ଫଳରେ ଉତ୍ତର ବାଲେଶ୍ୱରରେ ଦେଇ ପ୍ରବାହିତ ଜଳକା ନଦୀରେ ବନ୍ୟା ଆସିବା ଫଳରେ ୭/୮ଟି ପଞ୍ଚାୟତ ବନ୍ୟା ପ୍ରଭାବିତ ହୋଇଛି । ଜଳକା ନଦୀରେ ବିପଦ ସଙ୍କେତ ୬.୫୦ ମିଟର ଥିବାବେଳେ ଜଳସ୍ତର ବୃଦ୍ଧିପାଇ ୭.୧୯ ଅର୍ଥାତ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି । ବନ୍ୟା ଜଳରେ ତଳିଆ ଅଞ୍ଚଳ ଜଳମଗ୍ନ ହୋଇଥିବା ବେଳେ ବହୁ ଚାଷଜମି ସହ ପାଣିଘେରରେ ରହିଛି । ବସ୍ତା ଦମକଳ ବାହିନୀ ବସ୍ତାଥାନା ଅନ୍ତର୍ଗତ ଗୁଣ୍ଡୁରିସାହି ଗ୍ରାମରୁ ୧୨ଜଣଙ୍କ ସମେତ ୧୦ଟି ଛେଳିଙ୍କୁ ଉଦ୍ଧାର କରିଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଉପରମୁଣ୍ଡରେ ଲଗାଣ ବର୍ଷା ହେବାଫଳରେ ଜଳକା ନଦୀରେ ବନ୍ୟାଜଳ ଆସିବା ସହ ସୁବର୍ଣ୍ଣରେଖା ନଦୀରେ ମଧ ବନ୍ୟାଜଳ ବୃଦ୍ଧି ପାଇଛି । ସୁବର୍ଣ୍ଣରେଖାନଦୀର ରାଜଘାଟରେ ମଧ୍ୟରେ ଜଳସ୍ତର ୯.୪୫ ମିଟର ରହିଥିବା ବେଳେ ଏଠାରେ ବିପଦସଙ୍କେତ ୧୦.୩୬ ଅଟେ । ଯଦି ଉପରମୁଣ୍ଡରେ ବର୍ଷା ଲାଗିରହେ ତେବେ ସୁବର୍ଣ୍ଣରେଖା ନଦୀରେ ମଧ ଜଳସ୍ତର ବୃଦ୍ଧି ପାଇବାର ସମ୍ଭାବନା ରହିଛି । ସମ୍ଭାବ୍ୟ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ବିହିତ ପଦକ୍ଷେପ ମାନ ଗ୍ରହଣ କରାଯାଉଥିବା ଜଣାପଡ଼ିଛି ।

## ମାଉସୀମା ମନ୍ଦିର ସମ୍ମୁଖରେ ପହଞ୍ଚିଲା ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କ ରଥ

# ନୀତି ସମ୍ପନ୍ନ ପରେ ଆଡ଼ପ ବିଜେ



ନୀଳଗିରି, (ସବ୍ୟୁ) : ବିଶ୍ୱନିୟନ୍ତା, ବିଶ୍ୱବ୍ରହ୍ମାଣ୍ଡର ତ୍ରାଣକର୍ତ୍ତା ଜଗତପତି ଜଗନ୍ନାଥ ମହାପ୍ରଭୁଙ୍କ ପବିତ୍ର ଘୋଷଯାତ୍ରା ଅବସରରେ ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରି ଠାରେ ଶ୍ରୀଗୁଣ୍ଡିଚା ଅବସରରେ ପରମ୍ପରା ଅନୁଯାୟୀ ତିନିଦିନ ଧରି ଚାଲିଥିବା ରଥଯାତ୍ରାର ଅନ୍ତିମ ଦିବସରେ ଶାନ୍ତିଶୃଙ୍ଖଳାର ସହ ରଥଟଣା ଶେଷହୋଇଛି। ରଥଟଣାର ପ୍ରଥମ ଦିବସରେ ଅଧାବାଟ ଅର୍ଥାତ୍ ପୋଷ୍ଟ ଅଫିସରେ ସମ୍ମୁଖରେ ରଥ ଅଟକିଥିଲା। ଦ୍ୱିତୀୟ ଦିବସ ଅପରାହ୍ଣ ଚାରିଟା ସମୟରେ ରଥଉପରେ ନୀତିକାନ୍ତି ସମାପନ ପରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ଭକ୍ତ ଓ ଶ୍ରଦ୍ଧାଳୁଙ୍କ ହରିବୋଲ, ଜୟ ଜଗନ୍ନାଥ ଧ୍ୱନିରେ ବଡ଼ଦାଣ୍ଡରେ ରଥ ଗଡିଚାଲିଥିବା ବେଳେ ରଥଉପରେ ନିର୍ଦ୍ଦେଶନାରେ ଭାର ସମ୍ଭାଳିଥିଲେ ନୀଳଗିରି ବିଡ଼ିଓ ବିକ୍ରମ କେଶରୀ ପରିଡ଼ା ଓ ଉପଖଣ୍ଡ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ। ଧାରା ବିବରଣୀ ପ୍ରଦାନ କରିଥିଲେ ଡଃ ପ୍ରଦୀପ୍ତ ମିଶ୍ର ଏବଂ ପଣ୍ଡିତ ମିଶ୍ର। ରଥଟଣା ସମୟରେ ବିଧାୟକ ସନ୍ତୋଷ କୁମାର ଖଟୁଆ, ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରାଜପ୍ରସାଦ ରଥ ଟାଣୁଥିବା ଦେଖିବାକୁ ମିଳିଥିଲା।ଉପଖଣ୍ଡ ପୋଲିସ ଅଧିକ୍ଷକ ପ୍ରମୋଦ କୁମାର ମଲ୍ଲିକଙ୍କ ନେତୃତ୍ୱରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ବେଳେ ସହରର ବିଭିନ୍ନ ସ୍ଥାନରେ ବ୍ୟାପକ ପୋଲିସଫୋର୍ସ ମୁତୟନ ହୋଇଥିବା ଦେଖିବାକୁ ମିଳିଥିଲା। ବଡ଼ଦାଣ୍ଡରେ ୫୦ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିବା ବେଳେ ପାଗ ସାମାନ୍ୟ ମେଘୁଆ ଥିବାରୁ ଲୋକମାନେ ଆସ୍ୱସ୍ତିରେ ରଥ ଟାଣୁଥିବାର ଦେଖାଯାଇଛି। ରଥରେ ନୀତି ସମ୍ପନ୍ନପରେ ଆଡ଼ପମଣ୍ଡପ ବିଜେ କରିଛନ୍ତି ଚତୁର୍ଦ୍ଧାମୂର୍ତ୍ତି ।

## ଲଗାଣ ବର୍ଷାରେ ବେହାଲ ଭଦ୍ରକ

# ଜଳାର୍ଣ୍ଣବ ହେଲା ସାହିବସ୍ତି ରାସ୍ତା

ଭଦ୍ରକ, (ସବ୍ୟୁ) : ଚଳିତ ବର୍ଷ ପ୍ରଥମ ଲଘୁଚାପ ଜନିତ ଲଗାଣ ବର୍ଷାରେ ଭଦ୍ରକ ସହରର ବିଭିନ୍ନ ସାହିବସ୍ତୀ, କଲୋନୀ ସାଙ୍ଗକୁ ସହରର ସର୍ଭିସ୍ ରାସ୍ତା ମଧ ଜଳାର୍ଣ୍ଣବ ହୋଇଛି। ଲଘୁଚାପ ପ୍ରଭାବରେ ଶୁକ୍ରବାର ରାତିସାରା ବର୍ଷା ଲାଗି ରହିଥିବା ବେଳେ ଶନିବାର ମଧ୍ୟାହ୍ନ୧୨ଟା ପର୍ଯ୍ୟନ୍ତ ଝିପିଝିପି ବର୍ଷା ଲାଗି ରହିଥିଲା। ସକାଳୁ ଲୋକେ ଘରୁ ବାହାରିବା ମୁସ୍କିଲ୍ ହୋଇଯାଇଥିଲା। ମହତାବ ଛକରୁ ଆରଡ଼ିଛକ ୧୬ ନଂ ଜାତୀୟ ରାଜପଥର ସର୍ଭିସ୍ ରୋଡ୍ ଜଳାର୍ଣ୍ଣବ ହୋଇଥିବା ବେଳେ ଧରିତ୍ରୀନଗର, ବିଜୁପଟ୍ଟନାୟକ ନଗର, ପ୍ରାଚୀନଗର, ମହତାବ ନଗର, ନେତାଜୀ ନଗର, ଗବସାହି, ଅସ୍ତଳ ସମେତ ଚରମ୍ପାର ବିଭିନ୍ନ ଅଞ୍ଚଳ ଓ ସାହିବସ୍ତୀର ରାସ୍ତା ଜଳାର୍ଣ୍ଣବ ହୋଇଛି। ବର୍ଷାଦିନ ପୂର୍ବରୁ ଡ୍ରେନ ଗୁଡ଼ିକ ପରିଷ୍କାର କରାଯାଇନଥିବା ବେଳେ ବିଭିନ୍ନ ସ୍ଥାନରେ ଜଳ ନିଷ୍କାସନ ପଥକୁ ଅବରୋଧ କରାଯାଇଥିବାରୁ ଏପରି ସ୍ଥିତି ସୃଷ୍ଟି ହୋଇଛି। ଆଗକୁ ବର୍ଷାଋତୁରେ ଲଗାଣ ବର୍ଷା ସମୟରେ ସ୍ଥିତି ଆହୁରି ବେହାଲ ହେବ ବୋଲି ବିଭିନ୍ନ ସାହିବସ୍ତୀର ବାସିନ୍ଦା ମାନେ ଆଶଙ୍କା କରିଛନ୍ତି। ବିଜୁ ପଟ୍ଟନାୟକ ନଗର ରାସ୍ତାରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହିଥିବା ବେଳେ ଜାତୀୟ ରାଜପଥ ସର୍ଭିସ୍ ରୋଡ଼ରେ ୨ ଫୁଟ ଉଚ୍ଚରୁ ପାଣିରେ ଯାନବାହନ ଯାତାୟତ କରିଥିଲା।

## ବଦାନ୍ୟ ବ୍ୟକ୍ତିଙ୍କ ଦାନରେ

# ଶ୍ରେଣୀ ଗୃହର ଭୂମିପୂଜନ

ସୋର, (ସବ୍ୟୁ) : ସୋର ବ୍ଲକ ଜଡ଼ିଦା ପଞ୍ଚାୟତ ପଣ୍ଡିତ ନରେନ୍ଦ୍ରନାଥ ଉଚ୍ଚ ବିଦ୍ୟାଳୟର ଏକ ନୂତନ ଶ୍ରେଣୀ ଗୃହ ନିର୍ମାଣ ପାଇଁ ଭୂମି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୋର ପୌରାଞ୍ଚଳ ଲିଙ୍ଗପଡା ଗ୍ରାମର ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜର ବାବାଜୀ ଚରଣ ବେହେରା(୭୦)ଙ୍କ ଦାନରେ ଏହି ଶ୍ରେଣୀଗୃହ ନିର୍ମାଣ ହେବାକୁ ଥିବା ବେଳେ ଗତ ୨୭ ତାରିଖରେ ଭୂମିପୂଜନ କରାଯାଇଥିଲା। ଏହି ସମୟରେ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକଙ୍କ ସମେତ ପ୍ରତିଷ୍ଠାତା ସଦସ୍ୟ, ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଓ ଗ୍ରାମବାସୀ ମାନେ ଉପସ୍ଥିତ ଥିଲେ।

# ରାଜ୍ୟ ବିଜେପି ସଭାପତି ନିର୍ବାଚନ

# ମତଦାନ କରିବେ ଗିରିଶ ସାମଲ

ଭଣ୍ଡାରିପୋଖରୀ, (ସବ୍ୟୁ) : ଭଣ୍ଡାରିପୋଖରୀ ବ୍ଲକ ପକ୍ଷରୁ ଭାରତୀୟ ଜନତା ପାଟି ଯୁବନେତା ଗିରିଶ ଚନ୍ଦ୍ର ସାମଲ ମଙ୍ଗଳବାର ହେବାକୁ ଥିବା ରାଜ୍ୟ ବିଜେପି ସଭାପତି ନିର୍ବାଚନରେ ମତଦାନ କରିବେ। ଭୁବନେଶ୍ୱର ରାଜ୍ୟ ବିଜେପି କାର୍ଯ୍ୟାଳୟରେ ନିର୍ବାଚନ ଅଧିକାରୀ ତଥା ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀଙ୍କ ଦ୍ୱାରା ରବିବାର ପ୍ରକାଶିତ ଚୁଡାନ୍ତ ମତଦାତା ତାଲିକାର ୩୩ନଂ କ୍ରମାଙ୍କରେ ଶ୍ରୀ ସାମଲ ମତଦାତା ଭାବେ ଅର୍ନ୍ତଭୁକ୍ତ ହୋଇଥିବା ଜଣାଯାଇଛି। ୨୭୩ ଜଣ ବିଶିଷ୍ଟ ଏହି ତାଲିକାରେ ଭଦ୍ରକ ଜିଲ୍ଲାରୁ ୧୦ ଜଣ ମତଦାତା ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସାଂସଦ ଅଭିମନ୍ୟୁ ସେଠୀ, ଦଳର ଜିଲ୍ଲା ସଭାପତି ଭଗବାନ ପଣ୍ଡା, ମଧୁସୂଦନ ପାଢୀ(ବାସୁଦେବପୁର), ଅମରେଶ ଚନ୍ଦ୍ର ନାୟକ(ଭଦ୍ରକ), ସୁରଜିତ କୁମାର ପାଲ(ଭଦ୍ରକ), ଦେବେନ୍ଦ୍ର କୁମାର ନାୟକ(ଧାମରା), ଭାରତୀ ବିଶ୍ୱାଳ(ଚାନ୍ଦବାଲି), ଅନନ୍ତ ବେହେରା(ତିହିଡି), ଦେବେନ୍ଦ୍ର ପୁହାଣ(ଧାମନଗର) ମତଦାତା ଭାବେ ତାଲିକାରେ ଅର୍ନ୍ତଭୁକ୍ତ ହୋଇଥିବା ଜଣାଯାଇଛି।

# ଅବସରପ୍ରାପ୍ତ ରେଳ କର୍ମଚାରୀ ସଂଘର ଦ୍ୱିତୀୟ ବାର୍ଷିକ ସମ୍ମିଳନୀ

ବାଲେଶ୍ୱର, (ସବ୍ୟୁ) : ବାଲେଶ୍ୱର ଅବସରପ୍ରାପ୍ତ ରେଳ କର୍ମଚାରୀ ସଂଘର ଦ୍ୱିତୀୟ ବାର୍ଷିକ ସମ୍ମିଳନୀ ଅଦ୍ୟ ପୂର୍ବାହ୍ନ ବାଲେଶ୍ୱର ଷ୍ଟେସନ କ୍ଲବ୍‌ରେ ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ସଂଘର ସଭାପତି ରମେଶ ଚନ୍ଦ୍ର ଜେନା ସଭାପତିତ୍ୱ କରିଥିଲେ। ସଂଘର ସର୍ବଭାରତୀୟ ଅବସରପ୍ରାପ୍ତ ରେଳ କର୍ମଚାରୀ ଫେଡେରେସନ୍‌ର ସଭାପତି ଡକ୍ଟର ସଂଗ୍ରାମ ଶୀଧର ମୁଖ୍ୟଅତିଥି ଭାବେ ସମ୍ମିଳନୀ ଉଦ୍ଘାଟନ କରି ଅବସରପ୍ରାପ୍ତ ରେଳକର୍ମଚାରୀଙ୍କର ବିଭିନ୍ନ ସମସ୍ୟା ତଥା ତାର ଦୂରୀକରଣ ସମ୍ବନ୍ଧରେ ପ୍ରାଞ୍ଜଳ ଭାବେ ବକ୍ତବ୍ୟ ମାଧ୍ୟମରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ଡକ୍ଟର କୃଷ୍ଣଚନ୍ଦ୍ର ବଳ, ଅବସରପ୍ରାପ୍ତ ରେଳ ପଦାଧିକାରୀ, ଉଚ୍ଚକୋଟୀର ବକ୍ତବ୍ୟ ମାଧ୍ୟମରେ ସମସ୍ତଙ୍କୁ ମୁଗ୍ଧ କରାଇଥିଲେ। ପୂର୍ବ ରେଳପଥ ସଂଘର ସଭାପତି ଶୁକଦେବ ପ୍ରସାଦ, ସମ୍ପାଦକ ଅନିଲ କୁମାର ମଣ୍ଡଳ ତଥା କେନ୍ଦ୍ର କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ କୁମାର ଚକ୍ରବର୍ତ୍ତୀ, ସଂଘର ସମ୍ପାଦକ ରାମଚନ୍ଦ୍ର ଦାସ, ଚତୁର୍ଭୁଜ ଜେନା ତଥା ରାଞ୍ଚି, ହାଟିଆ, ଚକ୍ରଧରପୁର, ଖଡ଼ଗ୍‌ପୁର, ଆଦ୍ରା, ବୋକାରୋ, ବନ୍ଧମୁଣ୍ଡା ଶାଖା ସଂଘର ସଦସ୍ୟମାନେ ବକ୍ତବ୍ୟପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସଲିମ୍ ରାଜା ମୁଖ୍ୟଭୂମିକା ଗ୍ରହଣ କରିଥିଲେ।ଉକ୍ତ ସମ୍ମିଳନୀରେ ଡକ୍ଟର ସୁଭାଷ ଚନ୍ଦ୍ର ପାତ୍ର, ମମତା ମହାପାତ୍ର, ନିରଞ୍ଜନ ପରିଡ଼ା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସର୍ବଶ୍ରୀ ସତ୍ୟରଞ୍ଜନ ରାଉତ, ଅକ୍ଷୟ କୁମାର ପଣ୍ଡା, ସୁକୁମାର ବେହେରା, ଦେବୀପ୍ରସାଦ ନାୟକ, ଗଗନ ଚନ୍ଦ୍ର ଦଳାଇ, ନୀଳକଣ୍ଠ ଦାସ, ଦେବାଶୀଷ ଦାସ, ରବୀନ୍ଦ୍ରନାଥ ତ୍ରିପାଠୀ, ଗିରିଧାରୀ ବିନ୍ଧାଣୀ, ପ୍ରଫୁଲ୍ଲ ସେଠୀ, ବଙ୍କିମ ଚନ୍ଦ୍ର ପତି, ଅଶୋକ ମହାତୋ, ଅନିଲ କୁମାର ଦାସ, ସୁରେନ୍ଦ୍ର ସାମଲ, କୈଳାସ ଚନ୍ଦ୍ର ଖିଲାର, ପଦ୍ମନାଭ ସାମଲ, ଉମାକାନ୍ତ ଦାସ, ହରେକୃଷ୍ଣ ବେହେରା, ବିଜୟ କୁମାର ସେନାପତି, ଅଜୟ କୁମାର ରାଉଳ, ପ୍ରମୋଦ ଚନ୍ଦ୍ର ଚୌଧୁରୀ, ଭାଗବତ ଦାସ, ରତ୍ନାକର ବେହେରା, ରବୀନ୍ଦ୍ରନାଥ ମହାନ୍ତି, ରବୀନ୍ଦ୍ରନାଥ ରଣା, ତଥା ଅନ୍ୟ ସଦସ୍ୟମାନେ କାର୍ଯ୍ୟପରିଚାଳନାରେ ସାହାଯ୍ୟ କରିଥିଲେ। କମଳାକାନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ରଥ ଉତ୍ସବ ଦ୍ୱିତୀୟ ଦିନରେ ଗୁଣ୍ଡିଚା ମନ୍ଦିର ମେଳା ପଡ଼ିଆରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ସହ ରାସଲୀଳା

ବାଲେଶ୍ୱର, (ସବ୍ୟୁ) : ରେମୁଣା ବାଲଗୋପାଳପୁର ଶିଳ୍ପାଞ୍ଚଳ ସ୍ଥିତ ଇମାମୀ ନଗର ଶ୍ରୀଗୁଣ୍ଡିଚା ମନ୍ଦିର ମେଳାପଡ଼ିଆରେ ପ୍ରତିବର୍ଷ ଭଳି ରଥ ଉତ୍ସବର ଦ୍ୱିତୀୟ ଦିନରେ ବିଭିନ୍ନ ପ୍ରାନ୍ତରରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ସାଙ୍ଗକୁ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ତଥା ରାସଲୀଳାରେ ମଜ୍ଜିଲେ ଜଗନ୍ନାଥପ୍ରେମୀ।ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ମୁତାବକ ଇମାମୀ ନଗରସ୍ଥ ଗୁଣ୍ଡିଚା ମନ୍ଦିରରେ ଶ୍ରୀକ୍ଷେତ୍ର ରୀତିନୀତି ମୁତାବକ ଆଜି ଦ୍ୱିତୀୟଦିନରେ ମହାପ୍ରଭୁଙ୍କର ସମସ୍ତ ପୂଜାର୍ଚ୍ଚନା ସମାପନ ସାଙ୍ଗକୁ ଦିବା ୧୦.୩୦ରୁ ୧୨ଘଟିକା ପର୍ଯ୍ୟନ୍ତ ତୁଳସୀ ଅଭିଷେକ, ୩ଟା ୩୦ରୁ ୫ ଘଟିକା ପର୍ଯ୍ୟନ୍ତ ବିଭିନ୍ନ କଳାକାରଙ୍କ ଦ୍ୱାରା ହରିନାମ ସଂକୀର୍ତ୍ତନ, ୫ଟାରୁ ୬.୩୦ ପର୍ଯ୍ୟନ୍ତ ଇମାମୀ ଅଫିସର କଲୋନୀସ୍ଥିତ ମହିଳା କଳାକାରଙ୍କ ଦ୍ୱାରା ନୃତ୍ୟପରିବେଷଣ, ୬.୩୦ରୁ ୮.୩୦ ପର୍ଯ୍ୟନ୍ତ ଋଷିକେଶରୁ ଆସିଥିବା ପ୍ରତିଷ୍ଠିତ କଳାସଂସ୍ଥାନ ଦ୍ୱାରା ରାମଜନ୍ମ, ତାଡ଼କାବଧ, ରାମବିବାହ ଭଳି ପୌରାଣିକ କାର୍ଯ୍ୟକ୍ରମ ଭକ୍ତମାନଙ୍କୁ ବେଶ୍ ବିମୋହିତ କରିଥିଲା। ରାତ୍ର ୮ଟା ୪୫ମିନିଟ୍‌ରେ ଶୟନ ଆରତୀ ଅନୁଷ୍ଠିତ ହୋଇଥିଲା। ସେହିପରି ଆରତୀ ମଣ୍ଡପରେ ପୌଢ଼ଶିକ୍ଷା କ୍ଷେତ୍ରରେ କୃତକାର୍ଯ୍ୟ ହୋଇ ଥିବା ୯୫ ଜଣ ଶିକ୍ଷାର୍ଥୀଙ୍କୁ ଅୟୋଜିତ ସଭାରେ ସମ୍ମାନିତ କରାଯାଇଥିଲା। ଇମାମି କାଗଜ କଳର ବରିଷ୍ଠ ସଭାପତି ଆଶିଷ ଅବିନାଶ ଗୁପ୍ତା, ସଧାରଣ ପରିଚାଳକ ଡ. ୟୁସୋଫ ଅଲ୍ଲୀ ସୋଲାଙ୍କିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସଭାରେ ମୁଖ୍ୟଅତିଥି ଭାବେ ଜିଲ୍ଲା ରୋଟାରୀ ଗଭର୍ଣ୍ଣର ଯଜ୍ଞାସିଶ ମହାପାତ୍ର, ରୋଟାରୀ ଲିଟ୍ରେସି ପ୍ରୋଜେକ୍ଟ ଚେୟାରମେନ ଶାନ୍ତନୁ ପାଣିଗ୍ରାହୀ, ମୁଖ୍ୟ ଉପଦେଷ୍ଟା ରୋଟରିଆନ ସୁବ୍ରତ କର, କର୍ଣ୍ଣେଲ କ୍ଷେତ୍ରମୋହନ ମହାପାତ୍ର ଯୋଗଦେଇ ପୌଢ଼ଶିକ୍ଷା ଉପରେ ଆଲୋକପାତ କରିଥିଲେ। ଏଠାରେ ସୂଚନାଯୋଗ୍ୟ ଇମାମି ଓ ରୋଟାରୀ ମିଳିତ ଉଦ୍ୟମରେ ରେମୁଣା ବ୍ଲକ ଅଧୀନରେ ୧୨ଟି ପୌଢ଼ଶିକ୍ଷା କେନ୍ଦ୍ର ପରିଚାଳିତ ହୋଇଆସୁଥିବାବେଳେ ପ୍ରଥମ ବ୍ୟାଚ୍‌ରେ ୧୮ ବର୍ଷରୁ ଅଧିକ ବୟସର ବ୍ୟକ୍ତି ବିଶେଷ ଅଧାରୁ ପାଠପଢ଼ା ଛାଡ଼ିଥିବା କିମ୍ବା ସଂପୂର୍ଣ୍ଣ ପାଠ ପଢ଼ିନଥିବା ବ୍ୟକ୍ତିଙ୍କୁ ଶିକ୍ଷା ଦିଆଯାଇଥିବା ବେଳେ ୯୬ ଜଣ କୃତକାର୍ଯ୍ୟ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ସଂଯୋଜିକା ପ୍ରଯୁକ୍ତା ମାଝୀ ଶିକ୍ଷା କାର୍ଯ୍ୟ ପରିଚାଳନା କରୁଥିବାବେଳେ ଏଜିଏମ୍ ତଥା ଲୋକ ସମ୍ପର୍କ ଅଧିକାରୀ ମନୋଜ୍ କୁମାର ପାଢ଼ୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମରେ ଇମାମୀ ଗ୍ରୁପ୍‌ର ଅନ୍ୟତମ ନିର୍ଦ୍ଦେଶକ ତଥା ଜଗନ୍ନାଥ ମନ୍ଦିରର ପୃଷ୍ଠପୋଷକ ସୁଶୀଲ କୁମାର ଗୋୟେଙ୍କା ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଚାଳନା କରୁଥିବା ଜଣାପଡ଼ିଛି।

# ଅଟୋ-ବାଇକ୍ ଧକ୍କା, ୩ ଆହତ

ଖଇରା, (ସବ୍ୟୁ) :ଗଣ୍ଡିବେଡ-ଔପଦା ରାସ୍ତାର ଖଇରା ଥାନା ଅଧୀନ ବାରିକସାହି ସାହି ସ୍କୁଲ ନିକଟରେ ଏକ ଅଟୋ ଓ ବାଇକ ମଧ୍ୟରେ ଧକ୍କା ଯୋଗୁଁ ୩ଜଣ ଆହତ ହୋଇଛନ୍ତି । ଏମାନଙ୍କୁ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଭଦ୍ରକ ମୁଖ୍ୟଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି । ଆହତ ମାନେ ହେଲେ ବାଇକ ଆରୋହୀ ନୂଆଗାଁ ବଡ ଗ୍ରାମର ଘନଶ୍ୟାମ ସାହୁ ଓ ଅଟୋ ଯାତ୍ରୀ ଡଗରପଡା ଗ୍ରାମର ଜୀବନ ସେଠୀ ଓ ବରଦା ଗ୍ରାମର କମଳାକାନ୍ତ କୁଅଁର । ଅଟୋ ଟି ଗଣ୍ଡିବେଡରୁ ଔପଦା ଯାଉଥିବା ବେଳେ ବାଇକ ଟି ବିପରିତ ଦିଗରୁ ଆସୁଥିବା ବେଳେ ମୁହାଁମୁହିଁ ଧକ୍କା ହୋଇଥିଲା ।

# ତ୍ରିକୂଟେଶ୍ୱର ମହାଦେବ ମନ୍ଦିର ପାର୍ଶ୍ୱରେ ବୃକ୍ଷରୋପଣ

ସୋର, (ସବ୍ୟୁ) : ସୋର ବ୍ଲକ କେଶରୀପୁର ଗ୍ରାମ ନିକଟସ୍ଥ ବୋଇତା ପାହାଡ଼ ପାଦଦେଶର ତ୍ରିକୂଟେଶ୍ୱର ମହାଦେବଙ୍କ ଆସ୍ଥାନ ପରିସରରେ ସ୍ଥାନୀୟ କେଶରୀପୁର ପରିବେଶ ସୁରକ୍ଷା କମିଟି ଓ ଗ୍ରାମବାସୀଙ୍କ ସହଯୋଗରେ ବିଭିନ୍ନ ଫଳ ଗଛ ରୋପଣ କରାଯାଇଥିଲା। ଏଥିରେ ବନ୍ୟ ପଶୁ ପକ୍ଷୀମାନଙ୍କର ସୁରକ୍ଷା ଓ ଖାଦ୍ୟ ପାଇଁ ୧୦୦ଟି ଆମ୍ବ, ପଣସ,ପିଜୁଳି ଏବଂ ବିଭିନ୍ନ ଫୁଲ ଚାରା ରୋପଣ କରାଯାଇଛି। ଏହି ବୃକ୍ଷରୋପଣରେ ମହେନ୍ଦ୍ର ସାହୁ, ନରେନ୍ଦ୍ର ବାରିକ, ସମିତିସଭ୍ୟ ମୁକେଶ ମଳିକ, ଶ୍ୟାମସୁନ୍ଦର ପ୍ରଧାନ, ଶିଳ୍ପୀ ଗୋଲକ ପାତ୍ର, ନରେନ୍ଦ୍ର ସାମଲ, ଶ୍ରୀଧର ମହାକୁଡ଼, ଗଜେନ୍ଦ୍ର ଜେନା, ଅକ୍ଷୟ ମଳିକ, ରବୀନ୍ଦ୍ର ବେହେରା, ଅରୁଣ ମଳିକ, ପ୍ରଫୁଲ୍ଲ ମଳିକ, ଅନାମ ମଳିକ, ବାବୁ ଦାସ, ଗଜେନ୍ଦ୍ର ମଳିକ ଓ ବାଇଦ ମଳିକ ପ୍ରମୁଖ ଯୋଗଦେଇଥିଲେ।


# ଆଦର୍ଶ ଶିକ୍ଷୟିତ୍ରୀ ଓ ସମାଜ ସଂସ୍କାରକ ସୀତା ମାରାଣ୍ଡିଙ୍କ ସ୍ମୃତିସଭା

ଖଇରା, (ସବ୍ୟୁ) :ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକର ଜଣେ ସମାଜ ସଂସ୍କାରକ,ଆଦର୍ଶ ଶିକ୍ଷୟିତ୍ରୀ,କଳାକାର ତଥା ନାରୀନେତ୍ରୀ ସୀତା ମାରାଣ୍ଡି(୪୯)ଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତିସଭା ତାଙ୍କ ଜନ୍ମିତ ଅଲିପୁରଗ୍ରାମରେ ଅନୁଷ୍ଠିତ ହୋଇ ଯାଇଛି । ଶ୍ୟାମରାଇ ସଂସ୍କୃତ ବିଦ୍ୟାଳୟର ପୂର୍ବତନ ପ୍ରଧାନପଣ୍ଡିତ ବୁଦ୍ଧିରାମ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସ୍ମୃତିସଭାରେ ପ୍ରାଥମିକ ଶିକ୍ଷକ ସଂଘ(ଏନପିଏସ)ର ସଭାପତି ସୁଶାନ୍ତ କୁମାର ମହାପାତ୍ର,ବାଲୁକେଶ୍ୱର କ୍ରୀଡା ଓ ସାଂସ୍କୃତିକ ସଙ୍ଗଠନର ସଭାପତି ମଳୟ ପାତ୍ର,ଅଲିପୁର ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ସୁଦର୍ଶନ ସ୍ୱାଇଁ,ଶ୍ୟାମରାଇ ସଂସ୍କୃତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭାସ୍କର ପୃଷ୍ଟି,ସହକାରୀ ଶିକ୍ଷକ ନିରଞ୍ଜନ ସାମଲ,ସାମ୍ବାଦିକ ଛାୟାକାନ୍ତ ମହାନ୍ତି ଓ ଉତ୍କଳବନ୍ଧୁ ପଣ୍ଡା,ଶିକ୍ଷକ ଶମ୍ଭୁନାଥ ମାଝୀ,ମିତାଲି ପୂର୍ତ୍ତୀ ପ୍ରମୁଖ ସ୍ୱର୍ଗତ ଶିକ୍ଷୟତ୍ରୀଙ୍କ ସଂଘର୍ଷମୟ ଜିବନୀ ଉପରେ ଆଲୋକପାତ କରିଥିଲେ । ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ,ଅଧ୍ୟାପକ ଉମାକାନ୍ତ ନାୟକ ଓ ଆଲୋକ ପଣ୍ଡା ପ୍ରମୁଖ ସୀତାଙ୍କ ବାସଭବନରେ ପହଞ୍ଚି ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରିବା ସହ ସାନ୍ତ୍ୱନା ପ୍ରଦାନ କରିଥିଲେ ।

# ବିଜେଡିର ଦୁଇ ଜିଲ୍ଲା ପରିଷଦ ସଭ୍ୟଙ୍କ ଇସ୍ତଫା ଆଜି ବିଜେପିରେ ସାମିଲ ନେଇ ଚର୍ଚ୍ଚା

ନୀଳଗିରି, (ସବ୍ୟୁ) : ଦୀର୍ଘଦିନର କଳ୍ପନାଜଳ୍ପନା ଏବଂ ଚର୍ଚ୍ଚାପରେ ଶେଷରେ ବିଜେଡିରୁ ଇସ୍ତଫା ଦେଇଛନ୍ତି ଦୁଇ ଜିଲ୍ଲାପରିଷଦ ସଭ୍ୟ। ନୀଳଗିରି ବିଜେଡିର ଦଳରେ ଜଣେ ତୁଙ୍ଗନେତା,ପୂର୍ବତନ ବିଜେଡ଼ି ଜିଲ୍ଲା ଉପସଭାପତି ତଥା ୧୩ନଂ ଜିଲ୍ଲାପରିଷଦ ସଭ୍ୟ ଗତିକୃଷ୍ଣ ନନ୍ଦ ଏବଂ ୧୧ନଂ ଜିଲ୍ଲାପରିଷଦ ସଭ୍ୟା ସୁବର୍ଣ୍ଣା ମଞ୍ଜରୀ ସିଂ ଶନିବାର ଦଳରୁ ଇସ୍ତଫା ଦେଇଛନ୍ତି।ପୂର୍ବରୁ ନୀଳଗିରି ବିଜେଡିର ସର୍ବମାନ୍ୟ ନେତା କୁହାଯାଉଥିବା ସନ୍ତୋଷ ଖଟୁଆ ଦଳରେ ଥିବାବେଳେ ଏହି ଦୁଇସଦସ୍ୟ ତାଙ୍କ ଅନୁଗତଭାବେ ଜଣାଶୁଣା ଥିଲେ। ହେଲେ ଶ୍ରୀ ଖଟୁଆଙ୍କୁ ବିଜେଡ଼ି ଦଳରୁ ଟିକେଟ ନମିଳିବାରୁ ସେ ଦଳଛାଡ଼ି ବିଜେପିରେ ମିଶିଥିଲେ ଏବଂ ଦଳ ତାଙ୍କୁ ଟିକେଟ ମଧ ଦେଇଥିଲା। ଟିକେଟପାଇ ୨୦୨୪ମସିହା ନିର୍ବାଚନରେ ଶ୍ରୀ ଖଟୁଆ ବିଜେପି ଦଳରୁ ଭଲ ବ୍ୟବଧାନରେ ଜିତିଥିଲେ। ମାତ୍ର ତାଙ୍କର ଅନୁଗତ ଥିବା ୧୧ ନମ୍ବର ଓ ୧୩ନଂ ଜୋନ ଜିଲ୍ଲାପରିଷଦ ସଦସ୍ୟ ବିଜେଡ଼ି ଛାଡିନଥିଲେ।ମାତ୍ର ବର୍ଷେପରେ ହଠାତ୍ ବ୍ୟକ୍ତିଗତ କାରଣ ଦର୍ଶାଇ ବିଜେଡିରୁ ଇସ୍ତଫା ଦେଇଥିବା ଉକ୍ତ ଦୁଇନେତା ବିଜେପିରେ ସାମିଲ ହେଉଥିବା ଚର୍ଚ୍ଚା ଜୋର ଧରିଛି। ସନ୍ତୋଷ ଖଟୁଆ ରାଜନୈତିକ ଗୋଟି ଚଳାଇ ଆଗାମୀ ଦିନରେ ବ୍ଲକ ଦଖଲ କରିବା ସହିତ ନୀଳଗିରି ମାଟିରୁ ବିଜେଡିକୁ ଦୁର୍ବଳ କରିବାର ଯୋଜନା ରଖିଥିବା ରାଜନୈତିକ ସମୀକ୍ଷକ କହିଛନ୍ତି।

# ଡ. ବନମାଳୀ ବେହେରାଙ୍କ ପ୍ରବନ୍ଧ ପୁସ୍ତକ 'ଓଡ଼ିଆ ନାଟକରେ ଜାତୀୟତାବାଦୀ ଚେତନ' ଉନ୍ମୋଚିତ



ସୋର, (ସବ୍ୟୁ) : ସୋର ସାଇ ମଣ୍ଡପ ପରିସରରେ ଆୟୋଜିତ ଏକ ଉତ୍ସବରେ ବିଶିଷ୍ଟ ସମାଲୋଚକ ପ୍ରାକ୍ତନ ଅଧ୍ୟକ୍ଷ ଡ. ବନମାଳୀ ବେହେରାଙ୍କ ରଚିତ ସମାଲୋଚନା ପ୍ରବନ୍ଧ ପୁସ୍ତକ 'ଓଡ଼ିଆ ନାଟକରେ ଜାନୀୟତାବାଦୀ ଚେତନା' ଉନ୍ମୋଚିତ ହୋଇଯାଇଛି। ଗାଳ୍ପିକ ଚନ୍ଦ୍ରମୋହନ ମହାପାତ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସଭାରେ ପ୍ରାବନ୍ଧିକ ଡ.ଶରତ ଚନ୍ଦ୍ର ମହାନ୍ତି ଯୋଗଦେଇ ଏହି ପୁସ୍ତକଟି ଏକ ଉପାଦେୟ ଶ୍ରେଷ୍ଠ ଗବେଷଣାତ୍ମକ ପ୍ରବନ୍ଧ ଯାହା ପରବର୍ତ୍ତୀ ପିଢ଼ିର ନାଟ୍ୟପ୍ରେମୀ ଛାତ୍ରଛାତ୍ରୀମାନଙ୍କୁ ଯଥେଷ୍ଟ ଉପାଦାନ ଯୋଗାଇବ ବୋଲି କହିଥିଲେ। ଏହି ଅବସରରେ ଗାଁ ମଜଲିସ୍ ସାହିତ୍ୟ ସଂସଦର ସଂପାଦକ ଦେବେନ୍ଦ୍ର କୁମାର ପ୍ରଧାନ. ପ୍ରାକ୍ତନ ଅଧ୍ୟକ୍ଷ ଚେମେଇ ଦାସ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମହେଶ୍ୱର ପଣ୍ଡା,ସର୍ବେଶ୍ୱର ସାହୁ ଏବଂ ରବୀନ୍ଦ୍ରନାଥ ଖୁଣ୍ଟିଆ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଡ. ବେହେରା ଏବଂ ତାଙ୍କର ଧର୍ମ ପତ୍ନୀ ମୀନାକ୍ଷୀ ବେହେରାଙ୍କ ୪୦ ତମ ବିବାହ ବାର୍ଷିକୀ ଉତ୍ସବ କେକ୍‌କାଟି ପାଳିତ ହୋଇଥିଲା। ଏହି ଉତ୍ସବରେ ବିଭିନ୍ନ ଅଞ୍ଚଳରୁ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ବର୍ଷୀୟାନ ଦମ୍ପତ୍ତିଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି କାର୍ଯ୍ୟକ୍ରମକୁ ତାଙ୍କ ଝିଅ ଶତାବ୍ଦୀ ବେହେରା, ସ୍ୱାଧୀନତା ବେହେରା, ଆର୍ଯ୍ୟସୂତା ବେହେରା, ଜ୍ୱାଇଁ ସମରେନ୍ଦ୍ର ବେହେରା, ରଂଜନ ସାହୁ ଏବଂ ସୌମ୍ୟରଂଜନ ଖୁଣ୍ଟିଆ ପ୍ରମୁଖ ପରିଚାଳନା କରିଥିଲେ।

# ପୂର୍ବତନ ନାଏବ ସରପଞ୍ଚଙ୍କ ବ୍ରେନଷ୍ଟ୍ରୋକ୍‌ରେ ମୃତ୍ୟୁ

ସିମୁଳିଆ, (ସବ୍ୟୁ) : ବ୍ରେନ ଷ୍ଟ୍ରୋକରେ ପୂର୍ବତନ ନାଏବ ସରପଞ୍ଚଙ୍କ ମୃତ୍ୟୁ ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛ । ସୂଚନାରୁ ପ୍ରକାଶ ସିମୁଳିଆ ବ୍ଲକ ପୁରୁଷୋତ୍ତମପୁର ପଞ୍ଚାୟତର କଖଡ଼ପଦା ଗ୍ରାମର ଖଗେନ୍ଦ୍ର ମହାନ୍ତି ଶୁକ୍ରବାର ଦିନ ଅପରାହ୍ନ ସମୟରେ ଘର ପାହୁଚରେ ବସିଥିବା ଅବସ୍ଥାରେ ଟଳି ପଡ଼ିଥିଲେ । ପରିବାର ଲୋକେ ସଙ୍ଗେ ସଙ୍ଗେ ବାଲିଖଣ୍ଡ ମେଡିକାଲ ନେଇଥିବାବେଳେ ଅବସ୍ଥା ଗୁରୁତର ହେବାରୁ ଆମ୍ବୁଲାନ୍ସ ଯୋଗେ ସମ୍ ହସ୍ପିଟାଲରେ ଚିକିତ୍ସା ନିମନ୍ତେ ଆଇସିୟୁରେ ଭର୍ତ୍ତି କରାଯାଇଥିଲା । ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ରବିବାର ଅପରାହ୍ନରେ ତାଙ୍କର ମୃତ୍ୟୁ ହୋଇ ଡାକ୍ତର ସୂଚନା ଦେଇଥିଲେ । ମୃତ୍ୟୁ ବେଳକୁ ଭାଇ ନଟ ମହାନ୍ତି ଓ ପୁଅ ବବଲୁ ମହାନ୍ତି ଉପସ୍ଥିତ ଥିଲେ । ଖବର ପାଇ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ଓ ତାଙ୍କ ଜ୍ୟୋଷ୍ଠ ପୁତ୍ର ଯୁବନେତା ଡା. ଅଣୁମାଧବ ପଣ୍ଡା ତାଙ୍କ ନିକଟରେ ପହଞ୍ଚି ତାଙ୍କର ଅନ୍ତିମ ଦର୍ଶନ କରି ଅମର ଆତ୍ମାର ସଦଗତି କାମନା କରିବା ସହିତ ଶୋକସନ୍ତପ୍ତ ପରିବାରକୁ ଆଶ୍ୱାସନା ଜଣାଇଛନ୍ତି । ସ୍ୱର୍ଗତ ଖଗେନ୍ଦ୍ର ୨୦୦୨ମସିହାରୁ ୨୦୦୭ମସିହା ପର୍ଯ୍ୟନ୍ତ ପୁରୁଷୋତ୍ତମପୁର ପଞ୍ଚାୟତର ନାଏବ ସରପଞ୍ଚ ଦାୟିତ୍ୱ ତୁଲାଇ ଥିଲେ।

# ବିସିଇଟିରେ ବେସିକ୍ ସାଇନ୍ସ ଆଣ୍ଡ୍ ହ୍ୟୁମାନିଟି ଓ ଆଇକ୍ୟୁଏସିର ମିଳିତ ଉଦ୍ୟମରେ ଫାକଲ୍ଟି ଡେଭଲମେଣ୍ଟ ପ୍ରୋଗ୍ରାମ

ବାଲେଶ୍ୱର, (ସବ୍ୟୁ) :ବାଲେଶ୍ୱର ସହର ଉପକଣ୍ଠ ସେରଗଡ଼ ଠାରେ ଅବସ୍ଥିତ ବାଲେଶ୍ୱର କଲେଜ ଅଫ୍ ଇଞ୍ଜିନିୟରିଂ ଏଣ୍ଡ ଟେକ୍ନୋଲୋଜି (ବିସିଇଟି) ପରିସରରେ ବେସିକ୍ ସାଇନ୍ସ ଏଣ୍ଡ ହ୍ୟୁମାନିଟି ଓ ଆଇ.କ୍ୟୁ.ଏସି.ର ମିଳିତ ଉଦ୍ୟମରେ 'ଇନ୍‌ଭେଟିଭ୍ ରାଇଟିଂ ଏଣ୍ଡ ଆଡ଼ଭାନ୍ସଡ଼୍ ଆଇ.ସି.ଟି. ଟୁଲ୍ସ ଫର ରିସର୍ଚ୍' ବିଷୟ ଭିତିକ ପାଂଚଦିବସୀୟ ଏକ 'ଫେକଲଟି ଡେଭଲମେନ୍‌ଟ ପ୍ରୋଗ୍ରାମ' ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମ ଗତ ୨୩ ତାରିଖ ଦିନ ଅନୁଷ୍ଠାନର ନିର୍ଦ୍ଦେଶକ ଡ. ରତିକାନ୍ତ ସାହୁଙ୍କ ଦ୍ୱାରା ଉଦ୍ଘାଟିତ ହୋଇଥିଲା। ପ୍ରଥମ ଦିନରେ କଲକାତା ସ୍ଥିତ 'ନିଟର' ର ପ୍ରଫେସର ଡ. କୌସିକ ଗିରି ଏବଂ ଶ୍ରୀଯୁକ୍ତ ଉତ୍କଳ ଦାସ ଯୋଗ ଦେଇ ଆଧୁନିକ ଶିକ୍ଷା ବ୍ୟବସ୍ଥା ଓ ସେଥିରେ ଅନୁସନ୍ଧାନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଦ୍ୱିତୀୟ ଦିବସରେ 'ନିଟର' କଲକାତାର ପ୍ରଫେସର ଡକ୍ଟର ଅର୍ପଣ କୁମାର ମଣ୍ଡଳ ଅଭାସି ମାଧମରେ 'ରେଫରେନ୍ସ ମେନେଜ୍‌ମେନ୍‌ଟ୍ ଏଣ୍ଡ ଲିଟେରଚର ରିଭ୍ୟୁ' ବିଷୟ ଭିତିକ ଆଲୋଚନା କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ମନରଞ୍ଜନ ମିଶ୍ର 'ଏଥିକାଲ୍ ଟାଇଟିଂ ପ୍ରାକ୍ଟିସେସ୍ ଏଣ୍ଡ କପି ରାଇଟସ୍' ସମ୍ପର୍କରେ ସାରଗର୍ଭକ ଆଲୋଚନା ରଖିଥିଲେ। ତୃତୀୟ ଦିବସରେ ବିସିଇଟିର ପ୍ରଫେସର ଡ. ଧିରେନ୍ଦ୍ର କୁମାର ଜେନା 'ଡାଟା ଏନାଲିସିସ୍ ଟେକ୍‌ନିକ୍ସ ୟୁଜିଂ ଏଆଇ ଟୁଲ୍ସ' ସମ୍ପର୍କରେ ମତାମତ ରଖିଥିଲେ। ଏହିଦିନର ଦ୍ୱିତୀୟ ଚରଣରେ ଆଭାସି ମାଧ୍ୟମରେ ରମାଦେବୀ ଓମେନ୍ସ ୟୁନଭରସିଟିର ପ୍ରଫେସର ଡକ୍ଟର ଇତିଶ୍ରୀ ଷଡ଼ଙ୍ଗୀ ଆଭାସି ମାଧମରେ 'ରାଇଟିଂ ଫର ଗ୍ରାନ୍‌ଟ୍‌ସ୍, ପେଟେନ୍‌ଟ ଫାଇଲିଂ ଏଣ୍ଡ ଫଡିଂ ବିଷୟରେ ଆଲୋଚନା କରିଥିଲେ। ଚତୁର୍ଥ ଦିବସରେ ଫକୀର ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ପଙ୍କଜ କୁମାର ପାଢ଼ୀ 'ପବ୍ଲିକେସନ ଏଣ୍ଡ ଏଥିକାଲ ଜର୍ଣ୍ଣାଲ୍ ସିଲେକସନ୍ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ପଂଚମ ଦିବସରେ 'ୱାଲ୍‌ଡ଼ ସ୍କିଲ ସେନ୍‌ଟର' ଭୁବନେଶ୍ୱରର 'ପେଡ଼ାଗୋଗି' ସ୍ପୋସାଲିଷ୍ଟ ଡ. କୈବଲ୍ୟ କୁମାର ସେଠୀ ଏବଂ ଆଇ.ଏମ୍.ଆଇଟି. କଟକର ଅଧ୍ୟକ୍ଷ ପ୍ରଫେସର ମାନସ ରଞ୍ଜନ କବାଟ ଯୋଗ ଦେଇ 'ଏ.ଆଇ. ଏପ୍ଲିକେସନ ଏଣ୍ଡ ଟାଇମ୍ ମେନେଜ୍‌ମେନ୍‌ଟ ଇନ୍ ରିସର୍ଚ୍' ସମ୍ପର୍କରେ ବିସ୍ତୃତ ବିବରଣୀ ରଖିଥିଲେ। ଉଦ୍‌ଯାପନୀ ଉତ୍ସବରେ ବିସିଇଟିର ନିର୍ଦ୍ଦେଶକ ଡ. ସାହୁ, ଅଧ୍ୟକ୍ଷ ଡ. ସିବେନ୍ଦ୍ର କୁମାର ଘରାଇ, ଉପାଧ୍ୟକ୍ଷ ଜ୍ୟୋତିରଞ୍ଜନ ରାଉତ, ଡିନ୍ ଏକାଡେମି ସରୋଜ କୁମାର ପାତ୍ର, ଆଇ.କ୍ୟୁ.ଏସି.ର ମୁଖ୍ୟ ଡ. ଧିରେନ୍ଦ୍ର କୁମାର ଜେନା ଏବଂ କାର୍ଯ୍ୟକ୍ରମର କନ୍‌ଭେନର ଡ. ଜ୍ୟୋର୍ତିମୟୀ ଓଝା ପ୍ରମୁଖ ମଂଚାସିନ ରହି ନିଜ ନିଜର ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିସିଇଟି ସମେତ ଓଡ଼ିଶାର ବିଭିନ୍ନ ଇଞ୍ଜିନିୟରିଂ କଲେଜରୁ ଆସିଥିବା ଅଧ୍ୟାପକ ଅଧ୍ୟାପିକା ମାନଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିସିଇଟିର ସମସ୍ତ ବିଭାଗ ମୁଖ୍ୟ ଏବଂ ଅଧ୍ୟାପକ ଅଧ୍ୟାପିକା କର୍ମାଚରୀ ଗଣ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ତଥା ପରିଚାଳନା ପରିଷଦର ସଭାପତି ଡ. ମନ୍ମଥ କୁମାର ବିଶ୍ୱାଳ, ସମ୍ପାଦିକା ଶ୍ରୀମତୀ ସୁବ୍ରତା ବିଶ୍ୱାଳ, ଉପସଭାପତି ଅଭିଷେକ ବିଶ୍ୱାଳ ଓ ସହ-ଉପସଭାପତି ଶ୍ରୀମତୀ ରାଜଶ୍ରୀ ସ୍ୱାଇଁ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ପ୍ରତିନିଧିମାନଙ୍କୁ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବାରୁ ଶୁଭେଚ୍ଛା ଜଣାଇଛନ୍ତି।

# ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନ ପକ୍ଷରୁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର



କେନ୍ଦୁଝର, (ସବ୍ୟୁ) : କେନ୍ଦୁଝର ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନ କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ଗୋବର୍ଦ୍ଧନ ଗ୍ରାମର ଜନତା ନୋଡ଼ାଲ ସ୍କୁଲ ପରିସରରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ପରାମର୍ଶ ଶିବର ଆୟୋଜନ କରିଛି । ଭୁବନେଶ୍ୱରର ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲର ମିଳିତ ସହଯୋଗରେ ଏହା ସଫଳ ଭାବେ ଅନୁଷ୍ଠିତ ହୋଇଯାଇଛ । ଗୋବର୍ଦ୍ଧନ,ସେଣ୍ଡକାପ,ପଦ୍ମପୁର, ରୁକୁଣାପୁର,ବାଉରୀପଦା ଆଦି ଗ୍ରାମରୁ ଶହ ଶହ ଲୋକ ଆସି ଏହି ଶିବିରରେ ସ୍ୱାସ୍ଥ୍ୟ ପରୀକ୍ଷା ସହ ଡାକ୍ତରୀ ପରାମର୍ଶ ନେଇଥିଲେ । ହାଇଟେକ୍ ହସ୍ପିଟାଲ ପକ୍ଷରୁ ହୃଦ,ଭେଷଜ, ଚକ୍ଷୁ,ଦନ୍ତ, ମହିଳା ଓ ପ୍ରସୂତି, ଶିଶୁ ବିଭାଗରେ ବିଶେଷଜ୍ଞମାନେ ଆସି ଲୋକଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା କରି ପରାମର୍ଶ ଦେଇଥିଲେ । ଏହି ସ୍ୱାସ୍ଥ୍ୟ ଶିବିରକୁ ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନ ଅଧକ୍ଷ ଡକ୍ଟର ବିପିନ ବିହାରୀ ମିଶ୍ର ଉଦଘାଟନ କରି ସ୍ୱାସ୍ଥ୍ୟ ସଚେତନତା ଉପରେ କହିଥିଲେ । ହାଇଟେକ୍ ପକ୍ଷରୁ ସୁଶାନ୍ତ ଶତପଥୀ ଓ ସତ୍ୟ ସ୍ୱରୂପ ମହାନ୍ତି ଏହି କାର୍ଯ୍ୟକ୍ରମର ତଦାରଖ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରିୟଦର୍ଶନ ମହାପାତ୍ର, ଚାରୁଲତା ପାଣିଗ୍ରାହୀ,ରବୀନ୍ଦ୍ରନାଥ ରାଉତରାୟ, ସୁକନ୍ୟା ମହାନ୍ତି ପ୍ରମୁଖ ଏହି ଶିବିର ପରିଚାଳନା କରିଥିଲେ । ସ୍ୱେଚ୍ଛାସେବୀ ଅନୁଷ୍ଠାନର ଉପଦେଷ୍ଟା ଲାୟନ ସରୋଜ କୁମାର ପଟ୍ଟନାୟକ ଓ ନିଶାକର ରାଉତ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ । ଶେଷରେ ଡକ୍ଟର ସୁକାନ୍ତି ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

(ଶ୍ରୀମଭଗବଦ୍ ଗୀତା ୧୭/୦୪)
–ଶ୍ରଦ୍ଧାତ୍ରୟ ବିଭାଗ ଯୋଗ–
(ଶ୍ରୀଭଗବାନୁବାଚ )

**ଯଜନ୍ତେ ସାତ୍ତ୍ୱିକା ଦେବାନ୍ୟକ୍ଷରକ୍ଷାଂସି ରାଜସାଃ ।**
**ପ୍ରେତାନ୍ ଭୂତଗଣାଂଶ୍ଚାନ୍ୟେ ଯଜନ୍ତେ ତାମସା ଜନାଃ ।।୪।।**

ସତ୍ତ୍ୱଗୁଣ ପ୍ରଧାନ ଜନମାନେ (ସତ୍ତ୍ୱପ୍ରକୃତି) ଦେବତାମାନଙ୍କର ପୂଜା କରନ୍ତି, ରଜୋଗୁଣପ୍ରଧାନ ଜନମାନେ (ରଜଃପ୍ରକୃତି) ଯକ୍ଷ ଓ ରାକ୍ଷସମାନଙ୍କୁ ପୂଜା କରନ୍ତି, ତମୋଗୁଣପ୍ରଧାନ ଜନମାନେ (ତମଃପ୍ରକୃତି) ପ୍ରେତ ଓ ଭୂତମାନଙ୍କୁ ପୂଜା କରନ୍ତି ।। ୪ ।।

# ଗୋଟିଏ ଉପନ୍ୟାସ ଲେଖି ସେ ପ୍ରସିଦ୍ଧ

**ସମ୍ପାଦକୀୟ**

ଓଡ଼ିଆ ସାହିତ୍ୟ ପ୍ରତି ଆଗ୍ରହ ଓଡ଼ିଆମାନଙ୍କର ଆଉ ପୂର୍ବ ପରି ନାହିଁ । ଉପନ୍ୟାସ ପଢ଼ିବାର ଧୈର୍ଯ୍ୟ ମଧ୍ୟ ନାହିଁ । ଏବର କମ୍ପ୍ୟୁଟର, ମୋବାଇଲ ଓ ଲାପଟପ୍ ଯୁଗରେ ଶିକ୍ଷିତ ଓଡ଼ିଆମାନେ ଇଣ୍ଟରନେଟ୍‌ରୁ କେବଳ ସଂକ୍ଷେପ ସୂଚନା ପାଇବାକୁ ବ୍ୟଗ୍ର । ଓଡ଼ିଆ ଗଦ୍ୟ ସାହିତ୍ୟର ଅଦ୍ୱିତୀୟ ସମ୍ରାଟ ଫକୀର ମୋହନ ସେନାପତିଙ୍କ ଉପନ୍ୟାସ ସବୁ ଟି.ଭି. ଧାରାବାହିକରୁ ଦେଖିଥାଉଁ ଆମେ । ଉପନ୍ୟାସକୁ ଭିତ୍ତି କରି ପ୍ରସ୍ତୁତ ହୋଇଥିବା ସିନେମା ବି ବେଶୀ ଦେଖୁନାହାନ୍ତି ଆମ ଲୋକେ । ସେ ଯାହାହେଉ, 'ଅମାବାସ୍ୟାର ଚନ୍ଦ୍ର' ଉପନ୍ୟାସଟି ଏକଦା ଓଡ଼ିଆ ପାଠକମାନଙ୍କ ନିକଟରେ ଆଦୃତ ହୋଇଥିଲା । ଏହାର ଲେଖକ ଗୋବିନ୍ଦ ଦାସ ଏବେ ସ୍ୱର୍ଗରେ । ବାରିଷ୍ଟର ଗୋବିନ୍ଦ ଦାସ ଭାବେ ମଧ୍ୟ ସେ ପରିଚିତ ଥିଲେ । ଗୋଟିଏ ମାତ୍ର ଉପନ୍ୟାସ ଲେଖି ଓଡ଼ିଆ ସାହିତ୍ୟରେ ସେ ଆଦୃତ ହୋଇ ପାରିଥିଲେ । ସେ ଅବଶ୍ୟ ଅନ୍ୟାନ୍ୟ ପୁସ୍ତକ ଓଡ଼ିଆରେ ରଚନା କରିଛନ୍ତି, ମାତ୍ର ସେଗୁଡ଼ିକ ସାଧାରଣ ପାଠକ ମହଲରେ ଏତେ ଆଦର ଲାଭ କରିପାରିନାହିଁ ।

୧୯୨୯ ମସିହା ଜୁନ୍ ୩୦ରେ ସେ (ଗୋବିନ୍ଦ ଦାସ) ଜନ୍ମ ହୋଇଥିଲେ ଯାଜପୁର ଜିଲ୍ଲାର କଲ୍ୟାଣପୁର ଅନ୍ତର୍ଗତ ତିସାଣିଆ ଗାଁରେ ଆଉ ତାଙ୍କର ଦେହାନ୍ତ ହୋଇଥିଲା ଗତ ୨୦୦୮ ମସିହା ଅକ୍ଟୋବର ୧୭ରେ କଟକଠାରେ । ଜନ୍ମ ଦିନରେ ତାଙ୍କୁ ସ୍ମରଣ କରିବା କଥା । ତେଣୁ ତାଙ୍କ ସଂପର୍କରେ ବା ତାଙ୍କ ପୁସ୍ତକ ସଂପର୍କରେ କିଛି ଲେଖା ଏଠାରେ ଉଦ୍ଧାର କରାଯାଉଛି । ତାଙ୍କ ରଚିତ ଓଡ଼ିଆ ଉପନ୍ୟାସ 'ଅମାବାସ୍ୟାର ଚନ୍ଦ୍ର' ହୁଏତ ଅନେକ ପଢ଼ିଥିବେ, ଆଉ ଅନେକେ ପଢ଼ି ନଥିବେ । ତେବେ ତାଙ୍କର 'ସାନ ଗୋଟିଏ ଜୀବନ' ନାମରେ ଆତ୍ମଚରିତ (Autobiography) ମଧ୍ୟ ରହିଛି । ତାଙ୍କ ରଚିତ ପୁସ୍ତକ ସବୁର ମୂଲ୍ୟାୟନ କରିବା ଆମ ସାହିତ୍ୟ ସମାଲୋଚକମାନଙ୍କର କାମ । ମାତ୍ର ତାଙ୍କର ଜନ୍ମ ଦିବସରେ ସାମାନ୍ୟ ସୂଚନା ଦେବାକୁ ଏଠାରେ ଉଚିତ ମନେ କରୁଛି । କାରଣ ଓଡ଼ିଆ ସମ୍ବାଦପତ୍ରମାନେ ଓଡ଼ିଶାର ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସେମାନଙ୍କର ଜନ୍ମ ବା ଶ୍ରାଦ୍ଧ ଦିବସରେ ସ୍ମରଣ କରି ଆସୁଥିବା ପରି ମନେ ହୁଏ ନାହିଁ ।

ବାରିଷ୍ଟର ଦାସ ତାଙ୍କର ଆତ୍ମଚରିତ 'ସାନ ଗୋଟିଏ ଜୀବନ'ରେ ଉଲ୍ଲେଖ କରିଛନ୍ତି, 'ଅମାବାସ୍ୟାର ଚନ୍ଦ୍ର'କୁ ପଢ଼ି ଗୋପୀ ମହାନ୍ତି (ପ୍ରସିଦ୍ଧ ଔପନାସିକ ଗୋପୀନାଥ ମହାନ୍ତି) କହିଲେ, 'ତୁ ଓଡ଼ିଶାରେ ଗୋଟାଏ ରାକ୍ଷସ ସୃଷ୍ଟି କରି ଦେଇଗଲୁ । ପଣ୍ଡିତଜୀଙ୍କୁ ନାୟକ କରି ଆଉ ଖଣ୍ଡେ ଲେଖ୍ । ଦୋଷ ତୋ'ର କଟିଯିବ ।' ସେହି ତାଙ୍କ ଆତ୍ମଚରିତରେ ଗୋବିନ୍ଦ ଦାସ ସ୍ପଷ୍ଟୀକରଣ ଦେଇ ପୁଣି ଲେଖିଛନ୍ତି, ' ଏହାପରେ ତଥାପି ହାତରେ ସମୟ ଥାଏ । ଓକିଲାତି ଜମି ନଥାଏ । ଖାଲି ସମୟକୁ ପୂରାଇଲି–ଖଣ୍ଡିଏ କବିତା ଓ ଆଉ ଖଣ୍ଡେ ଗଳ୍ପ ସଂକଳନ–'ଜାତକ' ଓ 'ମିଶ୍ରରାଗ' ଲେଖିଲି । 'ଜାତକ' ପଢ଼ି ମନମୋହନ ମିଶ୍ର ମୋତେ ଲେଖିଲେ–'ଏଇଟା ଖୁବ୍ ସାହସିକ କବିତା ବହି । ମୁଁ ପରେ ଶୁଣିଲି । ଠିକ୍ କି ଭୁଲ ଏବେ ସୁଦ୍ଧା ଜାଣିନାହିଁ । 'କୁମୁଦ ବୁଢ଼ୀ'ଟା କାଳେ ରୁଷ୍ ଭାଷାରେ ତର୍ଜମା ହୋଇ ତାଙ୍କ ଭାଷାରେ କେଉଁ ଗଳ୍ପ ସଂକଳନରେ ପ୍ରକାଶ ପାଇଛି । 'କୁମୁଦ ବୁଢ଼ୀ' ମିଶ୍ରରାଗ ବହିର ପ୍ରଥମ ଗପ । ମୋକଦ୍ଦମା ବଢ଼ିବା ସଙ୍ଗେ ସଙ୍ଗେ ସାହିତ୍ୟିକ ଜୀବନର ମଧ୍ୟ ଇତି ହେଲା ।'

ଜଣେ ସୋସିଆଲିଷ୍ଟ ଦଳର ନେତା ଭାବେ ଓ ଜଣେ ସୁଦକ୍ଷ ଆଇନଜୀବୀ ଭାବେ ବାରିଷ୍ଟର ଦାସ ମଧ୍ୟ ବେଶ୍ ପରିଚିତ ଥିଲେ । ତାଙ୍କର ଆତ୍ମଚରିତ 'ସାନ ଗୋଟିଏ ଜୀବନ' ମଧ୍ୟରେ ବହୁ ବଡ଼ ଓ ଗୁରୁତ୍ୱପୂର୍ଣ୍ଣ କଥାସବୁ ରହିଛି, ଯାହା ସୁଖପାଠ୍ୟ ବୋଲି ମନେ ହୋଇଥାଏ । ଗୋଟିଏ ଘଟଣା ଏଠାରେ ଉଲ୍ଲେଖ କରୁଛି । ରାଜନୀତି ଦୃଷ୍ଟିରୁ ଏହା ଗୁରୁତ୍ୱପୂର୍ଣ୍ଣ ଓ ଭୁଲି ଯାଇଥିବା କଥାକୁ ଏବେ ମନେ ପକାଇ ଦେଉଛି । ସେ ଲେଖିଛନ୍ତି–'ଯେଉଁଦିନ କାଠମାଣ୍ଡୁରୁ ଫେରିଛି, ସେଇଦିନ ଓଡ଼ିଶାରୁ ଟେଲିଫୋନ ଆସିଲା–ଆଉ ଥରେ ଓଡ଼ିଶାର ଆଡ୍‌ଭୋକେଟ ଜେନେରାଲ ହେବାକୁ । ମୁଁ ସେହି କର୍ମକର୍ତ୍ତାଙ୍କୁ କହିଲି କି ବିବାହ ଥରେ ହୁଏ । ମୁଁ ତ ଥରେ ଆଡ୍‌ଭୋକେଟ୍ ଜେନେରାଲ ହୋଇ ସାରିଛି । ଜାନକୀ ବାବୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥାଆନ୍ତି । ହଁ, ନାଁ ଭିତରେ ମୁଁ ରାଜି ହେଲି ଯିବାକୁ । ବେଶୀ ଉତ୍ସାହ ନ ଥିଲା । ତଥାପି ଏ ଦାୟିତ୍ୱ ମୁଣ୍ଡାଇଲି । ଆଡ୍‌ଭୋକେଟ୍ ଜେନେରାଲ ଥିଲି ବୋଲି ସମସ୍ତେ କହୁଥିଲେ । ଜଣେ ଦୟାଳୁ ଶାସକ ଅର୍ଥ ଜଣେ ଦୁର୍ବଳ ଶାସକ, ଆଉ ଅପବାଦ ନେବି ନାହିଁ । ଏଥରକ ମୁଁ କଠୋର ଶାସକ ହେବି... ଅଳ୍ପ ଦିନ ପରେ ସରକାର ବଦଳିଗଲା, ଗୋମାଙ୍ଗ ମୁଖ୍ୟମନ୍ତ୍ରୀ ହୋଇ ଆସିଲେ । ମୁଁ ଇସ୍ତଫା ଦେଲି । ଗୋମାଙ୍ଗ ମୋତେ ଯାହା କହୁଥିଲେ ମୁଁ ସବୁ ବୁଝି ପାରୁ ନ ଥିଲି । ମୁଁ ଯାହା କହୁଥିଲି, ସେ ହୁଏତ ଭଲ ଭାବେ ବୁଝି ପାରୁ ନ ଥିବେ ।...'('ସାନ ଗୋଟିଏ ଜୀବନ' ପୃଷ୍ଠା–୧୮୭)

ଏପରି ଜଣେ ଲେଖକ, ଆଇନଜୀବୀ ଓ ରାଜନୀତିଜ୍ଞ ଜନ୍ମଦିବସରେ ତାଙ୍କର ସ୍ମୃତି ଉଦ୍ଦେଶ୍ୟରେ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛୁଁ ।

**ଭ୍ରମ ସଂଶୋଧନ**

**ତା ୨୮/୦୬/୨୦୨୫ରିଖ ଶନିବାର ସଂପାଦକୀୟର ଚତୁର୍ଥ ପାରାର ପଞ୍ଚମ ଧାଡ଼ିରେ '୨୦୦ କୋଟି ଟଙ୍କାରେ ନ କିଣି' ବୋଲି ପଢ଼ିବାକୁ ହେବ । ୨୦୦ ଟଙ୍କା ବୋଲି ତାହା ଭୁଲରେ ପ୍ରକାଶ ପାଇଥିବାରୁ ଆମେ ଦୁଃଖିତ ।**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ରହସ୍ୟମୟ ଶ୍ରୀଜଗନ୍ନାଥ



**କିଶୋର ଚନ୍ଦ୍ର ଜେନା**

ରହସ୍ୟମୟ ଠାକୁର ଶ୍ରୀଜଗନ୍ନାଥଙ୍କ ରହସ୍ୟ ଜାଣିବା ମାନବ କ'ଣ ଦେବତାମାନଙ୍କୁ ମଧ୍ୟ ଅଗୋଚର। ଶାସ୍ତ୍ର ଏବଂ ଇତିହାସର ପୃଷ୍ଠଭୂମିକୁ ନେଇ ଇତିହାସକାର ଏବଂ ଶାସ୍ତ୍ରକାରମାନେ ଜଗନ୍ନାଥଙ୍କୁ ଆମେ ଅଷ୍ଟମ ଶତାବ୍ଦୀର ସଂରଚନା ବୋଲି କହିଥାଉ ଏବଂ ପରବର୍ତ୍ତୀ ସମୟରେ ବହୁ ନୂତନ ତତ୍ତ୍ୱ ଏବଂ ନୂଆ ନୂଆ ବିଚାରକୁ ସମୀକୃତ କରିଛି । ବିଭିନ୍ନ ଶାସ୍ତ୍ର ଏବଂ ପୁରାଣମାନଙ୍କରେ ପୁରୀକୁ ଶ୍ରୀକ୍ଷେତ୍ର ଏବଂ ଜଗନ୍ନାଥଙ୍କୁ ପୁରୁଷୋତ୍ତମ ନାମରେ ବର୍ଣ୍ଣନା କରାଯାଇଅଛି ।

ତେଣୁ ଶ୍ରୀଜଗନ୍ନାଥଙ୍କ ବିଷୟରେ ଅନେକ କଥା ଲେଖା ଅଛି, ଲେଖା ଚାଲିଛି ଏବଂ ଆଲୋଚନା ଓ ପର୍ଯ୍ୟାଲୋଚନାର ସୀମା ନାହିଁ । ମାତ୍ର ତାଙ୍କର ଆଦି କେଉଁଠି, ଅନ୍ତ କେଉଁଠି ? ଏବେ ମଧ୍ୟ ତାହା ରହସ୍ୟାବୃତ । ସବୁରି ମନରେ ପ୍ରଶ୍ନ ଉଙ୍କିମାରେ, କିଏ ଏହି ଦେବତା ? ସମଗ୍ର ବିଶ୍ୱରେ ଜଗତର ନାଥ ଭାବରେ ନମସ୍ୟ ଆଉ ଉପାସ୍ୟ କାହିଁକି ? ଏହାର ଉତ୍ତର ଅତ୍ୟନ୍ତ କଠିନ ହେଲେ ମଧ୍ୟ, ତାଙ୍କୁ ଯିଏ ଯେଉଁ ଭାବରେ ଚାହିଁଛି ବା ଡାକିଛି, ସେ ସେହି ଭାବରେ ପାରିଛି ବା ଦେଖା ଦେଇଛି । ଏହା ସତ୍ତ୍ୱେ ଶ୍ରୀଜଗନ୍ନାଥ ଅତ୍ୟନ୍ତ ରହସ୍ୟମୟ । ତାଙ୍କର ସମସ୍ତ ତତ୍ତ୍ୱ ଓ ଦର୍ଶନ ଅତ୍ୟନ୍ତ ଗଭୀର ଓ ବ୍ୟାପକ, ଚିନ୍ତା ଚେତନାର ଅନେକ ଊର୍ଦ୍ଧ୍ୱରେ ।

ଶ୍ରୀଜଗନ୍ନାଥର କେତୋଟି ରହସ୍ୟମୟ ତତ୍ତ୍ୱ ଏଠାରେ ଆଲୋଚନା କରାଯାଇପାରେ । ଏଠାରେ 'ବ୍ରହ୍ମଦାରୁ' ବିଷୟଟିକୁ ପ୍ରଥମେ ଆଲୋଚନା କରାଯାଉ । ଯେଉଁ ଅପୁରକ୍ଷେୟ ଦାରୁ ସାଗର ସୈକତରେ ଭାସମାନ ହୋଇ ଦର୍ଶନ ଦେଇଥିଲେ, ତାହା ନିଶ୍ଚିତ 'ବ୍ରହ୍ମଦାରୁ' ହୋଇପାରେ, ବିଷ୍ଣୁ ପୁରାଣରେ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ପ୍ରଚେଷ୍ଟାରେ ଶ୍ରୀଜଗନ୍ନାଥଙ୍କ ସୋମ୍ୟ ବିଗ୍ରହ ହିଁ ବ୍ରହ୍ମଦାରୁରେ ନିର୍ମିତ ହୋଇ ପୂଜା ପାଇଲେ । କିନ୍ତୁ ମହାରାଜା ଇନ୍ଦ୍ରଦ୍ୟୁମ୍ନ ସେହି ଦାରୁରେ କେବଳ ଶ୍ରୀଜଗନ୍ନାଥଙ୍କ ମହାପ୍ରଭୁ ଏକ ମାତ୍ର ମୂର୍ତ୍ତି ନିର୍ମାଣ କରିଥିଲେ ନା ଚର୍ତୁଦ୍ଧା ମୂର୍ତ୍ତି ବିଗ୍ରହ ପ୍ରତିଷ୍ଠା କରିଥିଲେ, ଏ ବିଷୟରେ ପୁରାଣରେ କୌଣସି ଆଖ୍ୟାୟିକାକୁ ସିଦ୍ଧାନ୍ତ ରୂପେ ମାନି ନେବା ଠିକ୍ ହେବ ନାହିଁ । ଏଥିରେ ପୃଥକ ପୃଥକ ମତବାଦ ଅଛି । କେତେକ ଇନ୍ଦ୍ରଦ୍ୟୁମ୍ନ ଚତୁର୍ଦ୍ଧାମୂର୍ତ୍ତିଙ୍କର ପ୍ରତିଷ୍ଠା କଥା କହିଥିବାବେଳେ ଆଉ କେତେକ କୁହନ୍ତି ଶ୍ରୀଜଗନ୍ନାଥ ମୁଖ୍ୟତଃ ଆଦ୍ୟ ଉପାସ୍ୟ ବିଗ୍ରହ ରୂପେ ପ୍ରତିଷ୍ଠିତ ହୋଇଥିଲେ । ଅତଏବ ବିଭିନ୍ନ ଆଲୋଚନାରୁ ଏତିକି ମାତ୍ର ନିଧାର୍ଯ୍ୟ କରାଯାଇପାରେ ଯେ ଶ୍ରୀଜଗନ୍ନାଥ ହେଉଛନ୍ତି ସ୍ୱୟଂ 'ବ୍ରହ୍ମଦାରୁ' ।

ଏଠାରେ ମନରେ ପ୍ରଶ୍ନ ଉଙ୍କିମାରେ ଶ୍ରୀଜଗନ୍ନାଥଙ୍କୁ 'ଦାରୁବ୍ରହ୍ମ' କୁହାଯିବାର ଯଥାର୍ଥତା କ'ଣ ? ଶ୍ରୀମନ୍ଦିରରେ ରତ୍ନ ସିଂହାସନାଧିଷ୍ଠିତେ ଏହି ଦାରବୀୟ ଚତୁର୍ଦ୍ଧା ବିଗ୍ରହଙ୍କୁ 'ସୌରଗଣନା ଅନୁଯାୟୀ ଯେଉଁ ବର୍ଷ ଯୋଡ଼ା ଆଷାଢ଼, ଅଧିମାସ ଏବଂ ମଳମାସରେ ପଡ଼େ, ସେହି ବର୍ଷ ନବ କଳେବର ଅନୁଷ୍ଠିତ ହୁଏ ।' ଦାରୁସ୍ଥିତ ବ୍ରହ୍ମଙ୍କର ଘଟ ପରିବର୍ତ୍ତନ କରାଯାଇ ନୂତନ ବିଗ୍ରହମାନଙ୍କରେ ସଂସ୍ଥାପନ କରାଯାଇଥାଏ । ବାସ୍ତବରେ ଶ୍ରୀଜଗନ୍ନାଥଙ୍କ ବ୍ରହ୍ମ ସଂସ୍ଥାପନ କେବଳ କରାଯାଇ ନୂତନ ବିଗ୍ରହ ମଣ୍ଡିତ କରାଯାଇଥାଏ ନା ଅନ୍ୟ ବିଗ୍ରହମାନଙ୍କର ନୂତନ କଳେବର ନିର୍ମାଣ କରାଯାଇ ପୁନଃ ପ୍ରତିଷ୍ଠିତ ହୋଇଥାନ୍ତି । ଏହା ସବୁ ଗୋପନୀୟରେ ହୋଇଥାଏ ଏବଂ ଏହାର ମର୍ମ ମଧ୍ୟ ଏକାନ୍ତ ଗୋପନୀୟ ଏବଂ ଏଯାବତ୍ ରହସ୍ୟାବୃତ୍ତ ।

ବିଧି ବିଧାନ ଅନୁଯାୟୀ ଶ୍ରୀଜିଉଙ୍କର ନବକଳେବର ସମ୍ପାଦିତ ହେଉଥିଲେ ହେଁ ଇତିହାସ ପ୍ରମାଣ ଦିଏ ଯେ ଶ୍ରୀଜଗନ୍ନାଥଙ୍କ ମହାପ୍ରଭୁଙ୍କ ନବକଳେବର ବିଭିନ୍ନ ସମୟରେ ବହୁବାର ହୋଇଅଛି । କିନ୍ତୁ ଏହା ମଧ୍ୟ ଧ୍ରୁବ ସତ୍ୟ ଯେ ସେ ହେଉଛନ୍ତି ଦାରୁବ୍ରହ୍ମ ସ୍ୱରୂପାୟ ଏବଂ ସେ ରହସ୍ୟାତୀତ । ତାଙ୍କର ରହସ୍ୟ କେବଳ ତାଙ୍କୁ ଜଣା । ଶ୍ରୀଜଗନ୍ନାଥ ହେଉଛନ୍ତି ଅନନ୍ତ କୋଟି ବ୍ରହ୍ମାଣ୍ଡର ନାୟକ, ସକଳ ଚିନ୍ତା–ଚେତନା ଓ ମତବାଦର ଊର୍ଦ୍ଧ୍ୱରେ ଅବସ୍ଥିତ । ଅପୌରୁଷେୟ ଶାଶ୍ୱତ ସତ୍ତା ହିଁ ଭଗବାନ ରୂପେ ପୁରାଣ ଓ ଗ୍ରନ୍ଥରେ ମହାମାନ୍ୱିତ ଓ ମହିମାମଣ୍ଡିତ । ସେ ଦେବ, ଦାନବ ଓ ମାନବଙ୍କ ଭାବନାର ବହୁ ଊର୍ଦ୍ଧ୍ୱରେ ଥିବା ସହସ୍ରାଶୀର୍ଷା ପୁରୁଷ । 'ସହସ୍ରଶୀର୍ଷାଃ ପୁରୁଷ ସହସ୍ରାକ୍ଷ ସହସ୍ରପାତ ବୋଲି ଋଗ୍‌ବେଦରେ ବର୍ଣ୍ଣିତ । ସେ ଅନାଦି, ଅନନ୍ତ, ଅବ୍ୟକ୍ତ, ଅଚିନ୍ତ୍ୟ ଅପ୍ରକାଶ୍ୟ, ଅକ୍ଷୟ, ଅବ୍ୟୟ, ଅବିନଶ୍ୱର, ଅବତାରୀ ଓ ଅବତାର । ସେ ସଗୁଣ–ନିର୍ଗୁଣ, ସାକାର–ନିରାକାର, ସେ ସ୍ରଷ୍ଟା ପୁଣି ସୃଷ୍ଟି, ସେ ପ୍ରତୀକ ପୁଣି ପ୍ରତିମା, ସେ କୀର୍ତ୍ତି ପୁଣି କୃତ । ସକଳ ଅବତାରର ପ୍ରତିଭୂ ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ହିଁ ଅଖିଳ ବ୍ରହ୍ମାଣ୍ଡର ସ୍ରଷ୍ଟା । ଯୁଗେ ଯୁଗେ ଧର୍ମ ସଂସ୍ଥାପନାର୍ଥେ ଭିନ୍ନ ଭିନ୍ନ ଲୀଳା ସଂରଚନା ପୂର୍ବକ ନିତ୍ୟଲୀଳାରେ ନିମଗ୍ନ । ପୂର୍ଣ୍ଣବ୍ରହ୍ମ ହିଁ ଦାରୁବ୍ରହ୍ମ ରୂପେ ନୀଳାଚଳ ଧାମରେ ଦିବ୍ୟଲୀଳାରେ ସଂଯୁକ୍ତ । ବିଭିନ୍ନ ସମୟରେ ଅଧର୍ମର ବିନାଶ ନିମିତ୍ତ ସେ ଦଶ ଅବତାରରେ ଅବତୀର୍ଣ୍ଣ ହୋଇଥିଲେ ଯଥା ମୀନ, କଚ୍ଛପ, ବରାହ, ନୃସିଂହ, ବାମନ, ପର୍ଶୁରାମ, ରାମ, ବଳରାମ, ବୁଦ୍ଧ ଓ କଳ୍‌କୀ । ରସ କଳ୍ପଦ୍ରୁମରେ ବର୍ଣ୍ଣିତ ଶ୍ଳୋକ ପ୍ରତିପାଦିତ କରୁଛି ଯେ ସେ ସ୍ତମ୍ଭଜାତ ଶ୍ରୀନୃସିଂହ । 'ଅବତାର ତ୍ରୟଂ ବିଷ୍ଣୋର୍ଭକ୍ଷଦୌକଳ ରାକ୍ଷସାଃ / ଶେଷବତାର ରକ୍ଷାର୍ଥଂ ନରସିଂହ ବନଂଗତଃ ।।'

*ସକଳ ଅବତାରର ପ୍ରତିଭୂ ପୁରୁଷୋତ୍ତମ ଶ୍ରୀ ଜଗନ୍ନାଥ ହିଁ ଅଖିଳ ବ୍ରହ୍ମାଣ୍ଡର ସ୍ରଷ୍ଟା । ଯୁଗେ ଯୁଗେ ଧର୍ମ ସଂସ୍ଥାପନାର୍ଥେ ଭିନ୍ନ ଭିନ୍ନ ଲୀଳା ସଂରଚନା ପୂର୍ବକ ନିତ୍ୟଲୀଳାରେ ନିମଗ୍ନ । ପୂର୍ଣ୍ଣବ୍ରହ୍ମ ହିଁ ଦାରୁବ୍ରହ୍ମ ରୂପେ ନୀଳାଚଳ ଧାମରେ ଦିବ୍ୟଲୀଳାରେ ସଂଯୁକ୍ତ ।*



ଏଥିରୁ ସ୍ପଷ୍ଟ ଅନୁମିତ ଯେ, ଶ୍ରୀ ଜଗନ୍ନାଥଙ୍କ ଆଦ୍ୟରୂପ ମହାଦାରୁ ଓ ସତ୍ତ୍ୱତଃ ସେ ଦାରୁବ୍ରହ୍ମ ଠିକ୍ ସେହିପରି ଭଗବାନ, ନୃସିଂହ ଦାରୁରୂପୀ – ସ୍ତମ୍ଭ ବା କାଷ୍ଠରୁ ଆବିର୍ଭୂତ । ଅତଏ ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ ଓ ସ୍ତମ୍ଭଜାତ ଶ୍ରୀନୃସିଂହ ଏକ ଓ ଅଭିନ୍ନ । ପରବ୍ରହ୍ମ ଶ୍ରୀବିଷ୍ଣୁଙ୍କ ଦୁଇ ପ୍ରକାଶ ହିଁ ଦାରୁବ୍ରହ୍ମ ଓ ଶ୍ରୀନୃସିଂହ । ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ ହିଁ ସକଳ ସୃଷ୍ଟିର ଏକମାତ୍ର ଉପାସ୍ୟ ଦେବତା–'ସର୍ବେଷାଂ ଚୈବ ଦେବାନାଂ ରାଜା, ପୁରୁଷୋତ୍ତମଃ', ଚାରିଧାମ – ଚାରିରୂପ, ଚର୍ତୁଃ ଲୀଳାରେ ସେ ହିଁ ଏକ ଓ ଅଭିନ୍ନ । ତେଣୁ କଳିଯୁଗରେ ନୀଳାଚଳ ଧାମରେ ଉପାସିତ ଶ୍ରୀଜଗନ୍ନାଥ ହିଁ ଶ୍ରୀ ବିଷ୍ଣୁଙ୍କ ପ୍ରକାଶ । ଅତିବଡ଼ି ଜଗନ୍ନାଥ ଦାସ, ଶ୍ରୀଜଗନ୍ନାଥ ଓ ଶ୍ରୀନୃସିଂହଙ୍କ ଅଭେଦ ମହିମାର ବର୍ଣ୍ଣନା କରି କହିଛନ୍ତି ଯେ –'ନମଇଁ ନୃସିଂହ ଚରଣ–ଅନାଦି ପରମକାରଣ' ।

'ଶ୍ରୀକ୍ଷେତ୍ରରେ ଦାରୁପୂଜନ ବା ଜଗନ୍ନାଥଙ୍କ ପୂଜା ଅର୍ଚ୍ଚନା ପୂର୍ବରୁ – ମହାପ୍ରଭୁ ଶ୍ରୀନୃସିଂହ ଉପାସିତ ବୋଲି ସ୍କନ୍ଦ ପୁରାଣ, ନିଳାଦ୍ରି ମହୋଦୟ, ବାମନ ସଂହିତା, ମତ୍ସ୍ୟପୁରାଣ, କୁର୍ମପୁରାଣ ଆଦି ସ୍ପଷ୍ଟ ସୂଚନା ପ୍ରଦାନ କରେ । ଶ୍ରୀଜଗନ୍ନାଥ ତତ୍ତ୍ୱ ଓ ଦର୍ଶନରେ ଶ୍ରୀନୃସିଂହ ଚେତନା ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଶ୍ରୀକ୍ଷେତ୍ରରେ ଶ୍ରୀନୃସିଂହଙ୍କ ଉପାସନାର ଧାରା ବହୁ ପ୍ରାଚୀନ, ଶ୍ରୀକ୍ଷେତ୍ରସ୍ଥ ରତ୍ନବେଦୀରେ ମହାପ୍ରଭୁଙ୍କ ଚତୁର୍ଦ୍ଧା ମୂର୍ତ୍ତି ଉପାସିତ । ଶ୍ରୀଜଗନ୍ନାଥ, ବିଶୁଦ୍ଧ ଶ୍ରୀବଳଭଦ୍ର ଦେବୀ ସୁଭଦ୍ରା ଓ ଶ୍ରୀସୁଦର୍ଶନଙ୍କ ତତ୍ତ୍ୱ ସହିତ ଶ୍ରୀନୃସିଂହଙ୍କ ତତ୍ତ୍ୱ ଆରୋପିଦ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ମଧ୍ୟ ଚାରିବେଦ ସହିତ ମହିମାନ୍ୱିତ କରାଯାଇ ସଂଶ୍ଳିଷ୍ଟ କରାଯାଇ ଅଛି । ଶ୍ରୀବଳଭଦ୍ର – ଋଗ୍‌ବେଦ, ଶ୍ରୀନୃସିଂହ – ସାମ୍‌ବେଦ, ଦେବୀ ସୁଭଦ୍ରା – ଯଜୁର୍ବେଦ, ଶ୍ରୀସୁଦର୍ଶନ – ଅଥର୍ବ ବେଦ ବୋଲି କୁହାଯାଇଛି । ଶ୍ରୀ ପୁରୁଷୋତ୍ତମ ମହାତ୍ମ୍ୟରେ ବର୍ଣ୍ଣିତ ଶ୍ଳୋକଟି ହେଲା :– '*ଋଗ୍‌ବେଦ ରୂପୀ ହଳଧୃକ୍ ସାମରୂପୋନୃ କେଶରୀ, ଯଜୁମୂର୍ତ୍ତି ସ୍ତ୍ରିୟଂ ଭଦ୍ରା ଚକ୍ରାମାର୍ବଣଂ ସୃତମ୍ ।।*'

ତତ୍ତ୍ୱତଃ ଶ୍ରୀ ଜଗନ୍ନାଥଙ୍କ ମୌଳିକ ରୂପ ହିଁ ଶ୍ରୀନୃସିଂହ । ଶ୍ରୀ ନୃସିଂହ ହିଁ ଚତୁର୍ଦ୍ଧାମୂର୍ତ୍ତିରେ ରତ୍ନସିଂହାନରେ ପୂଜିତ । ଇନ୍ଦ୍ରଦ୍ୟୁମ୍ନ ବ୍ରହ୍ମାଙ୍କୁ ପୃଥିବୀ ପୃଷ୍ଠକୁ ନିମନ୍ତ୍ରିତ କରିଆଣିଥିଲେ । ସେ ବ୍ରହ୍ମ ଦେବଙ୍କ ମୁଖରୁ ପ୍ରଥମ ମନ୍ତ୍ର ଉଚ୍ଚାରିତ ହୋଇଥିଲା। '*ଉଗ୍ରଂ ବୀରଂ ମହାବିଷ୍ଣୁ ଜ୍ୱଳନ୍ତ ସର୍ବୋତ ମୁଖମ୍ ନୃସିଂହ ଭୀଷଣ ଭଦ୍ର ମୃତ୍ୟୁଂନମାମ୍ୟହମ ।।*

ନୃସିଂହଙ୍କ ପ୍ରଥମ ଉଗ୍ରରୂପ ଅମୃତର ପ୍ରତୀକ, ଦ୍ୱିତୀୟରେ ସେ ବୀର, ତୃତୀୟରେ ସେ ମହାବିଷ୍ଣୁ, ଚତୁର୍ଥରେ ସେ ଜ୍ୱଳନ୍ତ, ପଞ୍ଚମରେ ସର୍ବୋତୋମୁଖ, ଷଷ୍ଠରେ ନୃସିଂହ, ସପ୍ତମରେ ଭୀଷଣ, ଅଷ୍ଟମରେ ଭଦ୍ର, ନବରେ ମୃତ୍ୟୁ – ମୃତ୍ୟୁ, ଦଶମରେ ସେ ନମାମି ଏବଂ ଏକାଦଶରେ, ଅହମ । ପୁରୁଷୋତ୍ତମ ମାହାତ୍ମ୍ୟର ବର୍ଣ୍ଣନାନୁସାରେ ନୃସିଂହ ଉପନିଷଦାନ୍ତର୍ଗତ ଦ୍ୱାତ୍ରିଂଶକ୍ଷରୀ ମନ୍ତ୍ରରାଜ ମନ୍ତ୍ର ପୁରୁଷୋତ୍ତମ କ୍ଷେତ୍ରରେ ଆଦି ମନ୍ତ୍ର ଭାବରେ ଗୃହୀତ ହୋଇଛି । ତେଣୁ ଶ୍ରୀ ଜଗନ୍ନାଥଙ୍କ ସଂସ୍କୃତି ଓ ପରମ୍ପରାରେ ଶ୍ରୀନୃସିଂହ ଉପାସନା ଏକ ଅବିଚ୍ଛେଦ୍ୟ ଅଙ୍ଗ । ତୁମ୍ଭର ରହସ୍ୟ ଏତେ ରହସ୍ୟାତୀତ ଯେ, ଏଥିପାଇଁ ବିଭିନ୍ନ ଉପାସକମାନେ ତୋତେ ନିଜର ମତବାଦ ଅନୁସାରେ ବିଭିନ୍ନ ଭାବରେ ପୂଜା କରନ୍ତି । ବୈଦିକମାନଙ୍କ ତୁ ଭୁଃ, ଭର୍ବଃ ସ୍ୱଃ । ବୌଦ୍ଧମାନଙ୍କ ମତରେ ବୁଦ୍ଧ, ଧର୍ମ ଓ ସଂଘ, ଜୈନମାନଙ୍କ କୈବଲ୍ୟ, ଶୈବମାନଙ୍କ ମତରେ ଶିବ, ପାର୍ବତୀ ଗଣେଷ, ଶାକ୍ତମାନଙ୍କ ମତରେ ତୁ ମହାକାଳୀ, ମହାଲକ୍ଷ୍ମୀ ଓ ମହାସରସ୍ୱତୀ, ତାନ୍ତ୍ରିକମାନଙ୍କ ମତରେ ଭୈରବ, ମହାକାଳ ଓ ଉତ୍ତରସାଧକ ଏବଂ ଜ୍ଞାନୀମାନଙ୍କ ମଧ୍ୟରେ ସତ୍, ଚିତ୍ ଓ ଆନନ୍ଦ ସ୍ୱରୂପ ।

ତତ୍ତ୍ୱଦର୍ଶୀମାନଙ୍କ ପାଇଁ ତୁ ସୁଗୁଣ ଆଉ ସାକାର । କାହାପାଇଁ ତୁ ରାମ ପୁଣି କୃଷ୍ଣ । ତୁ ପୁଣି ପରମ ପୁରୁଷ, ପୁରୁଷୋତ୍ତମ ଓ ପତିତପାବନ । ତେଣୁ ଆଜିର ଏହି ଏକ ବିଂଶ ଶତାବ୍ଦୀରେ ତୋର ରହସ୍ୟମୟ ସଂସ୍କୃତି ଶ୍ରୀଜଗନ୍ନାଥ ସଂସ୍କୃତି ଶାନ୍ତିପୂର୍ଣ୍ଣ ସଂହତି ଓ ସହାବସ୍ଥାନର ପ୍ରତୀକ। ଆଜିର ବିଶ୍ୱର ବିଭିନ୍ନ ପ୍ରାନ୍ତରେ ବର୍ଣ୍ଣଗତ ଓ ଜାତିଗତ ବିଭେଦ ରକ୍ତପାତର କାରଣ ହେଲାବେଳେ, ସମ୍ପ୍ରଦାୟଗତ ଓ ଭାଷାଗତ ବୈଷମ୍ୟ ଅହମିକାଭରା ମଣିଷକୁ ବିଚ୍ଛିନ୍ନ କରିଥିବାବେଳେ ଜଗନ୍ନାଥ ସଂସ୍କୃତି ସାମ୍ୟ, ମୈତ୍ରୀ, ଭାତୃଭାବ ଓ ଜାତିଗତ ଚେତନାର ଏକ ମଦନ୍ୟୟ ସଂଜୀବନୀ ଭାବରେ ଉପସ୍ଥିତ । (ତେଣୁ ତାଙ୍କୁ ଆସନ୍ତୁ ଆମେ ସମସ୍ତେ ଜଗନ୍ନାଥ ସଂସ୍କୃତିର ସାମ୍ୟ, ମୈତ୍ରୀ ଓ ଭାତୃଭାବରେ କରୁଣାର ସଂଜୀବନୀ ସିଂଚନ କରିବା, ଯାହାଫଳରେ ବିଶ୍ୱରେ ସେହି ମାନବୀୟ ସଂକଟ ମୋଚନ ହୋଇ ପାରିବ । ତାଙ୍କର ରହସ୍ୟକୁ ସ୍ୱୟଂ ବ୍ରହ୍ମା ଓ ଦେବତାଗଣ ବୁଝିବା କଷ୍ଟକର, ତେଣୁ ଛାର ମଣିଷ କ'ଣ ବୁଝିବ ।)

ତେଣୁ ତାଙ୍କର ରହସ୍ୟକୁ ବୁଝିବାକୁ ଚେଷ୍ଟା ନ କରି ତାଙ୍କର ସେହି ଚେତନାରେ ନିଜକୁ ବାନ୍ଧିଦେବା ଏକ ଭକ୍ତିର ପସରା ଏବଂ ଭାବର ଡଙ୍ଗା ଭସେଇଦେବା, ଯାହାଫଳରେ ତାଙ୍କର କରୁଣା ଆମ ଉପରେ ନିର୍ଗତ ହେବ ।

**ପୂର୍ବତନ ବରିଷ୍ଠ ଅଧିକାରୀ,**
**ବି.ଏସ୍.ଏନ୍.ଏଲ୍., ଆଇନଜୀବୀ**

# ଯଥାଃ ରାବଣସ୍ୟ ମନ୍ଦୋଦରୀ...



**ଡ. ନିରଞ୍ଜନ ସାହୁ**

ପିଲାଦିନେ କୌଣସି ବୈବାହିକ କାର୍ଯ୍ୟରେ ଯୋଗଦେଲେ ଅନ୍ୟକିଛି ମନେ ରହୁ ବା ନରହୁ ବ୍ରାହ୍ମଣଙ୍କର ସମୁହ ଶ୍ଳୋକ ଉଚ୍ଚାରଣ ମଧ୍ୟରୁ ଶୀର୍ଷକଟି ମନେ ରହିଯାଉଥିଲା । ଏହାର କାରଣ ଥିଲା ବାଲ୍ୟକାଳରୁ ସେଇ ପୌରାଣିକ ଚରିତ୍ରମାନଙ୍କ ସହିତ ପରିଚିତି । ବିବାହ ସତରେ ଏକ ବହୁ ପ୍ରାଚୀନ ସାମାଜିକ ଅନୁଷ୍ଠାନ । ଏହା ପ୍ରାୟତଃ ପୃଥିବୀରେ ବସବାସ କରୁଥିବା ସମସ୍ତ ଧର୍ମାବଲମ୍ବୀଙ୍କ ଦ୍ୱାରା ଗୃହୀତ । ଏହା ପୁରୁଷ ଓ ନାରୀଙ୍କ ଭିତରେ ଏକ ସ୍ଥୂଳ ମିଳନ କେବଳ ନୁହେଁ, ବରଂ ଏହା ଦୁହିଁଙ୍କ ଭିତରେ ସୃଷ୍ଟି କରେ କିଛି ଆଇନଗତ ସଂପର୍କ ଏବଂ ନୂତନ ପିଢ଼ି ପାଇଁ କିଛି ଦାୟିତ୍ୱ ଓ କର୍ତ୍ତବ୍ୟ । ସଂକ୍ଷେପରେ କହିଲେ ଏତେକ ଯଥେଷ୍ଟ ହେବ ଯେ ପାରିବାରିକ ବନ୍ଧନର ମୂଳସୂତ୍ର ହେଲା 'ବିବାହ' ।

ପ୍ରାୟ ସାଢ଼େ ଚାରି ହଜାର ବର୍ଷ ଆଗରୁ ମଧ୍ୟ ବୈବାହିକ ପରମ୍ପରା ଥିଲା ବୋଲି ଇତିହାସରୁ ପ୍ରମାଣ ମିଳେ । ଗୋଟିଏ ବିବାହରେ କିଏ କ'ଣ ବରପକ୍ଷକୁ ଖୋଜୁଥାଏ, ସେ କଥା ଏକ ପୁରାତନ ଶ୍ଳୋକରୁ ଜଣାଯାଏ– 'କନ୍ୟା ବରୟତେ ରୂପମ୍ ମାତା ବିତ୍ତଂ ପିତା ଶ୍ରୁତମ୍, ବାଂଧବାଃ କୁଳମିଚ୍ଛନ୍ତି ମିଷ୍ଟାନ୍ନ – ମିତରେ ଜନାଃ ।'

ଯେମିତି ଦୃଷ୍ଟିକୋଣ ବଦଳିଲେ କୌଣସି ବସ୍ତୁର ରୂପ ଅଲଗା ଦିଶେ, ସେଇମିତି ଚମତ୍କାର ଭାବରେ ଶ୍ଳୋକ ରଚୟିତା ବିଭିନ୍ନ ଲୋକଙ୍କର ଆବଶ୍ୟକତାକୁ ବଖାଣିଥିଲେ । କୃଷିଭିତ୍ତିକ ସଭ୍ୟତା ଥିଲାବେଳେ ଯେ ସବୁ ଠିକ୍ ଚାଲିଥିଲା ମାତ୍ର ସଭ୍ୟତାର ଯେଉଁ ସ୍ତରରେ ମଣିଷ ସମାଜ ଅଧୁନା ପହଞ୍ଚିଲାଣି, ସେଠାରେ ବିବାହ କଣ ପୂର୍ବପରି ଏକ ସର୍ବସ୍ୱୀକୃତ ଅନୁଷ୍ଠାନ ଭାବରେ ବଞ୍ଚିପାରିବ, ତାହା ଏକ ପ୍ରଶ୍ନବାଚୀ ପାଲଟିଛି ।

୧୯୫୦ ମସିହା ପର୍ଯ୍ୟନ୍ତ ଭାରତୀୟ ସମାଜରେ ସ୍ୱାମୀ ଥିଲେ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି, ସ୍ତ୍ରୀଙ୍କର ଦାୟିତ୍ୱ ଥିଲା ଘର ସମ୍ଭାଳିବା, ପୁତ୍ରକନ୍ୟା ତଥା ପରିବାରର ଅନ୍ୟମାନଙ୍କର ଯତ୍ନ ନେବା, ରୋଷେଇ କରିବା ଇତ୍ୟାଦି । କ୍ରମେ କ୍ରମେ ଯୁଗ୍ମ ପରିବାରର ପତନ ହେଲା, ଗଢ଼ି ଉଠିଲା ଏକକ ପରିବାର । ମାନେ ସ୍ୱାମୀସ୍ତ୍ରୀ ଏବଂ ସେମାନଙ୍କ ପିଲାଙ୍କୁ ନେଇ ପରିବାର । ହେଲେ ସେଇ ଧାରା ଅଟକି ଯାଇ ନଥିଲା, କ୍ରମେ ବ୍ୟକ୍ତିକୈନ୍ଦ୍ରିକ ପାଲଟିଲା ମଣିଷର ମନ ଆଉ ସେଇ କ୍ରମରେ ସ୍ତ୍ରୀ ଲୋକମାନେ ଆସ୍ତେ ଆସ୍ତେ କେବଳ ପରିବାରର କର୍ତ୍ତୀ ଭାବରେ, ତାଙ୍କର ଭୂମିକାକୁ ନେଇ ସୁଖୀ ହୋଇ ପାରିଲେ ନାହିଁ, ସେମାନେ ନିଜର କ୍ୟାରିଅର ପାଇଁ ଅଧିକ ଆଗ୍ରହୀ ହେଲେ । ଏହାର ଫଳ ହେଲା ଏହା ଯେ, ବିବାହର ବୟସ କ୍ରମେ ଅଧିକରୁ ଅଧିକ ହୋଇଗଲା । ପତି ବାଛିବାର ଅଧିକାର ପତ୍ନୀଙ୍କର ପାଲଟିଲା। କ୍ରମେ ବିବାହ ପ୍ରସଙ୍ଗରେ ପରିବାରର ଅନ୍ୟାନ୍ୟ ସଦସ୍ୟଙ୍କର କଥାର ଗୁରୁତ୍ୱ ବି କମ୍ ହୋଇ ଚାଲିଲା ।

ବିଦେଶରେ ଏବେ ଦେଖା ହେଉଛି ସେଠାରେ ଖୁବ୍ କମ୍ ଲୋକ ବିବାହ ବନ୍ଧନରେ ବାନ୍ଧି ହେବାକୁ ଚାହୁଁଛନ୍ତି । ଆଗରୁ ଆମେରିକାରେ ହାରାହାରି ଭାବରେ ଶତକଡ଼ା ପଞ୍ଚାନବେ ଲୋକ ବିବାହ ବନ୍ଧନରେ ରହୁଥିଲେ ମାତ୍ର ସେଠାକାର ସ୍ଥିତି ଏପରି ହେଲାଣି ଯେ ୨୦୧୯ରେ ପ୍ରକାଶିତ ଏକ ସର୍ବେକ୍ଷଣ ଅନୁଯାୟୀ ସେଠାରେ ତେପନ ପ୍ରତିଶତ ବିବାହ କରୁଛନ୍ତି, ନଅ ପ୍ରତିଶତ ବିବାହ ନ କରି ନିଜ ଇଚ୍ଛାମତେ ବନ୍ଧୁ ବା ବାନ୍ଧବୀ ସହିତ ରହୁଛନ୍ତି ଏବଂ ପ୍ରାୟ ଅଢ଼ତିରିଶ ପ୍ରତିଶତ ଲୋକ ଅବିବାହିତ ରହିବାକୁ ପସନ୍ଦ କରୁଛନ୍ତି ।

ବିବାହ ପାଇଁ ସବୁଠୁ ବଡ଼ ବିପଦ ସୃଷ୍ଟି କରୁଛି କ୍ରମବର୍ଦ୍ଧିଷ୍ଣୁ ଛାଡ଼ପତ୍ର । ନିଜକୁ ମୁକ୍ତ ବୋଲି ଭାବୁଥିବା ତଥାକଥିତ ସଭ୍ୟ ସମାଜରେ ପୁରୁଷ ଓ ସ୍ତ୍ରୀ ଭାବୁଛନ୍ତି ବିବାହ ଯେମିତି କିଛି ଜରୁରୀ ଚିଜ ନୁହେଁ । ଆଧୁନିକ ଜୀବନ ଶୈଳୀରେ ସେମାନେ ଏତେ ବିଭୋର ହୋଇଯାଉଛନ୍ତି, ଯାହାଫଳରେ ସେମାନଙ୍କ ଭିତରେ ବହୁ ପୁରୁଷ ଅଥବା ବହୁ ନାରୀପ୍ରତି ଆକର୍ଷଣ ସୃଷ୍ଟି ହୋଇଯାଉଛି । ଆଗ କାଳରେ ବିବାହକୁ ଧର୍ମ ସହିତ ଏପରି ଯୋଡ଼ି ଦିଆଯାଉଥିଲା ଯେ ବିବାହ ବାହାରେ ଅନ୍ୟ କୌଣସି ସଂସର୍ଗ ଥିଲା ଅଗ୍ରହଣୀୟ । ଉପଭୋଗ ପ୍ରବଣତା ଯେତେ ଯେତେ ବଢ଼ି ବଢ଼ି ଯାଉଛି, ବିବାହରୂପୀ ଅନୁଷ୍ଠାନ ସେତେ ଦୁର୍ବଳ ହୋଇ ଯାଉଛି ।

ଆମେରିକାର ଜଣେ ତଥାକଥିତ ଗବେଷକ ଆଣ୍ଡ୍ରୁ ଚେରର୍ବିନଙ୍କ ମତରେ ୨୦୦୪ ପରଠାରୁ ବସ୍ତୁତଃ ସେଠାରେ ବିବାହ, ତା'ର ଆନୁଷ୍ଠାନିକ ଗୁରୁତ୍ୱ ହରେଇ ବସିଛି । ବିବାହ ସମ୍ପର୍କରେ ଯେଉଁସବୁ କଟକଣା ଥିଲା ସେଗୁଡ଼ିକ କ୍ରମଶଃ ଦୁର୍ବଳ ହୋଇ ଯାଇଛି ଏବଂ ପାରମ୍ପରିକ ଭାବରେ ବିବାହରୁ ଯାହା ଉପକାର ମିଳୁଥିଲା, ସେଗୁଡ଼ିକ ସେତେ ଗ୍ରହଣୀୟ ହେଉନାହିଁ। ଧରନ୍ତୁ ଆଗରୁ ବିବାହ କହିଲେ ତାହା ଥିଲା ପୁରୁଷ ସହିତ ସ୍ତ୍ରୀର ମିଳନ । ମାତ୍ର ବିଭିନ୍ନ ଉଦାର ସଭ୍ୟତାବାଦୀଙ୍କ ଚାପରେ ଆମେରିକାରେ ବିବାହ ଆଇନ ପରିବର୍ତ୍ତିତ ହୋଇଛି । ଯେମିତି ସେଠାରେ ଜଣେ ପୁରୁଷ ଆଉ ଜଣେ ପୁରୁଷଙ୍କୁ ଜୀବନସାଥୀ ରୂପେ ଗ୍ରହଣ କରିପାରିବେ କିମ୍ବା ଜଣେ ମହିଳା ଆଉ ଜଣେ ମହିଳାଙ୍କୁ ବିବାହ କରିବାରେ ଆଇନର ପ୍ରତିବନ୍ଧକ ନାହିଁ । ଏପରିକି ଆମ ଦେଶର ସର୍ବୋଚ୍ଚ ନ୍ୟାୟାଳୟରେ ମଧ୍ୟ ଯେ ସଂକ୍ରାନ୍ତରେ ମାମଲା ଚାଲୁଅଛି । ଦକ୍ଷିଣପନ୍ଥୀମାନେ ଏହାକୁ ଆମର ସଂସ୍କୃତିର ପରିପନ୍ଥୀ କହି ବିରୋଧ କରୁଥିବା ବେଳେ କିଛି ଗୋଷ୍ଠୀ ତାହା ସପକ୍ଷରେ ଅଛନ୍ତି ।

*ବିଦେଶରେ ଏବେ ଦେଖା ହେଉଛି ସେଠାରେ ଖୁବ୍ କମ୍ ଲୋକ ବିବାହ ବନ୍ଧନରେ ବାନ୍ଧି ହେବାକୁ ଚାହୁଁଛନ୍ତି। ଆଗରୁ ଆମେରିକାରେ ହାରାହାରି ଭାବରେ ଶତକଡ଼ା ପଞ୍ଚାନବେ ଲୋକ ବିବାହ ବନ୍ଧନରେ ରହୁଥିଲେ ମାତ୍ର ସେଠାକାର ସ୍ଥିତି ଏପରି ହେଲାଣି ଯେ ୨୦୧୯ରେ ପ୍ରକାଶିତ ଏକ ସର୍ବେକ୍ଷଣ ଅନୁଯାୟୀ ସେଠାରେ ତେପନ ପ୍ରତିଶତ ବିବାହ କରୁଛନ୍ତି, ନଅ ପ୍ରତିଶତ ବିବାହ ନ କରି ନିଜ ଇଚ୍ଛାମତେ ବନ୍ଧୁ ବା ବାନ୍ଧବୀ ସହିତ ରହୁଛନ୍ତି ଏବଂ ପ୍ରାୟ ଅଢ଼ତିରିଶ ପ୍ରତିଶତ ଲୋକ ଅବିବାହିତ ରହିବାକୁ ପସନ୍ଦ କରୁଛନ୍ତି।*

ଅନେକ ମହିଳାଙ୍କର ଧାରଣା ସେମାନେ ବାରମ୍ବାର ମାତୃତ୍ୱ ଲାଭ କରିବାରୁ ସେମାନଙ୍କର ସୌନ୍ଦର୍ଯ୍ୟ କମିଯାଉଛି । ଏହା ମଧ୍ୟ କେତେକାଂଶରେ ବିବାହ ବିରୋଧୀ ମାନସିକତା ସୃଷ୍ଟି କରୁଛି । କିଛି ବ୍ୟକ୍ତି ସେମାନଙ୍କର କ୍ୟାରିଅରରେ ଏତେ ନିମଗ୍ନ ରହୁଛନ୍ତି ଯେ ବିବାହ ଓ ପରିବାର ସେମାନଙ୍କ ପାଇଁ ପ୍ରାଥମିକତା ହୋଇ ରହୁନାହିଁ, ପାରମ୍ପରିକ ମାତୃତ୍ୱ ଏକ କଷ୍ଟକର ପ୍ରକ୍ରିୟା ହୋଇଥିବାରୁ ଏବଂ ଆଧୁନିକ ବିଜ୍ଞାନର ଉପଯୋଗ ଫଳରେ ଅନ୍ୟ କାହାରି ଜରାୟୁରେ ନିଜର ସନ୍ତାନ ବଢ଼ାଇବା ପାଇଁ କିଛି ଲୋକ ମଧ୍ୟ ଅଧିକ ଗ୍ରହଣୀୟ ଭାବୁଛନ୍ତି ଯାହା ବିବାହର ପ୍ରୟୋଜନୀୟତା ଉପରେ ଅଙ୍କୁଶ ଲଗାଉଛି।

ଆଗରୁ ହିନ୍ଦୁ ଧର୍ମରେ ବିବାହକୁ ଏପରି ପ୍ରାଧାନ୍ୟ ଦିଆଯାଉଥିଲା ଯେ ଯେଉଁ ଚତୁଃବର୍ଗ ଫଳପ୍ରାପ୍ତି ଜୀବନର ସର୍ବୋଚ୍ଚ ଅଭିଳାଷ ବୋଲି ଦର୍ଶାଯାଉଥିଲା, ତାହା ବିବାହ ମାଧ୍ୟମରେ ସମ୍ଭବ ବୋଲି ଧାରଣା ସୃଷ୍ଟି କରାଯାଉଥିଲା । ବିବାହିତ ବ୍ୟକ୍ତି ହିଁ କେବଳ ଧାର୍ମିକ ଅନୁଷ୍ଠାନ କରିବା ପାଇଁ ଅନୁମତିପ୍ରାପ୍ତ ବୋଲି ବିବେଚିତ ହେଉଥିଲେ । କୋର୍ଟମାନଙ୍କର ଉଦାର ବ୍ୟାଖ୍ୟା ଏବଂ ମାନବିକ ଅଧିକାରର କଷଟି ଭିତରେ ସେଇ କଥାମାନ ପୁରାତନ ହୋଇ ବର୍ଜନୀୟ ସ୍ତରକୁ ଆସିଗଲେଣି । ପୁରୁଷାର୍ଥର ଚାରିଟି ଦିଗରେ ନାରୀର ଉପସ୍ଥିତି ବୋଲି ଯେଉଁ କଥା ଥିଲା, ତାକୁ ଆଜିର ବିଜ୍ଞାନୀସମାଜ ହସରେ ଉଡ଼େଇ ଦେବାକୁ ବ୍ୟାକୁଳ।

ବିବାହର ଉପକାରିତା ଭିତରେ ପ୍ରମୁଖ ଥିଲା ଏହା ମଣିଷକୁ କ୍ରମଶଃ କମ୍ ମଦ୍ୟପାନ କରିବାରେ ପ୍ରଚୋଦିତ କରୁଥିଲା ଏବଂ ଏହା ନାରୀ ଓ ପୁରୁଷଙ୍କର ମନସ୍ତାତ୍ତ୍ୱିକ ସନ୍ତୁଳନ ଓ ସନ୍ତୁଷ୍ଟି ସମ୍ୟକ୍ ରହୁଥିଲା । ଆଧୁନିକ ସଭ୍ୟତାରେ ନାରୀ ଓ ପୁରୁଷ ଉଭୟ ପଣ୍ୟ ପାଲଟି ଯିବାରୁ ଦୀର୍ଘ ଜୀବନର ଆନନ୍ଦ ଅପେକ୍ଷା ରାତିକର ଆନନ୍ଦ ଯୁବକ ଯୁବତୀଙ୍କୁ ବେଶୀ ଆମୋଦିତ କଲା ଆଉ ନିକଟ ହୋଇଗଲା ଦୁର୍ଗପତନର ବେଳ । ପାଶ୍ଚାତ୍ୟ ଦେଶରେ ଛାଡ଼ପତ୍ର ହାର ଚିନ୍ତାଜନକ । ଯୁକ୍ତରାଷ୍ଟ୍ର ଆମେରିକାରେ ଏହା ୪୫ ଶତକଡ଼ା ଥିଲାବେଳେ ଗ୍ରେଟ୍‌ବ୍ରିଟେନ୍‌ରେ ୪୧ ପ୍ରତିଶତ, ରୁଷିଆରେ ୭୩ ପ୍ରତିଶତ । ଏହା ସତ୍ତ୍ୱେ ଭାରତରେ ଏହା ବର୍ତ୍ତମାନ ୧ (ଏକ) ପ୍ରତିଶତ ରହିଛି ମାତ୍ର ବିବାହ ବିଚ୍ଛେଦ ସଂଖ୍ୟା ଦ୍ରୁତ ବୃଦ୍ଧି ପାଉଛି ।

ଆମେ ସମସ୍ତେ ସେଇ ପାଶ୍ଚାତ୍ୟ ଅନୁକରଣରେ ବ୍ୟସ୍ତ । ସେମାନଙ୍କୁ ଅଧିକ ସଭ୍ୟ ଓ ଶିକ୍ଷିତ ଭାବୁଛନ୍ତି ଆମେ । ହେଲେ ସେ ଦେଶମାନଙ୍କର ଛାଡ଼ପତ୍ର ସଂଖ୍ୟା କଣ ସୂଚେଇ ଦେଉନି ସେ ଦେଶରେ ଭାଙ୍ଗିଯାଉଥିବା ପରିବାରମାନଙ୍କର ସ୍ଥିତି । ପରିବାରହିଁ ଥିଲା ସମାଜର ଏକକ । ତାକୁ ସଂଯୋଗ କରୁଥିଲା ବିବାହ ପରି ଅନୁଷ୍ଠାନ । ତାହାର ଆବଶ୍ୟକତା ନାହିଁ ବୋଲି ଯେଉଁମାନେ ଭାବୁଛନ୍ତି, ସେମାନେ କେବଳ ନିଜର ନୁହେଁ ସମଗ୍ର ମାନବ ସମାଜର ଓ ସଭ୍ୟତାର ଏକ ବିକଳ ଭବିଷ୍ୟତକୁ ହାତଠାରି ଡାକୁଛନ୍ତି । ଆମେ ବନ୍ୟରୁ ସଭ୍ୟ ହୋଇଥିଲେ, ପୁଣି କ'ଣ ଆଉ ଥରେ ସେଇ ବନ୍ୟ ସଭ୍ୟତାକୁ ପ୍ରସ୍ଥାନ କରିବା ?

***(ଲେଖକ ଭାରତୀୟ ପ୍ରଶାସନିକ ସେବାର ଜଣେ ପୂର୍ବତନ ଅଧିକାରୀ)***
**ମୋ–୯୪୩୮୪୮୨୯୧୧**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଦଳାଚକଟାରେ...

ଠେଲା ପେଲା ଆରମ୍ଭ ହୋଇ ଥିଲା । କେତେକ ଭକ୍ତ ଗହଳି ମଧ୍ୟରେ ଅଣ ନିଶ୍ୱାସ ହୋଇ ପଡ଼ି ଥିଲେ । ଭିଡ ଭିତରୁ ବାହାରକୁ ବାହାରିବା ପାଇଁ ଉଦ୍ୟମ କରିଥିଲେ । ଏହି ସମୟରେ କେତେକ ଭକ୍ତ ତଳେ ପଡ଼ି ଯାଇ ଥିଲେ । ତାଙ୍କ ଉପରେ ସେଠାରେ ଥିବା ଭକ୍ତମାନେ ଚଢ଼ି ଯାଇ ଥିଲେ । ଯାହା ଫଳରେ ତଳେ ପଡ଼ି ଥିବା ଆହତମାନେ ଶ୍ୱାସରୁଦ୍ଧ ହୋଇ ମୃତ୍ୟୁ ବରଣ କରି ଥିଲେ । ଖବର ପାଇ ବରିଷ୍ଠ ପୋଲିସ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଆହତ ମାନଙ୍କୁ ଚିକିତ୍ସା ପାଇଁ ଆମ୍ବୁଲାନ୍ସ ଯୋଗେ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଥିଲେ । ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ଏହି ଘଟଣାରେ ସୁରକ୍ଷା ବ୍ୟବସ୍ଥା ଦାୟିତ୍ୱରେ ଥିବା ଡିସିପି ବିଷ୍ଣୁ ପ୍ରସାଦ ପତି ଓ କମାଣ୍ଡାଣ୍ଟ ଅଜୟ କୁମାର ପାଢ଼ୀଙ୍କୁ ରାଜ୍ୟ ସରକାର କର୍ତ୍ତବ୍ୟରେ ଅବହେଳା ପାଇଁ ଚାକିରିରୁ ନିଲମ୍ବନ କରିଛନ୍ତି । ସେହିପରି ସରକାର ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଓ ଏସପି ବିନୀତ କୁମାର ଅଗ୍ରୱାଲଙ୍କୁ ପୁରୀରୁ ଅନ୍ୟତ୍ର ବଦଳି କରିଛନ୍ତି । ଘଟଣା ତଦନ୍ତ ପାଇଁ ସରକାର ରାଜ୍ୟ ଉନ୍ନୟନ କମିଶନରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

### ଟ୍ରାଫିକ୍..

ଲୋକେ । ତଳେ ପଡି ଛଟପଟ ହେଉଥିଲେ । ଠେଲାପେଲାରେ ଛୋଟ ଛୋଟ ପିଲା ତଳେ ପଡିଯାଉଥିଲେ ଆଉ ତାଙ୍କ ଉପରେ ଚଢ଼ି ଯାଉଥିଲେ ଲୋକେ । କାହାର ହାତ ଭାଙ୍ଗିଛି ତ କିଏ ରକ୍ତରେ ଜୁଡୁବୁଡୁ । ଏହି ଦୃଶ୍ୟ ଅତ୍ୟନ୍ତ ହୃଦୟ ବିଦାରକ ବୋଲି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି । ସବୁଠାରୁ ନିନ୍ଦନୀୟ କଥା ହେଉଛି ଗହଳିକୁ ନିୟନ୍ତ୍ରଣ କରିବାରେ ବିଫଳ ହୋଇଛି ପୋଲିସ ପ୍ରଶାସନ

### ମୁଖ୍ୟମନ୍ତ୍ରୀଙ୍କ...

ନିଷ୍ପତ୍ତି ନିଆଯିବ । ଛୋଟ ପିଲାମାନଙ୍କ ଶ୍ରେଣୀଗୃହରେ ପରିଚାଳନା କରିବା, ସେମାନଙ୍କ ଜଗି ନେବା ଏକ ଗୁରୁ ଦାୟିତ୍ୱ । ଶିକ୍ଷକମାନଙ୍କ ଉପରେ ଏ ଦାୟିତ୍ୱ ରହିଲେ ଶିକ୍ଷା କାର୍ଯ୍ୟ ବ୍ୟାହତ ହେବ । ସାରା ରାଜ୍ୟରେ ବିଭିନ୍ନ ଶିଶୁବାଟିକାରେ ଏ ସମ୍ପର୍କରେ ଏକ ଅଧ୍ୟୟନ କରାଯାଇଛି ଯେ, ଶିକ୍ଷକମାନଙ୍କୁ ଅଣଶିକ୍ଷା କାର୍ଯ୍ୟରେ ସହାୟତା କରିବା ପାଇଁ ଶିଶୁବାଟିକା ମାନଙ୍କରେ ଶିଶୁସେବିକା ମାନଙ୍କର ଆବଶ୍ୟକତା ରହିଛି । ନିଷ୍ପତ୍ତି ଅନୁଯାୟୀ, ସରକାରୀ ବିଦ୍ୟାଳୟରେ ନିଯୁକ୍ତ ପାଚିକାମାନଙ୍କ ଯେଉଁ ହାରରେ ଦରମା ଦିଆଯାଉଛି, ଶିଶୁ ସେବିକାମାନଙ୍କୁ ସେହି ହାରରେ ଦରମା ଦିଆଯିବ । ସମଗ୍ର ଶିକ୍ଷାର ବଜେଟରୁ ଏହି ଅର୍ଥ ପ୍ରଦାନ କରାଯିବ ।

ପିଲାମାନେ ଯେପରି ଇଆଡ଼େ ସେଆଡେ ବୁଲିବେ ନାହିଁ, ଶ୍ରେଣୀଗୃହ ଭିତରେ ସୁରକ୍ଷିତ ଭାବେ ରହିବେ, ତା'ଉପରେ ନଜର ରଖିବେ ଶିଶୁ ସେବିକା । ଏଥିସହ ପିଲାଙ୍କ ହାତଧୁଆ, ଖାଇବା, ଟଏଲେଟ ଯିବା ଏବଂ ଶ୍ରେଣୀଗୃହରେ ବସିବା ଆଦି କାର୍ଯ୍ୟରେ ସହାୟତା କରିବା, କାନ୍ଦିଲେ କିମ୍ବାଅଝଟ ହେଲେ ସେମାନଙ୍କୁ ବୁଝେଇ ସୁଝେଇ ଶାନ୍ତ କରିବା ଦାୟିତ୍ୱ ସେମାନଙ୍କ ଉପରେ ନ୍ୟସ୍ତ ରହିବ । ପିଲାଙ୍କୁ କହି, ଖେଳନା ଆଦି ବିଭିନ୍ନ ଶିକ୍ଷା ସହାୟକ ଜିନିଷ ଯୋଗାଇ ଦେବା ପିଲା ଯଦି ବାହାରକୁ ଯିବେ କିମ୍ବା ଟଏଲେଟକୁ ଯିବେ, ତେବେ ସେବିକାମାନେ ପିଲାଙ୍କ ସହିତ ରହି ସେମାନଙ୍କୁ ସାହାଯ୍ୟ କରିବେ । ପିଲା ଯଦି କୌଣସି କାରଣରୁ ଅସୁସ୍ଥ ଥିବ, ମନଦୁଃଖରେ ଥିବ କିମ୍ବା ଅବୁଝା ହେଉଥିବ ତେବେ ସେ ବିଷୟରେ ଶିକ୍ଷକଙ୍କୁ ଜଣାଇବା ପ୍ରତ୍ୟେକ ପିଲାଙ୍କ ଦିନ କେମିତି କଟିଲା ସେ ସମ୍ପର୍କରେ ଗୋଟିଏ ଛୋଟ ନୋଟ ପ୍ରସ୍ତୁତ କରିବାକୌଣସି ପରିସ୍ଥିତିରେ ଶିଶୁ ସେବିକା ମାନେ ପିଲାଙ୍କ ପାଠପଢ଼ା ଦାୟିତ୍ୱ ନେବେ ନାହିଁ । ପିଲାମାନଙ୍କୁ ଗାଳି କିମ୍ବା ଦଣ୍ଡ ଦେଇ ପାରିବେନାହିଁ । ପିଲା ଅସୁସ୍ଥ ଥିଲେ ଶିକ୍ଷକଙ୍କୁ ଜଣାଇବେ, କିନ୍ତୁ ଔଷଧ ଦେବା ବା କୌଣସି ଚିକିତ୍ସା କରିପାରିବେ ନାହିଁ ।

### ଆହତଙ୍କୁ...

ଦଳାଚକଟାରେ ମୃତ୍ୟୁ ହୋଇଥିଲା ଶ୍ରୀ ପଟ୍ଟନାୟକ ମୃତ ପ୍ରଭାତୀଙ୍କ ପୁଅ ଆୟୁଷ ଦାଶଙ୍କ ସହ ମୁମ୍ବାଇରୁ ଫୋନ୍ ଯୋଗେ କଥା ହୋଇ ଶୋକବ୍ୟକ୍ତ କରିବା ସହ ସମବେଦନା ଜଣାଇଛନ୍ତି ଏତଦଭିନ୍ନ ବିଜେଡିର ଏକ ପ୍ରତିନିଧି ଦଳ ପୁରୀ ଯାଇ ଆହତମାନଙ୍କୁ ମେଡ଼ିକାଲରେ ଭେଟିଛନ୍ତି ମେଡିକାଲ ଅଧୀକ୍ଷଙ୍କ ସହ ଆଲୋଚନା କରିଛନ୍ତି ଏହି ପ୍ରତିନିଧି ଦଳରେ ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା, ରାଜ୍ୟସଭା ସାଂସଦ ସୁବାଶିଷ ଖୁଣ୍ଟିଆ, ପୂର୍ବତନ ମନ୍ତ୍ରୀ ତୁଷାରକାନ୍ତି ବେହେରା ସାମିଲ ହୋଇଥିଲେ

### ଶାଶ୍ୱତ...

ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଭାବେ ଦାୟିତ୍ୱ ନିର୍ବାହ କରିବା ସହିତ ଅର୍ଥ ବିଭାଗର ପ୍ରମୁଖ ସଚିବ ଓ ଇଡେPIର ଅଧକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ମଧ୍ୟ ତୁଲାଇବେ । ଅନ୍ୟପକ୍ଷରେ ଆଇଏଏସ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗକୁ ଓଏସଡି ଭାବେ ବଦଳି କରାଯାଇଛି ।

# ସୁବର୍ଣ୍ଣରେଖାରେ ପୁଣି ବଡବନ୍ୟା : ସରକାରୀ ଛୁଟି ବାତିଲ

ଭୋଗରାଇ (ସବ୍ୟୁ): ଉତ୍ତର ପୂର୍ବ ବଙ୍ଗୋପସାଗର ପାଶ୍ୱବର୍ତ୍ତୀ ବାଂଲାଦେଶ ଓ ପଶ୍ଚିମବଙ୍ଗ ଉପକୂଳ ବାୟୁ ମଣ୍ଡଳରେ ଏକ ଘୁର୍ଣ୍ଣିବଳୟ ସୃଷ୍ଟି ହୋଇ ଲଘୁଚାପ ଜନିତ ପରିଣତହେବାରୁ ଗାଙ୍ଗେୟ ସମତଳ ଏବଂ ପାର୍ଶ୍ୱବର୍ତ୍ତୀଞ୍ଚଳ ରେ ୩ ଦିନଧରି ମଧ୍ୟମରୁ ପ୍ରବଳବର୍ଷା ଲାଗିରହିଛି । ଏଭଳି ସ୍ଥିତିରେ ସମୁଦ୍ର ଅଶାନ୍ତ ଥିବାବେଳେ ବାଲେଶ୍ୱର ଜିଲାରେ ଅବିଶ୍ରାନ୍ତ ବର୍ଷା ଜନଜୀବନକୁ ପ୍ରଭାବିତ କରିଛି । ରବିବାର ସକାଳ ଆଠଟା ସୁଦ୍ଧା ଜିଲାରେ ଜଳେଶ୍ୱରରେ ସର୍ବାଧିକ ୧୪୭ ମିମି ବର୍ଷା ହୋଇଥିବାବେଳେ ଭୋଗରାଇରେ ସର୍ବନିମ୍ନ ୨୮ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି । ଦୁହାକୁ ଦୁହା ବର୍ଷା ଲାଗିରହିବାରୁ ଗମନାଗମନ ବାଧାପ୍ରାପ୍ତ ହୋଇଛି । ଅମାବାସ୍ୟା ତିଥିରେ ସମୁଦ୍ର ଜୁଆରିଆ ରହିବା ସହିତ ଲଘୁଚାପ ଜନିତ କାରଣରୁ ଦରିଆ ଉତ୍ତାଳ ହେବାରୁ ମତ୍ସ୍ୟଜୀବୀଙ୍କୁ ୧ ତାରିଖ ସୁଦ୍ଧା ଯିବାକୁ ମନାକରାଯାଇଥିବାର ମତ୍ସ୍ୟବିଭାଗ ପକ୍ଷରୁ ଡାକରାଯନ୍ତ୍ରରେ ସତର୍କ କରାଯାଇଛି । ଅପରପକ୍ଷରେ ସୁବର୍ଣ୍ଣରେଖା ଉପରମୁଣ୍ଡର ଜାମସେଦପୁର ୧୨୦ ମିମି, ଘାଟଶିଲାରେ ୮୦.୮୫ ୦ମିମି, ଫେକଘାଟ ୪୫.୪୮ ମିମି, ଜାମଶୁଳାରେ ୫୨ ମିମି ବର୍ଷା ରେକର୍ଡ ହୋଇଥିବାର ସି ଡବ୍ଲୁ ସି ସୂଚନା ଦେଇଛନ୍ତି । ସେଠାରେ ବର୍ଷା ଲାଗିରହିବାରୁ ଚାନ୍ଦଲୀ ଡେମରୁ ୬ ହଜାର କ୍ୟୁସେକ ସହ ଗାଲୁଡ଼ିହି ଓ ଖରଖାଇ ବ୍ୟାରେଜରୁ ଉଦବୃତ ବର୍ଷାଜଳ ସୁବର୍ଣ୍ଣରେଖାକୁ ନିଷ୍କାସନ ଲାଗି ସେଠାରେ ତକିଆନ ଆଗୁଆ ସୂଚନା ମିଳିବାରୁ ଜିଲା ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ (ଏ ସି) ନବକୁମାର ମହାଳିକ ସେଚ କର୍ମଚାରୀମାନଙ୍କୁ ନଦୀବନ୍ଧରେ ଆଲର୍ଟ ରହିବାକୁ ଖବର ମିଳିଛି । ସୁବର୍ଣ୍ଣରେଖା ରାଜଘାଟ ଗେଜ ଠାରେ ରବିବାର ମଧ୍ୟାହ୍ନରୁ ଜଳଭାର ବୃଦ୍ଧିପାଇବାରୁ ଭୋଗରାଇ, ବାଲିଆପାଳ, ଜଳେଶ୍ୱର ଓ ବସ୍ତା ବ୍ଲକର ନଦୀକୂଳିଆ ଶତାଧିକ ଗ୍ରାମବାସୀ ଭୟଭୀତ ହୋଇପଡିଛନ୍ତି । ସୁବର୍ଣ୍ଣରେଖା ରାଜଘାଟ ଠାରେ ସତର୍କ ସୂଚନା ୯.୪୫ ମି ଥିବାବେଳେ ବିପଦ ସଂକେତ ୦.୩୭ ମି ରହିଛି । ଖବର ଲେଖା ହେବା ବେଳକୁ ରାଜଘାଟ ଠାରେ ଜଳସ୍ତର ବୃଦ୍ଧି ପାଇ ସତର୍କ ସୂଚନା ୯.୪୫ ମି ଉର୍ଦ୍ଧ୍ୱରେ ରେ ସମୁଦ୍ରକୁ ପ୍ରବାହିତ ହେଉଛି । ମଧ୍ୟ ରାତ୍ରିରେ ସୁବର୍ଣ୍ଣରେଖା ବିପଦ ସଂକେତ ଉପରେ ୧୨.୨୧ ଉପରେ ପ୍ରବାହିତ ହେବାର ଆଶଙ୍କା କରାଯାଉଥିବାର ସେଚ ବିଭାଗ ସୂଚନା ଦେଇଛନ୍ତି । ସମୁଦ୍ର ଜୁଆରିଆ ଥିବାରୁ ବଡ ବନ୍ୟା ହେଲେ ଉତ୍ତରବାଲେଶ୍ୱର ବନ୍ୟାଞ୍ଚଳ ସ୍ଥିତି ଗମ୍ଭୀର ହେବବୋଲି ସେଚ ବିଭାଗ ଆକଳନ କରୁଛନ୍ତି । ଗତ ୨୦ ତାରିଖରେ ସୁବର୍ଣ୍ଣରେଖାରେ ଆକସ୍ମିକ ବନ୍ୟାରେ ୪ ବ୍ଲକର ଲୋକେ ଭଣାଅଧିକେ ପ୍ରଭାବିତ ହୋଇଥିବାବେଳେ ୯ ଦିନ ଅନ୍ତରରେ ପୁଣି ଏକ ବଡ଼ବନ୍ୟାର ସମ୍ମୁଖୀନ ହେବାକୁ ଯାଉଥିବାରୁ ପ୍ରଶାସନ ତତ୍ପର ନହେଲେ ନେତିଗୁଡ଼ କହୁଛନ୍ତି ବହିଯିବାର ସମ୍ଭାବନା ଦେଖାଦେଇଛି । ବନ୍ୟାଞ୍ଚଳର ପ୍ରବୀଣମାନେ ପ୍ରକାଶ କରିଛନ୍ତି । ସମସ୍ତ ସରକାରୀ ଛୁଟି ବାତିଲ କରାଯାଇଥିବାର ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ପ୍ରକାଶ କରିଛନ୍ତି । ବନ୍ୟାଞ୍ଚଳରେ ପ୍ରଶାସନ ପକ୍ଷରୁ ଡାକରାଜି ଯନ୍ତ୍ରରେ ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ଚାଲିଯିବାକୁ ପ୍ରଚାର କରାଯାଉଛି ।

## ରଥଯାତ୍ରା ଉପଲକ୍ଷେ ଶିଶିର ମହାପାତ୍ର ଫାଉଣ୍ଡେସନ୍ ପକ୍ଷରୁ ପ୍ରସାଦ ସେବନ ବ୍ୟବସ୍ଥା

ନୀଳଗିରି, (ସବ୍ୟୁ) : ତୃତୀୟ ଶ୍ରୀକ୍ଷେତ୍ର କୁହା ଯାଉଥିବା ନୀଳଗିରିରେ ତଥା ପବିତ୍ର ଘୋଷଯାତ୍ରା ଅବସରରେ ଦେଖିବାକୁ ଆସିଥିବା ଶହ ଶହ ଭକ୍ତଙ୍କ ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି ଶିଶିର ମହାପାତ୍ର ଫାଉଣ୍ଡେସନ୍ ପକ୍ଷରୁ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା । ନୀଳଗିରି ରଥଯାତ୍ରା ବହୁ ବର୍ଷ ପୂର୍ବରୁ ହୋଇଆସୁଥିବା ବେଳେ ମହାପ୍ରଭୁଙ୍କ ରଥଟଣା ଦୁଇ ଦିନ ଧରି ପାଳନ କରାଯିବା ର ପରମ୍ପରା ରହିଛି । ଏହାକୁ ଆଖିଆଗରେ ରଖି ନୀଳଗିରି ଏନଏସି ପୋଷ୍ଟ ଅଫିସ ନିକଟ ଜଗନ୍ନାଥ କଲ୍ୟାଣ ମଣ୍ଡପ ସମ୍ମୁଖରେ ଶିଶିର ମହାପାତ୍ର ଫାଉଣ୍ଡେସନ୍ ତରଫରୁ ଏହି ଦୁଇ ଦିନ ତଥା ଶନିବାର ଓ ରବିବାରରେ ପ୍ରସାଦ ସେବନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ସ୍ୱର୍ଗତ ଶିଶିର ମହାପାତ୍ରଙ୍କ ଧର୍ମପତ୍ନୀ ରଞ୍ଜନା ପଟ୍ଟନାୟକ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ପ୍ରତି ମୁହୂର୍ତ୍ତରେ ସାଧାରଣ ଲୋକଙ୍କୁ ସାହାଯ୍ୟ ସହଯୋଗ ଯୋଗାଇ ଆସୁଥିବା ଓ ସମାଜ କଲ୍ୟାଣ ନିମନ୍ତେ ବିଭିନ୍ନ ପ୍ରକାର ଜନ ସଚେତନତା କାର୍ଯ୍ୟକ୍ରମ କରି ଚର୍ଚ୍ଚାରେ ରହିଥିବା ସବ୍ୟସାଚୀ ମହାପାତ୍ର (ଟୁବ୍ଲୁ) ଉକ୍ତ କାର୍ଯ୍ୟକ୍ରମକୁ ସୁରୁଖୁରୁରେ ପରିଚାଳନା କରାଯାଇଥିଲା ବେଳେ ୬ ନମ୍ବର ଓ୍ୱାର୍ଡ ର କାଉନସିଲ୍ ର ପ୍ରତାପ ସେଠୀ, ନିଗମ ରାଉତ , ସନ୍ତୋଷ ସମୁଦ୍ର, ଭାସ୍କର ବିଶ୍ୱାଳ, ଜଗନ୍ ରାଉତ, ଭରତ ଦାସ, ବିନୟ ବିଶ୍ୱାଳ, ରମାକାନ୍ତ ପ୍ରଧାନ, ପୂର୍ଣ୍ଣ ରଣା, ଶିବୁ ସିଂହ ଙ୍କ ସହ ଚିନ୍ମୟ ରାଉତ ପ୍ରମୁଖ ପରିଚାଳନା ରେ ସହଯୋଗ କରିଥିଲେ ।

## କଳା ଦିବସର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଆଲୋଚନା ଚକ୍ର ଓ ପ୍ରଦର୍ଶନୀ

ବାଲେଶ୍ୱର, (ସବ୍ୟୁ) : ୧୯୭୫ ଜୁନ ୨୫ ତାରିଖରେ ସମ୍ବିଧାନ ଓ ଗଣତନ୍ତ୍ରକୁ ହତ୍ୟା କରି କ୍ଷମତା ଲାଳସାରେ ତତ୍କାଳୀନ କଂଗ୍ରେସ ସରକାରଙ୍କ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଇନ୍ଦିରା ଗାନ୍ଧୀ ଦେଶରେ ଜରୁରୀକାଳୀନ ପରିସ୍ଥିତି ଲାଗୁ କରିଥିଲେ । ଏହି କଳା ଅଧ୍ୟାୟର ସ୍ମୃତି ଚାରଣ କରିବା ପାଇଁ ଭାରତୀୟ ଜନତା ପାର୍ଟି ପକ୍ଷରୁ ଏକ ଆଲୋଚନା ଚକ୍ର ଜିଲ୍ଲା ସଭାପତି ଇଶ୍ୱର ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ସ୍ଥାନୀୟ ସିଦ୍ଧି କଲ୍ୟାଣ ମଣ୍ଡପରେ ଆୟୋଜିତ ହୋଇଯାଇଛି । ସମାଜର ବିଭିନ୍ନ ବର୍ଗର ଲୋକମାନେ ଏହି ଆଲୋଚନା ଚକ୍ରରେ ଅଂଶଗ୍ରହଣ କରିଥିଲେ । ମୁଖ୍ୟବକ୍ତା ଭାବେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ତାଙ୍କ ବ୍ୟକ୍ତବ୍ୟରେ ଦେଶରେ ଜରୁରୀକାଳୀନ ପରିସ୍ଥିତିର କଳା ଅନୁଭୂତି ଶୁଣାଇଥିଲେ । ଏହାସହିତ ତତ୍କାଳୀନ ଜନନେତାଙ୍କ ରାଜନୈତିକ ଲଢ଼େଇର କଥା ଓ କଂଗ୍ରେସର ଜନ ଅତ୍ୟାଚାରର କଥା ଶୁଣାଇଥିଲେ । ଏହି ଅବସରରେ ସେସମୟରେ ଗୃହବନ୍ଦୀ ଥିବା ବାହାନଗା ଅଞ୍ଚଳର ବୈରାଗୀ ଚରଣ ବେହେରାଙ୍କୁ ସମ୍ମାନୀତ କରାଯାଇଥିଲା ଓ ସେ ତାଙ୍କର ଅନୁଭୂତି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶାସକ ଦଳର ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ପୂର୍ବତନ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ପୂର୍ବତନ ଜିଲ୍ଲା ସଭାପତି ଲମ୍ବୋଦର ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୋଭନା ମହାନ୍ତି ଓ ଶୁଭଙ୍କର ମହାପାତ୍ର, ଗଣମାଧ୍ୟମ ସଂଯୋଜକ ଶ୍ରୀନିବାସ ପ୍ରଧାନ, ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, ବସ୍ତା ବିଧାୟକ ପ୍ରାର୍ଥୀ ରବିନ୍ଦ୍ର ଅଣ୍ଡିଆ, କାର୍ଯ୍ୟକ୍ରମ ସହସଂଯୋଜକ ଆଶିଷ ଘୋଷ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଜିଲ୍ଲା ସମ୍ପାଦକ ବିଜୟ ସାହୁ, ଚନ୍ଦ୍ରଶେଖର ନନ୍ଦ ଆଲୋଚନା ଚକ୍ର ଓ ପ୍ରଦର୍ଶନୀ ପରିଚାଳନାରେ ସହଯୋଗ କରିଥିଲେ ।

**AFFIDAVIT**

By virtue of an Affidavit sworn before in the Court of Executive Magistrate, Talcher dt.19.06.2025 I Bholeswar Dehury, S/o- Chakradhar Dehury, At/PO- Kansamunda,PS- Kaniha, Dist-Angul, declare that Chakradhar Dehury is my Father and Bauri Dehury is my Grandfather which has been maintained in his Aadhar card whereas Palau Dehury is my Great-Grandfather which has been maintained in his Death certificate and legal heir certificate. But My Great-Grand Father's name has been wrongly maintained Palau Kandha in the Hal ROR kahata No-134 of mouza Kansamunda instead of Palau Dehury . Palau Dehury S/O Dhobei Dehury and Palau Kandha S/O Dhobei Kandha is same and one person.Henceforth, My Great Grandfather will be known as Palau Dehury for all purposes.

S/d -Bholeswar

**AFFIDAVIT**

By virtue of an Affidavit sworn before in the Court of Executive Magistrate, Talcher dt.19.06.2025 I Muna Dehury, S/o- Bhimsen Dehury, At/PO- Kansamunda,PS- Kaniha, Dist-Angul, declare that Bhimsen Dehury is my Father and Bauri Dehury is my Grandfather which has been maintained in his Aadhar card whereas Palau Dehury is my Great Grandfather which has been maintained in his Death certificate and legal heir certificate. But My Great-Grand Father's name has been maintained Palau Kandha in the Hal ROR kahata No-134 of mouza Kansamunda instead of Palau Dehury . Palau Dehury S/O Dhobei Dehury and Palau Kandha S/O Dhobei Kandha is same and one person.Henceforth, My Great- Grandfather will be known as Palau Dehury for all purposes.

S/d -Muna Dehury

**AFFIDAVIT**

By virtue of an Affidavit sworn before in the Court of Executive Magistrate, Talcher dt.19.06.2025 I Subhanananda Dehury, S/o- Bhakta Charan Dehury, At/PO- Kansamunda,PS- Kaniha, Dist-Angul, declare that Bhakta Charan Dehury is my Father , Kuhuru Dehury is my Grandfather and Pati Dehury is my Great - Grandfather which has been maintained in his Death and legal heir certificate. But My Great-Grand Father's name has been maintained Pati Kandha in the Hal ROR kahata No-134 of mouza Kansamunda instead of Pati Dehury . Pati Dehury S/O Dhobei Dehury and Pati Kandha S/O Dhobei Kandha is same and one person.Henceforth, My Great-Grandfather will be known as Pati Dehury for all purposes.

S/d - Subhanananda Dehury

**AFFIDAVIT**

By virtue of an Affidavit sworn before in the Court of Executive Magistrate, Talcher dt.19.06.2025 I Kedar Dehury, S/o- Bhimsen Dehury, At/PO- Kansamunda,PS-Kaniha, Dist-Angul, declare that Bhimsen Dehury is my Father and Bauri Dehury is my Grandfather which has been maintained in his Aadhar card whereas Palau Dehury is my Great Grandfather which has been maintained in his Death certificate and legal heir certificate. But My Great-Grand Father's name has been wrongly maintained Palau Kandha in the Hal ROR kahata No-134 of mouza Kansamunda instead of Palau Dehury . Palau Dehury S/O Dhobei Dehury and Palau Kandha S/O Dhobei Kandha is same and one person.Henceforth, My Great Grandfather will be known as Palau Dehury for all purposes.

S/d -Kedar Dehury

**AFFIDAVIT**

By virtue of an Affidavit sworn before in the Court of Executive Magistrate, Talcher dt.19.06.2025 I Rili Dehury, D/o- Biju Dehury, At/PO- Kansamunda,PS-Kaniha, Dist-Angul, declare that Biju Dehury is my Father and Baistamba Dehury is my Grandfather which has been maintained in his Death and Legal Heir certificate whereas Palau Dehury is my Great-Grandfather which has been maintained in his Death and legal heir certificate. But My Great-Grand Father's name has been maintained Palau Kandha in the Hal ROR kahata No-134 of mouza Kansamunda instead of Palau Dehury . Palau Dehury S/O Dhobei Dehury and Palau Kandha S/O Dhobei Kandha is same and one person.Henceforth, My Great Grandf ather will be known as Palau Dehury for all purposes.

S/d -Rili Dehury

**AFFIDAVIT**

By virtue of an Affidavit sworn before in the Court of Executive Magistrate, Talcher dt.19.06.2025 I Sarbeswar Dehury, S/o- Biju Dehury, At/PO- Kansamunda,PS- Kaniha, Dist-Angul, declare that
Biju Dehury is my Father and Baistamba Dehury is my Grandfather which has been maintained in his Death and Legal Heir certificate whereas Palau Dehury is my Great-Grandfather which has been maintained in his Death and legal heir certificate. But My Great-Grand Father's name has been maintained Palau Kandha in the Hal ROR kahata No-134 of mouza Kansamunda instead of Palau Dehury . Palau Dehury S/O Dhobei Dehury and Palau Kandha S/O Dhobei Kandha is same and one person.Henceforth, My Great Grandfather will be known as Palau Dehury for all purposes.

S/d -Sarbeswar Dehury

**AFFIDAVIT**

By virtue of an Affidavit sworn before in the Court of Executive Magistrate, Talcher dt.19.06.2025 I Bhumanananda Dehury, S/o- Bhakta Charan Dehury, At/PO- Kansamunda,PS- Kaniha, Dist-Angul, declare that Bhakta Charan Dehury is my Father , Kuhuru Dehury is my Grandfather and Pati Dehury is my Great - Grandfather which has been maintained in his Death and legal heir certificate. But My Great-Grand Father's name has been maintained Pati Kandha in the Hal ROR kahata No-134 of mouza Kansamunda instead of Pati Dehury . Pati Dehury S/O Dhobei Dehury and Pati Kandha S/O Dhobei Kandha is same and one person.Henceforth, My Great-Grandfather will be known as Pati Dehury for all purposes.

S/d - Bhumanananda Dehury

**AFFIDAVIT**

By virtue of an Affidavit sworn before in the Court of Executive Magistrate, Talcher dt.19.06.2025 I Santosh Kumar Dehury, S/o- Musa Dehury, At/PO- Kansamunda,PS- Kaniha, Dist-Angul, declare that Musa Dehury is my Father and Bauri Dehury is my Grandfather which has been maintained in his Aadhar card whereas Palau Dehury is my Great-Grandfather which has been maintained in his Death certificate and legal heir certificate. But My Great-Grand Father's name has been wrongly maintained Palau Kandha in the Hal ROR kahata No-134 of mouza Kansamunda instead of Palau Dehury . Palau Dehury S/O Dhobei Dehury and Palau Kandha S/O Dhobei Kandha is same and one person.Henceforth, My Great- Grandfather will be known as Palau Dehury for all purposes.

S/d -Santosh Kumar Dehury

**AFFIDAVIT**

By virtue of an Affidavit sworn before in the Court of Executive Magistrate, Talcher dt.19.06.2025 I Chandrakanta Dehury, S/o- Chakradhar Dehury, At/PO- Kansamunda,PS- Kaniha, Dist-Angul, declare that Chakradhar Dehury is my Father and Bauri Dehury is my Grandfather which has been maintained in his Aadhar card whereas Palau Dehury is my Great Grandfather which has been maintained in his Death certificate and legal heir certificate. But My Great-Grand Father's name has been maintained Palau Kandha in the Hal ROR kahata No-134 of mouza Kansamunda instead of Palau Dehury . Palau Dehury S/O Dhobei Dehury and Palau Kandha S/O Dhobei Kandha is same and one person.Henceforth, My Great Grandfather will be known as Palau Dehury for all purposes.

S/d -Chandrakanta Dehury

# ଦୁଇ ଜିଲ୍ଲା ପରିଷଦ ସମେତ ଶହେରୁ ଉର୍ଦ୍ଧ୍ୱ ବିଜେଡି କର୍ମୀ ବିଜେପିରେ ସାମିଲ

ନୀଳଗିରି , (ସବ୍ୟୁ) : ନୀଳଗିରି ନିର୍ବାଚନ ମଣ୍ଡଳୀରେ ନିର୍ବାଚନ ନୁହେଁ କେବଳ ସିଲେକ୍ସନ ହେବ । ଏପରି ଦମ୍ଭୋକ୍ତି କରିଛନ୍ତି ବିଧାୟକ ସନ୍ତୋଷ କୁମାର ଖଟୁଆ । ରାଜନୈତିକ ଚକ୍ରବ୍ୟୁହରେ ବିଜେଡ଼ି ଗଡକୁ ଧୀରେ ଧୀରେ ଧରାଶାୟୀ କରିବାକୁ ଅଣ୍ଟା ଭିଡିଛନ୍ତି ଶ୍ରୀ ଖଟୁଆ । କିଛିଦିନ ପୂର୍ବରୁ ଦୁଇଜଣ ସରପଞ୍ଚ ଏବଂ କର୍ମୀଙ୍କୁ ଦଳରେ ସାମିଲ କରିଥିବା ବେଳେ ରବିବାର ପୂର୍ବାହ୍ନ ପ୍ରାୟ ୧୧.୩୦ସମୟରେ ନୀଳଗିରି ଏନଏସି କଲ୍ୟାଣମଣ୍ଡପ ପରିସରରେ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା, କ୍ରୀଡା, ସଂସ୍କୃତି, ଓଡ଼ିଆ ଭାଷାସାହିତ୍ୟ ଓ ଯୁବ ବ୍ୟାପାରମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ଉପସ୍ଥିତିରେ ବିଜେଡିର ଟାଣୁଆନେତା କୁହାଯାଉଥିବା ତଥା ୧୩ନଂ ଜିଲ୍ଲାପରିଷଦ ସଦସ୍ୟ ଗତୀକୃଷ୍ଣ ନନ୍ଦ ଏବଂ ୧୧ନଂ ଜିଲ୍ଲାପରିଷଦ ସଭ୍ୟା ସୁବର୍ଣ୍ଣା ମଞ୍ଜରୀ ସିଂ ବିଜେପିରେ ସାମିଲ ହୋଇଥିଲେ । ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କ ମନକିବାତ୍ କାର୍ଯ୍ୟକ୍ରମକୁ ଉପସ୍ଥିତ କାର୍ଯ୍ୟକର୍ତ୍ତା ଶୁଣିବା ପରେ ମହାମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା । ଉପରୋକ୍ତ ଦୁଇ ଲୋକପ୍ରତିନିଧିଙ୍କ ପରେ ବହୁସଂଖ୍ୟାରେ ନିର୍ବାଚନ ମଣ୍ଡଳୀର ଅଧିକାଂଶ ପଞ୍ଚାୟତରୁ ବିଜେଡ଼ି ଛାଡି ବିଜେପିରେ ସାମିଲ ହେବାକୁ ଆସିଥିବା ତୃଣମୂଳ ନେତା ଓ କର୍ମୀଙ୍କୁ ଦଳୀୟ ଉତ୍ତରୀୟ, ଟୋପି ଏବଂ ପୁଷ୍ପଗୁଚ୍ଛ ଦେଇ ଦଳରେ ସାମିଲ କରାଯାଇଥିଲା । ନୂଆକରି ଦଳରେ ସାମିଲ ହୋଇଥିବା ସମସ୍ତଙ୍କୁ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ସ୍ୱାଗତ କରିବା ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସ୍ୱପ୍ନକୁ ସାକାର କରିବା ସହିତ ବିଧାୟକଙ୍କ ନେତୃତ୍ୱରେ ନୀଳଗିରିକୁ ଏକ ବିକଶିତ, ସର୍ବାଙ୍ଗସୁନ୍ଦର ନୀଳଗିରି କରିବାକୁ ଆହ୍ୱାନ ଦେଇଥିଲେ । କ୍ରୀଡାର ବିକାଶପାଇଁ ନିର୍ବାଚନ ମଣ୍ଡଳୀକୁ ୫୦କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଦିଆଯାଇଥିବା ସୂଚନା ଦେବାସହ କ୍ରୀଡାପ୍ରତିଭାମାନଙ୍କୁ ଏହାର ଭରପୁର ସୁଯୋଗ ନେବାକୁ କର୍ମୀମାନଙ୍କର ସହଯୋଗ ରହିବା ଆବଶ୍ୟକ ବୋଲି ଉଦବୋଧନ ଦେଇଥିଲେ । ତେବେ ସାଂସଦଙ୍କ ଅନୁପସ୍ଥିତିରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନକଲ୍ୟାଣକାରୀ ଯୋଜନା, ଦୃଢ଼ନେତୃତ୍ୱ ସହିତ ସ୍ଥାନୀୟ ସାଂସଦ ଏବଂ ବିଧାୟକଙ୍କ ନେତୃତ୍ୱରେ ସାମିଲହୋଇ ସାଧାରଣଲୋକଙ୍କ ସମସ୍ୟା ଏବଂ ବିକଶିତ ଓଡ଼ିଶାଗଠନ ଲକ୍ଷ୍ୟରେ ବିଜେପିରେ ନୂଆକରି ସାମିଲ ହୋଇଥିବା ପ୍ରତିନିଧିମନ୍ତବ୍ୟ ରଖିଛନ୍ତି । ଏହି ମିଶ୍ରଣ ପର୍ବରେ ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ବିଧାୟକ ସନ୍ତୋଷ କୁମାର ଖଟୁଆ, ଜିଲ୍ଲା ବିଜେପି ସଭାପତି ଈଶ୍ୱର ଚନ୍ଦ୍ର ବେହେରା, ଜିଲ୍ଲା ବିଜେପି ଉପସଭାପତି କରୁଣାକର ପଣ୍ଡା, ଏନଏସି ଭାରାପ୍ରାପ୍ତ ଅଧକ୍ଷ ମହେନ୍ଦ୍ରନାଥ ବେହେରା, ବ୍ଲକ ଉପସଭାପତି ଜ୍ୟୋତିର୍ମୟ ପୁଥାଳ, ୨ନଂ ଜିଲ୍ଲାପରିଷଦ ସଦସ୍ୟା ଉଷାରାଣୀ ରାଉଳ, ୧୨ନଂ ଜିଲ୍ଲାପରିଷଦ ସଦସ୍ୟା ରଞ୍ଜିତା ସିଂ,ବାହାନଗା ବ୍ଲକ ଅଧକ୍ଷ ବିଶ୍ୱନାଥ ମିଶ୍ର,ଯୁବନେତା ଚନ୍ଦ୍ରଶେଖର ନନ୍ଦ, ଶିଶିର ରାଉତ, ସମରଶଙ୍କରକାନୁନଗୋ ମଞ୍ଚାସିନ ଥିଲେ । ଏହା ବ୍ୟତୀତ ଏହି କାର୍ଯ୍ୟକ୍ରମରେ ସହସ୍ରାଧିକ କାର୍ଯ୍ୟକର୍ତ୍ତା ମଧ୍ୟ ସାମିଲ ହୋଇଥିଲେ ।

## କମରପୁର ରାସ୍ତା ଉପରେ ପାଣି : ସ୍ଥାୟୀ ଡ୍ରେନ ନିର୍ମାଣ ପାଇଁ ଦାବି

ସୋର, (ସବ୍ୟୁ) : ସୋର ପୌରାଞ୍ଚଳର ୧ ନଂ ଓ୍ୱାର୍ଡରେ ଥିବା କମରପୁର ଗ୍ରାମର ନାୟିକ ସାହି ଶେଷ ମୁଣ୍ଡଠାରୁ ନିରଞ୍ଜନ ଘଡେଇ ଘର ପର୍ଯ୍ୟନ୍ତ ରାସ୍ତାଟି ସମ୍ପୂର୍ଣ୍ଣ ରୂପେ ପାଣିରେ ବୁଡ଼ି ଯାଇଥିଲା । ଏଠାରେ ପୂର୍ବରୁ ଜଳ ନିଷ୍କାସନ ପାଇଁ ବାଟ ରହିଥିବା ବେଳେ ବର୍ତ୍ତମାନ ସେଠାରେ କିଛି ବ୍ୟକ୍ତି ପୌରପାଳିକାର ବିନା ଅନୁମତିରେ ଡ୍ରେନ ପାଇଁ ପର୍ଯ୍ୟାପ୍ତ ଜାଗା ନ ଛାଡ଼ି ଘର କରିବା ଫଳରେ ବର୍ଷା ପାଣି ନିଷ୍କାସନ ନହୋଇ ପାରି ରାସ୍ତା ଉପରେ ଜମା ହୋଇରହିଛି । ଏହି ରାସ୍ତାରେ କିଛି ଲୋକଙ୍କ ଗୋଡ଼ ଖସି ଯିବାରୁ ପାଣି ଭିତରେ ଖସି ପଡ଼ି ଆହତ ହେବା ସହ, ଯାନବାହାନରୁ ମଧ୍ୟ ଖସି ପଡ଼ିଥିଲେ । ପୌରପାଳିକା ତରଫରୁ ଏକ ଜେସିବି ପାଣି ନିଷ୍କାସନ କରିବାକୁ ଆସି ପାଖରେ ଥିବା ଗଣ୍ଡ ଭିତରକୁ ପଶି ଯାଇଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ଏଠାରେ ପୌରପାଳିକା ତରଫରୁ ଏକ ଫେଭର ରୋଡ଼ ବିନା ଫଳକରେ କରାଯାଇଥିଲା ଯାହା ରାସ୍ତା ହେବାର ଅଳ୍ପ କେଇ ମାସ ମଧ୍ୟରେ ପାଖରେ ଥିବା ଗଣ୍ଡ ପାଶର୍ବକୁ ଦବି ଯିବା ଫଳରେ ଉକ୍ତ ଗଣ୍ଡର ପାଣି ଅନେକ ସମୟରେ ରାସ୍ତାକୁ ବୁଡ଼ାଇ ରଖୁଛି । ଆଗାମୀ ଦିନରେ ପୌରପାଳିକା ତରଫରୁ ସରକାରୀ ଜାଗାକୁ ଚିହ୍ନଟ କରି ବେଆଇନ ନିର୍ମାଣ ଉଚ୍ଛେଦ କରି ତୁରନ୍ତ ଏକ ଦୀର୍ଘସ୍ଥାୟୀ ଡ୍ରେନ ନିର୍ମାଣ ପାଇଁ ସ୍ଥାନୀୟ ବାସିନ୍ଦା ବିଜୟ ମହାପାତ୍ର,ନିରଞ୍ଜନ ଘଡ଼େଇ, ଶୁଭଦୀପ୍ତ ମହାପାତ୍ର, ନିରାକାର ବାରିକ, ମହେନ୍ଦ୍ର ବାରିକ, ପ୍ରମୋଦ ସାହୁ, ଅନାଦି ସାହୁ, ଅଶ୍ୱିନୀ ବାରିକ, ସୀତା ଘଡ଼େଇ ପ୍ରମୁଖ ଦାବି କରିଛନ୍ତି ।

## ଦେବଗଡ଼ ଜିଲ୍ଲା ରେଡକ୍ରସ ସୋସାଇଟି ସମୀକ୍ଷା ବୈଠକ

ଦେବଗଡ଼,(ସବ୍ୟୁ): ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ରେଡ଼କ୍ରସ ସୋସାଇଟି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ ସାହୁ ଜିଲ୍ଲାର ରେଡ଼କ୍ରସ ପାଣ୍ଠି କିପରି ବୃଦ୍ଧି କରାଯାଇପାରିବ ସେ ନେଇ ବିଭିନ୍ନ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ରେଡ଼କ୍ରସ ପାଣ୍ଠିରୁ ଜରୁରୀ କାଳୀନ ପରିସ୍ଥିତିରେ ଅସହାୟ ଓ ଗରିବ ମାନଙ୍କୁ ସହାୟତା ଯୋଗାଇ ଦିଆଯାଉଛି । ରେଡକ୍ରସ ପାଣ୍ଠି ବୃଦ୍ଧି ପାଇଲେ ଜନସାଧାରଣ ଏହାର ଲାଭବାନ ହୋଇପାରିବେ ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ । ବୈଠକରେ ଏସପି ଅନିଲ କୁମାର ମିଶ୍ର, ଉପ ଜିଲ୍ଲାପାଳ ପରକ୍ଷିତ ସାହୁ, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ହେମନ୍ତ ସିଂ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ ବିଶ୍ୱ ମୋହନ ମିଶ୍ର, ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ଜିଲ୍ଲା ସାମଜିକ ସୁରକ୍ଷା ଅଧିକାରୀ ସର୍ବେଶ୍ୱର ପାଣିଗ୍ରାହୀ, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ସନ୍ଧ୍ୟା ମାଝୀ, ଟିପିଡବ୍ଲୁଓଡିଏଲ ନିର୍ବାହୀ ଯନ୍ତ୍ରୀ ରାଜୁ ସାହା, ପୌରପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ କୃପାସିନ୍ଧୁ ସ୍ୱାଇଁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, ସମସ୍ତ ବିଡ଼ିଓ, ତହସିଲଦାର ସମେତ ଲାଇନ ବିଭାଗ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ରୁବି ଜୁବୁଲିର ମାଣିକ ଜୟନ୍ତୀ ସମାରୋହ

ନୀଳଗିରି, (ସବ୍ୟୁ) : ପୁରାତନ ଅଗ୍ରଣୀ ଶିକ୍ଷାନୁଷ୍ଠାନ ବାଲି ଗୋହିରି ସ୍ଥିତ ରନିାକର ଟାଉନ ହାଇସ୍କୁଲର ୪୦ବର୍ଷ ପୂର୍ତ୍ତି ଉପଲକ୍ଷେ ପୁରାତନ ଛାତ୍ରସଂସଦ ଦ୍ୱାରା ଆୟୋଜିତ ରୁବି ଜୁବୁଲି ଉତ୍ସବ କମିଟିର ମାଣିକ ଜୟନ୍ତୀ ଦ୍ୱିତୀୟ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା, କ୍ରୀଡା, ଯୁବବ୍ୟାପାର ଓଡ଼ିଆ ଭାଷା ସାହିତ୍ୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ମହିମାମଣ୍ଡିତ କରିବା ସହିତ ବିଦ୍ୟାଳୟର ଗାରିମା ବିଷୟରେ ବଖାଣିଥିଲେ । ଏହି ଶିକ୍ଷାନୁଷ୍ଠାନର ବହୁ ଶିକ୍ଷାର୍ଥୀ ରାଜ୍ୟ ଓ ରାଜ୍ୟ ବାହାରେ ବଡ଼ବଡ଼ ପଦପଦବୀରେ ରହି ଶିକ୍ଷାନୁଷ୍ଠାନର ନାମ ଉଚ୍ଚା କରିଥିବା ମନ୍ତ୍ରୀ ନିଜ ବକ୍ତବ୍ୟରେ ସୂଚନା ଦେଇଥିଲେ । ସ୍ଥାନୀୟ ବିଧାୟକ ସନ୍ତୋଷ କୁମାର ଖଟୁଆ ମୁଖ୍ୟବକ୍ତା ଭାବେ ଯୋଗଦେଇ ଉକ୍ତ ଶିକ୍ଷାନୁଷ୍ଠାନର ନୀତିଆଦର୍ଶ ଏବଂ ଶିକ୍ଷଣୀୟ ଶୈଳୀ, ବିଶେଷକରି ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ମାର୍ଗଦର୍ଶନ ଛାତ୍ରଛାତ୍ରୀ ମାନଙ୍କୁ ଶୃଙ୍ଖଳିତ ଓ ବ୍ୟବସ୍ଥିତ କରି ଗଢିତୋଳିବା ଫଳରେ ଶିକ୍ଷାନୁଷ୍ଠାନଟି ସମଗ୍ର ରାଜ୍ୟରେ ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନର ମାନ୍ୟତା ପାଇପରିଛି ବୋଲି ବକ୍ତବ୍ୟ ଦେଇଥିଲେ । ପରେ ମନ୍ତ୍ରୀ ଶ୍ରୀ ସୁରଜ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରି ନୀଳଗିରି ମାଟିକୁ ସବୁଜିମା ବଳୟରେ ରଖିବାକୁ ପରାମର୍ଶ ଦେଇଥିଲେ । ଅନ୍ୟ ସମ୍ମାନିତଅତିଥି ମାନଙ୍କ ମଧ୍ୟରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିନୋଦ ବିହାରୀ ପଣ୍ଡା, ବିଦ୍ୟାଳୟର ପ୍ରତିଷ୍ଠାତା ଇଂ ଦୀପ୍ତିକାନ୍ତ ମହାପାତ୍ର, ଏନଏସି ଅଧକ୍ଷ ମହେନ୍ଦ୍ରନାଥ ବେହେରା, ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ପୁରାତନ ଛାତ୍ରସଂସଦ ସଭାପତି ସତ୍ୟନାରାୟଣ ମହାପାତ୍ର, ସମ୍ପାଦକ ସତ୍ୟଗୋପାଳ ମହାପାତ୍ର ମଞ୍ଚାସିନ ଥିଲେ । ଏହି ଅବସରରେ ପୁରାତନ ଛାତ୍ରଛାତ୍ରୀମାନଙ୍କ ସମାଗମ ଜୟନ୍ତୀକୁ ଉତ୍ସବମୁଖର କରିଥିଲା । କାର୍ଯ୍ୟକ୍ରମ ଅନ୍ତରାଳେ ମନ୍ତ୍ରୀ ଶ୍ରୀ ସୂରଜ ବଡ଼ଦାଣ୍ଡ ଆସି ରଥରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ କରିଥିଲେ ।

## ଦାବି ପୂରଣ ନହେଲେ ଅମଲା କରିବେ ଆନ୍ଦୋଳନ

ସମ୍ବଲପୁର,(ସବ୍ୟୁ): ଓଡ଼ିଶା ରାଜସ୍ୱ ଅମଲା ସଂଘ ସମ୍ବଲପୁର ଶାଖା ପକ୍ଷରୁ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ଏକ ଦାବିପତ୍ର ଦିଆଯାଇଛି । ଆସନ୍ତା ୭ ଜୁଲାଇ ମଧ୍ୟରେ ଦାବିପତ୍ର ପୂରଣ ଦିଗରେ ପଦକ୍ଷେପ ନିଆନଗଲେ ଆନ୍ଦୋଳନକୁ ଓହ୍ଲାଇବାକୁ ସଂଘ ଚେତାବନୀ ଦେଇଛି । ଜିଲ୍ଲାସ୍ତରୀୟ କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କ ମୂଳ ଦରମା ଓଆରଏସପି-୨୦୧୭ ନିୟମ ଅନୁଯାୟୀ ଲେବେଲ- ୯କୁ ବୃଦ୍ଧି, ନୂଆ ପଦବି ସୃଷ୍ଟି ଓ ପୁନର୍ଗଠନ, ରାଜ୍ୟରେ କାର୍ଯ୍ୟରତ ସରକାରୀ କର୍ମଚାରୀମାନଙ୍କୁ ବାର୍ଷିକ ୨୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା ସୁବିଧା, ୨୦୨୦ ମସିହାରେ ଲାଗୁ କରାଯାଇଥିବା ପୁନଃ ଥଇଥାନ ଯୋଜନାର ନିୟମାବଳୀକୁ ସଂପୂର୍ଣ୍ଣ ଉଚ୍ଛେଦ ଏବଂ ୧୯୯୦ ମସିହାରେ ଲାଗୁ ହୋଇଥିବା ନିୟମାବଳୀ ଅନୁଯାୟୀ ମୃତ ସରକାରୀ କର୍ମଚାରୀଙ୍କ ପରିବାରର ଯେ କୌଣସି ଜଣେ ସଦସ୍ୟଙ୍କୁ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି, ନୂତନ ପେନ୍ସନ୍ ଯୋଜନାକୁ ରଦ୍ଦ କରି ସମସ୍ତ ସରକାରୀ କର୍ମଚାରୀଙ୍କୁ ପୁରାତନ ପେନସନ୍ ଯୋଜନାରେ ସାମିଲ କରିବାକୁ ଦାବି କରାଯାଇଛି । ଏସବୁ ଦାବିପୂରଣ କରାନଗଲେ ଆସନ୍ତା ୭ରୁ ୧୧ ଜୁଲାଇ ପର୍ଯ୍ୟନ୍ତ କଳା ବ୍ୟାଜ୍ ପରିଧାନ କରିବାକୁ ଚେତାବନୀ ଦିଆଯାଇଛି । ଏହା ସତ୍ତ୍ୱେ ଯଦି ରାଜ୍ୟ ସରକାର ଦାବି ପୂରଣ ନକଲେ ୧୪ ଜୁଲାଇରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି ସଂଘର ସାଧାରଣ ସଂପାଦକ ନରେଶ ମହାପାତ୍ର ସୂଚନା ଦେଇଛନ୍ତି ।

ଓଡ଼ିଶା ସରକାର
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ
T-close
**ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଆସନ୍ତା ୩୦.୦୬.୨୦୨୫ ସୋମବାର ଦିନ ୟୁନିଟ ୨, ଅଶୋକନଗର, ଭୁବନେଶ୍ୱର ସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ ନିକଟସ୍ଥ) ଠାରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ହେବାକୁ ଥିବା ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣୀ ଅନିବାର୍ଯ୍ୟ କାରଣ ବଶତଃ ସ୍ଥଗିତ ରହିବ ।

ଏହି ଅଭିଯୋଗ ଶୁଣାଣୀ ପାଇଁ online ପଞ୍ଜିକରଣ କରିଥିବା ଜନସାଧାରଣଙ୍କ ଆପତ୍ତି ଅଭିଯୋଗ, ପରବର୍ତ୍ତୀ ଜନଶୁଣାଣୀ ଶିବିରରେ ଗ୍ରହଣ କରାଯିବ ।

ପରବର୍ତ୍ତୀ ଜନଶୁଣାଣୀର ସମୟ ଓ ତାରିଖ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯିବ ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

OIPR-09014/11/0160/2526

# ମୁଖ୍ୟମନ୍ତ୍ରୀ, ଆଇନମନ୍ତ୍ରୀଙ୍କ ଇସ୍ତଫା ଦାବି କଲା ଯୁବ କଂଗ୍ରେସ

ଭୁବନେଶ୍ୱର,(ସବ୍ୟୁ): ରାଜ୍ୟ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ରଙ୍କ ନେତୃତ୍ୱରେ ରବିବାର ଯୁବ କଂଗ୍ରେସ କର୍ମୀମାନେ ଏଜି ଛକଠାରୁ ଏକ ବିକ୍ଷୋଭ ଶୋଭାଯାତ୍ରାରେ ଯାଇ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ପୁରୀ ରଥଯାତ୍ରା ପରିଚାଳନରେ ବିଫଳତା, ପରବର୍ତ୍ତୀ ପର୍ଯ୍ୟାୟରେ ଦଳାଚକଟା ଏବଂ ମୃତାହତ ପାଇଁ ଦାୟୀ ମୁଖ୍ୟମନ୍ତ୍ରୀ ଓ ଆଇନ ମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯାଇଥିଲା । ସେଠାରେ ଅଧଘଣ୍ଟା ପର୍ଯ୍ୟନ୍ତ ଧସ୍ତାଧସ୍ତି ହେବାପରେ ଯୁବ କଂଗ୍ରେସର ନେତୃବର୍ଗ ଓ କର୍ମୀମାନଙ୍କୁ ପୋଲିସ ଭ୍ୟାନ ଯୋଗେ ଉଠାଇ ନେଇଥିଲା । ଏହି ଅବସରରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ଶ୍ରୀ ପାତ୍ର କହିଛନ୍ତି ଯେ ଡବଲ ଇଞ୍ଜିନ ସରକାର ମହାପ୍ରଭୁ ଜଗନ୍ନାଥଙ୍କର ରଥଯାତ୍ରା ପରିଚାଳନାକୁ ସଂପୂର୍ଣ୍ଣ ଖାମଖିଆଲି ଢ଼ଙ୍ଗରେ କରିଛନ୍ତି । ରଥଯାତ୍ରାର ସୁପରିଚାଳନା ପାଇଁ ୨୭୫ ଟି ଏଆଇ କ୍ୟାମେରା ଏବଂ ୧୦ ହଜାର ପୋଲିସ ଆୟୋଜନ କରାଯାଇଥିଲା ମାତ୍ର ଫଳ ଶୂନ । କ'ଣ ପାଇଁ ରଥଯାତ୍ରା ପରିଚାଳନା କମିଟି କରାଗଲା ନାହିଁ ବୋଲି ଶ୍ରୀ ପାତ୍ର ପ୍ରଶ୍ନ କରିଛନ୍ତି । ଆଇନ ବିଭାଗ ତରଫରୁ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ



ଏକ ତଦାରଖ ଏବଂ ମାର୍ଗଦର୍ଶନ କମିଟି ଗଠନ ହେଲା । ଯାହା ଘଟିଛି ତାକୁ ଏବେ ସମସ୍ତେ ଦେଖୁଛନ୍ତି । ସେଠାରେ ଭକ୍ତଙ୍କର ବହୁ ଭିଡ଼ ଲାଗିଥିଲେ ବି ପ୍ରଶାସନ ସଜାଗ ନଥିଲା । ହଠାତ ମହାପ୍ରଭୁଙ୍କ ପହଡ଼ ବିନା ସୂଚନାରେ ଖୋଲିଦେଲା ପରେ ଶନିବାର ବିଳମ୍ବିତ ରାତିରେ ଦଳାଚକଟାରେ ତିନିଜଣଙ୍କର ମୃତ୍ୟୁ ହୋଇଥିଲା ବେଳେ ୫୦ରୁ ଉର୍ଦ୍ଧ୍ୱର୍ ଭକ୍ତ ଆହତ ହୋଇଛନ୍ତି । ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱର୍ ପାସ ବିଜେପିର ଦଳୀୟ କର୍ମୀଙ୍କୁ ବାଣ୍ଟି ଦିଆଯାଇଛି । ଏହି ଘୋଷଯାତ୍ରା ସାଧାରଣ ଭକ୍ତଙ୍କ ପାଇଁ ଉଦ୍ଦିଷ୍ଟ ନଥିଲା ଏହା କେବଳ ବିଜେପି ଦଳ ଏବଂ କର୍ମୀମାନଙ୍କ ପାଇଁ ଉଦ୍ଦିଷ୍ଟ ଥିଲା ବୋଲି ଅଭିଯୋଗ ହୋଇଛି । ଅନ୍ୟପକ୍ଷରେ ମହାପ୍ରଭୁଙ୍କ ରଥ ସିଂହ ଦ୍ୱାରା ନିକଟରେ ଅଟକାଇ ଦିଆଗଲା । ଗୌତମ ଆଦାନୀ ରଥ ଟଣାରେ ସାମିଲ ହେବେ ବୋଲି ଜଗନ୍ନାଥଙ୍କୁ ବାଟରେ ଅଟକାଇ ଦେବା ଦୁର୍ଭାଗ୍ୟଜନକ ବୋଲି ଶ୍ରୀ ପାତ୍ର ଅଭିଯୋଗ କରିଛନ୍ତି । ରଥଯାତ୍ରାର ପରିଚାଳନାକୁ ସରକାର ଗୁରୁତ୍ୱର ସହ ନେଇନାହାନ୍ତି । ଫଳସ୍ୱରୂପ ନିରୀହ ଭକ୍ତମାନଙ୍କର ଜୀବନ ଗଲା ଏବଂ ବହୁ ଭକ୍ତମାନେ ଗୁରୁତର ଭାବେ ଆହତ ହୋଇଛନ୍ତି । ରଥଯାତ୍ରା ଦିନ ସାମ୍ବାଦିକ ମାନଙ୍କୁ ମଧ୍ୟ ପୋଲିସ ମରଣାନ୍ତକ ଆକ୍ରମଣ କରିଛନ୍ତି । ସୁତରାଂ ଏଭଳି ଅବ୍ୟବସ୍ଥା ସାରା ବିଶ୍ୱର ଜଗନ୍ନାଥ ପ୍ରେମୀ ଭକ୍ତମାନଙ୍କ ଆବେଗକୁ ଆଘାତ ଦେଇଛି । ଜଗନ୍ନାଥଙ୍କ ପ୍ରତି ଏ ସରକାରଙ୍କର ଆଚରଣ ଦୁଃଖଦାୟକ । ତେଣୁ ମୁଖ୍ୟମନ୍ତ୍ରୀ ଓ ଆଇନମନ୍ତ୍ରୀ ତୁରନ୍ତ ଇସ୍ତଫା ଦେବାକୁ ଯୁବ କଂଗ୍ରେସ ଦାବି କରିଛି । କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସାଧାରଣ ସମ୍ପାଦକ ମହମ୍ମଦ ଇମଦାଦ, ପ୍ରକାଶ ମିଶ୍ର, ମନୋଜ ବିଶ୍ୱାଳ, ସୁଦିପ ସାମଲ, ଅଜୟ ସାହୁ, କିରଣ ସାହୁ, ଗୋପନ ମାର୍ଥା, ଲିପିକା ପାତ୍ର, ଲକ୍ଷ୍ମିପ୍ରିୟା ନାୟକ, ଉଦିତ ପ୍ରଧାନ, ମହମ୍ମଦ ଗୁଲଫାମ, ଆଲୋକ ଦାସ, ବଟକୃଷ୍ଣ ରାଉତରାୟ, ମହମ୍ମଦ ପରଭେଜ, ସୁରଜ ରାଉତ, ସ୍ପନ୍ଦନ ସ୍ୱାଇଁ, ଜାଭେଦ ଅକତର, ସତ୍ୟଜିତ ପଟ୍ଟନାୟକ, ପ୍ରଶାନ୍ତ ରାଉତ, ପବିତ୍ର ସେଠୀ ପ୍ରମୁଖ ସାମିଲ ଥିଲେ ।

## ଗୁରୁଗ୍ରାମରେ ମହାସମାରୋହରେ ରଥଯାତ୍ରା ସମ୍ପନ୍ନ

# ଗୁରୁଜୀଙ୍କ ଦ୍ୱାର ଛେରା ପହଁରା, ସହସ୍ରାଧିକ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମ

ଭୁବନେଶ୍ୱର (ସବ୍ୟୁ): ଗୁରୁଜୀ ଡକ୍ଟର ଚନ୍ଦ୍ର ଭାନୁ ଶତପଥୀଙ୍କ ପ୍ରେରଣା ଓ ମାର୍ଗ ଦର୍ଶନ ରେ ଗୁରୁଗ୍ରାମ୍ ସ୍ଥିତ ସାଇ କା ଆଙ୍ଗନ୍ ଠାରେ ପବିତ୍ର ରଥ ଯାତ୍ରା ଉତ୍ସବ ମହା ସମାରୋହ ସହକାରେ ସହସ୍ରାଧିକ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମରେ ଆନନ୍ଦ ଉଲ୍ଲାସର ସହ ଅନୁଷ୍ଠିତ ହୋଇଯାଇଛି । ଗୁରୁଜୀ ଡକ୍ଟର ଚନ୍ଦ୍ରଭାନୁ ଶତପଥୀ ରଥ ଉପରେ ଛେରା ପହଁରା କରିଥିଲେ । ଗୁରୁଜୀ ରଥାରୁଢ଼ ମହାପ୍ରଭୁଙ୍କର ଆରତୀ କରିବା ସମୟରେ ମହାପ୍ରଭୁଙ୍କର ଶ୍ରୀଭୁଜରୁ ଫୁଲ ହାର ଖସିପଡ଼ିବା ଦେଖି ଭକ୍ତ ଓ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଉନ୍ମାଦନା ଖେଳି ଯାଇଥିଲା ।

ଗୁରୁଗ୍ରାମ ଏବଂ ହରିଆଣା ଓ ନୂଆଦିଲ୍ଲୀର ବିଭିନ୍ନ ଅଞ୍ଚଳ ସମେତ ଓଡ଼ିଶା ଓ ବିଭିନ୍ନ ରାଜ୍ୟରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଓ ଭକ୍ତ ଯୋଗ ଦେଇଥିଲେ । ବିଦେଶରୁ ମଧ୍ୟ ଯୁକ୍ତରାଷ୍ଟ୍ର ଆମେରିକା, ଇଂଲଣ୍ଡ, ସଂଯୁକ୍ତ ଆରବ ଏମିରଟ ପ୍ରଭୃତି ଦେଶରୁ ମଧ୍ୟ ବହୁ ଭକ୍ତ ଯୋଗ ଦେଇଥିଲେ । ହରିଆଣାର ରାଜ୍ୟପାଳ ବନ୍ଦାରୁ ଦତ୍ତାତ୍ରେୟ



ଉତ୍ସବରେ ଯୋଗଦେଇ ତିନି ଠାକୁରଙ୍କ ଆରତୀ କରିଥିଲେ ।କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମ ମଧ୍ୟ ଯୋଗ ଦେଇ ମହାପ୍ରଭୁଙ୍କ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ । ଗୁରୁଜୀ ଡକ୍ଟର ଚନ୍ଦ୍ରଭାନୁ ଶତପଥୀ ଦୀର୍ଘ ବର୍ଷ ଧରି ତାଙ୍କର ଆଧ୍ୟାତ୍ମିକ ଅଭିଯାନରେ ଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର ନିମିତ୍ତ ଦେଶ ଓ ଦେଶ ବାହାରେ ନିରନ୍ତର ଭାବରେ କାର୍ଯ୍ୟ କରି ଆସୁଛନ୍ତି । ୨୦୦୯ ମସିହାରେ ନୂଆଦିଲ୍ଲୀ ସ୍ଥିତ ପାୱାର ଗ୍ରିଡ ମନ୍ଦିରରେ ସେ ରଥ ଯାତ୍ରାର ଶୁଭାରମ୍ଭ କରିଥିବା ବେଳେ ନୋଇଡ଼ାରେ ୨୦୧୮ ରେ ରଥଯାତ୍ରା ଉତ୍ସବ ସମ୍ପାଦନ କରିଥିଲେ । ସାଇ କା ଆଙ୍ଗନ୍ ରେ ଗତ ବର୍ଷ ଠାରୁ ଗୁରୁଜୀଙ୍କ ପ୍ରେରଣା ରେ ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ରଥ ଯାତ୍ରା ଉତ୍ସବ ଅନୁଷ୍ଠିତ ହୋଇଆସୁଛି । ଯୁକ୍ତ ରାଷ୍ଟ୍ର ଆମେରିକାର ଡ଼ଲାସ ଓ ନାସଭିଲ୍ ରେ ୨୦୧୧ ଏବଂ ହଷ୍ଟନରେ ୨୦୧୨ ମସିହାରେ ଗୁରୁଜୀ ରଥଯାତ୍ରା ଉତ୍ସବ ସମ୍ପାଦନ କରିଥିଲେ ।

ଏହି ଅବସରରେ ପାରମ୍ପରିକ ଶୈଳୀରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ର ଆୟୋଜନ କରାଯାଇଥିଲା। ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କ ପାଇଁ ପାରମ୍ପରିକ ଓଡ଼ିଆ ପ୍ରସାଦ ପ୍ରସ୍ତୁତ କରାଯାଇଥିଲା । ବହୁ ସଂଖ୍ୟାରେ ଷ୍ଟଲ ମଧ୍ୟ ଖୋଲାଯାଇଛି। ରଥ ଯାତ୍ରା ଅବ୍ୟବହିତ ପୂର୍ବରୁ ସ୍ଥାନୀୟ ଅଞ୍ଚଳରେ ଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର ଉଦ୍ଦେଶ୍ୟରେ ବ୍ୟାପକ ଜନ ଚେତନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ଉଦ୍ଧାର ଶିଶୁ ହସ୍ତାନ୍ତର

ଦାନଗଦି (ସବ୍ୟୁ): କଳିଙ୍ଗନଗର ଥାନା ପକ୍ଷରୁ ଏକ ଅଜଣା ଶିଶୁକୁ ରାମେଢେଙ୍ଗା ଗ୍ରାମ ନିକଟରୁ ଉଦ୍ଧାର କରିଥିଲେ । ଉଦ୍ଧାର ଶିଶୁ ଅର୍ଜୁନ ଚାତାର ବୟସ ପ୍ରାୟ ୧୦ ବର୍ଷ ହେବ ଏବଂ ତାର ଘର ଜେନାପୁର ଥାନା ଅନ୍ତର୍ଗତ ବଲାଙ୍ଗିଆ ଗ୍ରାମର ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଥିଲା । ଏହି ଘଟଣା ସମ୍ପର୍କରେ କଳିଙ୍ଗନଗର ଥାନା ଆଇଆଇସି ପ୍ରକାଶ କୁମାର ସାହୁ ଚାଇଲଡ୍ ହେଲ୍ପ ଲାଇନ ଓ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ଜଣାଇଥିଲେ । ଗତକାଲି ଠାରୁ ତାର ମା ସୁନାମଣୀ ଚାତାର ପୁଅକୁ ଖୋଜି ବୁଲୁଥିଲା । କୌଣସି ସୂତ୍ରରୁ ଖବର ପାଇ କଳିଙ୍ଗନଗର ଥାନାରେ ପହଂଚି ପୁଅକୁ ନେବାକୁ ଥାନା ଅଧିକାରୀଙ୍କୁ ଲିଖିତ ଅନୁରୋଧ କରିଥିଲା । ସମସ୍ତ ପରିଚୟ ମିଳିବା ପରେ ତାର 'ମା'ଙ୍କୁ ହସ୍ତାନ୍ତର କରିଥିଲେ । ସେଠାରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଂଜନ କର, ଚାଇଲଡ୍ ହେଲ୍ପ ଲାଇନର କର୍ମଚାରୀ ବିନ୍ଦୁ ସାଗର ସାହୁ ପ୍ରମୁଖ ଉପସ୍ଥିତ ରହି ଶିଶୁଟିର ସ୍ଥିତ ସମ୍ପର୍କରେ ପଚାରି ବୁଝିଥିଲେ । ଶିଶୁଟିକୁ ପଢିବା ନିମନ୍ତେ ସହଯୋଗ କରାଯିବାର ବ୍ୟବସ୍ଥା କରିବା ପାଇଁ ପ୍ରତିଶୃତି ଦେଇଥିଲ ।

# ବଜାଜ ଫିନସର୍ଭ ଏମସି ପକ୍ଷରୁ ସ୍ମଲ କ୍ୟାପ ଫଣ୍ଡର ଶୁଭାରମ୍ଭ

ଭୁବନେଶ୍ୱର, (ସବ୍ୟୁ): ବଜାଜ ଫିନସର୍ଭ ଏଏମସି ପକ୍ଷରୁ ବଜାଜ ଫିନସର୍ଭ ସ୍ମଲ କ୍ୟାପ ଫଣ୍ଡର ଶୁଭାରମ୍ଭ କରାଯାଇଛି। ଏହା ଏକ ଓପନ-ଏଣ୍ଡେଡ୍ ଇକ୍ୱିଟି ଯୋଜନା ଯାହା ମୁଖ୍ୟତଃ ସ୍ମଲ-କ୍ୟାପ ଷ୍ଟକରେ ନିବେଶ କରେ, ଯାହା ଗୁଣବତା, ଅଭିବୃଦ୍ଧି ଏବଂ ମୂଲ୍ୟ ପ୍ରଦାନ କରେ। ଏହି ଫଣ୍ଡ ୨୭ ଜୁନ ୨୦୨୫ ରେ ସବସ୍କ୍ରିପସନ୍ ପାଇଁ ଖୋଲିବ ଏବଂ ୧୧ ଜୁଲାଇ ୨୦୨୫ ରେ ବନ୍ଦ ହେବ। ସ୍ମଲ କ୍ୟାପରେ ସାମ୍ପ୍ରତିକ ସଂଶୋଧନ ଦୀର୍ଘକାଳୀନ ନିବେଶକଙ୍କ ପାଇଁ ଏକ ଆକର୍ଷଣୀୟ ପ୍ରବେଶ ବିନ୍ଦୁ ଉପସ୍ଥାପନ କରୁଛି। ୮୦% ରୁ ଅଧିକ ସ୍ମଲ୍-କ୍ୟାପ୍ କମ୍ପାନୀ ୩୮% ର ଦୃଢ଼ ଲାଭ ବୃଦ୍ଧି ଏବଂ ଦୃଢ଼ ରିଟର୍ଣ୍ଣ ଅନୁପାତ ଦେଖାଇଥିବା ବେଳେ, ସେମାନଙ୍କ ମଧ୍ୟରୁ ଅଧିକାଂଶ ଏବେ ବି ସେମାନଙ୍କ ୧୫-ସପ୍ତାର ସର୍ବୋଚ୍ଚ ସ୍ତର ତଳେ ୪୫-୫୨% କାରବାର କରୁଛନ୍ତି। ସ୍ମଲ କ୍ୟାପ କମ୍ପାନୀଗୁଡ଼ିକ ପରବର୍ତ୍ତୀ ଅଭିବୃଦ୍ଧି ଚକ୍ରରେ ଅସମାନ ଭାବରେ ଲାଭ ପାଇବା ପାଇଁ ଭଲ ସ୍ଥିତିରେ ଅଛନ୍ତି, ଯାହା ଏହାକୁ ଏକ ଆକର୍ଷଣୀୟ ନିବେଶ ସୁଯୋଗ କରୁଛି। ବଜାଜ ଫିନସର୍ଭ ସ୍ମଲ କ୍ୟାପ୍ ଫଣ୍ଡ ନିବେଶକମାନଙ୍କ ପାଇଁ ଡିଜାଇନ୍ କରାଯାଇଛି

# ରଥଯାତ୍ରା ୨୦୨୫ରେ ସନ୍‌ଫିଷ୍ଟ ମାରୀ ଲାଇଟ୍

# ଭକ୍ତମାନଙ୍କ ପାଇଁ ଆଣିଛି ଶୀତଳ 'ସୂର୍ଯ୍ୟ ବରଦାନ'

ପୁରୀ: ପୁରୀ ରଥଯାତ୍ରା ଭାରତର ଅନ୍ୟତମ ସର୍ବାଧିକ ପୂଜ୍ୟ ଆଧ୍ୟାତ୍ମିକ ଉତ୍ସବ ହୋଇଛି- ଏହା ଏହିଭଳି ଏକ ମୁହୂର୍ତ୍ତ ଯେତେବେଳେ ଲକ୍ଷ ଲକ୍ଷ ଲୋକ ମହାପ୍ରଭୁ ଜଗନ୍ନାଥଙ୍କ ପବିତ୍ର ରଥ ପଛେ ପଛେ ଏକାନ୍ତ ବିଶ୍ୱାସର ସହିତ ଏକତ୍ର ଚାଲିଥାନ୍ତି। ସନ୍‌ଫିଷ୍ଟ ମାରୀ ଲାଇଟ୍ ଚଳିତ ବର୍ଷ ଏହି ଚିରନ୍ତନ ପରମ୍ପରାକୁ ଏକ ଚିନ୍ତନଶୀଳ ଢଙ୍ଗରେ ସମର୍ଥନ କରୁଛି। ରଥଯାତ୍ରା ସମୟରେ ତୀର୍ଥଯାତ୍ରୀମାନେ ପ୍ରଖର ସୂର୍ଯ୍ୟକିରଣକୁ ଦୀର୍ଘ ସମୟ ସହ୍ୟ କରୁଥିବାବେଳେ, ସନ୍‌ଫିଷ୍ଟ ସୂର୍ଯ୍ୟ ବରଦାନ ଏକ ଆଶ୍ୱସ୍ତି ଏବଂ ଶ୍ରଦ୍ଧାର ପ୍ରତୀକ ଭାବରେ ଉଭା ହୋଇଛି। ବ୍ରାଣ୍ଡ୍ ଏକ ଶୀତଳ ଅନୁଭୂତି ପ୍ରଦାନକାରୀ- ସୂର୍ଯ୍ୟ ବରଦାନ ଟୋପି ଉନ୍ମୋଚନ କରିଛି ଯେଉଁଥିରେ ବିଶ୍ୱାସଭାବ ଏବଂ ସୂର୍ଯ୍ୟଙ୍କର ଆଶୀର୍ବାଦ ଅନ୍ତର୍ନିବେଶ ହୋଇଛି। ଏହି ଟୋପି ଚନ୍ଦନ କାଠରେ ଏକ ସ୍ୱତନ୍ତ୍ର ମେନ୍ଥୋଲ ଆସ୍ତରଣ ସହିତ ପ୍ରସ୍ତୁତ କରାଯାଇଛି। ସୂର୍ଯ୍ୟ କିରଣ ସନ୍‌ଫିଷ୍ଟ ସୂର୍ଯ୍ୟ ବରଦାନ ଟୋପି ଉପରେ ପଡିଲେ ତାହା ଟୋପିରେ ମେନ୍ଥୋଲର ଶୀତଳିକରଣ ପ୍ରକ୍ରିୟାକୁ ସକ୍ରିୟ କରିଥାଏ। ସେଥିପାଇଁ ଗରମ ଅନୁଭବ କରିବା ପରିବର୍ତ୍ତେ ସୂର୍ଯ୍ୟ କିରଣ ଆପଣଙ୍କୁ ଶୀତଳ ଅନୁଭବ ପ୍ରଦାନ କରିବ ଏବଂ ସେହି ସମୟରେ ଆପଣ ଚନ୍ଦନକାଠର ଶାନ୍ତି ପ୍ରଦାନକାରୀ ସୁଗନ୍ଧର ଅନୁଭୂତି ପାଇପାରିବେ ଏବଂ ଏହା



ଭକ୍ତମାନଙ୍କୁ ଭକ୍ତିରସରେ ପରିପୂର୍ଣ୍ଣ ଏକ ଥଣ୍ଡା ମସ୍ତିଷ୍କ ସହିତ ନୈସର୍ଗିକ ଯାତ୍ରାରେ ଆଗେଇନେବ। ଶ୍ରୀ ଅଲି ହାରିସ୍ ଶେରେ, ଚିଫ୍ ଅପରେଟିଂ ଅଫିସର, ବିସ୍କୁଟ୍ସ୍ ଆଣ୍ଡ କେକ୍ସ୍ କ୍ଲଷ୍ଟର, ଫୁଡ୍ସ୍ ଡିଭିଜନ, ଆଇଟିସି ଲିମିଟେଡ ମତଦେଇ କହିଥିଲେ, "ଶକ୍ତି, ସାମର୍ଥ୍ୟ ଓ ଜୀବନର ପ୍ରତୀକ ହୋଇଥିବା ସୂର୍ଯ୍ୟ ଆମ ବ୍ରାଣ୍ଡର କେନ୍ଦ୍ରବିନ୍ଦୁ ହୋଇ ରହିଛନ୍ତି। ସନ୍‌ଫିଷ୍ଟ ମାରୀ ଲାଇଟ୍‌ରେ ଆମର ବିସ୍କୁଟଗୁଡିକ ସୂର୍ଯ୍ୟସ୍ନାତ ଗହମରୁ ପ୍ରସ୍ତୁତ ହେଉଛି ଏବଂ ସେହି ଆତ୍ମୀୟତାର ଭାବ ଏବଂ ଯତ୍ନକୁ ଆମେ କରୁଥିବା ପ୍ରତ୍ୟେକ କାର୍ଯ୍ୟରେ ବ୍ୟବହାର କରୁଛୁ। ସୂର୍ଯ୍ୟ ବରଦାନ ଟୋପି ପରମ୍ପରାକୁ ସମ୍ମାନ ଜଣାଇବା ନିମନ୍ତେ ଆମର ପ୍ରୟାସ ଏବଂ ସେହି ସମୟରେ ଆମେ ପୁରୀ ରଥଯାତ୍ରା ଭକ୍ତମାନଙ୍କ ନିମନ୍ତେ ଚିନ୍ତନଶୀଳ ଆରାମ ଯୋଗାଇ ଦେଉଛୁ।" କ୍ଷେତ୍ରସ୍ତରରେ ସ୍ଥାପନ କରାଯାଇଥିବା ଏକ୍ସପେରିଏନ୍ସ ଜୋନ୍‌ଗୁଡିକରୁ ରଥ ଯାତ୍ରା ଦିନ ହଜାର ହଜାର ସଂଖ୍ୟାରେ ଟୋପି ବଣ୍ଟନ କରାଯାଇଥିଲା।

# ପୁରୀରେ ଭକ୍ତଙ୍କ ପାଇଁ ହସ୍ପିଟାଲ ଉଦଘାଟିତ



ଭୁବନେଶ୍ୱର (ସବ୍ୟୁ): ମହାପ୍ରଭୁଙ୍କ ଘୋଷଯାତ୍ରା ଉପଲକ୍ଷେ ଶ୍ରୀମନ୍ଦିର ଉତ୍ତର କୋଣ ଓ ଗୁଣ୍ଡିଚା ମନ୍ଦିର ପାଖରେ ହାଇଟେକ୍ ହସ୍ପିଟାଲ ଭୁବନେଶ୍ୱରର ତରଫରୁ ନବଯୌବନ ଦର୍ଶନ ଠାରୁ ନିଳାଦ୍ରିବିଜେ ପର୍ଯ୍ୟନ୍ତ ସମସ୍ତ ସୁବିଧା ଥିବା ଅସ୍ଥାୟୀ ସୁପର ସ୍ପେସିଆଲିଟି ହସ୍ପିଟାଲ ଉଦଘାଟନ ଅବସରରେ ହାଇଟେକ୍ ଗ୍ରୁପ୍ ର ମ୍ୟାନେଜିଂ ଟ୍ରଷ୍ଟୀ ସୁରେଶ କୁମାର ପାଣିଗ୍ରାହୀ ବରିଷ୍ଠ ଅଧିକାରୀ ଗିରୀଶ କୁମାର ପାତ୍ର. ମୁଖ୍ୟ ପରିଚାଳନା ଅଧିକାରୀ ଜ୍ୟୋତିର୍ମୟ ପଣ୍ଡା ଶ୍ରୀମନ୍ଦିରର ବରିଷ୍ଠ ସେବାୟତ, ଉତ୍ତରପାର୍ଶ୍ୱ ମଠ ମହନ୍ତ ଓ ରାଧାବଲ୍ଲଭ ମଠାଧିସ ଯୋଗଦେଇ ଏଭଳି ମହତ୍ୱ କାର୍ଯ୍ୟ ପାଇଁ ପ୍ରତିଷ୍ଠାତା ଅଧ୍ୟକ୍ଷ ତିରୁପତି ପାଣିଗ୍ରାହୀଙ୍କୁ ଅଶେଷ ଧନ୍ୟବାଦ ଓ ଆଶୀର୍ବାଦ କରିଛନ୍ତି .ସମସ୍ତ ଚିକିତ୍ସା ଦେୟମୁକ୍ତ ହେବାସହ ଅତ୍ୟନ୍ତ ଜରୁରୀ ଓ ଜଟିଳ ଚିକିତ୍ସା ଦରକାର ପଡିଲେ ହାଇଟେକ୍ ହସ୍ପିଟାଲ ଭୁବନେଶ୍ୱର ଠାରେ ଦେୟମୁକ୍ତ ଭାବେ ଚିକିତ୍ସା କରାଯିବ. ପଚିଶ ଶଯ୍ୟା ବିଶିଷ୍ଟ ହସ୍ପିଟାଲରେ ସମସ୍ତ ବିଭାଗର ବରିଷ୍ଠ ଚିକିତ୍ସକ ମାନେ ନିରନ୍ତର ସ୍ୱାସ୍ଥ୍ୟ ଚିକିତ୍ସା ଯୋଗାଇ ଦେବେ ବୋଲି ଟ୍ରଷ୍ଟି ସୁରେଶ କୁମାର ପାଣିଗ୍ରାହୀ ଜଣାଇଛନ୍ତି . ସଂଯୋଜକ ମନୋଜ କୁମାର ଦାସ . ଅଖିଳ ପାଣିଗ୍ରାହୀ ଓ ଉପ ନିର୍ଦ୍ଦେଶକ ଅନିଲ କୁମାର ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହେଉଛି ।

# ଆଜିଠୁ ସପ୍ଲିମେଣ୍ଟାରୀ ପରୀକ୍ଷା ,୩୨୩୨ ଜଣ କରିଛନ୍ତି ଫର୍ମ ଫିଲପ୍

କଟକ, (ସବ୍ୟୁ):ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ସପ୍ଲିମେଣ୍ଟାରୀ ଏବଂ ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରମାଣପତ୍ର ପରୀକ୍ଷା (ଦ୍ୱିତୀୟ) ସୋମବାର ଠାରୁ ଆରମ୍ଭ ହେବ। ରାଜ୍ୟର ବିଭିନ୍ନ ଜିଲାରେ ମୋଟ ୯୮ ପରୀକ୍ଷା କେନ୍ଦ୍ରର ବ୍ୟବସ୍ଥା କରାଯାଇଛି। ୩୨୩୨ ଜଣ ଛାତ୍ରଛାତ୍ରୀ ଏହି ପରୀକ୍ଷା ଦେବାକୁ ଫର୍ମପୂରଣ କରିଛନ୍ତି। ପରୀକ୍ଷାର୍ଥୀମାନେ ଯେଭଳି ସୁରୁଖୁରୁରେ ପରୀକ୍ଷା ଦେବେ ସେଥି ନିମନ୍ତେ ବୋର୍ଡ କର୍ତ୍ତୃପକ୍ଷ ସମସ୍ତ ପ୍ରସ୍ତୁତି ଶେଷ କରିଛନ୍ତି। ତେବେ ଚଳିତ ବାର୍ଷିକ ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇଥିବା ଏବଂ ପରୀକ୍ଷା ଦେଇପାରି ନଥିବା ଛାତ୍ରଛାତ୍ରୀମାନେ ଜୁଲାଇ ୧୦ ତାରିଖ ପର୍ଯ୍ୟନ୍ତ ପରୀକ୍ଷା ଦେବେ। ଅନ୍ୟପକ୍ଷରେ ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରମାଣପତ୍ର ପରୀକ୍ଷା ନିମନ୍ତେ ୧୦୩ ପରୀକ୍ଷା କେନ୍ଦ୍ରର ବ୍ୟବସ୍ଥା ରହିଛି। ପ୍ରାୟ ୧୦ ହଜାର ୮୦୯ ପରୀକ୍ଷାର୍ଥୀ ଉକ୍ତ ପରୀକ୍ଷା ଦେବେ। ସୂଚନାଯୋଗ୍ୟ ଯେ, ପ୍ରଥମ ଦିନ ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରମାଣପତ୍ର ପରୀକ୍ଷାରେ ଛାତ୍ରଛାତ୍ରୀମାନେ ହୋମ୍ ସାଇନ୍ସ ବିଷୟରେ ପରୀକ୍ଷା ଦେବେ। ଜୁଲାଇ ୧ରେ ଦଶମ ସପ୍ଲିମେଣ୍ଟାରୀ ପରୀକ୍ଷାର୍ଥୀ ଙ୍କର ମାତୃଭାଷା ବିଷୟରେ ପରୀକ୍ଷା ଅନୁଷ୍ଠିତ ହେବ। ସେହିଭଳି ଜୁଲାଇ ୨ରେ ସାମାଜିକ ବିଜ୍ଞାନ, ୪ରେ ଗଣିତ, ୭ରେ ଇଂରାଜୀ, ୯ରେ ସାଧାରଣ ବିଜ୍ଞାନ ଏବଂ ୧୦ରେ ତୃତୀୟ ଭାଷା ବିଷୟରେ ପରୀକ୍ଷାର୍ଥୀ ପରୀକ୍ଷା ଦେବେ ବୋଲି ସୂଚନା ମିଳିଛି।

# ୭୫୦ କୋଟି ଟଙ୍କାର କଞ୍ଜ୍ୟୁମର ବ୍ରାଣ୍ଡରେ ପରିଣତ ହୋଇଛି ଡିଏସ ଗ୍ରୁପ୍‌ର ପଲ୍ସ କ୍ୟାଣ୍ଡି

ଭୁବନେଶ୍ୱର, (ସବ୍ୟୁ) : ଏକ ଅଗ୍ରଣୀ ଏଫଏମସିଜି କମ୍ପାନୀ ଓ ମଲ୍ଟି-ବିଜ୍‌ନେସ୍ କର୍ପୋରେଶନ, ଧରମପାଲ ସତ୍ୟପାଲ ଗ୍ରୁପ (ଡିଏସ ଗ୍ରୁପ) ଏହାର ଅନ୍ୟତମ ଲୋକପ୍ରିୟ ବ୍ରାଣ୍ଡ ପଲ୍ସ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ଘୋଷଣା କରିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ପଲ୍ସ କ୍ୟାଣ୍ଡି ୭୫୦ କୋଟି ଟଙ୍କାର ଉପଭୋକ୍ତା ମୂଲ୍ୟ ହାସଲ କରି ହୋଇଛି, ଯାହା ଏହାକୁ ଭାରତର ସର୍ବବୃହତ ବିତରିତ ହାର୍ଡ ବଏଲ୍‌ଡ କ୍ୟାଣ୍ଡିରେ ପରିଣତ କରୁଛି। ଗତ ୩ଟି ଆର୍ଥିକ ବର୍ଷରେ ପଲ୍ସ ହାର୍ଡ ବଏଲ୍‌ଡ କ୍ୟାଣ୍ଡି ସେଗ୍‌ମେଂଟ ଶିଳ୍ପରେ ୯%ର ସିଏଜିଆର ତୁଳନାରେ ୧୫%ର ସିଏଜିଆର ପଞ୍ଜୀକୃତ କରିଛି। ରାଜସ୍ୱରେ ଏହି ନିରନ୍ତର ଅଭିବୃଦ୍ଧି ଉଭୟ ସହରାଂଚଳ ଓ ଗ୍ରାମାଂଚଳ ବଜାରରେ ବ୍ରାଣ୍ଡର ମଜବୁତ ଉପସ୍ଥିତିକୁ ହାଇଲାଇଟ କରୁଛି। ବଜାର ତଥ୍ୟ ଅନୁଯାୟୀ, ପଲ୍ସ କ୍ୟାଣ୍ଡି ବର୍ତ୍ତମାନ ଭାରତର ହାର୍ଡ-ବଏଲ୍‌ଡ କ୍ୟାଣ୍ଡି ସେଗ୍‌ମେଂଟରେ ୧୯%ର ବଜାର ଅଂଶ ଧାରଣ କରିଛି ଏବଂ ନିରନ୍ତର ଭାବେ ବୃଦ୍ଧି ପାଉଛି।

ଏସମ୍ପର୍କରେ ଡିଏସ୍ ଗ୍ରୁପର ଉପାଧ୍ୟକ୍ଷ ରାଜୀବ କୁମାର କହିଛନ୍ତି, "ଭାରତର ଏକ ଅଗ୍ରଣୀ ଭାରତୀୟ ଏଥ୍‌ନିକ କନ୍‌ଫେକ୍ସନେରୀ ବ୍ରାଣ୍ଡ ପଲ୍ସ ପାଇଁ ଡିଏସ୍ ଗ୍ରୁପର ଲକ୍ଷ୍ୟ ହେଉଛି ଏକ ମଲ୍ଟି-ଫର୍ମାଟ, ମଲ୍ଟି-ଅକେଜନ ପ୍ରଡକ୍ଟରେ ବିକଶିତ ହେବା। ଆମେ ସମ୍ପ୍ରସାରଣ ପାଇଁ ଆକ୍ରଣାମତ୍ମକ ଭାବେ ଉଭୟ ଘରୋଇ ଓ ଆନ୍ତର୍ଜାତୀୟ ବଜାରଗୁଡିକୁ ଅନୁସରଣ କରୁଛୁ।

# ବେଦାନ୍ତ କଳାହାଣ୍ଡିର ସୌରା ଏବଂ ଢୋକ୍ରା କଳାକୁ ପୁନର୍ଜୀବିତ କରିଛି

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାର କଳାହାଣ୍ଡି ଜିଲ୍ଲାର ଆଦିବାସୀ ପ୍ରାଣକେନ୍ଦ୍ରରେ, ଯେଉଁଠାରେ ପରମ୍ପରା ଦୈନନ୍ଦିନ ଜୀବନ ଏବଂ ପୂର୍ବପୁରୁଷଙ୍କ ଐତିହ୍ୟ ସହିତ ଜଡ଼ିତ, ଦୁଇଟି ପ୍ରାଚୀନ କଳା ସୌରା ଚିତ୍ରକଳା ଏବଂ ଢୋକ୍ରା କାରୁକାର୍ଯ୍ୟ ବିଲୁପ୍ତ ହେବାକୁ ଦ୍ୱାରରେ ପଡ଼ିଛି କିନ୍ତୁ ଆଜି, ବେଦାନ୍ତ ଆଲୁମିନିୟମର ଅଗ୍ରଣୀ ସମ୍ପ୍ରଦାୟ ପଦକ୍ଷେପ ପ୍ରୋଜେକ୍ଟ ଆଦିକଳା ସମର୍ଥନରେ ଆଦିବାସୀ ସଂସ୍କୃତିର ଏହି ସ୍ପନ୍ଦନଶୀଳ ଅଭିବ୍ୟକ୍ତି ଏକ ନବଜାଗରଣ ଅନୁଭବ କରୁଛି। ସଂରକ୍ଷଣ ପ୍ରୟାସ ଭାବରେ ଆରମ୍ଭ ହୋଇଥିବା ଏହା ସ୍ଥାନୀୟ କାରିଗରମାନଙ୍କୁ ସଶକ୍ତ କରିବା, ଗ୍ରାମୀଣ ଅର୍ଥନୀତିକୁ ପୁନର୍ଜୀବିତ କରିବା ଏବଂ କଳାହାଣ୍ଡିକୁ ଭାରତର ସମୃଦ୍ଧ ଆଦିବାସୀ ଐତିହ୍ୟର ଏକ ଗର୍ବିତ ସଂରକ୍ଷକ ଭାବରେ ପୁନଃସ୍ଥାପିତ କରିବା ଏକ ତୃଣମୂଳ ଆନ୍ଦୋଳନରେ ପରିଣତ ହୋଇଛି।

ପିଢ଼ି ପରେ ପିଢ଼ି ଧରି, ସୌରା ଏବଂ ଢୋକ୍ରା କଳାକୃତି ଓଡ଼ିଶାର ଆଦିବାସୀ ପରିଚୟର ଅନ୍ତର୍ନିହିତ ଅଂଶ ହୋଇଆସିଛି। ଲାଞ୍ଜିଗଡ଼ ବ୍ଲକର କାଙ୍କେରି ଗ୍ରାମରେ ଅଭ୍ୟାସ କରାଯାଉଥିବା ୪୦୦୦ ବର୍ଷ ପୁରୁଣା ଧାତୁ ଶିଳ୍ପ, ଧୋକ୍ରା, ପୁରାଣ, ଉଦ୍ଭିଦ, ପ୍ରାଣୀ ଏବଂ ଆଦିବାସୀ ଜୀବନର ରୂପକ ଚିତ୍ରକୁ ପୁରୁଣା 'ହଜିଯାଇଥିବା ମହମ କୌଶଳ' ସହିତ ଖୋଦିତ କରାଯାଇଛି। ଏହି ସମୟରେ, ଟସର ରେଶମ ଏବଂ କାନଭାସରେ ଜଟିଳ



ଜ୍ୟାମିତିକ ଢାଂଚା ଚିତ୍ରିତ ସୌରା ଚିତ୍ରଗୁଡ଼ିକ ଆଦିବାସୀ ବିଶ୍ୱାସ ପ୍ରଣାଳୀ, କୃଷି ଏବଂ ପୂର୍ବପୁରୁଷଙ୍କ ରୀତିନୀତିର ଆଧ୍ୟାତ୍ମିକ ଇତିହାସ, ଯାହାକୁ ସ୍ଥାନୀୟ ଆଦିବାସୀ କାରିଗରମାନେ ପ୍ରେମର ସହିତ ଆଗକୁ ବଢ଼ାନ୍ତି। କିନ୍ତୁ ଶିଳ୍ପାୟନ, ସହରାଂଚଳ ସ୍ଥାନାନ୍ତର ଏବଂ ପାରମ୍ପରିକ ହସ୍ତଶିଳ୍ପର ଚାହିଦା ହ୍ରାସ ପାଉଥିବାରୁ, ଏହି କଳାକୃତିଗୁଡ଼ିକ ଚୁପଚାପ୍ ଲୋପ ପାଉଥିଲା। କାରିଗରମାନେ ଅପର୍ଯ୍ୟାପ୍ତ ଆୟ, ପ୍ରକାଶନର ଅଭାବ ଏବଂ ବଜାର ସଂଯୋଗର ଅନୁପସ୍ଥିତି ସହିତ ସଂଘର୍ଷ କରୁଥିଲେ ଯେପର୍ଯ୍ୟନ୍ତ ବେଦାନ୍ତ ଏକ ସାହସିକ ଦୃଷ୍ଟିକୋଣ ସହିତ ପଦକ୍ଷେପ ନେଇନଥିଲା।

ବେଦାନ୍ତର ସିଏସଆର ଅଧୀନରେ ଆରମ୍ଭ ହୋଇଥିବା, ପ୍ରୋଜେକ୍ଟ ଆଦିକଳା କେବଳ ଓଡ଼ିଶାର ଆଦିବାସୀ କଳାକୃତିକୁ ସଂରକ୍ଷଣ କରିବା ପାଇଁ ନୁହେଁ ବରଂ ଏକ ସ୍ଥାୟୀ ଭବିଷ୍ୟତ ପାଇଁ ସେମାନଙ୍କୁ ସ୍ଥାନିତ କରିବା ପାଇଁ ପରିକଳ୍ପନା କରାଯାଇଥିଲା । ପ୍ରୋଜେକ୍ଟ ଆଦିକଳା ପୁରୁଣା କାରିଗରୀଙ୍କୁ ଆଧୁନିକ ଡିଜାଇନ୍ ସମ୍ବେଦନଶୀଳତା ସହିତ ମିଶ୍ରଣ କରିବାରେ ସାହାଯ୍ୟ କରେ, ବଜାର ପ୍ରବେଶ ଏବଂ ଦକ୍ଷତା ତାଲିମ ପ୍ରଦାନ କରେ, ଏବଂ କାରିଗରମାନଙ୍କୁ ସ୍ୱାବଲମ୍ବୀ ଏବଂ ବିଶ୍ୱସ୍ତରୀୟ ପ୍ରାସଙ୍ଗିକ ହେବା ପାଇଁ ସଶକ୍ତ କରେ । ଢୋକ୍ରା କାରିଗରମାନଙ୍କ ପାଇଁ, ବେଦାନ୍ତ ଆଲୁମିନିୟମ କଳାର ଗ୍ରାମୀଣ ଆକର୍ଷଣ ପ୍ରତି ସତ୍ୟ ରହିବା ସହିତ ଧାତୁ କାଷ୍ଟିଂରେ ନୂତନତ୍ୱ ପ୍ରଚଳନ କରିଥିଲା। ସୌରା ଚିତ୍ରକରମାନଙ୍କ ପାଇଁ, କମ୍ପାନୀ ଡିଜିଟାଲ୍ ଉପକରଣଗୁଡ଼ିକର ପ୍ରବେଶକୁ ସକ୍ଷମ କରିଥିଲା ଏବଂ କାନଭାସ୍ ଏବଂ ରେଶମରୁ ପରିବେଶ ଅନୁକୂଳ ପାଟ ବ୍ୟାଗ୍, ପୋଷାକ ଏବଂ ଏପରିକି ସୁଗନ୍ଧିତ ମହମବତୀ ପର୍ଯ୍ୟନ୍ତ ସେମାନଙ୍କର ମାଧ୍ୟମକୁ ବିବିଧ କରିଥିଲା। କଳାହାଣ୍ଡି କ୍ରାଫ୍ଟ ଲେବଲ୍ ଅଧୀନରେ ଟ୍ରେଣ୍ଡି ଡିଜାଇନ୍, ପ୍ରଦର୍ଶନୀ ଏବଂ ବ୍ରାଣ୍ଡିଂ ଉପରେ କର୍ମଶାଳା ସମ୍ପ୍ରଦାୟକୁ ଆଧୁନିକ ଦର୍ଶକଙ୍କ ପାଇଁ ସେମାନଙ୍କର କାମକୁ ପୁନଃକଳ୍ପନା କରିବାରେ ସାହାଯ୍ୟ କରିଥିଲା।

କଳାହାଣ୍ଡିର କଳାତ୍ମକ ପରିବେଶର ପରିବର୍ତ୍ତନ କୌଣସି ଉଲ୍ଲେଖନୀୟ ବିଷୟ ନୁହେଁ। ୧୫ ଜଣ କଳାକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି ପଦକ୍ଷେପ ଏବେ ସୌରା ଏବଂ ଢୋକ୍ରା କାରିଗରୀରେ ନିୟୋଜିତ ୧୨୦ ଜଣ କଳାକାରଙ୍କୁ ସଶକ୍ତ କରୁଛି। ଏହି ପୁନରୁଦ୍ଧାର ପିଢ଼ିଗତ ଗର୍ବ ଏବଂ ଅଂଶଗ୍ରହଣକୁ ପୁନଃଜୀବିତ କରିଛି। ୨୦୧୮ ରେ ପ୍ରକଳ୍ପ ଆରମ୍ଭ ହେବା ପରଠାରୁ ହାରାହାରି କାରିଗର ଆୟ ୫୦% ରୁ ଅଧିକ ବୃଦ୍ଧି ପାଇଛି। ଆଜି, ଦକ୍ଷ କାରିଗରମାନେ ସକ୍ରିୟ ଭାବରେ ଅନନ୍ୟ ହସ୍ତଶିଳ୍ପ ଉତ୍ପାଦ ଉତ୍ପାଦନ ଏବଂ ବିକ୍ରୟ କରନ୍ତି, ଯେତେବେଳେ ୧୦୦ରୁ ଅଧିକ ସ୍କୁଲ ଛାତ୍ରଛାତ୍ରୀଙ୍କୁ ପରମ୍ପରାକୁ ଆଗକୁ ବହନ କରିବା ପାଇଁ ତାଲିମ ଦିଆଯାଉଛି। ୨୦୨୫ ଆର୍ଥିକ ବର୍ଷରେ ମୋଟ ବିକ୍ରୟ ୨୦ ଲକ୍ଷ ଟଙ୍କା ଛୁଇଁଛି, ଯାହା କାରିଗରମାନଙ୍କୁ ଆର୍ଥିକ ସ୍ୱାଧୀନତା ଆଣିଛି ଏବଂ କାମ ଖୋଜିବାକୁ ପ୍ରବାସୀ ଲୋକଙ୍କୁ ଫେରାଇ ଆଣିଛି। ଆୟର ଏହି ପ୍ରବାହ ଜୀବନର ଗୁଣବତାରେ ସ୍ପଷ୍ଟ ଉନ୍ନତି ଆଣିଛି, ସହିତ ଅଧିକ ଆତ୍ମବିଶ୍ୱାସୀ, ସ୍ୱାବଲମ୍ବୀ ସମ୍ପ୍ରଦାୟ ସୃଷ୍ଟି କରିଛି।

## ଭାରତ ସେବାଶ୍ରମ ସଂଘ ଭୁବନେଶ୍ୱର ଶାଖା ପକ୍ଷରୁ

# ରଥଯାତ୍ରାରେ ସେବାକାର୍ଯ୍ୟ

ଭୁବନେଶ୍ୱର (ସବ୍ୟୁ) : ପୁରୀ ରଥଯାତ୍ରା ଭିଡ ମଧ୍ୟରେ ଭାରତ ସେବାଶ୍ରମ ସଂଘ ଭୁବନେଶ୍ୱର ଶାଖା ତରଫରୁ ହଜାର ହଜାର ଲୋକଙ୍କ ମଧ୍ୟରେ ସ୍ୱାମୀ ଶ୍ରୀ ଜଗନ୍ନାଥାନନ୍ଦଜୀଙ୍କ ନେତୃତ୍ୱରେ ଆମ୍ବୁଲାନ୍ସ ସେବା ତଥା ଗ୍ଲୁକୁଜ ସିଁ ଡି ବିତରଣ ସେବା କରାଯାଇଥିଲା । ଇଂ ବିଜୟ ପ୍ରସାଦ ମହାନ୍ତି, ଦୀପୁ ପ୍ରସାଦ ପଟ୍ଟନାୟକ, ସିହାନ ହରିହର ମହାନ୍ତି, ଧୀରେନ ରଥ, ଏସ୍ ଆର ଚକ୍ରବର୍ତ୍ତି, ବିଚିତ୍ର ସାହୁ, ମନୋରଞ୍ଜନ ମହାନ୍ତି, ସନ୍ତୋଷ ଦାସ,




ସେକ୍ରେଟାରୀ ଓଡିଶା କୁସ୍ତି ମହାସଂଘ, ଆମ୍ବୁଲାନ୍ସ ଡ୍ରାଇଭର ପ୍ରମୋଦ ନାୟକ, ପୁରୀ ଭାରତ ସେବାଶ୍ରମ ସଂଘ ର ସଞ୍ଚାଳକ ସ୍ୱାମୀ ସମ୍ବିଧାନନ୍ଦ ଓ ତିନି ଶହ ସ୍ୱୟଂସେବକଙ୍କ ଦ୍ୱାରା ଦୁଇଦିନ ବ୍ୟାପି ଏହି କାର୍ଯ୍ୟକ୍ରମ କରାଯାଇଥିଲା ।

# କୋଲକାତା ଗଣଦୁଷ୍କର୍ମ ତଥ୍ୟ ଲୁଚାଇବାକୁ ଚେଷ୍ଟା

ନୂଆଦିଲ୍ଲୀ: ଦକ୍ଷିଣ କୋଲକାତା 'ଲଦ କଲେଜ ଛାତ୍ରୀ ଗଣଦୁଷ୍କର୍ମ ଘଟଣାକୁ ନେଇ ଜାତୀୟ ମହିଳା କମିଶନ ଗୁରୁତର ଅଭିଯୋଗ ଆଣିଛନ୍ତି। ମାମଲାରେ ଜାଣିଶୁଣି କିଛି ଲୁଚାଇବାକୁ ଚେଷ୍ଟା କରାଯାଉଛି ବୋଲି କମିଶନ ସଦସ୍ୟା ଅର୍ଚ୍ଚନା ମଜୁମଦାର ଅଭିଯୋଗ କରିଛନ୍ତି। ରବିବାର ତଦନ୍ତ ପାଇଁ ଅର୍ଚ୍ଚନା କଲେଜ୍ ଗସ୍ତ କରିଥିଲେ। ସେଠାରୁ ଫେରିବା ପରେ ସେ ଏଭଳି ଅଭିଯୋଗ ଆଣିଛନ୍ତି। ପୁଲିସ କମିଶନଙ୍କୁ ତଦନ୍ତରେ ସହଯୋଗ କରୁନଥିବା ମଧ୍ୟ ସେ ଅଭିଯୋଗ କରିଛନ୍ତି।

ମଜୁମଦାର କହିଛନ୍ତି " ପୀଡ଼ିତାଙ୍କ ପରିବାର ପ୍ରବଳ ଚାପରେ ଅଛନ୍ତି। ସେମାନେ ଏବେ କେଉଁଠି ରହିଛନ୍ତି ତାହା ପୋଲିସ ଜାଣି ନାହିଁ। ସେମାନେ ଅପରାଧ ଦୃଶ୍ୟର ଭିଡିଓ ରେକର୍ଡ କରିବାକୁ ବାରଣ କରିଥିଲେ। ଆଇନ ଅନୁଯାୟୀ, କମିଶନ ଭିଡିଓ କରିପାରିବେ, ଯାଞ୍ଚ କରିପାରିବେ ଏବଂ ମାମଲାର ତଦନ୍ତ କରିପାରିବେ।ଦ୍ଧ ତେବେ ଏନେଇ ସେ ସୋମବାର ଦିଲ୍ଲୀରେ କମିଶନ ଅଧ୍ୟକ୍ଷଙ୍କୁ ଭେଟି ରିପୋର୍ଟ ଦାଖଲ କରିବେ ବୋଲି କହିଛନ୍ତି।



କୋଲକାତା ଲ କଲେଜ ଦୁଷ୍କର୍ମ ମାମଲା ବର୍ଷେ ତଳେ ହୋଇଥିବା କୁଖ୍ୟାତ ଆରଜି କର ହସ୍ପିଟାଲ୍ ଦୁଷ୍କର୍ମ ଘଟଣାକୁ ମନେ ପକାଇ ଦେଇଛି। ୨୦୨୪ ଅଗଷ୍ଟ ୮ ଏବଂ ୯ ମଧ୍ୟ ରାତିରେ ଆରଜି କର ମେଡିକାଲ କଲେଜ ଏବଂ ହସ୍ପିଟାଲ ଭିତରେ ଜଣେ ଦ୍ୱିତୀୟ ବର୍ଷର ପୋଷ୍ଟ ଗ୍ରାଜୁଏଟ୍ ଡାକ୍ତରୀ ଛାତ୍ରୀଙ୍କୁ ଦୁଷ୍କର୍ମ କରି ହତ୍ୟା କରାଯାଇଥିଲା। ଯାହାକୁ ନେଇ ରାଜ୍ୟ ଓ ଦେଶରେ ତୀବ୍ର ଆନ୍ଦୋଳନ ତେଜିଥିଲା।

ତେବେ ଲ କଲେଜ ମାମଲାରେ ପୁଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ଘଟଣାରେ ମୁଖ୍ୟ ଅଭିଯୁକ୍ତ ମନୋଜିତ ମିଶ୍ର - ଜଣେ ତୃଣମୂଳ କଂଗ୍ରେସ ଛାତ୍ର ନେତା। ସେ ମଧ୍ୟ ଗତବର୍ଷ ଆରଜି କର ଘଟଣାରେ ସୋସିଆଲ ମିଡିଆ ଆକାଉଣ୍ଟରେ "ତୁରନ୍ତ ନ୍ୟାୟ" ଏବଂ "ଦୁଷ୍କର୍ମକାରୀଙ୍କୁ ମୃତ୍ୟୁଦଣ୍ଡ" ପାଇଁ ଆହ୍ୱାନ ଦେଇଥିଲା। ହେଲେ ଏବେ ସେ ନିଜ ଏଭଳି କାଣ୍ଡ ଘଟାଇଥିବା ଅଭିଯୋଗ ହୋଇଛି।

ଅନ୍ୟପଟେ କୋଲକାତା ପୋଲିସ ଲଦ କଲେଜ ଗଣଦୁଷ୍କର୍ମ ମାମଲାର ତଦନ୍ତ କରୁଥିବା ସ୍ୱତନ୍ତ୍ର ତଦନ୍ତ ଦଳରେ ସଦସ୍ୟଙ୍କ ସଂଖ୍ୟା ୯କୁ ବୃଦ୍ଧି କରିଛି। ମାମଲାର ଗୁରୁତ୍ୱକୁ ବିଚାର କରି ଏବଂ ସମୟସୀମା ମଧ୍ୟରେ ତଦନ୍ତ ଶେଷ କରିବା ପାଇଁ, ଏସଆଇଟିରେ ୪ ଜଣ ଅତିରିକ୍ତ ସଦସ୍ୟଙ୍କୁ ନିଯୁକ୍ତି ଦେଇଛି। ମାମଲାରେ ସିସିଟିଭି ଫୁଟେଜ୍ ଓ ଡାକ୍ତରୀ ମାଇନା ରିପୋର୍ଟ ପୀଡ଼ିତାଙ୍କ ଅଭିଯୋଗକୁ ପ୍ରମାଣିତ କରିଛି। ସେପଟେ ମୁଖ୍ୟ ଅଭିଯୁକ୍ତ ମିଶ୍ର ବିରୁଦ୍ଧରେ ଏକ ହତ୍ୟା ଅଭିଯୋଗ ମଧ୍ୟ ରହିଛି। ମୁଖ୍ୟ ଅଭିଯୁକ୍ତ ମନୋଜିତ ମିଶ୍ରଙ୍କ ପୂର୍ବତନ ବନ୍ଧୁ ଏବଂ ସହପାଠୀ ତିତସ ମାନ୍ନା ଅଭିଯୋଗ କରିଛନ୍ତି ଯେ ମିଶ୍ର ବିରୁଦ୍ଧରେ ୨୦୧୩ ମସିହାରେ ଏକ ହତ୍ୟା ଉଦ୍ୟମରେ ସମ୍ପୃକ୍ତ ଥିବା ଅଭିଯୋଗରେ କାଲିଘାଟ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ଏହାପରେ ସେ ଘଟଣାସ୍ଥଳରୁ ନିଖୋଜ ହୋଇଯାଇଥିଲେ। କିନ୍ତୁ ୨୦୧୭ ମସିହାରେ ସେ କଲେଜକୁ ଫେରି ଆସିଥିଲା।

# ଉତ୍ତରାଖଣ୍ଡରେ ବର୍ଷା ତାଣ୍ଡବ, ୯ ଶ୍ରମିକ ନିଖୋଜ

## ୨୪ ଘଣ୍ଟା ଚାରିଧାମ ଯାତ୍ରା ବନ୍ଦ

ନୂଆଦିଲ୍ଲୀ : ପାହାଡିଆ ରାଜ୍ୟରେ ଲଗାତାର ବର୍ଷା ଯୋଗୁଁ ବିନାଶ ଦେଖାଯାଉଛି। ପ୍ରଥମେ ହିମାଚଳର କାଙ୍ଗଡ଼ା ଏବଂ କୁଲୁ, ଏବେ ଉତ୍ତରାଖଣ୍ଡର ଉତ୍ତରକାଶୀରେ ବର୍ଷା ଏକ ବିପର୍ଯ୍ୟୟ ପାଲଟିଛି। ଉତ୍ତରକାଶୀର ବାରକୋଟ-ଯମୁନୋତ୍ରୀ ରାସ୍ତାରେ ବାଲିଗଡ଼ରେ ବାଦଲ ଫଟା ବର୍ଷା ହୋଇଛି। ଯାହା ବିପୁଳ କ୍ଷତି କରିଛି। ପାଣିର ଦ୍ରୁତ ପ୍ରବାହ ଯୋଗୁଁ ଏଠାରେ ଏକ ନିର୍ମାଣାଧୀନ ହୋଟେଲ ସ୍ଥାନରେ କାମ କରୁଥିବା ୮ ରୁ ୯ ଜଣ ଶ୍ରମିକ ନିଖୋଜ ହୋଇଗଲେ।

ସୂଚନା ପାଇବା ମାତ୍ରେ ଏନଡିଆରଏଫ ଟିମ୍ ଘଟଣାସ୍ଥଳରେ ପହଞ୍ଚି ସନ୍ଧାନ କାର୍ଯ୍ୟ ଆରମ୍ଭ କରିଛନ୍ତି। କୁହାଯାଉଛି ଯେ ଏଠାରେ ଦୁଇ ଦିନ ଧରି ଲଗାତାର ବର୍ଷା ହେଉଥିଲା ଏବଂ ଶ୍ରମିକମାନେ ଏଠାରେ ତମ୍ବୁ ଲଗାଇ କାମ କରୁଥିଲେ। କିନ୍ତୁ ରବିବାର ସକାଳ ଠାରୁ ସେମାନେ ନିଖୋଜ ଅଛନ୍ତି। ବାଦଲଫଟା ବର୍ଷା ଯୋଗୁଁ ଯମୁନୋତ୍ରୀ ରୁଟ୍ ମଧ୍ୟ ପ୍ରଭାବିତ ହୋଇଛି। ସୂଚନା ଦେଇ ଉତ୍ତରକାଶୀ ଜିଲ୍ଲା ମାଜିଷ୍ଟ୍ରେଟ୍ କହିଛନ୍ତି ଯେ ଏସଡିଆରଏଫ ଏବଂ ଏନଡିଆରଏଫ ଟିମ୍କୁ ଘଟଣାସ୍ଥଳକୁ ପଠାଯାଇଛି ଏବଂ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଛି। ଯମୁନୋତ୍ରୀ ଜାତୀୟ ରାଜପଥ ସିଲାଇ ନିକଟରେ ଦୁଇ-ତିନିଟି ସ୍ଥାନରେ ରାସ୍ତା ଅବରୋଧ କରାଯାଇଥିଲା। ଏ ସମ୍ପର୍କରେ ସୂଚନା ଏନଏଚ୍ ବାରକୋଟକୁ ଦିଆଯାଇଛି।

ଏହା ବ୍ୟତୀତ, ଅନେକ ସ୍ଥାନରେ ଚାଷ ଜମି କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ହେଲେ ଆଶ୍ୱସ୍ତିର କଥା ହେଉଛି ଯେ କୌଣସି ଜୀବନହାନିର ସୂଚନା ନାହିଁ। ପାଣିପାଗ ବିଭାଗ ଋଷିକେଶ, ରୁରକି, ରାଣୀଖେତ, ଡେହରାଡୁନ, ଉତ୍ତରକାଶୀ ସମେତ ରାଜ୍ୟର ଅନେକ ଜିଲ୍ଲାରେ ଆଗାମୀ ୫ ଦିନ ପାଇଁ ପ୍ରବଳ ବର୍ଷା ହେବାର ସତର୍କତା ଜାରି କରିଛି।

ତୀର୍ଥଯାତ୍ରା ୨୪ ଘଣ୍ଟା ପାଇଁ ସ୍ଥଗିତ। ଉତ୍ତରାଖଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ହୋଇଥିବା ବିପର୍ଯ୍ୟୟ ପରେ, ଏବେ ଚାରିଧାମ ଯାତ୍ରାକୁ ମଧ୍ୟ ଆଗାମୀ ୨୪ ଘଣ୍ଟା ପାଇଁ ସ୍ଥଗିତ ରଖାଯାଇଛି। ଏପରି ପରିସ୍ଥିତିରେ, ଋଷିକେଶରେ ପହଞ୍ଚିଥିବା ତୀର୍ଥଯାତ୍ରୀମାନଙ୍କୁ ସେଠାରେ ଅଟକାଯାଉଛି। ଏହା ସହିତ, ଆଗକୁ ଯାଇଥିବା ତୀର୍ଥଯାତ୍ରୀମାନଙ୍କୁ ମଧ୍ୟ ସୁରକ୍ଷିତ ସ୍ଥାନରେ ଅଟକାଯାଉଛି।

# ପ୍ରଥମ ଥର ମୋବାଇରେ ଇ ଭୋଟିଂ

ପାଟନା: ବିଧାନସଭା ନିର୍ବାଚନ ପୂର୍ବରୁ ବିହାରରେ ମତଦାନର ପ୍ରକାର ବଦଳି ଯାଇଛି। ବିହାର ଏକ ଐତିହାସିକ ପଦକ୍ଷେପ ନେଇ ଭାରତରେ ପ୍ରଥମ ଥର ପାଳିକା ନିର୍ବାଚନରେ ମୋବାଇଲ ଫୋନ ଆଧାରିତ ଇ-ଭୋଟିଂ ସୁବିଧା ଆରମ୍ଭ କରିଛି।

୨୮ ଜୁନ ଶନିବାର ହୋଇଥିବା ଏହି ଉପ ନିର୍ବାଚନରେ ପୂର୍ବ ଚମ୍ପାରଣ ଜିଲ୍ଲାର ବିଭା କୁମାରୀ ମୋବାଇଲ ଫୋନ ମାଧ୍ୟମରେ ଭୋଟ ଦେବାରେ ଦେଶର ପ୍ରଥମ ମହିଳା ଭୋଟର ପାଲଟିଛନ୍ତି।

ଏହି ଉପଲବ୍ଧିକୁ ରାଜ୍ୟ ନିର୍ବାଚନ ଆୟୋଗ ସୋସିଆଲ ମିଡିଆ ଏକ୍ସ ରେ ସେୟାର କରି ଏହାକୁ 'ସୁବିଧା, ସୁରକ୍ଷା ସଶକ୍ତ ଭାଗିଦାରୀଦର ପ୍ରତୀକ ବୋଲି କହିଛନ୍ତି।

ରାଜ୍ୟ ନିର୍ବାଚନ କମିଶନ ଦୀପକ ପ୍ରସାଦ ସୂଚନା ଦେଇ କହିଛନ୍ତି ଯେ ମୋବାଇଲ ଆଧାରିତ ଇ-ଭୋଟିଂ ନିମନ୍ତେ ପାତ୍ର ଭୋଟରଙ୍କ ମଧ୍ୟରୁ ୭୦.୨୦% ଏହି ନୂଆ ପ୍ରଣାଳୀ ମାଧ୍ୟମରେ ଭୋଟ ଦେଇଛନ୍ତି। ଏହି ସମୟରେ ୫୪.୬୩% ଭୋଟର ପାରମ୍ପରିକ ମତଦାନ ପ୍ରକ୍ରିୟାରେ ନିଜ ମତାଧିକାର ସାବ୍ୟସ୍ତ କରିଛନ୍ତି।

ସେ କହିଛନ୍ତି ଇ-ଭୋଟିଂ ବିଶେଷ କରି ସେହି ଭୋଟରଙ୍କ ନିମନ୍ତେ ଲାଭଜନକ ଯେଉଁମାନେ କୌଣସି କାରଣରୁ ଭୋଟ ଦାନ କେନ୍ଦ୍ର ପର୍ଯ୍ୟନ୍ତ ପହଞ୍ଚି ପାରିବେ ନାହିଁ। ଯେପରିକି ବୟସ୍କ, ଦିବ୍ୟାଙ୍ଗ, ଗର୍ଭବତୀ ଓ ପ୍ରବାସୀ ତେବେ ଏହି ସୁବିଧା କେବଳ ସେହି ଭୋଟରଙ୍କୁ ଦିଆଯାଇଛି ଯେଉଁମାନଙ୍କ ନାମ ପ୍ରଥମରୁ ଭୋଟର ଲିଷ୍ଟରେ ଥିଲା। ୬ଟି ପଞ୍ଚାୟତ ଓ ନଗର ପାଳିକାରେ ହୋଇଥିବା ଉପନିର୍ବାଚନରେ ମୋଟ ୬୨.୪୧% ମତଦାନ ହୋଇଛି। ସକାଳ ୭ଟାରୁ ଅପରାହ୍ଣ ୫ଟା ପର୍ଯ୍ୟନ୍ତ ମୋଟ ୪୮୯ଟି ଭୋଟ ଗ୍ରହଣ କେନ୍ଦ୍ରରେ ଏହି ନିର୍ବାଚନ ସମ୍ପନ୍ନ ହୋଇଛି।

# ଦିଲ୍ଲୀରେ ହେବ କ୍ଲାଉଡ ସିଡିଂ ଟ୍ରାୟଲ

ନୂଆଦିଲ୍ଲୀ: ରାଜଧାନୀ ଦିଲ୍ଲୀରେ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ଲାଗି ପ୍ରଥମ ଥର କ୍ଲାଉଡ ସିଡିଂ ବା କୃତ୍ରିମ ବର୍ଷା କରାଯିବ। ଦିଲ୍ଲୀ ପରିବେଶ ମନ୍ତ୍ରୀ ମନଜିନ୍ଦର ସିଂହ ସିରସା ଏ ନେଇ ସୂଚନା ଦେଇଛନ୍ତି। ଏହି ପ୍ରକ୍ରିୟା ୪ରୁ ୧୧ ଜୁଲାଇ ମଧ୍ୟରେ ପାଗ ଅନୁକୂଳତା ଆଧାରରେ କରାଯିବ। ସିରସାଙ୍କ ଅନୁସାରେ ଏହି ଯୋଜନା ପାଇଁ ଆଇଆଇଟି କାନପୁର ଓ ଆଇଏମଡି ପୁଣେ ମିଳିତ ବୈଷୟିକ ସହଯୋଗ କରିବେ।

ସିରସା କହିଛନ୍ତି ଜୁଲାଇ ୩ ତାରିଖ ପର୍ଯ୍ୟନ୍ତ ପାଗ ଅନୁକୂଳ ନାହିଁ। ତେବେ ୪ରୁ ୧୧ ଜୁଲାଇ ମଧ୍ୟରେ ୫ଟି ଉଡାଣ ଦ୍ୱାରା କ୍ଲାଉଡସିଡିଂ ପ୍ରସ୍ତାବିତ ହୋଇଛି। ପ୍ରତ୍ୟେକ ଥର ୯୦ ମିନିଟ୍ ପର୍ଯ୍ୟନ୍ତ କ୍ଲାଉଡ ସିଡିଂ କରାଯିବା ଓ ଏଥିରେ ମୋଟ ୧୦୦ ବର୍ଗ କିଲୋମିଟର କ୍ଷେତ୍ରକୁ କଭର କରାଯିବ। ଏହି ଯୋଜନାକୁ ସଫଳ କରିବା ପାଇଁ ବେ ସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ)ଙ୍କୁ ପ୍ରସ୍ତାବ ଦିଆଯାଇଛି। ଯେଉଁଥିରେ ପ୍ରତିକୂଳ ପାଗରେ ବିକଳ୍ପ ତିଥି ପାଇଁ ନିବେଦନ କରାଯାଇଛି।



ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ନେତୃତ୍ୱରେ ପରିବେଶ ବିଭାଗ ଦ୍ୱାରା ଏହି ପ୍ରୟୋଗ କରାଯିବ। ଦିଲ୍ଲୀ ବାସିନ୍ଦାଙ୍କୁ ନିଶ୍ୱାସରେ ପ୍ରଦୂଷଣ ମୁକ୍ତ ସ୍ୱଚ୍ଛ ବାୟୁ ଯୋଗାଇ ଦେବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଏହି ପ୍ରକଳ୍ପରେ ଯେଉଁ କ୍ଲାଉଡ ସିଡିଂ ଫର୍ମୁଲା ପ୍ରୟୋଗ ହେବ ତାହା ଆଇଆଇଟି କାନପୁର ଦ୍ୱାରା ବିକଶିତ କରାଯାଇଛି। ଏଥିରେ ସିଲଭର ଆୟୋଡାଇଜଡ ନାନୋ କଣିକା, ଆୟୋଡିନ ଯୁକ୍ତ ଲୁଣ ଓ ସନ୍ଧେବ ଲବଣ ଆଦି ଉପଯୋଗ କରି ବାଦଲରେ ପାଣି ସୃଷ୍ଟି କରି ବର୍ଷା କରାଇବାରେ ସହାୟକ ହେବ।

ପ୍ରସ୍ତାବ ଅନୁସାରେ ଉତ୍ତର-ପଶ୍ଚିମ ଓ ବାହ୍ୟ ଦିଲ୍ଲୀର କମ୍ ଭିଡଭାଡ ଅଞ୍ଚଳରେ ବାୟୁକ୍ଷେତ୍ରରେ ୯୦ ମିନିଟରେ ୫ଟି ଉଡାଣ ସଞ୍ଚାଳନ କରାଯିବ। ଏହି ଉଡାଣ ସମୟରେ ସ୍ୱତନ୍ତ୍ର ଫ୍ଲେୟାର ସିଷ୍ଟମ ଦ୍ୱାରା ରସାୟନର ମିଶ୍ରଣ ଛଡାଯିବ। ଏହି ପ୍ରକଳ୍ପକୁ ଅଧିକାରୀକ ରୂପେ ଟେକ୍ନୋଲଜି ଡେମନଷ୍ଟ୍ରେସନ ଆଣ୍ଡ ଇଭାଲ୍ୟୁଏସନ ଅଫ କ୍ଲାଉଡ ସିଡିଂ ଆଜ ଆନ ଅଲ୍ଟରନେଟିଭ ଫର ଦିଲ୍ଲୀ ଏନସିଆର ପଲ୍ୟୁସନ ଭାବେ ନାମିତ କରାଯାଇଛି। ଏହି ପୁରା ଟ୍ରାୟଲ ନିମନ୍ତେ ଅନୁନ୍ୟ ୩.୨୧ କୋଟି ଟଙ୍କା ବ୍ୟୟ ହେବ। ତେବେ ଏହି ପ୍ରୟୋଗର ସଫଳତା ପାଗର ଅନୁକୂଳତା ଉପରେ ନିର୍ଭର କରେ।

# ସମୟ ପୂର୍ବରୁ ସାରା ଦେଶରେ ମୌସୁମୀ

ନୂଆଦିଲ୍ଲୀ : ଏ ବର୍ଷ ଧାର୍ଯ୍ୟ ସମୟର ପ୍ରାୟ ୯ ଦିନ ପୂର୍ବରୁ ଦକ୍ଷିଣ ପଶ୍ଚିମ ମୌସୁମୀ ସାରା ଦେଶରେ ପହଞ୍ଚିଛି ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ସ୍ପଷ୍ଟ କରିଛି। ପ୍ରତିବର୍ଷ ସାଧାରଣତଃ ଜୁଲାଇ ୮ରେ ସାରାଦେଶରେ ମୌସୁମୀ ପହଞ୍ଚିଥାଏ। ଏବର୍ଷ ମଧ୍ୟ ମୌସୁମୀ ପ୍ରାୟ ଏକ ସପ୍ତାହ ପୂର୍ବରୁ କେରଳ ଛୁଇଁଥିଲା। ଆଇଏମଡି ଦ୍ୱାରା ଦିଆଯାଇଥିବା ସୂଚନା ଅନୁଯାୟୀ, ଦକ୍ଷିଣ-ପଶ୍ଚିମ ମୌସୁମୀ ରବିବାର ସୁଦ୍ଧା ସମଗ୍ର ଦେଶକୁ ଆଚ୍ଛାଦିତ କରିସାରିଛି, ଯେତେବେଳେ କି ଏଥିପାଇଁ ହାରାହାରି ତାରିଖ ୮ ଜୁଲାଇ ରହିଥାଏ। ଅର୍ଥାତ ଏବର୍ଷ ସ୍ୱାଭାବିକ ଠାରୁ ୯ ଦିନ ପୂର୍ବରୁ ମୌସୁମୀ ସାରା ଦେଶକୁ ଆଚ୍ଛାଦିତ କରିଛି। ଏହା ସହିତ, ଆଗାମୀ ୯ ଦିନ ପାଇଁ ଉତ୍ତର-ପଶ୍ଚିମ, ମଧ୍ୟ, ପୂର୍ବ ଏବଂ ଉତ୍ତର-ପୂର୍ବ ଭାରତର ଅନେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ମଧ୍ୟ ସମ୍ଭାବନା ଅଛି ଏବଂ ପାଣିପାଗ ବିଭାଗ ଝାଡ଼ଖଣ୍ଡ (ଜୁନ୍ ୨୯ ଏବଂ ୩୦) ଏବଂ ଓଡ଼ିଶାର କିଛି ସ୍ଥାନରେ (ଜୁନ୍ ୨୯) ଅତ୍ୟନ୍ତ ପ୍ରବଳ ବର୍ଷା (୨୦ ସେମି / ୨୪ ଘଣ୍ଟା) ହେବାର ସତର୍କତା ମଧ୍ୟ ଜାରି କରିଛି। ଏବର୍ଷ ଓଡ଼ିଶାରେ ବି ଧାର୍ଯ୍ୟ ସମୟର ଯଥେଷ୍ଟ ପୂର୍ବରୁ (ମେ ୨୭ରେ) ମୌସୁମୀ ପହଞ୍ଚିଥିଲା। ତେବେ ଓଡ଼ିଶାରେ ମୌସୁମୀ ଛୁଇଁବା ପରେ ବେଶ କିଛିଦିନ ଧରି ନିଷ୍କ୍ରିୟ ରହିଥିଲା ଓ ରଜ ବେଳକୁ ପୁଣି ସକ୍ରିୟ ହୋଇଥିଲା।



ଲଣ୍ଡନରେ ପ୍ରବାସୀ ଓଡିଆଙ୍କ ରଥଯାତ୍ରା

# ବଜାୟ ରହିଛି ଇରାନର ପରମାଣୁ କ୍ଷମତା : ଆଇଏଇଏ

ଭିଏନା : ଜାତିସଂଘର ପରମାଣୁ ନିରୀକ୍ଷଣ ସଂସ୍ଥାର ମୁଖ୍ୟ ରାଫେଲ ଗ୍ରୋସି ରବିବାର କହିଛନ୍ତି ଯେ ଇରାନ କିଛି ମାସ ମଧ୍ୟରେ ଶୁଦ୍ଧ ବା ଏନରିଚଡ୍ ୟୁରାନିୟମ ଉତ୍ପାଦନ କରିପାରିବ।

ଏହାପରେ ତେହେରାନର ପରମାଣୁ ସ୍ଥାନଗୁଡ଼ିକୁ ଧ୍ୱଂସ କରିବାରେ ଆମେରିକାର ଆକ୍ରମଣ ପ୍ରଭାବଶାଳୀ ହୋଇଛି କି ନାହିଁ ସେ ବିଷୟରେ ସନ୍ଦେହ ସୃଷ୍ଟି କରିଛି। ଅର୍ଥାତ୍ ଉଭୟ ଇସ୍ରାଏଲ ଓ ଆମେରିକା ଦାବି କରୁଛନ୍ତି ଯେ ଇରାନର ପରମାଣୁ କେନ୍ଦ୍ରଗୁଡ଼ିକୁ ନଷ୍ଟ କରାଯାଇଛି, କିନ୍ତୁ ବାସ୍ତବିକତା ତାହା ହୋଇନପାରେ ବୋଲି ଗ୍ରୋସି ସଂକେତ ଦେଇଛନ୍ତି।

ରିପୋର୍ଟ ଅନୁଯାୟୀ, ଆମେରିକୀୟ ଅଧିକାରୀମାନେ ପୂର୍ବରୁ ଦାବି କରିଥିଲେ ଯେ ସେମାନଙ୍କର ଆକ୍ରମଣ ଇରାନର ପ୍ରମୁଖ ପରମାଣୁ ସ୍ଥାନଗୁଡ଼ିକୁ ଧ୍ୱଂସ କରିଛି, ଯଦିଓ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶୁକ୍ରବାର କହିଛନ୍ତି ଯେ ଯଦି ତେହେରାନ ଚିନ୍ତାଜନକ ସ୍ତରକୁ ୟୁରାନିୟମ ସମୃଦ୍ଧ କରେ ତେବେ ସେ ପୁଣି ଥରେ ଇରାନ ଉପରେ ବୋମା ପକାଇବାକୁ ବିଚାର କରିବେ।

# ଡ୍ରୋନ ମାଡ଼ରୁ ଅଳ୍ପକେ ବର୍ତ୍ତିଲେ ତେଜସ୍ୱୀ

ପାଟନା: ବିହାର ରାଜଧାନୀ ପାଟନା ଗାନ୍ଧି ମୈଦାନରେ ରବିବାର ତେଜସ୍ୱୀ ଯାଦବଙ୍କ ରାଲି କାଳରେ ଘଟିଛି ଅଘଟଣ। ମଞ୍ଚରେ ତେଜସ୍ୱୀ ଭାଷଣ ଦେଉଥିବା ବେଳେ ଏକ ଡ୍ରୋନ ମଞ୍ଚ ନିକଟକୁ ପହଞ୍ଚି ଯାଇଥିଲା। ଡ୍ରୋନ ତେଜସ୍ୱୀଙ୍କ ଦେହରେ ମାଡ଼ ହେବା ପୂର୍ବରୁ ନଇଁ ପଡି ତେଜସ୍ୱୀ ଆତ୍ମରକ୍ଷା କରିଛନ୍ତି। ଘଟଣାର ଭିଡିଓ ଏବେ ସୋସିଆଲ ମିଡିଆରେ ଅପଲୋଡ ହୋଇଥିବା ବେଳେ ତାହା ଭାଇରାଲ ହୋଇଯାଇଛି। ଅନ୍ୟପକ୍ଷରେ ତେଜସ୍ୱୀଙ୍କ ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନବାଚୀ ଲାଗିଛି।



ଗାନ୍ଧି ମୈଦାନରେ ବିରୋଧୀ ଦଳ ନେତା ଭାବେ ଏକ ବିଶାଳ ଜନସମାବେଶକୁ ସମ୍ବୋଧିତ କରୁଥିବା ବେଳେ ଏହି ଘଟଣା ଘଟିଛି। ତେଜସ୍ୱୀ ମଞ୍ଚରେ ଭାଷଣ ଦେବା ଆରମ୍ଭ କରିବାମାତ୍ରେ ଏକ ଡ୍ରୋନ ଦ୍ରୁତ ବେଗରେ ମଞ୍ଚ ଆଡକୁ ମାଡ଼ି ଆସିବା ସହ ଫୁଲରେ ସଜା ହୋଇଥିବା ପୋଡିୟମ ସହ ଧକ୍କା ହୋଇଯାଇଥିଲା। ତେଜସ୍ୱୀ ତୁରନ୍ତ ପ୍ରତିକ୍ରିୟା ଦେବା ସହିତ ନଇଁ ପଡି ନିଜକୁ ରକ୍ଷା କରିଥିଲେ। ଏହି ଘଟଣା ଯୋଗୁ ତେଜସ୍ୱୀ କିଛି ସମୟ ଅଟକି ଯାଇଥିଲେ ଓ ପୁଣି ଭାଷଣ ଆରମ୍ଭ କରିଥିଲେ। ତେବେ ଏହି ଡ୍ରୋନ ଘଟଣା କିଛି ସମୟ ଲାଗି ମଞ୍ଚରେ ଉପସ୍ଥିତ ନେତା ଓ ସୁରକ୍ଷା କର୍ମୀଙ୍କୁ ଚିନ୍ତାରେ ପକାଇ ଦେଇଥିଲା। ପୋଲିସ ଅନୁସାରେ ଏହି ଡ୍ରୋନକୁ ରାଲିର ଭିଡିଓ ରେକର୍ଡିଂ ପାଇଁ ମୁତୟନ କରାଯାଇଥିଲା। ତେବେ ଟେକିନିକ୍ କାରଣରୁ ଡ୍ରୋନ ଟ୍ରାକ୍ ରୁ ଅନ୍ୟ ଆଡେ ଉଡିଯାଇଥିଲା। ସୁରକ୍ଷା ଟିମ୍ ତୁରନ୍ତ ଡ୍ରୋନକୁ ଜବତ କରିଛନ୍ତି। ମାମଲାର ଏବେ ତଦନ୍ତ କରାଯାଉଛି। ଚଳିତ ବର୍ଷ ଶେଷରେ ବିହାରରେ ବିଧାନସଭା ନିର୍ବାଚନ। ଏଣୁ ରାଜନୈତିକ ନେତାଙ୍କ ରାଲିରେ ଏପରି ଘଟଣାସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନ ଚିହ୍ନ ଲଗାଇବା ସ୍ୱଭାବିକ। ସୋସିଆଲ ମିଡିଆରେ ମଧ୍ୟ ଲୋକେ ଏ ନେଇ ଚିନ୍ତା ବ୍ୟକ୍ତ କରୁଛନ୍ତି। କିଛି ୟୁଜର ଏକ ବୈଷୟିକ ତ୍ରୁଟି ଥିଲା ନା ବଡ଼ ଅବହେଳା ସେ ନେଇ ପ୍ରଶ୍ନ ଉଠାଇଛନ୍ତି।

# ମୁଖ୍ୟମନ୍ତ୍ରୀ ହେବେ ଡିକେ ଶିବକୁମାର!

ନୂଆଦିଲ୍ଲୀ: କର୍ଣ୍ଣାଟକର କଂଗ୍ରେସ ବିଧାୟକ ଏଚ୍.ଏ. ଇକବାଲ ହୁସେନ ଦାବି କରିଛନ୍ତି ଯେ ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାରଙ୍କୁ ଆଗାମୀ ଦୁଇରୁ ତିନି ମାସ ମଧ୍ୟରେ ରାଜ୍ୟର ମୁଖ୍ୟମନ୍ତ୍ରୀ ହେବାର ସୁଯୋଗ ମିଳିପାରେ। ଶିବକୁମାରଙ୍କ ନିକଟତର ବୋଲି ବିବେଚନା କରାଯାଉଥିବା ବିଧାୟକଙ୍କ ମନ୍ତବ୍ୟ ଏହି ବର୍ଷ ଶେଷ ଭାଗରେ କର୍ଣ୍ଣାଟକରେ ନେତୃତ୍ୱ ପରିବର୍ତ୍ତନ ହେବାର କଳ୍ପନାଜଳ୍ପନା ମଧ୍ୟରେ ଆସିଛି। ସମବାୟ ମନ୍ତ୍ରୀ କେ.ଏନ୍. ରାଜନ୍ନାଙ୍କ ସାମ୍ପ୍ରତିକ ବୟାନ ପରେ ଆଲୋଚନା ପୁଣି ଆରମ୍ଭ ହୋଇଥିଲା, ଯାହା ସେପ୍ଟେମ୍ବର ପରେ ରାଜ୍ୟରେ ଏକ ବିପ୍ଳବୀ ରାଜନୈତିକ ପରିବର୍ତ୍ତନର ସଙ୍କେତ ଦେଇଥିଲା।

ସେ କହିଥିଲେ ଯେ ଏହି ସରକାର କ୍ଷମତାକୁ ଆସିବା ପୂର୍ବରୁ ଆମର (କଂଗ୍ରେସର) ଶକ୍ତି କଦଣ ଥିଲା ତାହା ଆପଣମାନେ ସମସ୍ତେ ଜାଣନ୍ତି। ପିଟିଆଇ ଅନୁଯାୟୀ, କଂଗ୍ରେସ ବିଧାୟକ କହିଛନ୍ତି ଯେ ଏହି ବିଜୟ ହାସଲ କରିବା ପାଇଁ କିଏ ସଂଘର୍ଷ କରିଛି ଏବଂ କିଏ ଝାଳ ବୁହାଇଛି ତାହା ସମସ୍ତେ ଜାଣନ୍ତି। ତାଙ୍କର (ଶିବକୁମାରଙ୍କ) ରଣନୀତି ଏବଂ କାର୍ଯ୍ୟକ୍ରମ ଏବେ ଇତିହାସ। ରାମନଗରରେ ସାମ୍ବାଦିକମାନେ ଯେତେବେଳେ ହୁସେନଙ୍କୁ ପଚରାଯାଇଥିଲେ ଯେ ଶିବକୁମାରଙ୍କ ମୁଖ୍ୟମନ୍ତ୍ରୀ ହେବାର ସୁଯୋଗ ଅଛି କି ନାହିଁ, ସେ କହିଥିଲେ ଯେ ମୁଁ କଳ୍ପନାଜଳ୍ପନାରେ ବିଶ୍ୱାସ କରେ ନାହିଁ। ଆମେ ନିଶ୍ଚିତ ଯେ ହାଇକମାଣ୍ଡ ପରିସ୍ଥିତି ବିଷୟରେ ଅବଗତ ଅଛନ୍ତି ଏବଂ ତାଙ୍କୁ ସୁଯୋଗ ଦେବା ପାଇଁ ସଠିକ୍ ସମୟରେ ସଠିକ୍ ନିଷ୍ପତ୍ତି ନେବେ।

ଯେତେବେଳେ କଂଗ୍ରେସ ବିଧାୟକ ଇକବାଲ ହୁସେନଙ୍କୁ ପଚରାଗଲା ଯେ ଡିକେ ଶିବକୁମାର ଏହି ବର୍ଷ ମୁଖ୍ୟମନ୍ତ୍ରୀ ହେବେ କି, ହୁସେନ ହଁ ବୋଲି ଉତ୍ତର ଦେଇଥିଲେ। ସେ କହିଥିଲେ ଯେ ଦୁଇରୁ ତିନି ମାସ ମଧ୍ୟରେ ନିଷ୍ପତ୍ତି ନିଆଯିବ। ଅନ୍ୟପଟେ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କ ପୁଅ ଏବଂ କଂଗ୍ରେସ ଏମ୍ଏଲସି ଯତୀନ୍ଦ୍ର ସିଦ୍ଧରମୈୟା ମୁଖ୍ୟମନ୍ତ୍ରୀ ପରିବର୍ତ୍ତନକୁ କଳ୍ପନାଜଳ୍ପନା ବୋଲି କହି ଖାରଜ କରିବା ଉପରେ, ହୁସେନ କହିଛନ୍ତି ଯେ କଂଗ୍ରେସ ହାଇକମାଣ୍ଡ ୨୦୨୩ ବିଧାନସଭା ନିର୍ବାଚନ ପରେ ସରକାର ଗଠନ କରିବାକୁ ନିଷ୍ପତ୍ତି ନେଇଥିଲେ, ଆମେ ସମସ୍ତେ ସେତେବେଳେ ଦିଲ୍ଲୀରେ ଏକାଠି ଥିଲୁ। ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ ଏବଂ ମଲ୍ଲିକାର୍ଜୁନ ଖଡ଼ଗେ ନିଷ୍ପତ୍ତି ନେଇଥିଲେ। ସମସ୍ତେ ଏହା ଜାଣନ୍ତି ଏବଂ ସେମାନେ ପରବର୍ତ୍ତୀ ନିଷ୍ପତ୍ତି ମଧ୍ୟ ନେବେ, ସେପର୍ଯ୍ୟନ୍ତ ଆମକୁ ଅପେକ୍ଷା କରିବାକୁ ପଡିବ।

# ଜୁଲାଇ ୩ ରୁ ଅମରନାଥ ଯାତ୍ରା

ମୁମ୍ବାଇ: ଆସନ୍ତା ଜୁଲାଇ ୩ ତାରିଖରୁ ଆରମ୍ଭ ହେବାକୁ ଯାଉଛି ବାବା ଅମରନାଥଙ୍କ ଯାତ୍ରା। ଏଥିପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ସରିଛି। ଏବେ ଜମ୍ମୁକାଶ୍ମୀର ନାଁ ଶୁଣିଲେ ଲୋକଙ୍କ ମନରେ ପ୍ରଥମ ଘଟଣା ଆସୁଛି ପହଲଗାମ ଆତଙ୍କୀ ଆକ୍ରମଣ। ଆଉ ପହଲଗାମ ଆତଙ୍କୀ ଆକ୍ରମଣ ପରେ ଏହା ହେଉଛି ପ୍ରଥମ ଅମରନାଥ ଯାତ୍ରା। ତେଣୁ ଅମରନାଥ ଯାତ୍ରାରେ ଯାଉଥିବା ତୀର୍ଥଯାତ୍ରୀଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି।

ଏବେ ଅମରନାଥ ଯାଉଥିବା ତୀର୍ଥଯାତ୍ରୀମାନଙ୍କୁ ଏକା ଯାତ୍ରା କରିବାକୁ ଅନୁମତି ଦିଆଯିବ ନାହିଁ। ସେମାନେ କେବଳ ସୁରକ୍ଷାବଳୟ ଭିତରେ ଯାତ୍ରା କରିବେ। ବିଭାଗୀୟ କମିଶନର ଏବଂ ଆଇଜିପି କହିଛନ୍ତି ଯେ ପ୍ରଶାସନ ଅମରନାଥ ଯାତ୍ରା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ କରିଛି। ଏହି ସମୟ ମଧ୍ୟରେ ସୁରକ୍ଷା ଏବଂ ସୁବିଧା ପ୍ରତି ବିଶେଷ ଧ୍ୟାନ ଦିଆଯିବ। ଚଳିତ ବର୍ଷ ଅମରନାଥ ଯାତ୍ରା ଜୁଲାଇ ୩ ରୁ ଆରମ୍ଭ ହେଉଛି। ଏଥିପାଇଁ ପ୍ରଶାସନ ଏବଂ ସୁରକ୍ଷା ଏଜେନ୍ସିଗୁଡ଼ିକ ସେମାନଙ୍କର ପ୍ରସ୍ତୁତିକୁ ଚୂଡ଼ାନ୍ତ କରିଛନ୍ତି। ଟ୍ରାଫିକ ପୋଲିସର ଏକ ସ୍ୱତନ୍ତ୍ର ପରାମର୍ଶ ୧ ଜୁଲାଇରୁ କାର୍ଯ୍ୟକାରୀ ହେବ। ଲଖନପୁରରୁ ଜମ୍ମୁ ପର୍ଯ୍ୟନ୍ତ ଜାତୀୟ ରାଜପଥ ୪୪ ସମ୍ପୂର୍ଣ୍ଣ ସୁରକ୍ଷା କବଚରେ ରହିବ। ଏହା ସହିତ, ଅନେକ ସ୍ଥାନରେ ସିସି ଟିଭି କ୍ୟାମେରା ଲଗାଯାଇଛି। ସେ ଏହା ମଧ୍ୟ କହିଛନ୍ତି ଯେ ଯାତ୍ରୀମାନଙ୍କୁ ନିୟମ ପାଳନ କରିବାକୁ ପଡିବ ଏବଂ ଏକା ଯାତ୍ରା କରିବାରୁ ବଞ୍ଚିତ କରାଯିବ। ସୁରକ୍ଷା ଦୃଷ୍ଟିକୋଣରୁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ନିଆଯାଇଛି।





**ଯାତ୍ରୀମାନଙ୍କୁ ଆରଏଫଡିଆଇ କାର୍ଡ ମିଳିବ**

ସୁରକ୍ଷା ସୁନିଶ୍ଚିତ କରିବା ପାଇଁ, ଯାତ୍ରୀମାନଙ୍କୁ ସ୍ୱାଗତ କେନ୍ଦ୍ରରେ ଆରଏଫଡିଆଇ କାର୍ଡ ଦିଆଯିବ ଏବଂ ରାସ୍ତା ଖୋଲିବା ଟିମ୍ ପ୍ରତ୍ୟେକ ଯାତ୍ରା ଯାନ ଉପରେ ନଜର ରଖିବ। ବିଭାଗୀୟ କମିଶନର କହିଛନ୍ତି ଯେ ଏଥର ଅମରନାଥ ଯାତ୍ରାରେ ଖାଦ୍ୟ ଏବଂ ସ୍ୱାସ୍ଥ୍ୟ ସେବାକୁ ପ୍ରାଥମିକତା ଦିଆଯାଇଛି। ପାଞ୍ଚ ଲକ୍ଷ ଭକ୍ତଙ୍କ ପାଇଁ ଖାଦ୍ୟ ଏବଂ ରହଣି ବ୍ୟବସ୍ଥା କରାଯାଇଛି। ୫୦,୦୦୦ ଯାତ୍ରୀଙ୍କ ରହଣି ପାଇଁ ୧୦୬ ଟି କେନ୍ଦ୍ର ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ କରାଯାଇଛି। ଯେଉଁଠାରେ ଆଧୁନିକ ରହଣି ସୁବିଧା ଉପଲବ୍ଧ।

## ବୁଲାୱାଓ ଟେଷ୍ଟ

# ଭଲ ସ୍ଥିତିରେ ଦ.ଆଫ୍ରିକା, ଚାପରେ ଜିମ୍ବାୱେ

ବୁଲାୱାଓ, ୨୯।୬(ଏଜେନ୍ସି) : ଜିମ୍ବାୱେ ଗସ୍ତରେ ଥିବା ଦ.ଆଫ୍ରିକା ଦଳ ପ୍ରଥମ ଟେଷ୍ଟରେ ଚମତ୍କାର ପ୍ରଦର୍ଶନ କରିଛି। ପ୍ରଥମ ଇନିଂସରେ ଦ.ଆଫ୍ରିକା ୪୧୮/୯ରେ ପାଳି ଘୋଷଣା କରିଥିଲା। ଜବାବରେ ଜିମ୍ବାୱେ ୨୫୧ ରନ୍ କରି ଅଲଆଉଟ୍ ହୋଇଥିଲା। ପାଳି ଆଗୁଆ ସହ ଦ.ଆଫ୍ରିକା ଦ୍ୱିତୀୟ ଦିନ ତୃତୀୟ ଅଧିବେଶନରେ ଦ୍ୱିତୀୟ ପାଳି ବ୍ୟାଟିଂ ଆରମ୍ଭ କରି ୧ ୱିକେଟ୍ ହରାଇ ୧୪ ରନ୍ ସଂଗ୍ରହ କରିଛି। ତେଣୁ ଦ.ଆଫ୍ରିକା ୧୮୧ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଛି।

ଜିମ୍ବାୱେର ପ୍ରଥମ ଇନିଂସରେ ସିନ୍ ୱିଲିୟମ୍ସ ୧୩୭ ରନର ପାଳି ଖେଳିଥିଲେ। ତାଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟାଟରଙ୍କ ପ୍ରଦର୍ଶନ ଆଖିଦୃଶିଆ ହୋଇନଥିଲା। ବ୍ରିଆନ୍ ବେନିଟ୍ ୧୯, ଅଧିନାୟକ କ୍ରେଗ ଏରଭିନ୍ ୩୬, ୱିସଲି ମାଧେବୀରେ ୧୫ ଓ ଭିନସେଣ୍ଟ ମାସେକାସା ଅପରାଜିତ ୧୧ ରନ୍ କରିଥିଲେ। ତେଣୁ ଜିମ୍ବାୱେ ୪ ଓଭରରେ ୬୭.୪ ଓଭରରେ ୧୫୧ ରନ୍ କରି ଅଲଆଉଟ୍ ହୋଇଥିଲା। ଦ.ଆଫ୍ରିକାର ୱିଆନ୍ ମୁଲଡର ୪ଟି, କୋଡି ୟୁସୁଫ ଓ କେଶବ ମହାରାଜ ୩ଟି କରି ୱିକେଟ୍ ସଫଳତା ହାସଲ କରିଥିଲେ।

ଦ୍ୱିତୀୟ ଇନିଂସ ବ୍ୟାଟିଂ ଆରମ୍ଭ କରି ଦ.ଆଫ୍ରିକା ଓପନର ବ୍ରିଟକେଙ୍କୁ ହରାଇଥିଲା। ସେ ୧ ରନ୍ କରି ଚିଭାଙ୍ଗାଙ୍କ ଶିକାର ହୋଇଥିଲା। ଟୋନି ଡି ଜୋରଜି ୫ ଓ ୱିଆନ୍ ମୁଲଡର ୮ ରନ୍ କରି ଅପରାଜିତ ଅଛନ୍ତି।

# ଅଟଳବିହାରୀ ସ୍ମାରକୀ ଚେସ୍ : ସୌମ୍ୟ ବିଜେତା

ଭୁବନେଶ୍ୱର, ୨୯।୬(ସବ୍ୟୁ) : ଓଡିଶା ରାଜ୍ୟ ଚେସ୍ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ତୃତୀୟ ଅଟଳ ବିହାରୀ ସେନାପତି ସ୍ମାରକୀ ରାଜ୍ୟ ଓପନ ଚେସ୍ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଯାଇଛି। କେଶୁରା ରୟାଲ ପବ୍ଲିକ୍ ସ୍କୁଲ ପ୍ରାଙ୍ଗଣରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଭୁବନେଶ୍ୱରର ସୌମ୍ୟ ରଞ୍ଜନ ମିଶ୍ର ଚାମ୍ପିଅନ୍ ହୋଇଛନ୍ତି। ୫ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ସୌମ୍ୟ ରଞ୍ଜନ ୪.୫ ପଏଣ୍ଟ ସହ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସଞ୍ଜୀବନ ନାୟକ ଦ୍ୱିତୀୟ, ସ୍ଥିତପ୍ରଜ୍ଞା ସାହୁ ତୃତୀୟ, ପ୍ରତ୍ୟୁଷ ମହାପାତ୍ର ଚତୁର୍ଥ ଓ ଓମ୍ ଆଦିତ୍ୟ ଖଡଙ୍ଗ ପଞ୍ଚମ, ରବିନ୍ଦ୍ର କୁମାର ଓଝା ଷଷ୍ଠ ଓ ଅମରେଶ ସାହୁ ସପ୍ତମ ସ୍ଥାନ ଅଧିକାର କରିଛନ୍ତି। ସେହିଭଳି ୭,୯,୧୧,୧୩ ଓ ବାଳିକା ବର୍ଗରେ ପୁରସ୍କାର ପ୍ରଦାନ କରାଯାଇଥିଲା। ୮ ଜଣଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା। ସୁପ୍ରିୟା ନାୟକଙ୍କୁ ଶ୍ରେଷ୍ଠ ମହିଳା ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଜେଡି ରାଜ୍ୟ ସମ୍ପାଦକ ଅମରଜିତ ସେନାପତି ଯୋଗଦେଇ କୃତିପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ରାଜ୍ୟ ଚେସ୍ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ତଥା ରୟାଲ ପବ୍ଲିକ୍ ସ୍କୁଲର ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ଉପସ୍ଥିତ ଥିଲେ।

# ଡେବ୍ୟୁ ଅପେକ୍ଷାରେ ଅର୍ଶଦୀପ

## ସୁନ୍ଦରଙ୍କୁ ମିଳିପାରେ ସୁଯୋଗ



ନୂଆଦିଲ୍ଲୀ, ୨୯।୬(ଏଜେନ୍ସି) : ଭାରତ ଓ ଇଂଲଣ୍ଡ ମଧ୍ୟରେ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳାର ଦ୍ୱିତୀୟ ମ୍ୟାଚ୍ । ଜୁଲାଇ ୨ ରୁ ଏଜ୍‌ବଷ୍ଟନରେ ଆରମ୍ଭ ହେବାକୁ ଯାଉଛି। ଲିଡ୍ସ ପ୍ରଥମ ଟେଷ୍ଟରେ ଭାରତ ୫ ୱିକେଟ୍ ରେ ପରାସ୍ତ ହୋଇଥିଲା। ତେଣୁ ଶୃଙ୍ଖଳାକୁ ପ୍ରତ୍ୟାବର୍ତ୍ତନ କରିବାକୁ ହେଲେ ଦ୍ୱିତୀୟ ଟେଷ୍ଟ ଜିତିବା ଭାରତ ପାଇଁ ଜରୁରୀ ହୋଇପଡିଛି। ଏହା ସେତେ ସହଜ ନୁହେଁ। ଦଳର ସବୁଠୁ ଗୁରୁତ୍ୱପୂର୍ଣ୍ଣ ବୋଲର ଯଶପ୍ରୀତ ବୁମ୍‌ରାଙ୍କ ଖେଳିବା ଅନିଶ୍ଚିତ ଥିଲା। କିନ୍ତୁ ସେ ଶନିବାର ନେଟ୍ ସେସନ୍‌ରେ ଦୀର୍ଘ ସମୟ ଅଭ୍ୟାସ କରିଛନ୍ତି। ତେଣୁ ସେ ଖେଳିବା ନିଶ୍ଚିତ ବୋଲି କୁହାଯାଉଛି। କାର୍ଯ୍ୟଚାପକୁ ଦୃଷ୍ଟିରେ ରଖି ଯଦି ତାଙ୍କୁ ବିଶ୍ରାମ ଦିଆଯାଏ। ତେବେ ଭାରତ ବିକଳ୍ପ ବୋଲର ସନ୍ଧାନରେ ରହିବ। ଇଂଲଣ୍ଡର ଏଜବଷ୍ଟନରେ ଦ୍ରୁତ ବୋଲରଙ୍କୁ ସୁହାଇଲା ଭଳି ପିଚ୍ ପ୍ରସ୍ତୁତ ହୋଇଛି। ସାଧାରଣରେ ଏହି ପିଚ୍‌ରେ ଅଧିକ ରନ୍ ହୋଇଥାଏ। ମାତ୍ର ଏବେ ବୁମରାଙ୍କ ଅନୁପସ୍ଥିତିର ଫାଇଦା ଉଠାଇ ଇଂଲଣ୍ଡରେ ପିଚ୍‌ରେ ଅଧିକ ଘାସ ରଖିପାରେ। ଫଳରେ ଦ୍ରୁତ ବୋଲର ଅଧିକ ଫାଇଦା ପାଇବେ।

ତେବେ ସବୁଠୁ ବଡ ପ୍ରଶ୍ନ ବୁମରା ନଖେଳନ୍ତି, ତେବେ ତାଙ୍କ ସ୍ଥାନରେ କାହାକୁ ସୁଯୋଗ ମିଳିବ ? ଦଳରେ ଆକାଶ ଦୀପ ଓ ଅର୍ଶ ଦୀପଙ୍କ ପରି ବୋଲର ଅଛନ୍ତି। ବାମ ହାତୀ ଦ୍ରୁତ ବୋଲର ଅର୍ଶଦୀପ ସିଂ ଟେଷ୍ଟ କ୍ରିକେଟ୍‌ରେ ଡେବ୍ୟୁ କରିପାରନ୍ତି। ଅର୍ଶଦୀନ ଟେଷ୍ଟ ଖେଳି ନଥିଲେ ବି ଇଂଲଣ୍ଡରେ କାଉଣ୍ଟି କ୍ରିକେଟ୍ ଖେଳିଛନ୍ତି। ଆହୁରୀ ମଧ୍ୟ ଭାରତୀୟ ଦଳରେ ଦ୍ୱିତୀୟ ଟେଷ୍ଟ ପାଇଁ ସାର୍ଦ୍ଦୁଲ ଠାକୁରଙ୍କ ସ୍ଥାନରେ ୱାସିଂଟନ୍ ସୁନ୍ଦରଙ୍କୁ ସାମିଲ କରାଯାଇପାରେ। ଚାଇନାମ୍ୟାନ୍ ସ୍ପିନ୍‌ର କୁଳଦୀପ ଯାଦବ ବି ଅଛନ୍ତି । କିନ୍ତୁ ସୁନ୍ଦର ଅପ୍‌ସ୍ପିନ୍ ବୋଲର ସହିତ ଭଲ ବ୍ୟାଟିଂ କରିପାରନ୍ତି। ତେଣୁ ଖେଳିବାର ଅଧିକ ସମ୍ଭାବନା ରହିଛି।

ସମ୍ଭାବ୍ୟ ଭାରତୀୟ ଦଳ : ଯଶସ୍ୱୀ ଜୟସ୍ୱାଲ୍, ଲୋକେଶ ରାହୁଲ, ସାଇ ସୁଦର୍ଶନ, ଶୁଭମନ୍ ଗିଲ୍, ରିଷଭ ପନ୍ତ, କରୁଣ ନାୟର, ରବିନ୍ଦ୍ର ଜାଡେଜା, ସାର୍ଦ୍ଦୁଲ୍ ଠାକୁର/ ୱାଶିଂଟନ୍ ସୁନ୍ଦର, ଅର୍ଶଦୀପ ସିଂ/ ଯଶପ୍ରୀତ ବୁମରା, ମହମ୍ମଦ ସିରାଜ ଓ ପ୍ରସିଦ୍ଧ କ୍ରିଷ୍ଣା।

# ରାଜ୍ୟ ସୁଟିଂ ପ୍ରତିଯୋଗିତା ଉଦଯାପିତ



ଭୁବନେଶ୍ୱର,(ସବ୍ୟୁ): ଭୁବନେଶ୍ୱର ଉତ୍କଳ କରାଟେ ଏସୋସିଏସନ ପରିସରରେ ଦୁଇ ଦିନ ଧରି ଆୟୋଜିତ ରାଜ୍ୟସ୍ତରୀୟରାଇଫଲ ପ୍ରତିଯୋଗୀତା ରବିବାର ଉଦଯାପିତ ହୋଇଯାଇଛି । ଟିମ ମ୍ୟାନେଜର ସୟଦ୍ ଅଫତାବ ହୁସେନ୍ ଓ ନିହାର ରଞ୍ଜନ ସ୍ୱାଇଁ ଙ୍କ ନେତୃତ୍ୱରେ ବଲାଙ୍ଗିର ରାଇଫଲ ଏସୋସିଏସନ ପକ୍ଷରୁ ୨୦ ଜଣ ପ୍ରତିଯୋଗୀ ବିଭିନ୍ନ ବୟସ ବର୍ଗରେ ଅଂଶ ଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରୁ ବରିଷ୍ଠ ମହିଳା ବର୍ଗରେ . ୨୨ ରେ ମଧୁସ୍ମିତା ମାଝୀ ସ୍ୱର୍ଣ୍ଣ ପଦକ ପାଇଥିବା ବେଳେ .୨୨ ଜୁନୁୟର ପୁରୁଷ ବର୍ଗରେ ଓମ ପ୍ରକାଶ ଧରୁଆ ସ୍ୱର୍ଣ୍ଣ ପଦକ ପାଇଛନ୍ତି । ସେହିପରି ୧୦ ମିଟର ଏୟାର ରାଇଫଲ ମାଷ୍ଟରରେ ଡାଓ୍ୱିଦ ଖାନ ସିଲଭର ମେଡ଼ାଲ ପାଇଥିବା ବେଳେ ୧୦ ମିଟର ଏୟାର ରାଇଫଲ ବରିଟେ ମହିଳା ବର୍ଗରେ ମଧୁମିତା ମାଝୀ ସିଲଭର ପଦକ ହାସଲ କରିଛନ୍ତି ।

# ଏମିତି ସେଲିବ୍ରେସନ ଦରକାର ନାହିଁ



ନୂଆଦିଲ୍ଲୀ, ୨୯।୬(ଏଜେନ୍ସି) : ଭାରତୀୟ ୱିକେଟକିପର ବ୍ୟାଟର ରିଷଭ ପନ୍ତ ଇଂଲଣ୍ଡ ବିପକ୍ଷ ଲିଡ୍ସ ଟେଷ୍ଟରେ ଉଚ୍ଚକୋଟୀର ପ୍ରଦର୍ଶନ ଦେଖାଇଥିଲେ। ସେ ଉଭୟ ଇନିଂସରେ ଶତକ ମାରି ଇତିହାସ ରଚିଥିଲେ। ପ୍ରଥମ ଭାରତୀୟ ୱିକେଟକିପର ଭାବେ ପନ୍ତ ଏହି ସଫଳତା ହାସଲ କରିଥିଲେ। ତେବେ ଶତକ ହାସଲ ପରେ ପନ୍ତ ଏକ ଭିନ୍ନ ଶୈଳୀରେ ଖୁସି ମନାଇଥିଲେ। ଲିଡ୍ସ ଟେଷ୍ଟର ପ୍ରଥମ ଇନିଂସରେ ପନ୍ତ ଶତକ କରିବା ପରେ ଓଲଟା ଡିଆଁମାରି ସେଲିବ୍ରେସନ୍ କରିଥିଲେ। କିନ୍ତୁ ଦ୍ୱିତୀୟ ଇନିଂସରେ ଶତକ ପରେ ସେ ଏମିତି କୌଶଳ ଦେଖାଇନଥିଲେ। ଏହା ପୂର୍ବରୁ ପନ୍ତ ଏହା ପୂର୍ବରୁ ପନ୍ତ ଆଇପିଏଲ୍-୨୦୨୫ରେ ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ ବିପକ୍ଷରେ ଶତକ ହାସଲ କରିବା ପରେ ଓଲଟା ଡିଆଁମାରି ସେଲିବ୍ରେସନ୍ କରିଥିଲେ। ତାଙ୍କର ଏହି ସେଲିବ୍ରେସନ୍ କ୍ରିକେଟ୍ ଜଗତରେ ବେଶ ଚର୍ଚ୍ଚାର ବିଷୟ ପାଲଟି ଥିଲା। କିନ୍ତୁ ଏବେ ପନ୍ତଙ୍କ ଚିକିତ୍ସା କରିଥିବା ଡାକ୍ତର ଦିନଶା ପାରଦିୱାଲା ତାଙ୍କୁ କଡା ଚେତାବନି ଦେଇଛନ୍ତି। ପାରଦିୱାଲା କହିଛନ୍ତି ଏମିତି ଖୁସି ବନାଇବାର କୌଣସି ଆବଶ୍ୟକତା ନାହିଁ। କାରଣ ଏହି ଧରଣର ଶୈଳୀ ଆଣ୍ଠୁ ଓ ଅଣ୍ଟାରେ ଚାପ ପକାଇଥାଏ। ଯଦି ଏମିତି ବାରମ୍ବାର କରାଯାଇ ତେବେ ଦୁର୍ବଳ ଖଞ୍ଜା ଗୁଡିକରେ ଆଘାତ ଲାଗି ପାରେ। ଏଭଳି କଳା କୌଶଳ ଯୋଗୁଁ ବଡ଼ ଧରଣର ଅଘଟଣ ଘଟିପାରେ ବୋଲି ସେ ଚେତାଇ ଦେଇଛନ୍ତି।

୨୦୨୨ ଡିସେମ୍ବରରେ ପନ୍ତ କାର ଦୁର୍ଘଟଣାର ଶିକାର ହୋଇଥିଲେ। ସୌଭାଗ୍ୟ ବଶତ ତାଙ୍କ ଜୀବନ ବଞ୍ଚି ଯାଇଥିଲା। ଦୁର୍ଘଟଣାର ଗୁରୁତର ଭାବେ ଆହତ ହେବା ପରେ ଦୀର୍ଘ ସମୟ ଧରି ପେସାଦାର କ୍ରିକେଟ୍‌ରୁ ଦୂରେଇ ରହିଥିଲେ। ତାଙ୍କ ଗୋଡରେ ଗଭୀର ଆଘାତ ଲାଗିଥିଲା। ପରେ ପାରଦିୱାଲ ପନ୍ତଙ୍କ ଆଣ୍ଠୁର ଲିଗାବେଣ୍ଟ ଅସ୍ତ୍ରୋପଚାର କରିଥିଲେ। ଡାକ୍ତର ପାରଦିୱାଲା ହେଉଛନ୍ତି ମୁମ୍ବାଇ ସ୍ଥିତ କୋକିଲାବେନ୍ ହସ୍ପିଟାଲର ଅସ୍ଥିଶୈଳ୍ୟ ବିଭାଗ ସର୍ଜନ।

# ବୈଭବଙ୍କ ବ୍ୟାଟିଂରେ ଇଂଲଣ୍ଡ ଥରହର

ନୂଆଦିଲ୍ଲୀ, ୨୯।୬(ଏଜେନ୍ସି) : ଇଂଲଣ୍ଡରେ ବୈଭବ ସୂର୍ଯ୍ୟବଂଶୀ ହଇଚଇ ସୃଷ୍ଟି କରିଛନ୍ତି। ଭାରତର କନିଷ୍ଠ ଖେଳାଳି ବୈଭବ ସୂର୍ଯ୍ୟବଂଶୀ ମାତ୍ର ୨୪ ଓଭରରେ ମ୍ୟାଚ ଶେଷ କରିଦେଇଛନ୍ତି। ଭାରତ ଓ ଇଂଲଣ୍ଡ ମଧ୍ୟରେ ୧୯ ବର୍ଷରୁ କମ୍ ଯୁବ ଦିନିକିଆ ଶୃଙ୍ଖଳା ଜାରି ରହିଛି। ଏହି ୫ ମ୍ୟାଚ ବିଶିଷ୍ଟ ଦିନିକିଆ ଶୃଙ୍ଖଳାର ପ୍ରଥମ ମ୍ୟାଚରେ ଭାରତୀୟ ଦଳ ୬



ୱିକେଟ୍‌ରେ ବିଜୟ ହାସଲ କରିଛି। ଏଥିରେ ଦମଦାର ବ୍ୟାଟିଂ କରିଛନ୍ତି ବୈଭବ। ସେ ୪୮ ରନର ଇନିଂସ ଖେଳିଥିବା ବେଳେ ୩ଟି ଚୌକା ଓ ୫ଟି ଛକା ମାରିଥିଲେ। ସେ ୧୯ ବଲରୁ ୪୮ ରନ୍ କରିଥିଲେ। ଇଂଲଣ୍ଡ ଦଳ ପ୍ରଥମେ ବ୍ୟାଟିଂ କରି ୪୨.୨ ଓଭରରେ ୧୭୪ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ୧୭୫ ରନକୁ ପିଛା କରି ଭାରତୀୟ ଦଳ ୨୪ ଓଭରରେ ୬ ୱିକେଟ୍ ହରାଇ ହାସଲ କରିନେଇଥିଲା। ଆୟୁଷ ମହାତ୍ରେ ଏବଂ ବୈଭବ ସୂର୍ଯ୍ୟବଂଶୀ ଓପନିଂ କରିଥିଲେ। ପ୍ରଥମେ ୱିକେଟ୍ ପାଇଁ ୭୧ ରନର ପାର୍ଟନରସିପ୍ ହୋଇଥିଲା। ବୋଲିଂରେ ଭାରତର କନିଷ୍ଠ ଚୌହାନ ଚମତ୍କାର ପ୍ରଦର୍ଶନ କରି ୩ ୱିକେଟ୍ ଅକ୍ତିଆର କରିଥିଲେ। ମହମ୍ମଦ ଅଲାନ, ଆର୍‌ଏସ୍ ଆମ୍ବ୍ରିସ ଏବଂ ହେନିଲ ପଟେଲ ମଧ୍ୟ ଦୁଇ ଦୁଇଟି ୱିକେଟ୍ ନେବାରେ ସଫଳ ହୋଇଥିଲେ। ସୋମବାର ଶୃଙ୍ଖଳାର ଦ୍ୱିତୀୟ ମ୍ୟାଚ ଖେଳାଯିବ।

# ସାମିଙ୍କ ଉପରେ ଆଇସିସିର କାର୍ଯ୍ୟାନୁଷ୍ଠାନ

ନୂଆଦିଲ୍ଲୀ, ୨୯।୬(ଏଜେନ୍ସି) : ବାର୍ବାଡୋସର ବ୍ରିସ୍ ଟାଉନରେ ଖେଳାଯାଇଥିବା ଟେଷ୍ଟ ଶୃଙ୍ଖଳାର ପ୍ରଥମ ମ୍ୟାଚରେ ଇଣ୍ଡିଜ ୧୫୯ ରନ୍ ବ୍ୟବଧାନରେ ଅଷ୍ଟ୍ରେଲିଆ ନିକଟରୁ ପରାଜିତ ହୋଇଥିଲା । ଏହି ମ୍ୟାଚରେ ତୃତୀୟ ଅମ୍ପାୟାର ଆଡ୍ରିଆନ୍ ହୋଲଷ୍ଟକ୍ ୫ଟି ନିଷ୍ପତ୍ତି ନେଇଥିଲେ। ଯାହାକୁ ନେଇ ପ୍ରଶ୍ନ କରିଥିଲେ ଡାରେନ ସାମି। ଯାହାପରେ ବିବାଦ ଉପୁଜିଥିଲା। ଅମ୍ପାୟାର ଅସନ୍ତୋଷ ପ୍ରକାଶ କରିଥିବାରୁ ସାମିଙ୍କୁ ଦଣ୍ଡିତ କରିଛି ଆଇସିସି। ୱେଷ୍ଟଇଣ୍ଡିଜ୍ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯାଇଥିବା ପ୍ରଥମ ଟେଷ୍ଟ ମ୍ୟାଚରେ ତୃତୀୟ ଅମ୍ପାୟାର ଆଡ୍ରିଆନ୍ ଯେଉଁ ନିଷ୍ପତ୍ତି ନେଇଥିଲେ ତାହା ପକ୍ଷପାତ କରାଯାଉଛି ବୋଲି ସାମି ଅଭିଯୋଗ କରିଥିଲେ। ସାମି ପ୍ରେସମିଟରେ କହିଥିଲେ ଯେ, ଭୁଲ ନିଷ୍ପତ୍ତି ଯୋଗୁଁ ମ୍ୟାଚର ଫଳାଫଳ ଆମ ବିପକ୍ଷରେ ଯାଇଥିଲା। ସନ୍ଦେହ ଥାଏ ତେବେ ସେହି ମାମଲା ବିରୋଧରେ ସ୍ୱର ଉଠାଇବା ଉଚିତ। ଇଣ୍ଡିଜ ଅଧିନାୟକ ରୋଷ୍ଟନ ଚେଜ ମଧ୍ୟ ଅମ୍ପାୟାରଙ୍କ ନିଷ୍ପତ୍ତିକୁ ସମାଲୋଚନା କରାଯାଇଛି। ଏହାପରେ ଆଇସିସି ସାମିଙ୍କ ଉପରେ ଡିମେରିଡ ପଏଣ୍ଟ ସହିତ ମ୍ୟାଚ ଫ୍ରିର ୧୫% ଜୋରିମାନା ଲାଗାଇଛି। ଇଣ୍ଡିଜର ବୋଲର ଜାଡେନ ସିଲ୍ସଙ୍କ ଉପରେ ମଧ୍ୟ ୧୫% ଜୋରିମାନା ଲଗାଯାଇଛି।

# ସୂର୍ଯ୍ୟ କୁମାରଙ୍କ ଅସ୍ତ୍ରୋପଚାର ସଫଳ



ନୂଆଦିଲ୍ଲୀ, ୨୯।୬(ଏଜେନ୍ସି) : ଟିମ୍ ଇଣ୍ଡିଆର ତାରକା ବ୍ୟାଟର ସୂର୍ଯ୍ୟ କୁମାର ଯାଦବଙ୍କ ଅସ୍ତ୍ରୋପଚାର ସଫଳ ହୋଇଛି। ଜର୍ମାନୀର ମ୍ୟୁନିକ୍‌ରେ ତାଙ୍କର ଅପରେସନ୍ ହୋଇଥିଲା। ଅପରେସନ୍ ସଫଳ ହେବା ନେଇ ସୂର୍ଯ୍ୟ କୁମାର ଯାଦବ ନିଜ ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରିଛନ୍ତି। ସୂର୍ଯ୍ୟ କୁମାର ଯାଦବ ଇନ୍‌ଷ୍ଟାରେ ପୋଷ୍ଟ କରି ଲେଖିଛନ୍ତି ଯେ, ପେଟର ନିମ୍ନ ଭାଗରେ ସ୍ପୋର୍ଟ ହର୍ଣ୍ଣିଆର ସଫଳ ଅସ୍ତ୍ରୋପଚାର କରାଯାଇଛି। ସର୍ଜରୀ ପରେ ସେ ଠିକ୍ ଅଛନ୍ତି। ସେ ଖୁବ୍ ଶୀଘ୍ର ପୁଣି କ୍ରିକେଟକୁ ପ୍ରତ୍ୟାବର୍ତ୍ତନ କରିବେ। ସୂର୍ଯ୍ୟ କୁମାର ଭାରତୀୟ ଟି-୨୦ ଅନ୍ତର୍ଜାତୀୟ ଦଳର ଅଧିନାୟକ। ଆସନ୍ତା ବର୍ଷ ହେବାକୁ ଥିବା ଟି-୨୦ ବିଶ୍ୱକପ୍‌ରେ ସୂର୍ଯ୍ୟ କୁମାର ଯାଦବଙ୍କୁ ଅଧିନାୟକ ଦାୟିତ୍ୱ ମିଳିବ।

ବର୍ତ୍ତମାନ ଟିମ୍ ଇଣ୍ଡିଆ ଇଂଲଣ୍ଡ ଗସ୍ତରେ ରହିଛି। ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳା ଆରମ୍ଭ ହୋଇଛି। ୨୦୨୧ରେ ସୂର୍ଯ୍ୟ କୁମାର ଟି-୨୦ ରେ ଡେବ୍ୟୁ କରିଥିଲେ। ଏହା ପରେ ଭାରତ ପାଇଁ ୮୩ ଟି ଟି-୨୦ ମ୍ୟାଚ୍ ଖେଳି ୨୫୯୮ ରନ୍ କରିଛନ୍ତି। ଏଥିରେ ୪ଟି ଶତକ ଓ ୨୧ ଟି ଅର୍ଦ୍ଧ ଶତକ ରହିଛି। ଆଇପିଏଲ୍‌ର ୧୧ତମ ମ୍ୟାଚ୍‌ରେ ଗୁଜୁରାଟ ଟାଇଟନ୍‌ସ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମୁହାମୁହିଁ ହୋଇଥିଲେ। ଏହି ମ୍ୟାଚ୍‌ରେ ଗୁଜୁରାଟ ପ୍ରଥମ ବ୍ୟାଟିଂ କରି ୨୦ ଓଭରରେ ୧୯୬ ରନ୍ କରିଥିଲା। ଯାହାକୁ ପିଛା କରି ମୁମ୍ବାଇ ଇଣ୍ଡିଆନ୍ସ କେବଳ ୧୬୦ ରନ୍ କରିପାରିଥିଲା। ମ୍ୟାଚ୍‌ରେ ଯେତେବେଳେ ମୁମ୍ବାଇ ଇଣ୍ଡିଆନ୍ସ ଦଳ ଟାର୍ଗେଟରେ ପିଛା କରୁଥିଲା ସେତେବେଳେ ଏକ ବିପଦଜ୍ଜନକ ବାଉନସ୍ ବଲ ଖେଳିବାକୁ ଯାଇ ସୂର୍ଯ୍ୟ କୁମାର ଆହତ ହୋଇଥିଲେ।

# ନଭେମ୍ବର ୨୮ ରୁ ଜୁନିୟର ପୁରୁଷ ହକି ବିଶ୍ୱକପ୍

ନୂଆଦିଲ୍ଲୀ, ୨୯।୬(ଏଜେନ୍ସି) : ନଭେମ୍ବର ୨୮ ରୁ ଡିସେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ଚେନ୍ନାଇ ଓ ମଦୁରାଇରେ ଜୁନିୟର ପୁରୁଷ ହକି ବିଶ୍ୱକପ୍ ଆୟୋଜନ ହେବାକୁଯାଉଛି। ଏନେଇ ଖେଳସୂଚୀ ମଧ୍ୟ ଜାରି କରିଛି ଏଫ୍‌ଆଇଏଚ୍। ତଦନୁସାରେ ଗ୍ରୁପ୍ ବିରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ବ୍ୟତୀତ ସ୍ୱିଜରଲାଣ୍ଡ ଓ ଚିଲି ରହିଛନ୍ତି। ଏହି ସଂସ୍କରଣରେ ୨୪ଟି ଦଳ ଅଂଶଗ୍ରହଣ କରିବେ। ପୁଲ ଏ'ରେ ଜର୍ମାନୀ, ଦ.ଆଫ୍ରିକା, କାନାଡା ଓ ଆୟରଲାଣ୍ଡ ସ୍ଥାନ ପାଇଥିବା ବେଳେ ପୁଲ ସି'ରେ ଆର୍ଜେଣ୍ଟିନା, ନ୍ୟୁଜିଲାଣ୍ଡ, ଜାପାନ ଓ ଚୀନ୍ ରହିଛନ୍ତି। ପୁଲ ଡିରେ ସ୍ପେନ୍, ବେଲଜିୟମ୍, ଇଜିପ୍ଟ ଓ ନାମ୍ବିଆ ଏବଂ ପୁଲ ଇରେ ନେଦରଲାଣ୍ଡସ, ମାଲେସିଆ, ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ରହିଛନ୍ତି। ପୁଲ ଏଫରେ ଫ୍ରାନ୍ସ, ଅଷ୍ଟ୍ରେଲିଆ, କୋରିଆ ଓ ବାଂଲାଦେଶକୁ ସ୍ଥାନ ମିଳିଛି ।।




ଏଫ୍‌ଆଇଏଚ୍ ସଭାପତି ତୟବ ଇକ୍ରାମ୍, ହକି ଇଣ୍ଡିଆ ସାଧାରଣ ସମ୍ପାଦକ ଭୋଳାନାଥ ସିଂ, ହକି ଇଣ୍ଡିଆ ମହାନିର୍ଦ୍ଦେଶକ ଆରକେ ଶ୍ରୀବାସ୍ତବ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଜର୍ମାନୀ ଗତ ପୁରୁଷ ବିଶ୍ୱକପ୍ ଚାମ୍ପିଅରେ। ୨୦୨୩ ସଂସ୍କରଣରେ ଦଳ ଫାଇନାଲରେ ଫ୍ରାନ୍ସକୁ ୨-୧ ଗୋଲରେ ପରାସ୍ତ କରିଥିଲା। ଜର୍ମାନୀ ସର୍ବାଧିକ ୬ଥର ଜୁନିୟର ପୁରୁଷ ବିଶ୍ୱକପ୍ ଚାମ୍ପିଅନ୍ ହୋଇଛି।

# ଓସ୍‌ଜା ପକ୍ଷରୁ 'ଓଡ଼ିଶା କ୍ରୀଡ଼ା : ବିକାଶ ଓ ସୁଯୋଗ' କନକ୍ଲେଭ୍

ଭୁବନେଶ୍ୱର, ୨୯/୬ (ଇମିସ): ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ (ଓଏସ୍‌ଜା) ପକ୍ଷରୁ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ 'ଓଡ଼ିଶା କ୍ରୀଡ଼ା: ବିକାଶ ଓ ସୁଯୋଗଦ ଶୀର୍ଷକ କନ୍‌କ୍ଲେଭ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ବଛାବଛା କ୍ରୀଡ଼ା ସାମ୍ବାଦିକ ଓ କ୍ରୀଡ଼ାବିତ୍‌ଙ୍କ ସହ ସାରା ଦେଶର ୨୪ଜଣ ଜାତୀୟସ୍ତରୀୟ କ୍ରୀଡ଼ା ସାମ୍ବାଦିକ ଅଂଶଗ୍ରହଣ କରିଥିଲେ। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲା ବେଳେ ସମ୍ମାନିତ ଅତିଥି ଥିଲେ ଅଲିମ୍ପିଆନ୍ ଶ୍ରାବଣୀ ନନ୍ଦ ଏବଂ ହକି କିଂବଦନ୍ତି ତଥା ହକି ଇଣ୍ଡିଆର ସଭାପତି ଦିଲୀପ ତିର୍କି। ଶ୍ରୀ ସିଂହଦେଓ ଏହି ଅବସରରେ କହିଥିଲେ, ଜଣେ କ୍ରୀଡ଼ାବିତ୍‌ଙ୍କ ପେସାଦାର ଜୀବନ ଏକ ସୀମିତ ସମୟ ପାଇଁ ରହିଥାଏ। ଏଣୁ ସବୁବେଳେ ସକାରାତ୍ମକ ଖବର ପରିବେଷଣ କରି କ୍ରୀଡ଼ାବିତ୍‌ମାନଙ୍କୁ ଉତ୍ସାହିତ କରିବା ହେଉଛି କ୍ରୀଡ଼ା ସାମ୍ବାଦିକଙ୍କ ଧର୍ମ ଓ କର୍ତ୍ତବ୍ୟ। କ୍ରୀଡ଼ା ବିକାଶ ଲାଗି କୋଟିକୋଟି ଟଙ୍କା ଦରକାର ନାହିଁ ବୋଲି କହି ଖୋଖୋ ଓ ମଲଖମ୍ବ ଭଳି ଖେଳର ଉଦାହରଣ ଦେଇଥିଲେ ସେ।

ଏସୀୟ ଦୌଡ଼କୁଦର ମହିଳା ୪ଗୁଣା ୧୦୦ ରିଲେରେ ପଦକ ଜିତି ରାଜ୍ୟ ପାଇଁ ଗର୍ବ ଓ ଗୌରବ ଆଣିଥିବା ଶ୍ରାବଣୀ, ଶକ୍ତିବର୍ଦ୍ଧକ ଔଷଧ ସେବନ ନେଇ କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ ସଚେତନତାର ଅଭାବକୁ ନେଇ ଚିନ୍ତା ପ୍ରକଟ କରିବା ସହ ବିଦେଶୀ ପ୍ରଶିକ୍ଷକଙ୍କ ନିଯୁକ୍ତିକୁ ଆଗ୍ରାଧିକାର ଦିଆଯିବା ଧାରାକୁ ପସନ୍ଦ କରି ନଥିଲେ। ଓଡ଼ିଶା ଓ ଭାରତୀୟ ହକିର ବିକାଶ ନେଇ ସନ୍ତୋଷ ଜାହିର କରିବା ସହ ଭାରତୀୟ ହକି ଏବେ ସୁରକ୍ଷିତ ହାତରେ ରହିଛି ବୋଲି ଦିଲୀପ କହିଥିଲେ। ଏସ୍‌ଜେଏଫ୍‌ଆଇର ପୂର୍ବତନ ସଭାପତି ଜି ବିଶ୍ୱନାଥ ଓ ସୁବୋଧ ମଲ୍ଲ ବରୁଆଙ୍କ ସହ ଓସ୍‌ଜାର ସନାତନ ପାଣି, କେ ରବି ଓ ହିମାଂଶୁ ପତି ମିଶ୍ରଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଓସ୍‌ଜା ସଂପାଦକ ସୁରେଶ କୁମାର ସ୍ୱାଇଁ, ସଭାପତି ସନ୍ଦୀପ ମିଶ୍ର, ପୂର୍ବତନ ସଭାପତି କେ. ରବିଙ୍କ ସହ ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, କେ. ରବିକୁମାର, ରଶ୍ମିରଞ୍ଜନ ପରିଡ଼ା, ମହମ୍ମଦ ଜାଫର ଇକ୍‌ବାଲ, ସୁଖରାମ ମାଝୀ ପ୍ରମୁଖଙ୍କ ଭଳି କ୍ରୀଡ଼ା ତାରକା ଉପସ୍ଥିତ ଥିଲେ। ସାଗରିକା ପରିଡ଼ାଙ୍କ ନିର୍ଦ୍ଦେଶନାରେ ସୁନୟନା ଡ୍ୟାନ୍ସ ଗ୍ରୁପ୍ର କୁନିକୁନି ପିଲାମାନେ ଓଡ଼ିଶୀ, ସମ୍ବଲପୁରୀ ଆଦି ନୃତ୍ୟ ପରିବେଷଣ କରି ରାଜ୍ୟ ବାହାରୁ ଆସିଥିବା ସାମ୍ବାଦିକମାନଙ୍କୁ ଓଡ଼ିଶାର ମହନୀୟ କଳା ସଂସ୍କୃତିର ଝଲକ ଦେଖାଇଥିଲେ।




# ଏସ୍‌ଜେଏଫ୍‌ଆଇ ନିର୍ବାଚନ

## ଓଡ଼ିଶାରୁ ସୁରେଶ ଉପସଭାପତି, ସନ୍ଦୀପ ସଦସ୍ୟ ନିର୍ବାଚିତ

ଭୁବନେଶ୍ୱର, ୨୯।୬ : ସ୍ପୋର୍ଟ୍ସ ଜର୍ଣ୍ଣାଲିଷ୍ଟ ଅଫ୍ ଇଣ୍ଡିଆ (ଏସ୍ଜେଏଫ୍‌ଆଇ)ର ଦ୍ୱିବାର୍ଷିକ କର୍ମକର୍ତ୍ତା ନିର୍ବାଚନ ଏଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ତ୍ରିପୁରା ସରଜୁ ଚକ୍ରବର୍ତ୍ତୀ ନୂଆ ସଭାପତି ଓ ତେଲେଙ୍ଗାନାର ଭି. ରମେଶ ସମ୍ପାଦକ ଭାବେ ଆସନ୍ତା ୨ ବର୍ଷ ଲାଗି ନିର୍ବାଚିତ ହୋଇଛନ୍ତି। ଏହାଛଡ଼ା ୪ଟି ଉପସଭାପତି ପଦ ଲାଗି ହୋଇଥିବା ନିର୍ବାଚନରେ ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ (ଓସ୍ଜା)ର ସମ୍ପାଦକ ସୁରେଶ ସ୍ୱାଇଁ ରେକର୍ଡ ୧୨ଟି ଭୋଟ ପାଇ ନିର୍ବାଚିତ ହୋଇଛନ୍ତି। ଏସ୍ଜେଏଫ୍‌ଆଇ ଇତିହାସରେ ଏତେ ସଂଖ୍ୟକ ଭୋଟ ପୂର୍ବରୁ କେହି ପାଇ ନ ଥିଲେ। ନାଗପୁରର ନରେଶ ଶେଲକେ, ଦିଲ୍ଲୀର ସାବି ହୁସେନ ଓ ତାମିଲନାଡୁର ଏସ୍ ଦୀପକ ରାଘବ ଅନ୍ୟ ୩ଜଣ ଉପସଭାପତି ହୋଇଛନ୍ତି। ସମ୍ପାଦକ ରମେଶ, ଯୁଗ୍ମ ସମ୍ପାଦକ ଆସାମର ପାର୍ଥ ଚକ୍ରବର୍ତ୍ତୀ ଓ କୋଷାଧ୍ୟକ୍ଷ ମୁମ୍ବାଇର ସଞ୍ଜୟ ଘରପୁରେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ୭ ଜଣିଆ କାର୍ଯ୍ୟକାରୀ କମିଟିକୁ ଓସ୍ଜା ସଭାପତି ସନ୍ଦୀପ ମିଶ୍ର ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ଓସ୍ଜା ଆନୁକୂଲ୍ୟରେ ଗତକାଲି ସ୍ପୋର୍ଟ୍ସ କନକ୍ଲେଭ୍ ଆୟୋଜିତ ହୋଇଥିଲାବେଳେ ଆଜି ନିର୍ବାଚିତ କର୍ମକର୍ତ୍ତାଙ୍କୁ କିଟ୍ ୟୁନିଭର୍ସିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମସ୍ତ ବିଜୟୀ କର୍ମକର୍ତ୍ତାଙ୍କୁ ଓସ୍ଜା ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।



ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଲୋକ ... classifiedsamaya@gmail.com ...

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି